
ଓଡ଼ିଆ ପ୍ରସଙ୍ଗ
ଜାତିପ୍ରେମ ପ୍ରଦୀପ
ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି




ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଗତ ଅପ୍ରେଲ ୨୮ ତାରିଖ ଦିନ କଟକ ଜିଲ୍ଲା ସତ୍ୟଭାମାପୁରଠାରେ ମଧୁବାବୁଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ ।


# ଜାତି ନନ୍ଦିଘୋଷ ଚଳିବକି ଭାଇ !



ଜାତିର ଉନ୍ନତି ହେବକିରେ ଭାଇ
ସ୍ୱାର୍ଥକୁ ଜଗତ ମଣି
ଗୋଦଡ ଗୋଡରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ?



ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ ?
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ତ୍ରାଣ ?



ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବରା
ଘୋଡ଼ା ମୁହେଁ ବନ୍ଧା ଥିଲେ ?

ଜାତି ପ୍ରେମ-ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଚାରିଆଡେ ନାଚ
ଜାତିକୁ ମିଶାଇ ଜାତି ।



# ଉତ୍କଳ ପ୍ରସଙ୍ଗ

ମଇ ୧୯୬୯ : ଜ୍ୟେଷ୍ଠ
୧୮୯୧ ଶକାବ୍ଦ
୨୫ ଭାଗ : ଦଶମ ସଂଖ୍ୟା

ଶ୍ରୀ ବିବେକାନନ୍ଦ ପଟ୍ଟନାୟକ
ମୁଖ୍ୟ ସମ୍ପାଦକ

ମହାପାତ୍ର ନୀଳମଣି ସାହୁ
ସମ୍ପାଦକ

ପ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ସହଯୋଗୀ ସଂପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ମଲାଟପଟ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦·୦୦
ପ୍ରତିଖଣ୍ଡ—ଟ ୧·୦୦

* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଧରିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ଘରୋଇ (ସ୍ୱତନ୍ତ୍ର ସଂପର୍କ) ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁବେଳେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।

## ସୂଚୀପତ୍ର

### ପ୍ରସଙ୍ଗ କ୍ରମେ

ଜାଗରଣ ବର୍ଷ ଓ ମଧୁସୂଦନ ..... ୧
ଜାଗରଣ ବର୍ଷ କାହିଁକି ? ..... ୫
ନବ ଉତ୍କଳର ନିର୍ମାତା ମଧୁସୂଦନ ..... ୯
କୋଣାର୍କପରି ସେ ମହାନ.......... ..... ୧୧
ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦୃଷ୍ଟିରେ ମଧୁସୂଦନ..... ..... ୧୨
ଗୋଲାପ ଓ ପିଙ୍କଦାନୀ ..... ୧୫
ଓଡ଼ିଶାର ଜଣେ ଧୁରଂଧର ପୁରୁଷ ..... ୧୮
ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା ..... ୨୧
ଗୋପବନ୍ଧୁଙ୍କ କାରମୁକ୍ତିପାଇଁ ବିହାର ଓଡ଼ିଶା କାଉନ୍‌ସିଲ୍‌ରେ ମଧୁସୂଦନଙ୍କ ଓଜସ୍ୱୀ ଭାଷଣ । ..... ୨୫
ମଧୁବାବୁ ସଙ୍ଗେ କିଏ ଲଢ଼ିବ ? ..... ୨୭
ମଧୁବାବୁ ସଙ୍ଗେ ଲଢ଼ିବି ନାହିଁ ..... ୨୯
ନବଜାଗରଣର ସ୍ରଷ୍ଟା ମଧୁସୂଦନ ..... ୩୩
ପିରାମିଡ୍‌ର ଛାଇ ..... ୩୭
ମା'ର ମମତା ଓ ମଧୁସୂଦନ ..... ୪୧
ମହାପ୍ରୟାଣ ପଥେ ମଧୁସୂଦନ ..... ୪୪

### ଆଜିର ଓଡ଼ିଶା

ଉତ୍କଳ ସନ୍ତାନ (କବିତା) ..... ୪୭
ଜାଗରଣ ବର୍ଷ କାହିଁକି ? ..... ୪୮
ଓଡ଼ିଆ ଆଧୁନିକ ଲଳିତକଳାର ପରଂପରା ଓ ଗତ କଳା ପ୍ରଦର୍ଶନୀ । ..... ୪୯
ଗୋଟିଏ ଗ୍ରାମ୍ୟ ବ୍ୟାଙ୍କର କାହାଣୀ ..... ୫୦
ହରିଜନଙ୍କ ସ୍ୱାର୍ଥରକ୍ଷାଲାଗି ବ୍ୟାପକ ବ୍ୟବସ୍ଥା ..... ୫୪
କୁଣ୍ଡେଇଗୋଳାରେ ସବୁଜ ବିପ୍ଳବ ..... ୫୬
ଓଡ଼ିଶାର ଆଦିବାସୀ ......... ..... ୫୭
ଓଡ଼ିଶାରେ ପ୍ରଧାନ ମନ୍ତ୍ରୀ ..... ୫୯
ପ୍ରଧାନମନ୍ତ୍ରୀଙ୍କ ଶିଶୁପ୍ରୀତି ..... ୬୪
ପାରାଦୀପରେ ଖାଦ୍ୟ ଯୌଗାଗାର ..... ୬୬

### ଏଇ ବହିଟି

ପ୍ରଥମ ବନ୍ଧୁ (କବିତା) ..... ୬୭

ମଧୁସୂଦନଙ୍କ ପ୍ରାଣକୁ ପ୍ରଥମ କରି ନିଜ ଜାତିର ଏହି କ୍ଷୟମାଣତା ଏହି ଅଧଃପତିତ ଅବସ୍ଥା ଖୁବ୍ ବାଧିଥିଲା । ସେ ମନେ ମନେ ସ୍ଥିର କରିଥିଲେ—ଗୋଟିଏ ଜାତି ହୁଏତ ଚିରଦିନ ଲାଗି ଲୋପ ପାଇଯାଉ—କିନ୍ତୁ ଏପରି ଦୀନହୀନ ମୃତକଳ୍ପ ହୋଇ ବଂଚି ନ ରହୁ ଏବଂ ମଧୁସୂଦନ ଓଡ଼ିଆ ଜାତିର ନାଡ଼ୀ ଚିପି ଦେଖିଥିଲେ—ଏ ଜାତି ସହଜରେ ମରିବ ନାହିଁ । ଏହାର ଜୀବନୀ ଶକ୍ତି ନିଃଶେଷ ହୋଇ ଯାଇ ନାହିଁ । କେବଳ ନାନାଦି କାରଣରୁ ମ୍ରିୟମାଣ ହୋଇ ଯାଇଛି । ଏହାର ପ୍ରାଣ ଶକ୍ତିକୁ ଜାଗରିତ କରିବାକୁ ହେବ । ଏହାର ଅନୁଭବ ଶକ୍ତିକୁ ଉଜ୍ଜୀବିତ କରିବାକୁ ହେବ । ଏହାର ମନନ ଶକ୍ତିକୁ ଉଦ୍ଦୀପିତ କରିବାକୁ ହେବ ଏବଂ ଏହା ଭିତରେ କର୍ମ ଓ ଉଦ୍ୟମର ପ୍ରଣୋଦନା ସୃଷ୍ଟି କରି ଏହାର ସୁପ୍ତ ଆତ୍ମାକୁ ଉଦ୍‌ବୋଧିତ କରିବାକୁ ହେବ । କିନ୍ତୁ ଏତେବଡ଼ ବିରାଟ ଦାୟିତ୍ୱ କିଏ ନେବ ? ମଧୁସୂଦନ ସେତେବେଳେ ଏକକୋଟି ପ୍ରସୁପ୍ତ ଓଡ଼ିଆ ଜାତିକୁ ଆହ୍ୱାନ ଦେଲେ ଏବଂ ଜାତିପ୍ରାଣରେ ପ୍ରେମ ବହ୍ନି ପ୍ରଜ୍ୱଳିତ କରିଦେଇ ଏକ ବିରାଟ ସ୍ୱାର୍ଥମେଧ ଯଜ୍ଞର ଆୟୋଜନ କରି ନିଜେ ହେଲେ ତା'ର ପୁରୋଧା ଏବଂ ପ୍ରଥମ କରି ସେହି ସ୍ୱାର୍ଥମେଧ ଯଜ୍ଞରେ ଏହି ମହାନ୍ ପୁରୁଷ, ଏହି ପ୍ରଚଣ୍ଡ ବୁଦ୍ଧିଦୀପ୍ତ ପୁରୁଷ, ଏହି ଅସମ୍ଭବ ଆତ୍ମାଭିମାନୀ ପୁରୁଷ ନିଜର ସବୁ କିଛିକୁ ଆହୂତି ସ୍ୱରୂପ ପ୍ରଦାନ କଲେ । ଏବଂ ସେହି ମହା ଯଜ୍ଞର ପଟପୁରୋଧା ରୂପେ ସେ ଏପରି ସଂଜୀବନୀ ମନ୍ତ୍ର ପ୍ରାଣ ଦେଇ ଉଚ୍ଚାରଣ କଲେ, ଯାହା ଫଳରେ କି ସମଗ୍ର ଓଡ଼ିଆ ଜାତି ଅଗ୍ରନକ ଭାବେ ଶତାବ୍ଦୀ ଶତାବ୍ଦୀର ତାମସିକ ନିଦ୍ରା ବିବର ମଧ୍ୟରୁ ଜାଗ୍ରତ ହୋଇ ବାହାରି ପଡ଼ିଲା ।

ମଧୁସୂଦନ ସମସ୍ତଙ୍କୁ ଏକତ୍ରିତ କଲେ । ସମସ୍ତଙ୍କୁ ସମ୍ମିଳିତ କଲେ । ସମସ୍ତଙ୍କ ଭିତରେ ଛିଣ୍ଡି ଯାଇଥିବା ଭ୍ରାତୃତ୍ୱ ବନ୍ଧନର ସୂତ୍ରକୁ ପୁଣି ଯୋଡ଼ି ଦେଲେ ଆବଶ୍ୟକ ସ୍ଥଳେ ନୂତନ ସୂତ୍ରରେ ପୁଣି ବାନ୍ଧି ଦେଲେ ଏହି ଜାତିର ପ୍ରତିଟି ବ୍ୟକ୍ତିକୁ । ତା' ପରେ ସେହି ଏକ କୋଟି ଜାଗ୍ରତ ସନ୍ତାନମାନଙ୍କୁ ସେ ଚିହ୍ନାଇ ଦେଲେ ଓ ମିଳାଇ ଦେଲେ ସେମାନଙ୍କର ଜନନୀ ସଙ୍ଗେ । ଭୁବନେଶ୍ୱରରୁ ବଲାଙ୍ଗୀର, ବଲାଙ୍ଗୀରରୁ ପାରଳାଖେମୁଣ୍ଡି, ପାରଳାଖେମୁଣ୍ଡିରୁ ମେଦିନୀପୁର ସୀମା ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଓଡ଼ିଆ ତନ୍ଦ୍ରାମୁକ୍ତ ଆଖିଖୋଲି ଦେଖିଲେ—ମଳିନ ବସନ ପରିହିତା, ଜୀର୍ଣ୍ଣ ଶୀର୍ଣ୍ଣ କଳେବରା, ବିଚ୍ଛିନାଙ୍ଗ ଜନିତ ଯନ୍ତ୍ରଣାକାତରା, ପରାଶ୍ରୟ ଭିକ୍ଷୁଣୀ ତାଙ୍କର ଜନ୍ମଦାତ୍ରୀ ମାତୃଭୂମିକୁ ଓଡ଼ିଶା, ଉତ୍କଳ, କଳିଙ୍ଗ—ଯୋଉ ନାମରେ ଡାକୁ ଯିଏ ଡାକୁ ପଛେ । ପ୍ରାଣପ୍ରିୟ ଜନନୀର ଏହି ଶୋଚନୀୟ କରୁଣତମ ରୂପ କେହି ଦେଖି ନ ଥିଲେ ବା ଦେଖାଇ ଦେଇ ନ ଥିଲେ ମଧୁସୂଦନଙ୍କ ଜନ୍ମ ପୂର୍ବରୁ । ମଧୁସୂଦନ ଦେହରେ ଲମ୍ବା କୋଟ ପିନ୍ଧି, ମୁଣ୍ଡରେ ଆତ୍ମ ମର୍ଯ୍ୟାଦା ବୋଧର ପଗଡ଼ି ଭିଡ଼ି ଜାତିର ସର୍ବୋଚ୍ଚ ମଣ୍ଡପ ଉପରେ ଠିଆ ହୋଇ ବଜ୍ର ନିର୍ଘୋଷ କଣ୍ଠରେ ପ୍ରାଣର ପରିପୂର୍ଣ୍ଣ ଊର୍ଜସ୍ୱଳ ସମ୍ବେଦନାରେ ସମବେତ ଦୀନ ଓଡ଼ିଆମାନଙ୍କ ଉଦ୍ଦେଶ୍ୟରେ ଚିତ୍କାର କରି ଗାଇ ଉଠିଲେ—

ମା' ମା' ବୋଲି କେତେ ମୁଁ ଡାକିଲି,
ମାଆକୁ ପାଇଲି ନାହିଁ
ଭାଇ ଭାଇ ବୋଲି ଯେତେ ମୁଁ ଖୋଜିଲି
ଉତ୍ତର ନ ଦେଲେ କେହି

ଦେଖୁ ହେ ସମବେତ ମାତୃହରା ମୋର ପ୍ରାଣ ପ୍ରତିମ ଭାଇ ଭଉଣୀମାନେ ! ସମସ୍ତେ ଯେପରି—

କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ
ତୃଷାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ !

ସତକୁ ସତ ମଧୁସୂଦନଙ୍କର ଏହି ବ୍ୟାକୁଳ ମାତୃ ଅନ୍ୱେଷଣର ଆହ୍ୱାନ କୋଟିଏ ଓଡ଼ିଆଙ୍କ ପ୍ରାଣକୁ ସ୍ପନ୍ଦିତ କରିଦେଲା । କୋଟିଏ ଓଡ଼ିଆ ତାଙ୍କ ସଙ୍ଗେ ସ୍ୱର ମିଳାଇ ମା' ମା' ବୋଲି ଉଚ୍ଚ ସ୍ୱରରେ ଚିତ୍କାର କରି ଉଠିଲେ । ମା' ମା' ମା' କାହିଁ ଆମର ମା' ? କିଏ ତାକୁ କୋଉଠି ଲୁଚାଇ ରଖିଛି ? ...... କିଏ ତାକୁ ଏମିତି ବିକଳାଙ୍ଗ କରିଛି ? କିଏ ତାକୁ ଏମିତି ଦୀନ ହୀନ କରିଛି ?

......କିଏ ତାକୁ ଏପରି ଲାଞ୍ଛିତ ଆଉ ଅପମାନିତ କରିଛି ? କିଏ ତାର ଏପରି ସର୍ବସ୍ୱ ଲୁଣ୍ଠନ କରିଛି ?......କିଏ ତାକୁ ଏମିତି ପରପଦାନତ କରି ରଖିଛି ??

କିଏ ? କିଏ ? କିଏ ? କିଏ ? କିଏ ?

ଜାତିର ସର୍ବୋଚ୍ଚ ସଭାମଣ୍ଡପ ଉପରୁ ସେହି ମାତୃଗତପ୍ରାଣ ଦୀର୍ଘକାୟ ବୀରପୁରୁଷ ସେହିଭଳି ବଜ୍ରନିର୍ଘୋଷ କଣ୍ଠରେ ଗାଇ ଉଠିଲେ—

ଭୂମିକଂପ ହେବ ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା
ସେହିତୋର ମାତା, ସେହି ତୋର ଭ୍ରାତା
କର ସେହି ପଦପୂଜା ।

କିନ୍ତୁ ଭାଇ ଓ ଭଉଣୀମାନେ ! ନିଜ ମାଆର ଏହି ଶୋଚନୀୟ ଅବସ୍ଥାଲାଗି ବର୍ତ୍ତମାନ ଅନ୍ୟ କାହାକୁ ଦାୟୀ କରିବା ବୃଥା । ଆମ ମାଆର ଏହି ଦୀନହୀନ କାଙ୍ଗାଳିନୀ ଅବସ୍ଥା ପାଇଁ ଆମେ ହିଁ ଦାୟୀ । କେବଳ ଆମେ, ଆମେ, ଆମେ । ଆଉ କେହି ନୁହେଁ । ନିଜକୁ ଜାଗ୍ରତ କର ଭାଇ ଓ ଭଉଣୀମାନେ ! ମାଆର ବନ୍ଧନ ମୋଚନ ଲାଗି, ମାଆର କଷଣ ଦୂର କରିବା ଲାଗି, ମାଆର ଆତ୍ମ-ମର୍ଯ୍ୟାଦା ଫେରାଇ ଆଣିବା ଲାଗି ପ୍ରଥମେ ଆବଶ୍ୟକ ଆମ୍ଭମାନଙ୍କର ସ୍ୱାର୍ଥବୁଦ୍ଧି ତ୍ୟାଗ । ତାପରେ ଆବଶ୍ୟକ ଆତ୍ମମର୍ଯ୍ୟାଦାବୋଧ,—ଆବଶ୍ୟକ ଅକ୍ଳାନ୍ତ ଉଦ୍ୟମ, ଅଦମ୍ୟ ଉତ୍ସାହ ଏବଂ ଅଶେଷ ମାତୃଭକ୍ତି, ଅଶେଷ ଭ୍ରାତୃପ୍ରେମ ।

ଓଡ଼ିଆଜାତି ଏ ଆହ୍ୱାନର ପ୍ରତ୍ୟୁତ୍ତର ଦେଇ ଆସିଛି ଆଜିପର୍ଯ୍ୟନ୍ତ । ଏବଂ ଯାବତ୍ ଚନ୍ଦ୍ରାର୍କେ ଏ ଜାତି ସେହି ମହାନ୍‌ପୁରୁଷଙ୍କୁ ପରମଭକ୍ତିର ସହିତ ନିଜ ମଥାଉପରେ ବସାଇ ରଖିଛି । ନିଃସଙ୍କୋଚରେ ଗଭୀର କୃତଜ୍ଞତାର ସହିତ ସେ ନିଜଜାତିର ସ୍ରଷ୍ଟାସ୍ୱରୂପ ତାଙ୍କୁ ପୂଜା କରି ଆସିଛି ।

ମଧୁସୂଦନ ଉତ୍କଳ ଗୌରବ ହୁଅନ୍ତୁ ବା ଜାତୀୟ ଗୌରବ ହୁଅନ୍ତୁ—ସେ ମାନସରୋବରର ହଂସ ହୁଅନ୍ତୁ ବା ଚିଲିକାହ୍ରଦର ହଂସ ହୁଅନ୍ତୁ—ସେ ଆମ ଜାତିର ପରମ ଗୌରବର ପ୍ରତିନିଧି ଓ ପ୍ରତୀକ । ଆମ ଜାତୀୟ ଗୌରବବୋଧର ସେ ପ୍ରବର୍ତ୍ତକ—ଆମ ଜାତୀୟ ମର୍ଯ୍ୟାଦା ବୋଧର ସେ ସଂରକ୍ଷକ—ଆମ ଜାତୀୟ ପ୍ରତିଭା ବିକାଶର ସେ ସଂଚାଳକ । ସେ ଆମର ଜାତୀୟ ଗୁରୁ—ନମସ୍ୟ ନେତା ।

ଓଡ଼ିଆ ଜାତି ପାଇଁ ମଧୁସୂଦନ କଣ କରିଛନ୍ତି—ତାହା କଥାରେ ପ୍ରକାଶ କରିହେବ ନାହିଁ । ତାଙ୍କର କୀର୍ତ୍ତି ଓ କର୍ମଗୁଡ଼ିକ ଗୋଟି ଗୋଟି କରି ବଖାଣ କଲେ ମଧ୍ୟ ମଧୁସୂଦନଙ୍କ ମହିମାକୁ ଭାଷାରେ ଏତେ ସହଜରେ ପ୍ରକାଶ କରି ହେବ ନାହିଁ । ଏ ଜାତି ତାଙ୍କ ନିକଟରେ ଚିରଦିନ ପିତୃଋଣରେ ଆବଦ୍ଧ ହୋଇ ରହିବ । ଆହା ! କିଏ ଭଲା ପିତୃଋଣ ପରିଶୋଧ କରି ପାରିବାର ସ୍ପର୍ଦ୍ଧା କରେ ? କିଏଭଲା ପିତୃ-ମହିମାର ତଥ୍ୟସମ୍ମତ ବ୍ୟାଖ୍ୟା କରିପାରେ ? ମଧୁସୂଦନ ଆଜି ଆମ ପାଖରେ ଆଉ ଜଣେ ବ୍ୟକ୍ତି ବିଶେଷ ନୁହନ୍ତି—ଇତିହାସର ଜଣେ କେବଳ ସଂଗ୍ରାମୀ ବୀରପୁରୁଷ ନୁହନ୍ତି । ସେ ଆମ ଅନ୍ତରା-କାଶରେ ପ୍ରଜ୍ୱଳନ୍ତ ଏକ ଆଦର୍ଶ-ସୂର୍ଯ୍ୟ । ସ୍ୱନାମଧନ୍ୟ ଲେଖକ ସୁରେନ୍ଦ୍ର ମହାନ୍ତି ତାଙ୍କୁ "ଶତାବ୍ଦୀର ସୂର୍ଯ୍ୟ" ନାମରେ ଆଖ୍ୟାତ କରି ଏବଂ କୁଳବୃଦ୍ଧ ଭୀଷ୍ମଙ୍କ ମହାସନରେ ବସାଇ ତାଙ୍କ ପ୍ରତି ଜାତିର ସମୁଚିତ କୃତଜ୍ଞତା ଅର୍ପଣ କରିଛନ୍ତି ।

ମଧୁସୂଦନଙ୍କ ପ୍ରତିଷ୍ଠିତ ଯୋତାକାରଖାନା ବା ତାରକସି କାରଖାନା ତାଙ୍କରି ଜୀବଦ୍ଦଶାରେ ଭାଙ୍ଗି ଯାଇଛି । ମଧୁବାବୁ ନିଜେ ଲକ୍ଷ ଲକ୍ଷ ଟଙ୍କା ନିଜ ବୁଦ୍ଧିରେ ଅର୍ଜନ କରିଥିଲେ ବି ଶେଷ ଶଯ୍ୟାରେ କପର୍ଦ୍ଦକଶୂନ୍ୟ ହୋଇ ଚିର ବିଶ୍ରାମ ନେଇଛନ୍ତି । କିନ୍ତୁ ତାଙ୍କର ସ୍ୱପ୍ନ ବିଫଳ ହୋଇଛିକି ? ସେ ଯେଉଁ ସମୃଦ୍ଧ, ଆତ୍ମାଭିମାନଦୃପ୍ତ, ଉଦାରଚେତା, କଳାବିଜ୍ଞାନ କୁଶଳୀ, ଧର୍ମସାଧନାରତ ଓଡ଼ିଆ ଜାତିର ସ୍ୱପ୍ନ ଦେଖିଥିଲେ, ସେ ଓଡ଼ିଆ ଜାତି ହୁଏତ ପୂର୍ଣ୍ଣାଙ୍ଗ ଭାବେ ତଦନୁରୂପ ଅବସ୍ଥାକୁ ଆସିନାହିଁ । କିନ୍ତୁ ସେ ଦିଗରେ ଓଡ଼ିଆ ଜାତି ଆଜିମଧ୍ୟ ଅଗ୍ରସର କରୁଛି । ମଧୁସୂଦନ ଏ ଜାତିର ଗତି ମୂଳରେ ଯେଉଁ ମୃତ୍ୟୁଞ୍ଜୟୀ ମନ୍ତ୍ରର ଉଦ୍‌ବୋଧନ ଉଚ୍ଚାରଣ କରିଥିଲେ. ଯେଉଁ ସର୍ବିତ୍ ଶକ୍ତିର ଅଭିଷେକ ଦ୍ୱାରା ଏ ଜାତିକୁ

## ପ୍ରସଙ୍ଗ କ୍ରମେ

# ଜାଗରଣ ବର୍ଷ ଓ ମଧୁସୂଦନ

ଗତ ୨୮-୪-୧୯୭୮ ମସିହାଠାରୁ ସାରା ଓଡ଼ିଶାରେ "ଜାଗରଣ ବର୍ଷ" ପାଳିତ ହେଉଛି । ଏହି ଶୁଭ ଦିନଟି ହେଉଛି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ପବିତ୍ର ଜୟନ୍ତୀ ଦିବସ । ଏହି ଦିବସ ଠାରୁ ସଂପୂର୍ଣ୍ଣ ଗୋଟିଏ ବର୍ଷ ମଧୁସୂଦନଙ୍କ ମହନୀୟ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ହେବା ସଙ୍ଗେ ସଙ୍ଗେ ସମଗ୍ର ଓଡ଼ିଆ ଜାତିକୁ ଏକ ନୂତନ ପ୍ରେରଣାରେ ଉଦ୍‌ବୁଦ୍ଧ କରିବା ଲାଗି ମଧ୍ୟ ଉଦ୍ୟମ କରାଯାଉଛି । ବିଗତ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଆ ଜାତିର ସମସ୍ତ ପ୍ରତିଭା ଓ ଜୀବନୀଶକ୍ତି କ୍ଷୟମାଣ ଅବସ୍ଥାକୁ ଆସିଯାଇଥିଲା । ଏ ଜାତି ତାର ସ୍ୱଧର୍ମ ଓ ସ୍ୱାଭିମାନ ବିସ୍ମୃତ ହୋଇ ଯାଇଥିଲା । ଏପରି ଗୋଟିଏ ସମୟ ଆସି ଯାଇଥିଲା, ଯେତେବେଳେ ସନ୍ଦେହ ଓ ଆଶଙ୍କା ହେଉଥିଲା ଯେ ଓଡ଼ିଆ ଜାତି ଓ ତାର ଭାଷା, ସାହିତ୍ୟ, ସଂସ୍କୃତି ଆଦି କିଛି ଆଉ ରହିବ ନାହିଁ କିମ୍ବା ଧରା ପୃଷ୍ଠରେ ଏହି ଜାତିଟି କେବଳ ଆତ୍ମ ସମ୍ମାନହୀନ, ପ୍ରତିଭାହୀନ, ଜୀବନ ଓ ଜୀବିକାସର୍ବସ୍ୱ ମାତ୍ର ତୃତୀୟ ଶ୍ରେଣୀର ଜାତିଟିଏ ହୋଇ ଯେନତେନ ପ୍ରକାରେଣ ବଞ୍ଚି ରହିବ ।

ମାତ୍ର ତାହା ହେବାର ନୁହେଁ । ଏ ରାଜ୍ୟ ଏହାର ପ୍ରତିଷ୍ଠାତା ପ୍ରବଳ ପରାକ୍ରମୀ ଯଶସ୍କର ଗଜପତି ସମ୍ରାଟମାନଙ୍କ ଦ୍ୱାରା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣରେ ବହୁକାଳୁ ନିବେଦିତ । ତେଣୁ ଏ ରାଜ୍ୟର ଭାଗ୍ୟ ନିୟନ୍ତା ସ୍ୱୟଂ ଜଗନ୍ନାଥ । କିମ୍ବଦନ୍ତୀ ଅନୁସାରେ କଳାପାହାଡ଼ ଶ୍ରୀ ଜଗନ୍ନାଥଙ୍କ ଦାରୁମୟ ବିଗ୍ରହକୁ ଅଗ୍ନିରେ ଦଗ୍‌ଧ କରିଥିଲେ ବି ବିଗ୍ରହ ମଧ୍ୟସ୍ଥ ବ୍ରହ୍ମ ପଦାର୍ଥ ଅକ୍ଷୁର୍ଣ୍ଣ ରହିଥିଲେ । ତାଙ୍କୁ ଅଗ୍ନି ଦଗ୍‌ଧ କରି ପାରି ନ ଥିଲା । ସେହିପରି ଜାତୀୟ ଚରିତ୍ରର ଉଚ୍ଚମ ଅନୁଶୀଳନ ଅଭାବରୁ କାଳଚକ୍ରର ଆବର୍ତ୍ତନରେ ହୁଏତ କେତୋଟି ଶତାବ୍ଦୀ ଧରି ଏ ଜାତି ମୃତବତ୍ ଶୋଇ ରହିଥିଲା । ମାତ୍ର ଏହାର ଆତ୍ମଶକ୍ତି ତଥାପି ଜାଗ୍ରତ ଥିଲା ଓ ଆତ୍ମପ୍ରକାଶ ପାଇଁ ଆକାଂକ୍ଷା ରହିଥିଲା । ସେଥିପାଇଁ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ଏ ଭୂମିରେ ଜନ୍ମ ଲାଭ କଲେ ସେହି ପ୍ରାତଃସ୍ମରଣୀୟ କରିତ୍‌କର୍ମା ଯୁଗନ୍ଧର ଜାତୀୟ ବୀରପୁରୁଷ ମଧୁସୂଦନ । ନୂତନ ଭାବେ ସେ ଏଇ ଜାତିକୁ ଜୀବନ୍ୟାସ ପ୍ରଦାନ କରି ଏହାର ସ୍ରଷ୍ଟା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ । ସେ ଦେଖିଲେ ଏ ଜାତିର ଆତ୍ମା ତେବେବି ତାର ଅଜସ୍ର ଗୌରବମୟ ଐତିହ୍ୟ ଓ ଅଭିଜ୍ଞତାକୁ ସଂସ୍କାର ରୂପେ ଅଙ୍ଗୀଭୂତ କରି ଭବିଷ୍ୟତରେ ଅନନ୍ତ ସମ୍ଭାବନାର ବିକାଶ ଲାଗି ଉନ୍ମୁଖ ଓ ଅଭୀପ୍‌ସୁ ହୋଇ ରହିଅଛି । କିନ୍ତୁ ଏ ଜାତିର ଶରୀରରେ ନାହିଁ ପ୍ରାଣଶକ୍ତି—ପ୍ରାଣରେ ନାହିଁ ସ୍ଫୂର୍ତ୍ତି, ତେଜ, ଉଲ୍ଲାସ, ଉଦ୍ୟମ, ଗୌରବବୋଧ ଓ ସୃଜନ ପାଇଁ ଆନନ୍ଦମୟ ବାସନା । ତା'ର ମନ ଓ ବୁଦ୍ଧିରେ ନାହିଁ ବିଶ୍ୱର ଓ ମନର ପ୍ରେରଣା ଭାବ, ଅନୁଭବ, ଚିନ୍ତନ ଓ ଉଦ୍ୟମରେ ଏ ଜାତି ପରାଙ୍ମୁଖ ହୋଇ ଉଠିଛି । ଏହି ମହାନ୍ ଐତିହ୍ୟବନ୍ତ ଜାତି ହରାଇ ବସିଛି ତା'ର ସ୍ୱପ୍ନ, ତା'ର ଆଦର୍ଶ, ତା'ର କଳ୍ପନା ଓ ଶେଷରେ ତା'ର ସ୍ୱଧର୍ମ । ହୁଏତ ସେ କାହାର ଅଭିଶାପରେ ଭୁଲି ଯାଇଛି—ତା'ର ସ୍ମରଣ ଶକ୍ତି ଲୋପ ପାଇ ଯାଇଛି । ସେ ତା'ର ଆତ୍ମ ପରିଚୟ ମଧ୍ୟ ହରାଇ ବସିଛି ।


ଜାଗ୍ରତ କରି ଦେଉଥିଲେ–ସେହି ପ୍ରଣୋଦକ ମହାମନ୍ତ୍ର ଓ ମହାଶକ୍ତିର ପ୍ରଭାବରେ ଏହି ଜାତି ନିଶ୍ଚୟ ତାର ଭୂୟୋଡିକାଶର ପଥରେ ଆଗେଇ ଚାଲିବ । କେବେ ହେଲେ ମଧ୍ୟ ପଥରେ ଅଟକି ଯିବନାହିଁ । ତେଣୁ ଆଜି ମଧୁସୂଦନଙ୍କ ବିଷୟ ସ୍ମରଣ କଲାବେଳେ ଆମେ ଆମ ଭିତରେ ଏକ ମହାଜାଗରଣର କଂପନ ଅନୁଭବ କରୁଅଛୁ । ଏ ଜାଗରଣ ଯେପରି ଓଡ଼ିଆ ଜାତିକୁ ସର୍ବଦିଗରେ ଅଗ୍ରସର କରାଉ ଏତିକି କାମନା କରୁଅଛୁ ।

କୃତଜ୍ଞତାର ସହିତ ଜଣାଉଛୁ କି 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭିଉ'ର ଏହି ମଧୁସୂଦନ ବିଶେଷାଙ୍କ ଲାଗି 'ମଧୁସ୍ମୃତି' କଟକର ସଂପାଦକ ଓ ଖ୍ରୀଷ୍ଟକଲେଜର ଅଧ୍ୟାପକ ଶ୍ରୀ ତାରେଶ୍ୱର ସାହୁ ବିଭିନ୍ନ ଦିଗରୁ ବହୁ ସହଯୋଗ କରିଛନ୍ତି ।

ସମ୍ପାଦକ

ଅନିବାର୍ଯ୍ୟ କାରଣବଶତଃ ଏ ସଂଖ୍ୟାରେ ଶ୍ରୀ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସଂକଳିତ "ସମ୍ବଲପୁରୀ ଶବ୍ଦ ସଂଗ୍ରହ" ପ୍ରବନ୍ଧଟିର ଅବଶିଷ୍ଟାଂଶ ପ୍ରକାଶ ପାଇ ପାରିନାହିଁ । ପରବର୍ତ୍ତୀ ସଂଖ୍ୟାଠାରୁ ଏହା ପୂର୍ବପରି ଧାରାବାହିକ ପ୍ରକାଶିତ ହେବ ।

ସମ୍ପାଦକ





# ଜାଗରଣ ବର୍ଷ କାହିଁକି ?

**ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ**
ପର୍ଯ୍ୟଟନ ଓ ସାଂସ୍କୃତିକ ବିଭାଗ ମନ୍ତ୍ରୀ

୧୯୯୮ ଅପ୍ରେଲ ୨୮ ତାରିଖରେ ଓଡ଼ିଶା ସାରା ଜାତୀୟ ଗୌରବ ମଧୁସୂଦନଙ୍କ ଜୟନ୍ତୀ ଉତ୍ସବ ପାଳିତ ହେଉଛି । ସେହିଦିନଠାରୁ ଏକ ବର୍ଷ ଏ ଉତ୍ସବ ପାଳିତ ହେବ ଓ ଉକ୍ତ ବର୍ଷକୁ ଜାଗରଣ ବର୍ଷ ଭାବେ ଅଭିହିତ କରାଯିବ । ଏ ସଂପର୍କରେ ମୁଁ କହି ରଖିବାକୁ ଚାହେଁ ଯେ 'ମଧୁସ୍ମୃତି' ର ସଭାପତି ଶ୍ରୀ ସୁରେନ୍ଦ୍ର ମହାନ୍ତି ଓ ସଂପାଦକ ଅଧ୍ୟାପକ ଶ୍ରୀ ତାରେଶ୍ୱର ସାହୁ ଏ ଜାଗରଣ ବର୍ଷ ପାଳନର ପ୍ରସ୍ତାବ ଦେଇଥିଲେ ଓ 'ମଧୁସ୍ମୃତି' ର କାର୍ଯ୍ୟକ୍ରମ ସ୍ଥିର କରିଥିଲେ । ସାଂସ୍କୃତିକ ବିଭାଗ ତରଫରୁ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁରଠାରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉଛି । ଏହା ସେଇ ୨୮ ତାରିଖରେ ଉନ୍ମୋଚିତ ହେବ ଏବଂ ସେ ଉଦ୍ଦେଶ୍ୟରେ ଏକ ଉତ୍ସବ ମଧ୍ୟ ପାଳିତ ହେବ ।

ଏ ବର୍ଷକୁ ଜାଗରଣ ବର୍ଷ କହିବାର ତାତ୍ପର୍ଯ୍ୟ କଣ ? ଏ ଜାଗ୍ରରଣ ବର୍ଷ ସହିତ ମଧୁବାବୁଙ୍କର ସଂପର୍କ କଣ ? ମଧୁବାବୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରି ଏହାର ପୁରାତନ ସମୃଦ୍ଧି ଓ ସମ୍ମାନ ଫେରାଇ ଆଣିବା ପାଇଁ ପ୍ରାଣପାତ ଉଦ୍ୟମ କରିଥିଲେ । ଗୋଟିଏ ସୁପ୍ତ ଜାତିକୁ ସବୁ ଦିଗରୁ ଜାଗ୍ରତ କରିବା ପାଇଁ ସେ ପ୍ରେରଣା ଦେଇଥିବାରୁ ତାଙ୍କରି ଜନ୍ମଦିନଠାରୁ ବର୍ଷେ ପର୍ଯ୍ୟନ୍ତ ଏହି ଜାଗରଣ ବର୍ଷ ପାଳିତ ହେବ ।

କଟକ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ସତ୍ୟଭାମାପୁର । ସେହି ଗ୍ରାମରେ ମଧୁସୂଦନ ଯେତେବେଳେ ଭୂମିଷ୍ଠ ହେଲେ, କେହି କେବେ କଳ୍ପନା କରିନଥିବ ଯେ ଉତ୍କଳର ଏହି ବରପୁତ୍ର ଦିନେ ଦେଶର ମୁଖ ଉଜ୍ଜ୍ୱଳ କରିବ । ଜଣେ ତୀକ୍ଷ୍ଣ ବୁଦ୍ଧି ସଂପନ୍ନ ଆଇନଜୀବୀ ହିସାବରେ ସେ ପ୍ରଭୂତ ଖ୍ୟାତି ଅର୍ଜନ କରିଥିଲେ । ଜାତି ପ୍ରତି ଓ ଜାତିର ଯୁବକମାନେ, ଯେଉଁମାନେ ଉପଯୁକ୍ତ ଦିଗ୍‌ଦର୍ଶନ ପାଇଲେ ଏ ଜାତିର କର୍ଣ୍ଣଧାର ହେବେ, ସେମାନଙ୍କ ପ୍ରତି ମଧୁସୂଦନଙ୍କ ଅସୀମ ଶ୍ରଦ୍ଧା ଓ ଆସ୍ଥା ଥିଲା । ସାରା ଜୀବନ ଏଇ ଯୁବ ଶକ୍ତିକୁ ଜାଗ୍ରତ କରି ସେମାନଙ୍କ ମନ ଭିତରେ ଜାତି ପ୍ରୀତିର ବହ୍ନି ସେ ଜାଳି ଦେଇଛନ୍ତି । ଗୋଟିଏ ଅବହେଳିତ ଜାତିକୁ ସଙ୍ଗଠିତ କରିବା ପାଇଁ ମଧୁସୂଦନ ଯେଉଁ ଯଜ୍ଞବେଦୀ ପ୍ରସ୍ତୁତ କରିଥିଲେ ସେ ହେଉଛି ଉତ୍କଳ ସମ୍ମିଳନୀ । ଏହି ସମ୍ମିଳନୀ ମାଧ୍ୟମରେ ଏ ଜାତି ପ୍ରାଣରେ ନୂଆ ଚେତନା ଓ ପ୍ରେରଣା ଦେବାକୁ ଓ ଓଡ଼ିଆ ଜାତିକୁ ସଂହତ କରି ତାର ସମୃଦ୍ଧିକୁ ଫେରାଇ ଆଣିବାକୁ ଏ ସମ୍ମିଳନୀର ସେ ପୁରୋଧା ହୋଇଥିଲେ । ଜଣେ ସୁବିଖ୍ୟାତ ଆଇନଜୀବୀ ଭାବରେ ସେ ଯେ କେବଳ ପ୍ରଚୁର ଅର୍ଥ ଉପାର୍ଜନ କଲେ ତା' ନୁହେଁ, ସେ ଅର୍ଥକୁ ଜାତିର ହିତରେ ଲଗାଇବାରେହିଁ ସେ ଆନନ୍ଦ ପାଉଥିଲେ । ଯୁବକ ଆଇନଜୀବୀମାନଙ୍କୁ ବ୍ୟବସାୟରେ ଅଗ୍ରଗତି କରିବା ପାଇଁ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଦୁଃସ୍ଥ ଜୀବନର ସେବାରେ ନିଜକୁ ନିୟୋଜିତ କରିବାର ମାର୍ଗ ପ୍ରଦର୍ଶନ କରିଥିଲେ । ଆଇନ ବ୍ୟବସାୟରେ ଅର୍ଥ ଉପାର୍ଜନ ତାଙ୍କର ଏକମାତ୍ର ଲକ୍ଷ୍ୟ ନ ଥିଲା । ଦୁଃସ୍ଥ, ଅବହେଳିତ ଲୋକେ, ଯେଉଁମାନେ ତାଙ୍କର ଦୈନ୍ୟ ଯୋଗୁଁ ସହଜରେ ନ୍ୟାୟ ପାଇପାରୁ ନଥିଲେ, ସେମାନଙ୍କ ପାଇଁ ବିନା ଦ୍ୱିଧାରେ ମଧୁବାବୁ ମକଦ୍ଦମା ଲଢୁଥିଲେ । ଯେଉଁ ଦୁଃସ୍ଥ ଓ ଦୀନ ଦରିଦ୍ର ବାସିନ୍ଦାମାନେ ଜୀବନରେ ଅନ୍ୟାୟର ଶୀକାର ହେଉଥିଲେ ତାଙ୍କ ପାଇଁ ସମବେଦନାରେ ମଧୁବାବୁଙ୍କ ପ୍ରାଣ କାନ୍ଦି ଉଠୁଥିଲା ଓ ସେମାନଙ୍କ ପାଇଁ ସେ ପ୍ରାଣ ଦେଇ ସଂଗ୍ରାମ କରୁଥିଲେ । ଅନ୍ୟାୟ ବିରୋଧରେ ମଧୁବାବୁ ଥିଲେ ସର୍ବଦା ଏକ ଜାଗ୍ରତ ଯୋଦ୍ଧା ।

ଉତ୍କଳ ଜନନୀର ବିକଳାଙ୍ଗ ରୂପ ଦେଖି ମଧୁବାବୁଙ୍କର ପ୍ରାଣରେ ଦାରୁଣ ଆଘାତ ଲାଗିଥିଲା । ଖଣ୍ଡ ବିଖଣ୍ଡିତ ଉତ୍କଳ ତା'ର ପ୍ରାନ୍ତୀୟ ପ୍ରଦେଶମାନଙ୍କ ସହ ସଂଯୁକ୍ତ ରହିବା ଫଳରେ, ତା' ର ସମୃଦ୍ଧ ପରମ୍ପରା ଓ ସଂସ୍କୃତି ଯେ କେବଳ ସୁପ୍ତ ହୋଇଗଲା ତାହା ନୁହେଁ, ତା' ର ଶିଳ୍ପ, କଳା, ସାହିତ୍ୟ ଓ ଜାତୀୟତା ଏକ ପ୍ରକାର ଲୋପ ହୋଇ ଯାଇଥିଲା । ଏ ଜାତିକୁ ସଙ୍ଗଠିତ କରିବା ପାଇଁ ଓ ଓଡିଆମାନଙ୍କ ପ୍ରାଣରେ ନୂତନ ଚେତନା ଓ ଉଦ୍ଦୀପନା ଆଣିବା ପାଇଁ ସେ ଜୀବନକୁ ପଣ କରି

ଦେଇଥିଲେ । ତାଙ୍କର ଉଦାତ୍ତ ଜାତୀୟତାବୋଧର ପ୍ରବଳ ସ୍ଫୁରଣ ଓ ତାଙ୍କ ବଳିଷ୍ଠ ନେତୃତ୍ୱର ଯାଦୁକରୀ ସ୍ପର୍ଶରେ ଓଡ଼ିଶାର ଯୁବଗୋଷ୍ଠୀ ଓ ତତ୍କାଳୀନ ନେତାମାନଙ୍କ ଭିତରେ ମହା ଆଲୋଡ଼ନ ସୃଷ୍ଟି ହୋଇଥିଲା । ତା' ଫଳରେ ରାଜ୍ୟ ବ୍ୟାପୀ ସେଭଳି ମହାନ୍ ଆନ୍ଦୋଳନର ପ୍ଳାବନ ହେଲା—ସେଥିରେ ଓଡ଼ିଆମାନେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଏକ ସ୍ୱତନ୍ତ୍ର ରାଜନୈତିକ ପ୍ରଦେଶ ଲାଭ କଲେ । ତା'ପରେ ହେଲା ଗଡ଼ଜାତ ମିଶ୍ରଣ କିନ୍ତୁ ଓଡ଼ିଶା ତଥାପି ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ ବା ମଧୁବାବୁଙ୍କ ପରିକଳ୍ପିତ ଓଡ଼ିଶା ତା' ର ପୂର୍ଣ୍ଣାଙ୍ଗ ରୂପ ଏ ପର୍ଯ୍ୟନ୍ତ ନେଇ ପାରିନାହିଁ । ଏବେବି ଓଡ଼ିଆ ଭାଷା ଭାଷୀ ଅଞ୍ଚଳସବୁ ଓଡ଼ିଶାର ସୀମାରେ ଥିବା ଅନ୍ୟ ପ୍ରଦେଶ ଭିତରେ ରହିଛି । କେହି ଯଦି କହେ ଯେ କୌଣସି ସଙ୍କୀର୍ଣ୍ଣତାର ବଶବର୍ତ୍ତୀ ହୋଇ ମଧୁବାବୁ ଏ ଆନ୍ଦୋଳନ କରିଥିଲେ ତେବେ ସେ ଭୁଲ କରିବ । ଗୋଟାଏ ସମୃଦ୍ଧ ଭାଷା, ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇବା ପାଇଁ ଜୀବନସାରା ସେ ଏ ସଂଗ୍ରାମ ଚଳାଇ ରଖିଥିଲେ । ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନହୋଇଥିଲେ, ଓଡ଼ିଆ ଭଳି ଗୋଟିଏ ସମୃଦ୍ଧ ଭାଷା, ସାହିତ୍ୟ ଓ ସଂସ୍କୃତିର ମୃତ୍ୟୁ ହୋଇଥାନ୍ତା । ଫଳରେ ଓଡ଼ିଆମାନେ ଗୋଟିଏ ତୃତୀୟ ଶ୍ରେଣୀର ଜାତି ହିସାବରେ ଅତ୍ରତତ୍ର କେବଳ ଜୀବନ ଧରି ବଞ୍ଚି ରହିଥାନ୍ତେ ।

ମଧୁବାବୁଙ୍କର ଭାରତର ସବୁ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଅସୀମ ଶ୍ରଦ୍ଧା ଥିଲା ଏବଂ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ଓଡ଼ିଆ ଜାତିକୁ ସଙ୍ଗଠିତ କରି ତାର ଭାଷା ଓ ସଂସ୍କୃତିର ରକ୍ଷା କରିବା ଅର୍ଥ ନୁହେଁ ଯେ ମହାଭାରତୀୟ ଜାତୀୟ ଜୀବନ ପ୍ରତି ତାଙ୍କର ବିତୃଷ୍ଣା ରହିଛି । ବରଂ ଏ ଶିକ୍ଷା, ସଂସ୍କୃତି ଓ ସାହିତ୍ୟ ସମୃଦ୍ଧ ହେଲେ ମହାଭାରତୀୟ ସଂସ୍କୃତି ଓ ସାହିତ୍ୟ ସମୃଦ୍ଧ ହେବ । ତାଙ୍କର ଏ ଜାଗରଣର ବାର୍ତ୍ତା କେବଳ ଓଡ଼ିଶା ପାଇଁ ଉଦ୍ଦିଷ୍ଟ ନଥିଲା, ଏଥିଲା ଏ ଜାତିର ଅଭ୍ୟୁତ୍ଥାନ ସହିତ ସମଗ୍ର ଦେଶର ଅଭ୍ୟୁତ୍ଥାନ ପାଇଁ । ଅବହେଳିତ ଓଡ଼ିଆ ଜାତି ଆଗେଇ ଯାଇ ସମ୍ମାନର ସହିତ ଜାତୀୟ ମହାସ୍ରୋତରେ ତାର ଅନ୍ୟ ସହୋଦରମାନଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଜାତି ଗଠନ କରିବାରେ ଆଗୁସାର ହେଉ—ଏହାହିଁ ଥିଲା ତାଙ୍କର ଲକ୍ଷ୍ୟ ।

ମଧୁସୂଦନ ଥିଲେ ପୁରୁଷସିଂହ । ତୋଷାମଦ କରି ଜାତିର ସମ୍ମାନ ବୃଦ୍ଧି କରିହେବନି—ଏକଥା ସେ ବଜ୍ର ଗମ୍ଭୀର କଣ୍ଠରେ ଘୋଷଣା କରିଥିଲେ । ଗୋଟାଏ ଦୁର୍ଦ୍ଧର୍ଷ ସମର ବିଶାରଦ ଜାତି, ଯେ ମାତୃଭୂମିର ମୁକ୍ତି ପାଇଁ ଶତାବ୍ଦୀ ଶତାବ୍ଦୀ ଧରି ସଂଗ୍ରାମ କରିଛି ଓ ଜନ୍ମଭୂମିର ମର୍ଯ୍ୟାଦା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଯେ ବିନା ଦ୍ୱିଧାରେ ପ୍ରାଣବଳି ଦେଇଛି, ସେ ତୋଷାମଦ କରି ରାଜ୍ୟର ଉନ୍ନତି କରିବାକୁ ଗଲେ ଜାତିର ମାନ ବୃଦ୍ଧି ହେବ କି ? କି ମହାନ୍ ଚିନ୍ତାଧାରା ତାଙ୍କ ମନ ଭିତରେ ଆନ୍ଦୋଳିତ ହେଉଥିଲା ଏଥିରୁ ତାହା ଅନୁମେୟ । ଓଡ଼ିଆ ଜାତି ତାର ଅତୀତର ଗରିମା ମୟ ଇତିହାସରୁ ପ୍ରେରଣା ପାଉ, ଜାତିର ସ୍ୱାଭିମାନ ଫେରିଆସୁ, ଏଇଥିଲା ତାଙ୍କ ଜୀବନର ମହାନ୍ ନିର୍ଦ୍ଦେଶ, ଯେଉଁଥି ପାଇଁ ସେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ହୀନ ସ୍ୱାର୍ଥର ସୀମିତ ପରିବେଷ୍ଟନୀ ଭିତରେ ରହି କେହି ଜାତିର ଉନ୍ନତି କରିପାରେନି । ଜାତିର ଗୌରବକୁ ଫେରାଇ ଆଣିବାକୁ ହେଲେ ସ୍ୱାର୍ଥକୁ ସଂପୂର୍ଣ୍ଣ ଭାବରେ ତ୍ୟାଗ କରିବାକୁ ହେବ ।

ଆଜି ମଧୁ ଜୟନ୍ତୀ ଉତ୍ସବରେ ମଧୁବାବୁଙ୍କୁ ସ୍ମରଣ କଲବେଳେ ଓଡ଼ିଆ ସଂସ୍କୃତି ଓ ପରଂପରା ଯାହା ପାଇଁ ଜୀବନସାରା ମଧୁବାବୁ ସଂଗ୍ରାମ କରିଥିଲେ ତାର ଚିତ୍ର ଆଖି ଆଗରେ ଝଲସି ଉଠେ । ବର୍ତ୍ତମାନ ପର୍ଯ୍ୟାଲୋଚନା କରିବାକୁ ହେବ—କଣ ଥିଲା ସଂଗ୍ରାମର ଲକ୍ଷ୍ୟ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ । ତାର ସଂସ୍କୃତି, ପରଂପରା, ଐତିହ୍ୟ, ଜାତୀୟତା ଓ ସ୍ୱାଭିମାନର ଅଭ୍ୟୁତ୍ଥାନ ହେବ । ଓଡ଼ିଶାର ଦୁଃଖ ଦୈନ୍ୟ ପ୍ରପୀଡ଼ିତ ଅବସ୍ଥା, ଏକତାର ଅଭାବ ଦେଖି ସେ ଭାଙ୍ଗି ପଡ଼ିନଥିଲେ । କାରଣ ସେ ଥିଲେ ଅତୀବ ଆଶାବାଦୀ । ନୈରାଶ୍ୟ ଓ ହତାଶା—ଜର୍ଜରିତ ଓଡ଼ିଆ ଜାତି ଆଗରେ ତାର ଗୌରବ ଓ ଗରିମାମୟ ଇତିହାସର ପୃଷ୍ଠା ଫିଟାଇ ସେ ଏକ ସମୁଜ୍ଜ୍ୱଳ ଓଡ଼ିଶାର ଭବିଷ୍ୟତ ଚିତ୍ର ମଧ୍ୟ ଓଡ଼ିଆମାନଙ୍କ ଆଖି ଆଗରେ ଖୋଲି ଧରିଥିଲେ ।

ଏକଦା କଳିଙ୍ଗ ଥିଲା ଏକ ସମୃଦ୍ଧ ସାମ୍ରାଜ୍ୟ । ଓଡ଼ିଶା ବା କଳିଙ୍ଗର ଅଧିବାସୀ ଥିଲେ ଗୋଟାଏ ଦୁର୍ଦ୍ଧର୍ଷ ସମର-କୁଶଳୀ ଜାତି, ଯାହାଙ୍କର ରଣ କୌଶଳ, ସାହସ ଓ ମାତୃଭୂମି ପ୍ରତି ଅସୀମ ମମତା ଦେଖି ଶତ୍ରୁ ଆତଙ୍କିତ ହେଉଥିଲା । କଳିଙ୍ଗ ସମ୍ରାଟର ସମର ଢକ୍କା ବାଜିଲେ, ରାଜ୍ୟର ସୁରକ୍ଷା ପାଇଁ ଓଡ଼ିଆ ପାଇକ ଜୀବନର ସମସ୍ତ ସୁଖ ସମ୍ଭୋଗ ପରିତ୍ୟାଗ କରି କ୍ଷୁଧିତ କେଶରୀ ଭଳି ଯିମିତି ଯୁଦ୍ଧର ନିଆଁ ଭିତରକୁ ଲଂଫ ପ୍ରଦାନ କରୁଥିଲା ତାର ଶ୍ରବଣରେ ଶତ୍ରୁ ଆତଙ୍କରେ ଶିହରି ଉଠୁଥିଲା । ସମଗ୍ର ଭାରତ ବର୍ଷ ବିଭିନ୍ନ ସମୟରେ ବିଭିନ୍ନ ରାଜତ୍ୱ ଅଧୀନରେ ଥିଲେ ସୁଦ୍ଧା ଓଡ଼ିଶା ଶହ ଶହ ବର୍ଷ ଧରି ରହିଥିଲା ସ୍ୱାଧୀନ । ତାର ରାଜଛତ୍ର ଥିଲା ଉନ୍ନତ ଓ ଅଚଞ୍ଚଳ । ମହାମେଘ ବାହାନ, ସମ୍ରାଟ ଖାରବେଳ ଓ ଦିଗ୍‌ବିଜୟୀ କପିଳେନ୍ଦ୍ରଙ୍କ ଭଳି ବିକ୍ରମ କେଶରୀ ଦୁର୍ଦ୍ଧର୍ଷ ସମ୍ରାଟମାନଙ୍କ ଯୋଗୁଁ ଶତ୍ରୁମାନେ ଆତଙ୍କିତ ହେଉଥିଲେ । ଶହ ଶହ ବର୍ଷ ଧରି ରାଜ୍ୟ ନିରୁପଦ୍ରବ ଓ ଶାନ୍ତ ଥିବାରୁ କଳା, ସାହିତ୍ୟ, ସଂସ୍କୃତି, ଶିଳ୍ପ, ଭାସ୍କର୍ଯ୍ୟ, ପ୍ରତି କ୍ଷେତ୍ରରେ ଓଡ଼ିଶା ସମୃଦ୍ଧିର ଚରମ ସୀମାରେ ପହଞ୍ଚି ପାରିଥିଲା । ମନ୍ଦିରମାଳିନୀ ଓଡ଼ିଶାର ମନ୍ଦିରମାନଙ୍କର ଗାତ୍ରରେ ବିଶ୍ୱ ବିଖ୍ୟାତ ଓଡ଼ିଆ କାରିଗର ତାର କାବ୍ୟ ରଚନା କରିଛି । କେବଳ ସେତିକି ନୁହେଁ ଓଡ଼ିଶା ମଧ୍ୟ ଥିଲା ଏକ ବିଭବଶାଳୀ ରାଜ୍ୟ । ଜାଭା, ସୁମାତ୍ରା, ବୋର୍ଣ୍ଣିଓ ପ୍ରଭୃତି ଦ୍ୱୀପ ରାଜ୍ୟରେ ତାର ବାଣିଜ୍ୟ ସଂପର୍କ ଥିଲା ଓ ସେଠାରେ ଓଡ଼ିଶାର ସଭ୍ୟତା ଓ ସଂସ୍କୃତି ପ୍ରସାର ଲାଭ କରିଥିଲା । ପାଇକ ବିଦ୍ରୋହ ବେଳେ ଓଡ଼ିଆ ପାଇକ ଯେଉଁ ଅସାଧାରଣ ବୀରତ୍ୱ ଓ ଦେଶଭକ୍ତି ପ୍ରଦର୍ଶନ କରିଛି ଓ ମାତୃଭୂମିର ସୁରକ୍ଷା ପାଇଁ ପ୍ରାଣବଳି ଦେଇଛି ତାହା ଇତିହାସର ପୃଷ୍ଠାକୁ ଗୌରବୋଜ୍ଜ୍ୱଳ କରିଛି ।

ଅତୀତର ସେହି ଗୌରବ ଫେରି ଆସିଲେ ଓଡ଼ିଶା ସର୍ବୋତଭାବେ ଉନ୍ନତିର ଚରମ ସୋପାନରେ ପହଞ୍ଚିବ । କ୍ଷତ-ବିକ୍ଷତ ଉତ୍କଳ ଜନନୀର ମୁହଁରେ ହସ ଫୁଟି ଉଠିବ । ମା' ର ମୁଖରୁ ଝରିବ ଆଶୀର୍ବାଦର ବାଣୀ ! ପ୍ରକୃତିର ରତ୍ନାକର, ବନପାହାଡ, ହ୍ରଦ ପରିବେଷ୍ଟିତ ମହାନ୍ ଉତ୍କଳ ସୁଜଳା ସୁଫଳା ଶସ୍ୟଶ୍ୟାମଳା ହେବ ଏବଂ ଓଡିଆ ଜାତୀୟ ଜୀବନରେ ଘଟିବ ମହାନ୍ ଅଭ୍ୟୁଦୟ । ଏଇତ ଥିଲା ଜାତୀୟଗୌରବ ମଧୁସୂଦନଙ୍କ ଜୀବନର ଲକ୍ଷ୍ୟ । ଆଜି ତାଙ୍କର ଜୟନ୍ତୀ ଦିବସରେ ମଧୁବାବୁଙ୍କୁ ସ୍ମରଣ କରିବା ସଙ୍ଗେ ସଙ୍ଗେ ତାଙ୍କ ଜୀବନର ମହାନ ଆଦର୍ଶକୁ ରୂପାୟିତ କରି ପାରିଲେ କୁଳ-ବୃଦ୍ଧଙ୍କ ଅମର ଆତ୍ମା ଏ ଜାତିକୁ ଆଶୀର୍ବାଦ କରିବ ।

କୁଳବୃଦ୍ଧ ମଧୁସୂଦନ ଓଡ଼ିଆ ଜାତି ପକ୍ଷରେ ବାସ୍ତବରେ କୁଳବୃଦ୍ଧ ମହାରଥୀ ଭୀଷ୍ମ । କେତେକଙ୍କ ମତରେ ଯିଏ ତାରୁଣ୍ୟର ପ୍ରଚଣ୍ଡ ଦୀପ୍ତିରେ ଦୀପ୍ତିମନ୍ତ ତାକୁ କୁଳବୃଦ୍ଧ କୁହାଯାଇ ପାରେନା । ଜୀବନର ପରିସମାପ୍ତି ପର୍ଯ୍ୟନ୍ତ ଯାହାର ମନ ଇସ୍ପାତ ଭଳି ଦୃଢ଼ ଥିଲ, ଜାତିକୁ ଜାଗ୍ରତ କରିବା ପାଇଁ ଉଦ୍ଦାମ ଯୌବନର ସ୍ଫୁରଣ ଯାହା ମନ ଭିତରେ ହେଉଥିଲା, ସେ କଣ ବୃଦ୍ଧ ? କିନ୍ତୁ ମୁଁ କହିବି—ସେ କୁଳବୃଦ୍ଧ ମହାରଥୀ ଭୀଷ୍ମଙ୍କ ସଦୃଶ ଏକ ସୁବିରାଟ ବ୍ୟକ୍ତିତ୍ୱବାନ ପୁରୁଷ । ସେହି କୁଳବୃଦ୍ଧ ଧନୁଶର ଉତ୍ତୋଳନ କଲେ ପୃଥିବୀରେ ପ୍ରକମ୍ପ ସୃଷ୍ଟି ହୁଏ ! ହାତରେ ଧନୁବାଣ ଥିଲେ ସେ ଅପରାଜେୟ । ମଧୁସୂଦନ ମଧ୍ୟ ଏ ଜାତିର ତଦ୍ରୂପ ଏକ ମହାନ୍ ଶସ୍ତ୍ରଧର ପୁରାଣପୁରୁଷ ।

ମଧୁବାବୁ ଜାତି ପ୍ରାଣରେ ଅଭିନବ ଜାଗରଣ ଆଣିଥିଲେ ବୋଲି କହିଲେ ଯଥେଷ୍ଟ ହେବନାହିଁ, ବେକାରଙ୍କୁ କର୍ମ ନିଯୁକ୍ତି ଦେବା ପାଇଁ ଉତ୍କଳ ଟାନେରୀ ଭଳି ଶିଳ୍ପ ସଂସ୍ଥା ସେ ପ୍ରତିଷ୍ଠା କରିଥିଲେ । ଜୀବନର ସମସ୍ତ ରୋଜଗାର ଏ ଜାତିକୁ ଦେଇ ଦେଇ ଶେଷରେ ସେ ଦେବାଳିଆ ହୋଇଥିଲେ । ଜୀବନ ଦୀପ ନିର୍ବାପିତ ହେଲା ବେଳକୁ ସେ ନିଃସ୍ୱ ହୋଇ ଯାଇଥିଲେ ! ଜାତିର ଏ ମହାନ୍ ସାରଥୀଙ୍କର ପଦପ୍ରାନ୍ତରେ ଆମେ ଆଜି ଆମର ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ ।

ରାଜ୍ୟ ପ୍ରତି ତାଙ୍କର ମହାନ୍ ନିର୍ଦ୍ଦେଶକୁ ମନେ ପକାଇ ଜାତି ପ୍ରାଣରେ ନୂତନ ଜାଗରଣ ଆଣି ତାକୁ ଏକ ସ୍ୱାଭିମାନୀ, ସଙ୍ଘବଦ୍ଧ ଓ ସମୃଦ୍ଧ ଜାତିରେ ପରିଣତ କରିବା ଆଜି ଆମର ଏହି ଜାଗରଣ ବର୍ଷ ପାଳନ କରିବାର ଉଦ୍ଦେଶ୍ୟ ।


SIEMENS
ସିମେନ୍ସ ମୋଟର ଭାଇ ପମ୍ପ ସେଟର ପ୍ରାଣ ।
ବିଜୁଳି ବିଭ୍ରାଟ ହେଲେ ବି ହୁଏନି ଲୋକସାନ ॥
ପମ୍ପସେଟର ସମସ୍ତ ଉପକରଣ ପାଇଁ—ସିମେନ୍ସ
ସିମେନ୍ସ ଇଣ୍ଡିଆ ଲି.
ବମ୍ବେ · କଲିକତା · ମାନ୍ଦ୍ରାଜ
ନୂଆ ଦିଲ୍ଲୀ · ଅହମଦାବାଦ
ବାଙ୍ଗାଲୋର · ହାଇଦରାବାଦ · ରାଞ୍ଚୀ



# ନବ ଉତ୍କଳର ନିର୍ମାତା

# ମଧୁସୂଦନ

ଶ୍ରୀ ବିଶ୍ୱନାଥ ଦାସ
(ଭୂତପୂର୍ବ ମୁଖ୍ୟମନ୍ତ୍ରୀ, ଓଡ଼ିଶା)

ଓଡ଼ିଶାର ନିର୍ମାତା ଭାବରେ ପୁଣ୍ୟପ୍ରାଣ ମଧୁସୂଦନ ଦାସ ଇତିହାସରେ ଏକ ସ୍ୱତନ୍ତ୍ର ଭୂମିକାରେ ପ୍ରତିଷ୍ଠିତ ରହିବେ । ମଧୁସୂଦନ ରାଜନୀତିର ରଙ୍ଗମଞ୍ଚରେ ପ୍ରବେଶ କରିବା ବେଳର ଓଡ଼ିଶା ଏବଂ ବର୍ତ୍ତମାନର ଓଡ଼ିଶା ମଧ୍ୟରେ ବହୁ ପାର୍ଥକ୍ୟ ରହିଛି । ଦୁଃଖକଷ୍ଟ ଯନ୍ତ୍ରଣା ଜର୍ଜରିତ ଓଡ଼ିଶା ସେତେବେଳେ ନିଜର ଭାଷା ଓ ସର୍ବୋପରି ନିଜସ୍ୱସତ୍ତା ହରାଇବାକୁ ବସିଥିଲା । ସେତେବେଳେ କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ପୃଷ୍ଠପୋଷକତାରେ ବଙ୍ଗ ପ୍ରଦେଶରେ ପ୍ରଚାରିତ ହେଉଥାଏ ଯେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ । ଏହା ବଙ୍ଗଳା ଭାଷାର ଉପଭାଷା ସଦୃଶ । ତେଣୁ ସ୍କୁଲ, କଲେଜ, କଚେରୀ ସର୍ବତ୍ର ଓଡ଼ିଆ ପରିବର୍ତ୍ତେ ବଙ୍ଗଳା ଭାଷାହିଁ ବ୍ୟବହୃତ ହେବା ଉଚିତ । ସ୍ୱାଧୀନତା ହରାଇବାରେ ସର୍ବଶେଷ ଜାତିରୂପେ ଓ ବ୍ରିଟିଶ ଶାସନ ଚକ୍ରରେ ନିଷ୍ପେଷିତ ସର୍ବପ୍ରଥମ ଜାତିରୂପେ ପରିଗଣିତ ଓଡ଼ିଶାବାସୀଙ୍କ ସ୍ୱାତନ୍ତ୍ର୍ୟ ରକ୍ଷାକରିବାପାଇଁ ଓଡ଼ିଆଭାଷା ଓ ସଂସ୍କୃତିକୁ ପୁନରୁଜ୍ଜୀବିତ କରିବାର ସଂକଳ୍ପ ନେଇ, ଫକୀର ମୋହନ ଓ ପ୍ୟାରୀମୋହନଆଦି ଯୁବକଙ୍କ ସହିତ ମଧୁସୂଦନ ରାଜନୀତିର ଚକ୍ରବାଳରେ ଦେଖାଦେଲେ । ଜୀବନର ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ ଭଗବାନ ଓ ଦେଶ ତାଙ୍କର ଏକମାତ୍ର ଚିନ୍ତାର ବିଷୟ ଥିଲା ।

ସୁରେନ୍ଦ୍ରନାଥ, ତିଳକ, ରାଣାଡ଼େ, ଅଯୋଧ୍ୟାନାଥ ଆଦିଙ୍କ ପରି ସେ ମଧ୍ୟ ନୂତନ ଓଡ଼ିଶାର ନିର୍ମାତା ଏବଂ ତାଙ୍କର ବଳିଷ୍ଠ ଅନୁପ୍ରେରଣାରେ ପୁଣ୍ୟସ୍ମୃତି ଗୋପବନ୍ଧୁ ଓ ଅଭିମନ୍ୟୁ ଭଞ୍ଜଙ୍କ ପରି ବହୁ ଯୁବକ "ଉତ୍କଳଜନନୀ"ଙ୍କ ସେବାପାଇଁ ଆତ୍ମୋତ୍ସର୍ଗ କରିଥିଲେ । ଭାରତୀୟ ପରିପ୍ରେକ୍ଷୀରେ ବିଶାଳ ଉତ୍କଳର ଯେ ଏକତାର ଆବଶ୍ୟକତା ରହିଛି, ଜଣେ ରାଜନୀତିଜ୍ଞ ଓ ଦେଶପ୍ରେମୀ ଭାବରେ ତାହା ସେ ଉତ୍ତମରୂପେ ହୃଦୟଙ୍ଗମ କରିପାରିଥିଲେ ଏବଂ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି, ପରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ପାଇଁ ଅଭିଯାନ ଆରମ୍ଭ କଲେ । ମୃତ୍ୟୁର ଅବ୍ୟବହିତ ପୂର୍ବରୁ ସେ ବିଗତ ତ୍ରିଶିବର୍ଷର କଠିନ ପରିଶ୍ରମର ଫଳ ପାଇବାର ସୌଭାଗ୍ୟ ଲାଭ କରିଥିଲେ । ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଓଡ଼ିଶାର ସମ୍ମାନରକ୍ଷା ତଥା ଆର୍ଥିକ ପ୍ରଗତି ନିମନ୍ତେ ଯେତେଗୁଡ଼ିଏ ଅନୁଷ୍ଠାନ ଗଢି ଉଠିଛି ସେମାନଙ୍କ ଇତିହାସର ପ୍ରତ୍ୟେକ ପୃଷ୍ଠା ମଧୁସୂଦନଙ୍କ ପ୍ରତ୍ୟକ୍ଷ ବା ପରୋକ୍ଷ ସାହାଯ୍ୟ, ସହଯୋଗ ଓ ସହାନୁଭୂତିରେ ଗୌରବମଣ୍ଡିତ ହୋଇ ରହିଛି । ଶିଳ୍ପ ପ୍ରତିଷ୍ଠା ଦିଗରେ ସେ ଥିଲେ ମହାଉତ୍ସାହୀ ସର୍ବପ୍ରଥମ ଉଦ୍ୟୋଗୀ ଏବଂ ସମଗ୍ର ଭାରତବର୍ଷରେ ଶକ୍ତିଶାଳୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଥିବା ତତ୍‌କାଳୀନ ପ୍ରଜାସଭା (କୃଷକମାନଙ୍କ ଏକ ସଂଗଠନ) ଆହ୍ୱାନ କରିବାରେ ସେ ହେଉଛନ୍ତି ପ୍ରଥମ । ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ଜଣେ କବିଙ୍କର କଳ୍ପନା ଶକ୍ତି, ଜଣେ ବାଗ୍ମୀପ୍ରବରଙ୍କର ବାଗ୍ମିତା, ଏବଂ ଜଣେ ବିଶିଷ୍ଟ ତର୍କବିଦ୍‌ଙ୍କର ବୁଦ୍ଧିଦୀପ୍ତ ଖର ଗ୍ରହଣଶୀଳତା, ସମନ୍ୱିତ ହୋଇ ରହିଥିଲା । ତାଙ୍କର ଦୀର୍ଘ ଗୌରବମୟ ଜୀବନ କାଳ ମଧ୍ୟରେ ତତ୍‌କାଳୀନ ଇଂପେରିଆଲ୍ କାଉନ୍‌ସିଲ, ପ୍ରାଦେଶିକ ବିଧାନସଭା ଏବଂ କେନ୍ଦ୍ର ବିଧାନସଭା ଆଦିରେ ସେ ଥିଲେ ଏହିପରି ଭାବେ ଜଣେ ସ୍ୱୟଂସିଦ୍ଧ ଶକ୍ତିର ବିଗ୍ରହ ।

ବ୍ରିଟିଶ ସାମ୍ରାଜ୍ୟବାଦର ସେ ଥିଲେ ତୀବ୍ର ସମାଲୋଚକ ଏବଂ ବ୍ରିଟିଶ ରାଜ୍ୟଗୋଷ୍ଠି ମଧ୍ୟରେ ରହି ଭାରତବର୍ଷରେ ସ୍ୱାୟତ୍ତଶାସନ ପ୍ରତିଷ୍ଠା ପାଇଁ ସେ ଖୁବ୍ ଆଗ୍ରହୀ ଥିଲେ । ଧର୍ମ ବିଶ୍ୱାସ ଦୃଷ୍ଟିରୁ ମଧୁସୂଦନ ଜଣେ ଖ୍ରୀଷ୍ଟିୟାନ୍ ଥିଲେ ଏବଂ କାର୍ଯ୍ୟକ୍ଷେତ୍ରରେ ଜଣେ ଉଦାର ଖ୍ରୀଷ୍ଟିୟାନ୍ ଭାବେ ସେ ନିଜ ବ୍ୟକ୍ତିତ୍ୱର ପରିଚୟ ଦେଉଥିଲେ ।

କ୍ଷମତା, ଅର୍ଥ ବା ଉପାଧି କଦାପି ତାଙ୍କୁ ଜୟ କରି ପାରିନାହିଁ । ସେ ହେଉଛନ୍ତି ଭାରତର କେତେକ ଗ୍ରାମ୍ୟ ମୂର୍ଦ୍ଧନ୍ୟ ଆଇନଜୀବୀମାନଙ୍କ ମଧ୍ୟରେ ଅନ୍ୟତମ, ଯେ କି

ଜୀବନ କାଳରେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନ କରି ମୃତ୍ୟୁ ବେଳକୁ କପର୍ଦ୍ଦକଶୂନ୍ୟ ହୋଇ ପଡ଼ିଥିଲେ ଏବଂ ସେ ନିଜ ଉପାର୍ଜନରେ ଶେଷ ପର୍ଯ୍ୟନ୍ତ ଚଳୁଥିଲେ । ସେ ଉପାର୍ଜନ କରୁଥିଲେ ଏବଂ ଜଣେ ରାଜପୁତ୍ର ପରି ବ୍ୟୟ ମଧ୍ୟ କରୁଥିଲେ । ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାରରେ ସେ ବିହାର-ଓଡ଼ିଶାର ଜଣେ ମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଥିଲେ । ସେହି ଉକ୍ତି ଭାରତର ଏକମାତ୍ର ଦୃଷ୍ଟାନ୍ତ, ଯେ କି ତାଙ୍କର ଉଚ୍ଚମମତା, ସର୍ବୋପରି ମାସିକ ପାଞ୍ଚହଜାର ଟଙ୍କାର ବେତନକୁ ଭ୍ରୁକ୍ଷେପ ନ କରି ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ । ତାର କାରଣ ସ୍ୱରୂପ ସେ କହୁଥିଲେ—ଗୋଟିଏ ସ୍ୱାୟତ୍ତଶାସନ ସଂସ୍ଥାର ଜଣେ ମନ୍ତ୍ରୀ ଭାବରେ ତାଙ୍କୁ ସ୍ଥାନୀୟ ବହୁ ସ୍ୱାୟତ୍ତ ଶାସିତ ସଂସ୍ଥାର ଅବୈତନିକ କର୍ମୀଙ୍କ ସଙ୍ଗେ କାରବାର କରିବାକୁ ପଡ଼ିବ । ସେ କ୍ଷେତ୍ରରେ ତାଙ୍କୁ ନିଜେ ଦରମା ନ ନେଇ ସ୍ୱେଚ୍ଛାରେ କାମ କରିବାର ସ୍ୱାଧୀନତା ମିଳିବା ଉଚିତ ।

ଆଜୀବନ ଉଦର ରୋଗରେ ପ୍ରପୀଡ଼ିତ ମଧୁସୂଦନ ସବୁବେଳେ ଆଡ଼ମ୍ବରପୂର୍ଣ୍ଣ ଭୋଜି ଦେବାରେ ଆମୋଦ ଅନୁଭବ କରୁଥିଲେ । ଭୋଜି ସଭାର ଆବାହକ ଭାବରେ ତାଙ୍କ ନିକଟରେ ଆତିଥ୍ୟ-ଦାକ୍ଷିଣ୍ୟ ଚମତ୍କାର ଭାବେ ପରିସ୍ଫୁଟ ହେଉଥିଲା । ପିଲାମାନଙ୍କୁ ସ୍ନେହ କରିବାରେ, ନାରୀମାନଙ୍କ ପ୍ରତି ସମ୍ବେଦନଶୀଳ ବ୍ୟବହାର ଦେଖାଇବାରେ ଯୁବସମାଜର ବଳିଷ୍ଠ ସମାଲୋଚକ ଭାବରେ, ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ତାଙ୍କ ରାଜ୍ୟରେ ଆଦର୍ଶ ହୋଇ ରହିଥିଲେ । "ମଧୁବାବୁ" ନାମରେ ସେ ଥିଲେ ଓଡ଼ିଶାର ଘରେ ଘରେ ସୁପରିଚିତ ।

ଏଭଳି ଜଣେ ବଳିଷ୍ଠ ଜନନାୟକଙ୍କର ଦୃଷ୍ଟାନ୍ତମୟ ଜୀବନରେ ଅନୁପ୍ରାଣିତ ହୋଇଥିବା ଅନ୍ୟମାନଙ୍କ ମଧ୍ୟରେ ଏହି ଲେଖକ ଅନ୍ୟତମ । ଦେଶସେବାରେ ନିଜକୁ ସର୍ବୋଚ୍ଚ ଭାବରେ ଉତ୍ସର୍ଗ କରିବା ପାଇଁ ସେ ଯେଉଁଦିନ ମତେ ଆହ୍ୱାନ କରିଥିଲେ, ସେ ଦିନଟି ମୋ ନିକଟରେ ସ୍ମରଣୀୟ ହୋଇ ରହିଛି । ଆଜି ମୁଁ ଯାହା ହୋଇ ପାରିଛି, ତାହା କେବଳ ଓଡ଼ିଶାର ଦୁଇଜଣ ବରେଣ୍ୟ ମନୀଷୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ଯୋଗୁ—ସେମାନେ ହେଉଛନ୍ତି ପୁଣ୍ୟସ୍ମୃତି ମଧୁସୂଦନ ଦାସ ଓ ଗୋପବନ୍ଧୁ ଦାସ ।

ଅନୁବାଦ—ଆପତାରା ଖାତୁନ୍ (ଲୁସି ପ୍ରିୟଦର୍ଶିନୀ)
ଦେବାନ୍ ବଜାର, କଟକ

## ଚଳନ୍ତ ଆର୍ଥିକ ବର୍ଷରେ ୫୭୧ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠିତ ହୋଇଛି

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ରାଜ୍ୟରେ ସମୁଦାୟ ୫୭୧ ଟି ନୂତନ କ୍ଷୁଦ୍ରଶିଳ୍ପ ସଂସ୍ଥା ପ୍ରତିଷ୍ଠିତ ହୋଇଛି । ଏଥିପାଇଁ ସର୍ବମୋଟ ୪ କୋଟି ୮୮ ଲକ୍ଷ ୬୨ ହଜାର ଟଙ୍କା ବିନିଯୋଗ କରାଯାଇଛି ଏବଂ ପ୍ରାୟ ୪ ହଜାର ଲୋକଙ୍କୁ କର୍ମନିଯୁକ୍ତି ଦିଆଯାଇଛି । ଫେବୃଆରୀ ଏବଂ ମାର୍ଚ୍ଚ ମାସ ମଧ୍ୟରେ ଆଉ ୩୫୫ ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବାକୁ ବିହିତ ପଦକ୍ଷେପ ନିଆଯାଇଛି ।

ଏହାକୁ (୫୭୧ ଟି ଶିଳ୍ପ ସଂସ୍ଥା) ମିଶାଇ ରାଜ୍ୟରେ କ୍ଷୁଦ୍ରଶିଳ୍ପ କାରଖାନାର ସର୍ବମୋଟ ସଂଖ୍ୟା ଜାନୁଆରୀ ଶେଷ ସୁଦ୍ଧା ୫ ହଜାର ୩୫୫ ହେଲା । ଏଥି ମଧ୍ୟରୁ ବାଲେଶ୍ୱର ଜିଲ୍ଲାରେ ୫୬୪ ବଲାଙ୍ଗିରରେ ୨୬୩, ଫୁଲବାଣୀରେ ୮୫, କଟକରେ ୮୩୦, ଢେଙ୍କାନାଳରେ ୨୬୯, ଗଞ୍ଜାମରେ ୫୬୧, କଳାହାଣ୍ଡିରେ ୨୧୧, କେନ୍ଦୁଝରରେ ୩୧୪, କୋରାପୁଟରେ ୫୧୧, ମୟୂରଭଞ୍ଜରେ ୨୪୮, ପୁରୀରେ ୩୩୪, ରାଉରକେଲାରେ ୩୮୪, ସମ୍ବଲପୁରରେ ୫୬୩ ଏବଂ ସୁନ୍ଦରଗଡରେ ୨୨୮ଟି ଶିଳ୍ପ ସଂସ୍ଥା ପ୍ରତିଷ୍ଠିତ ହୋଇଛି ।

ଏଗୁଡ଼ିକ ମଧ୍ୟରେ ରାସାୟନିକ ଶିଳ୍ପ, ଇଞ୍ଜିନିୟରିଂ ଓ ଧାତବ ଦ୍ରବ୍ୟ ତିଆରିକ ଶିଳ୍ପ, ବସ୍ତ୍ର ଶିଳ୍ପ, ବିଦ୍ୟୁତ୍ ସରଞ୍ଜାମ ଶିଳ୍ପ ଏବଂ କୃଷି ଓ ବନ୍ୟଜାତ ଦ୍ରବ୍ୟ ଭିତ୍ତିକ ଶିଳ୍ପ ଅନ୍ତର୍ଭୁକ୍ତ ।

# କୋଣାର୍କ ପରି ସେ ମହାନ୍ ଓ ଗୌରବମୟ

ଡକ୍ଟର ହରେକୃଷ୍ଣ ମହତାବ
ଭୂତପୂର୍ବ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମାନନୀୟ ମଧୁସୂଦନ ଦାସ, ସି. ଆଇ. ଇ ଙ୍କ ଜୀବନୀ ସହିତ ଉତ୍କଳ ସମ୍ମିଳନୀକୁ ଆଲୋଚନା ନକଲେ ସମ୍ମିଳନୀର ସମସ୍ତ ବିଷୟ ଜଣେ ଜାଣିପାରିବ ନାହିଁ । ମଧୁବାବୁ ସମ୍ମିଳନୀର ଜନ୍ମଦାତା ଓ ସେ ଯେପରି ଇଚ୍ଛା କରିଥିଲେ, ସମ୍ମିଳନୀକୁ ସେହିପରି ଭାବରେ ଗଢ଼ିଥିଲେ । ଉତ୍କଳ ସମ୍ମିଳନୀକୁ ମଧୁବାବୁଙ୍କ ସମ୍ମିଳନୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ସନ ୧୯୨୧ ସାଲ ପର୍ଯ୍ୟନ୍ତ ସେ ଓଡ଼ିଶାର ଅଦ୍ୱିତୀୟ ନେତାଥିଲେ । ସବୁଶ୍ରେଣୀର ଲୋକଙ୍କ ଉପରେ ତାଙ୍କର ପ୍ରତିପତ୍ତି ଥିଲା । ନେତା ହିସାବରେ ତାଙ୍କଠାରୁ ୨୦୦ ହାତ ଦୂରରେ ଛିଡ଼ା ହେବାଭଳି ଲୋକ ସେତେବେଳେ ନଥିଲେ । ତାଙ୍କର ବାଗ୍ମିତା ଓ ବିଚକ୍ଷଣ ବୁଦ୍ଧିଯୋଗୁ ସେ ଛାତ୍ର ସମାଜରେ ବଡ଼ ପ୍ରିୟ ଥିଲେ । ତାଙ୍କର ଅନେକ ସୁନ୍ଦର କଳ୍ପନା ଥିଲା । ସେ କଳ୍ପନାସବୁ କାମରେ ପରିଣତ କରିବା ପାଇଁ ସବୁ କ୍ଷତି ସ୍ୱୀକାର କରି ଚେଷ୍ଟା କରିଥିଲେ । ସ୍ୱଦେଶୀ ଆଡ଼କୁ ତାଙ୍କର ବଡ଼ ଝୁଙ୍କ୍ ଥିଲା । ତନ୍ତରେ ଲୁଗା ବୁଣିବା ପାଇଁ ସେ ଗୋଟିଏ କାରଖାନା କରିଥିଲେ । ସେ ସମୟରେ ଏହା ଏତେ ଜନପ୍ରିୟ ହୋଇ ପଡ଼ିଥିଲା ଯେ, ଯେ କୌଣସି ତନ୍ତବୁଣା ଲୁଗାକୁ ଲୋକେ ମଧୁବାବୁ ଲୁଗା ବୋଲି କହୁଥିଲେ । କଟକର ସୁବିଖ୍ୟାତ ସୁନା ରୂପା ତାରକସି କାମର ସେ ଗୋଟିଏ କାରଖାନା କରିଥିଲେ । ଏସବୁ ଅନୁଷ୍ଠାନ ପଛରେ ଯଥେଷ୍ଟ ଉତ୍ସାହ ଥିଲେ ମଧ୍ୟ ବ୍ୟବସାୟ ବୁଦ୍ଧି ନଥିବାରୁ ସବୁ କେତୋଟା ବର୍ଷ ମଧ୍ୟରେ ବନ୍ଦ ହୋଇଗଲା । କୃଷକମାନଙ୍କ ଉନ୍ନତି ପାଇଁ ମଧୁବାବୁ ଏକ କୃଷକ ସମିତି ସ୍ଥାପନ କରିଥିଲେ । ମାତ୍ର ଏହା ବନ୍ଦ ହୋଇଗଲା । ସେ କଟକରେ ଏକ ଅଭିନବ ଯୋତା କାରଖାନା କରାଇଥିଲେ । ଏ କାରଖାନାର ସୁନାମ ଅନେକ ୟୁରୋପୀୟ କାରଖାନା ପକ୍ଷରେ ଈର୍ଷାର ବିଷୟ ହୋଇଥିଲା । ୧୯୨୫ ସାଲରେ ମହାତ୍ମା ଗାନ୍ଧୀ ଏ ଅନୁଷ୍ଠାନ ପରିଦର୍ଶନ କରିବା ପାଇଁ ଆସିଥିଲେ । ବର୍ତ୍ତମାନ ଏହା ନିଲାମ ହୋଇ ଯାଇଛି । ବ୍ୟବସାୟ ବା ଅନୁଷ୍ଠାନ ଏପରି କିଛି ନାହିଁ, ଯେଉଁଥିରେ ମଧୁବାବୁ ହାତ ଦେଇନଥିଲେ ଓ ଯେଉଁଥିରେ ସେ ସଫଳକାମ ହୋଇଛନ୍ତି । ତାଙ୍କ ଜୀବନୀ ଲେଖା ହେଲେ ଅତି କୌତୂହଳମୟ ଓ ଶିକ୍ଷାପ୍ରଦ ହେବ । ସେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିଥିଲେ ଓ ଲକ୍ଷ ଲକ୍ଷ ଟଙ୍କା ଖରଚ କରି ଦେଇଥିଲେ । ତାର ହିସାବ ସେ ରଖୁନଥିଲେ । ସେ ସାଧାରଣ କାର୍ଯ୍ୟରେ ବହୁତ ଖର୍ଚ୍ଚ କରୁଥିଲେ । ସାଧାରଣଙ୍କୁ ଶିକ୍ଷା ଦେବା ଭଳି ବ୍ୟବସାୟରେ ସେ ମଧ୍ୟ ବହୁତ ଖର୍ଚ୍ଚ କରୁଥିଲେ ।

**କୋଣାର୍କ ମନ୍ଦିର ପରି ସେ ମୃତ୍ୟୁପରେ ବି ମହାନ୍ ଓ ଗୌରବମୟ ହୋଇ ରହିଛନ୍ତି ।**

ଦଶବର୍ଷ ଊଣା ଶହେବର୍ଷରେ ସେ ୧୯୩୪ ମସିହାରେ ଚାଲିଗଲେ ଓ ତାଙ୍କର ଜୀବନ ସହିତ ୧୯୨୧ ସାଲ ପୂର୍ବର ଓଡ଼ିଶାର ସାଧାରଣ ଜୀବନ ସଂଶ୍ଲିଷ୍ଟ ।

(କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର ପ୍ରକାଶିତ "ଦଶବର୍ଷର ଓଡ଼ିଶା" ପୁସ୍ତକରୁ ଗୃହୀତ)

ଏକାମ୍ର ନିବାସ
ଭୁବନେଶ୍ୱର-୨

## ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଦୃଷ୍ଟିରେ:

# ମଧୁସୂଦନ

ଅନୁବାଦ—**ଶ୍ରୀମତୀ ଅର୍ଚ୍ଚନା ନାୟକ**

ଶ୍ୟାମାପ୍ରସାଦ ଥିଲେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଯୋଗ୍ୟତମ ପୁତ୍ର ଓ ଏହି ଶତାବ୍ଦୀର ଜଣେ ବିଶିଷ୍ଟ ଭାରତୀୟ ନେତା । ସେ ଥିଲେ ଜଣେ ଦୃଢ଼ ବ୍ୟକ୍ତିତ୍ୱ ସଂପନ୍ନ ଦେଶସେବୀ, ରାଜନୀତିଜ୍ଞ, ବାଗ୍ମୀ ଓ ମନୀଷୀ । କଲିକତା ବିଶ୍ୱବିଦ୍ୟାଳୟର କୁଳପତିଭାବେ ଏବଂ ପାର୍ଲାମେଣ୍ଟର ଜଣେ ସୁଦକ୍ଷ ସଭ୍ୟଭାବେ ସେ ଦେଶସାରା ସୁପରିଚିତ । ତାଙ୍କର ପ୍ରତିଭାଧର ଦେଶପ୍ରେମୀ ପିତା ସାର୍ ଆଶୁତୋଷ ମୁଖାର୍ଜୀ ଥିଲେ ଆମ ଜାତୀୟ ଗୌରବ ମଧୁବାରିଷ୍ଟରଙ୍କର ଅତି ପ୍ରିୟ ଶିଷ୍ୟ । ଶ୍ୟାମାପ୍ରସାଦ ତାଙ୍କର ସ୍ମୃତି ଚାରଣକରି ମଧୁସୂଦନଙ୍କ ଉପରେ ଯାହା ଲେଖିଥିଲି—ତାହା ଏଠାରେ ପ୍ରଦତ୍ତ ହେଲା ।

—ସଂପାଦକ—

ଆଜକୁ ପ୍ରାୟ ପଚିଶ ବର୍ଷ ତଳେ ମତେ ଯେତେବେଳେ ୧୧ ବର୍ଷ ବୟସ ମଧୁସୂଦନ ଦାସଙ୍କ ସହିତ ମୋର ପ୍ରଥମ ପରିଚୟ ଘଟିଥିଲା । ଶ୍ରୀଯୁକ୍ତ ଦାସ ମୋର ବାପା ସାର୍ ଆଶୁତୋଷ ମୁଖାର୍ଜୀଙ୍କୁ ଭେଟିବା ପାଇଁ କଲିକତା ଆସିଥିଲେ । ସେ ହୁଏତ ଏହାପୂର୍ବରୁ ଅନେକ ଥର ଆମଘରକୁ ଆସିଥିବେ କିନ୍ତୁ ଏହି ଥରକର ଘଟଣା ମୋର ମନେ ରହିଯାଇଛି । ଗଭୀର ଶାଣିତ ଦୃଷ୍ଟି ସଂପନ୍ନ ଓ ଶକ୍ତିର ଅପୂରନ୍ତ ଉତ୍ସ ପରି ମନେ-ହେଉଥିବା ଜଣେ ଶୀର୍ଣ୍ଣକାୟ ବୟସ୍କ ଭଦ୍ରଲୋକଙ୍କ ପ୍ରତି ମୋର ବାପାଙ୍କର ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ ମତେ ବିସ୍ମିତ କରିଥିଲା । ଏହି ସାକ୍ଷାତକାର ସରିଯିବା-ପରେ ମୁଁ ଦେଖିଲି ବାପା ତାଙ୍କର ଫାଇଲ୍, ବହି ଓ କାଗଜପତ୍ର ଇତସ୍ତତ ଜମା ହୋଇଥିବା ପଢ଼ାଘରୁ ଅତିଥିଙ୍କୁ ବିଦାୟ ଦେବା ପାଇଁ ତଳକୁ ଓହ୍ଲାଇ ଗଲେ । ତା'ପରେ ସେ ଫେରିଆସି ତାଙ୍କର କାମରେ ମନଦେଲେ । କିନ୍ତୁ ସେ ଫେରି ଆସିବା ବେଳେ ଏକ ସଙ୍ଗରେ କର୍ତ୍ତବ୍ୟ ସଂପାଦନ କରିବା ଓ ଆନନ୍ଦ ଲାଭ କରିଥିବାର ସନ୍ତୋଷ ତାଙ୍କ ମୁହଁରେ ଯେ ପ୍ରକାଶିତ ହେଉଥିଲା ତାହା ଯେ କୌଣସି ବ୍ୟକ୍ତି ଲକ୍ଷ୍ୟ କରି ବୁଝିପାରିଥାନ୍ତା । ସେ ମୋର କୌତୁହଳ ଲକ୍ଷ୍ୟ କରିପାରିଲେ । ବାସ୍ତବିକ ସେ ଭଦ୍ରଲୋକଙ୍କର ପରିଚୟ ଜାଣିବା ପାଇଁ ମୁଁ ଅତ୍ୟନ୍ତ ବ୍ୟଗ୍ରଥିଲି । ବାପା କହିଲେ,"ତୁମେ ତାଙ୍କୁ ଜାଣ ନାହିଁକି ? ସେ ହେଉଛନ୍ତି ମୋର ଗୁରୁ, ଓଡ଼ିଶାର ବିଶିଷ୍ଟ ବ୍ୟକ୍ତି ଶ୍ରୀ ମଧୁସୂଦନ ଦାସ ।" ତେଣୁ ଶ୍ରୀ ଦାସଙ୍କ ସଂପର୍କରେ ମୂଳରୁ ମୋର ଧାରଣା ଅତି ଉତ୍ତମ ଥିଲା । ସେ ଥିଲେ ମୋ ବାପାଙ୍କର ସମ୍ମାନିତ ଗୁରୁ ଏବଂ ଯେଉଁ ବାପାକି ସମସ୍ତ ଦୃଷ୍ଟିକୋଣରୁ ମୋର ଆଦର୍ଶ-ସ୍ଥାନୀୟ ଥିଲେ ।

ସମୟକ୍ରମରେ ଆମ ପରିବାର ଓ ମଧୁସୂଦନଙ୍କ ମଧ୍ୟରେ ଥିବା ନିବିଡ଼ ଆତ୍ମୀୟତାର କଥା ମୁଁ ଜାଣିବାକୁ ପାଇଲି । ଅନେକ ସମୟରେ ବାପା ତାଙ୍କର ଗୁରୁ ଶ୍ରୀ ଦାସଙ୍କ ସହିତ ତାଙ୍କର ସଂପର୍କ ବିଷୟ ବଡ଼ ଆନନ୍ଦ, ସମ୍ମାନ ଓ କୃତଜ୍ଞତା ସହକାରେ ବର୍ଣ୍ଣନା କରିଥାନ୍ତି । ସେ କୁହନ୍ତି "ଶ୍ରୀ ଦାସ ଯେ କେବଳ ମତେ ଇଂରାଜୀ ଶିକ୍ଷା ଦେଇଥିଲେ ତା'ନୁହେଁ, ମଣିଷର ଦୁଇଟି ବିଶିଷ୍ଟ-

ଦୃଢ଼ ଚରିତ୍ର ଓ ସ୍ୱାଧୀନତାବୋଧ ପ୍ରତି ସମ୍ମାନ ଦେଖାଇବାକୁ ମଧ୍ୟ ଉତ୍ସାହିତ କରିଥିଲେ ।" ଏହାହିଁ ଥିଲା ଶ୍ରୀ ଦାସଙ୍କ ଶକ୍ତିଶାଳୀ ବ୍ୟକ୍ତିତ୍ୱ । ଏଇ ଦୁଇଜଣ ବିରାଟ ବ୍ୟକ୍ତିଙ୍କ ମଧ୍ୟରେ ଥିବା ବୁଝାମଣା ଏତେ ଅକୃତ୍ରିମ ଥିଲା ଯେ ବହୁ ବର୍ଷ ପରେ ଓ ବହୁ ପରିବର୍ତ୍ତିତ ପରିସ୍ଥିତିରେ ମଧ୍ୟ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଥିବା ମଧୁର ସଂପର୍କ ସାମାନ୍ୟ ମ୍ଳାନ ହୋଇନଥିଲା ।

ଶେଷଥର ପାଇଁ ମୁଁ ବାପାଙ୍କୁ କଲିକତାରେ ୧୯୨୪ ମସିହା ମଇ ୧୭ ତାରିଖ ଦିନ ଦେଖିଥିଲି । ତା'ର ଠିକ୍ ଆଠଦିନ ପରେ ପାଟନାଠାରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଲା । ମୋ' ବାପାଙ୍କର ଶେଷ-ସ୍ମୃତି ସହ ମଧୁସୂଦନ ଦାସ ଘନିଷ୍ଠ ଭାବରେ ଜଡ଼ିତ । ମୁଁ ସିମଳା ଯିବା ପାଇଁ ଘରୁ ଷ୍ଟେସନ ବାହାରି ଥାଏ । ଶ୍ରୀ ଦାସ ବାପାଙ୍କ ପାଖକୁ ଆସିଥାନ୍ତି ଓ ସେ ଦୁଇଜଣ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଗଭୀର ଭାବରେ ଆଲୋଚନା କରୁଥାନ୍ତି । ମୁଁ ଯିବା ପୂର୍ବରୁ ବାପାଙ୍କ ପାଦଧୂଳି ନେବା ପାଇଁ ସେ ଘରେ ପ୍ରବେଶ କଲି । ଶ୍ରୀ ଦାସ ସ୍ମିତହାସ୍ୟସହକାରେ ଆମ ବାପପୁଅ ଦୁହିଁଙ୍କୁ ଲକ୍ଷ୍ୟ କରୁଥାନ୍ତି । ସେ ଚୁପକରି ବାପାଙ୍କୁ କହିଲେ, "ଆଶୁ, ମୁଁ ଭାବୁଛି ତୁମେ ବରଂ ପୁଅକୁ ବିଦାୟ ଦେବାକୁ ଷ୍ଟେସନକୁ ଗଲେ ଭଲ ହେବ । ଆମେ କାଲି ଆଲୋଚନା କରିବା ।" ମୁଁ ବହୁତ ଖୁସି ହୋଇଗଲି । ଯାହାହେଉ ଶ୍ରୀ ଦାସଙ୍କ ଦୟାରୁ ବାପାଙ୍କ ସହିତ ଦେଢ଼ଘଣ୍ଟା ସମୟ କଟାଇବାର ସୁଯୋଗ ପାଇଲି । ମୋର ଠିକ୍ ମନେ ଅଛି—କେତେ ଆନ୍ତରିକତାର ସହିତ ବାପା ବିଭିନ୍ନ ବିଷୟରେ କଥାବାର୍ତ୍ତା କରୁଥିଲେ ଏବଂ ତାଙ୍କ ଭବିଷ୍ୟତ କାର୍ଯ୍ୟ ପନ୍ଥାର ଆଲୋଚନା କଲାବେଳେ ତାଙ୍କ ଭିତରେ କେତେ ଆତ୍ମବିଶ୍ୱାସ ଥିଲା । ସାର୍ ସି. ଭି. ରମଣ ଓ ମୁଁ ଏକାଠି ସିମିଳା ଯାଉଥିଲୁ । ସେତେବେଳେ କିଏ ବା ସ୍ୱପ୍ନରେ ଭାବିଥିଲା ପ୍ଲାଟଫର୍ମରେ ଠିଆହୋଇ ଆମକୁ ବିଦାୟ ଜଣାଇ ହାତ ହଲାଉଥିବା ପ୍ରାଣ ପ୍ରାଚୁର୍ଯ୍ୟରେ ପରିପୂର୍ଣ୍ଣ ମୋର ବାପାଙ୍କୁ ମୁଁ ଶେଷଥର ପାଇଁ ଦେଖୁଛି ।

ଗୋଟିଏ କଥା ମୋର ମନେ ଅଛି ବାପା ଯେତେବେଳେ ମିଷ୍ଟର ଦାସଙ୍କୁ ସଂବୋଧନ କରି ଚିଠି ଲେଖନ୍ତି ସେ କେବେବି 'ପ୍ରିୟ ଶ୍ରୀଦାସ' ବୋଲି ଲେଖନ୍ତି ନାହିଁ, ସେ ଲେଖନ୍ତି 'ପ୍ରିୟ ମହାଶୟ' ଏବଂ ଶେଷରେ 'ଆପଣଙ୍କର ସ୍ନେହାଧୀନ' ଲେଖି ଚିଠି ଶେଷ କରନ୍ତି । ପାଶ୍ଚାତ୍ୟ ଦେଶର ଲୋକମାନଙ୍କୁ ଏସବୁ ଅର୍ଥହୀନ ମନେ ହୋଇ ପାରେ କିନ୍ତୁ ଭାରତୀୟମାନେ ଏଥିରୁ ଗୋଟିଏ ଶିଷ୍ୟର ତା'ର ପୂର୍ବତନ ଗୁରୁଙ୍କ ପ୍ରତିଥିବା ସ୍ୱତଃସ୍ଫୁର୍ତ୍ତ ଗଭୀର ଅନୁରାଗ ଓ ସମ୍ମାନବୋଧର ପରିଚୟ ପାଇପାରନ୍ତି । ମୋର ବାପାଙ୍କୁ ପ୍ରଥମେ ଦେଖିଲେ କେତେକ ଲୋକଙ୍କର ମନେ ହୁଏ—ସେ ବଡ଼ ଉଗ୍ର ଓ ରୁକ୍ଷ ପ୍ରକୃତି ସଂପନ୍ନ ହୋଇଥିବେ, କିନ୍ତୁ ବହୁତ ଲୋକ ଜାଣନ୍ତି ତାଙ୍କର ହୃଦୟ କେତେ ମାନବିକ କୋମଳ ଭାବରେ ପରିପୂର୍ଣ୍ଣ ଥିଲା । ଜୀବନରେ ସେ ଅନେକ ଘାତ ଓ ଅଘାତସ୍ତରରୁ ଆକ୍ରମଣ ଓ ବିରୋଧର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ କ୍ୱଚିତ୍ ସେ ନିଜର ଅସୁବିଧା ଓ ଦୁଃଖର କଥା ଅନ୍ୟମାନଙ୍କ ନିକଟରେ ପ୍ରକାଶ କରୁଥିଲେ । ଯେଉଁ କେତେଜଣଙ୍କ ନିକଟରେ ସେ ନିଜର ହୃଦୟ ଖୋଲିକରି କହି ପାରୁଥିଲେ, ସେମାନଙ୍କ ମଧ୍ୟରେ ମଧୁସୂଦନ ଥିଲେ ଅନ୍ୟତମ । ତାଙ୍କ ଜୀବନର ପରବର୍ତ୍ତୀ କାଳରେ ମୁଁ ତାଙ୍କର ବହୁ ଚିଠି ଟାଇପ୍ କରିଛି । ଯେଉଁ ଚିଠିଗୁଡ଼ିକରେ ଶିଷ୍ୟ ତାଙ୍କର ପୂର୍ବତନ ଗୁରୁଙ୍କ ପାଖକୁ ବହୁ ବ୍ୟକ୍ତି ଓ ବହୁ ଘଟଣା ପ୍ରସଙ୍ଗରେ ଲେଖିଥିଲେ ଓ ନିଜର ସ୍ପଷ୍ଟ ମନ୍ତବ୍ୟମାନ ପ୍ରକାଶ କରିଥିଲେ । ଶ୍ରୀ ଦାସଙ୍କ ନିକଟରୁ ଖୁବ୍ ଶୀଘ୍ର ଉତ୍ତର ଆସୁଥିଲା । ଖୁବ୍ ପାଖାପାଖି ଲେଖା ହୋଇଥିବା ଦୀର୍ଘ ପତ୍ର ଗୁଡ଼ିକ କିନ୍ତୁ ପଢ଼ିବାରେ କୌଣସି ଅସୁବିଧା ହେଉନଥିଲା— କାରଣ ଦାସଙ୍କର ହସ୍ତାକ୍ଷର ଥିଲା ଅତିସ୍ୱଚ୍ଛ ଓ ସ୍ୱତନ୍ତ୍ର । ମୋ ବାପାଙ୍କ ଚିଠିରେ ଲେଖା ଥିବା ବହୁ ସମସ୍ୟା ବିଷୟରେ ସେମାନେ ଅନାସକ୍ତ ରହି ଆଲୋଚନା କରୁଥିଲେ ଏବଂ ବେଳେ ବେଳେ ଶ୍ରୀ ଦାସଙ୍କ ବ୍ୟକ୍ତିଗତ ଅସୁବିଧା କଥା ମଧ୍ୟ ଆଲୋଚିତ ହେଉଥିଲା । ଆଶାବାଦୀ ମଧୁସୂଦନଙ୍କ ଚିଠିରେ ମୁଖ୍ୟତଃ ଆଶା, ବିଶ୍ୱାସ ଓ ସାହସ ହିଁ ପ୍ରକାଶ ପାଉଥିଲା ।

୧୯୨୩ ମସିହାରେ ବାପା ତାଙ୍କ ଜୀବନର ଏକ ନିହାତି ଅଶାନ୍ତିମୟ ଅବସ୍ଥାଭିତରେ ଗତି କରୁଥାନ୍ତି । ଘରେ ଏପରି ଏକ ଦୁଃଖଦାୟକ ଘଟଣା ଘଟିଥାଏ, ଯାହାକି ତାଙ୍କୁ ମରଣାନ୍ତକ ଯନ୍ତ୍ରଣା ଦେଉଥାଏ ଏବଂ ବାହାରେ ସେ ଏପରି ଏକ ଗଭୀର ଷଡ଼ଯନ୍ତ୍ରର ଶରବ୍ୟ ହୋଇଥାନ୍ତି, ଯେଉଁଥିରେ କି ପ୍ରତିମୁହୂର୍ତ୍ତରେ ତାଙ୍କର ପ୍ରିୟ ବିଶ୍ୱବିଦ୍ୟାଳୟ ଧ୍ୱଂସ ହୋଇଯିବାର ଆଶଙ୍କା ପ୍ରକାଶ ପାଉଥାଏ । ଶ୍ରୀ ଦାସଙ୍କୁ ଏକଥା ସେ ନ ଜଣେଇଥିଲେ ମଧ୍ୟ ମଧୁସୂଦନ ଠିକ୍ ବୁଝି ପାରିଥିଲେ ବର୍ତ୍ତମାନର ପରିସ୍ଥିତିରେ ଶିଷ୍ୟ ନିକଟରେ ତାଙ୍କର ଉପସ୍ଥିତି ଏକାନ୍ତ ଆବଶ୍ୟକ । ସେ କଲିକତା ଚାଲିଆସିଲେ ଓ ବାପାଙ୍କ ସହିତ ଘଣ୍ଟା ଘଣ୍ଟା ସମୟ କଟାଇଥିଲେ । ସେସବୁ ସାକ୍ଷାତକାର ଗୁଡ଼ିକରେ ସେମାନଙ୍କ ମଧ୍ୟରେ କି ପ୍ରକାର ଭାବର ଆଦାନ ପ୍ରଦାନ ହେଉଥିଲା ତାହା ଠିକ୍ କରି କେହି ନ କହିପାରିଲେ ମଧ୍ୟ ସେମାନେ ଯେ ପରସ୍ପର ଠାରୁ ସର୍ବୋତ୍ତମ ଭାବଟି ଗ୍ରହଣ କରୁଥିଲେ, ଏଥିରେ ସନ୍ଦେହ ନାହିଁ । ଏହାହିଁ ସେମାନଙ୍କ ମଧ୍ୟରେ ଥିବା ଶ୍ରଦ୍ଧା, ସୌହାର୍ଦ୍ଦ୍ୟ ଓ ବୁଝାମଣାକୁ ଅଧିକ ଦୃଢ଼ ଓ ଗଭୀର କରିପାରୁଥିଲା । ଶ୍ରୀ ଦାସଙ୍କର ଅନେକ ଚିଠି ଭିତରୁ ମୁଖ୍ୟ ଦୁଇଟି ଗୁଣ ପ୍ରକାଶ ପାଉଥିଲା, ଗୋଟିଏ ହେଲା ସେ କୌଣସି ପ୍ରତିକୂଳ ଅବସ୍ଥାର କବଳିତ ନହୋଇ ତା' ବିରୁଦ୍ଧରେ ସଂଗ୍ରାମ କରିବାକୁ ଦୃଢ଼-ପ୍ରତିଜ୍ଞ ଥିଲେ ଏବଂ ଅନ୍ୟଟି ହେଲା ଭଗବତ କରୁଣା ଉପରେ ତାଙ୍କର ଅବିଚଳିତ ବିଶ୍ୱାସ । ଯେଉଁଥି ପାଇଁ ସେ ଜାଣିଥିଲେ ଦୁଃଖ କେବେ ବି ଦୀର୍ଘସ୍ଥାୟୀ ହେବ ନାହିଁ ।

ଶ୍ରୀ ଦାସଙ୍କର ଅନ୍ତରଙ୍ଗ ଜୀବନ ଚରିତ କେବଳ ଓଡ଼ିଶାରେ ନୁହେଁ, ଭାରତର ସମସ୍ତ ଅଞ୍ଚଳରେ ଆଗ୍ରହ ସହକାରେ ପଢ଼ାଯିବା ଉଚିତ । ତାଙ୍କର ଜୀବନଚର୍ଯ୍ୟା ଏହାହିଁ ପ୍ରମାଣ କରିବ ଯେ ଜଣେ ବ୍ୟକ୍ତି କିପରି ଦୂରଦର୍ଶୀ ରାଜନୀତିଜ୍ଞ ଭାବେ ବଳିଷ୍ଠ ଆତ୍ମ ପ୍ରତ୍ୟୟ, ଶକ୍ତି ଓ ସାହସ ନେଇ ନିଜ ପ୍ରଦେଶର ମାନ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ଜାତି ପାଇଁ ଏକ ଆଶା ଓ ସମୃଦ୍ଧିର ନୂତନ ଯୁଗ ସୃଷ୍ଟି କରି ପାରିଥିଲେ । ସେ ଯଥାର୍ଥରେ ନୂତନ ଓଡ଼ିଶାର ନିର୍ମାଣ କର୍ତ୍ତା । ଓଡ଼ିଶାର ଲୋକମାନେ ଚିରକାଳ ତାଙ୍କ ନାମ ଶ୍ରଦ୍ଧା ଓ ସମ୍ମାନର ସହ ସ୍ମରଣ କରୁଥିବେ । କିନ୍ତୁ ଶ୍ରୀ ଦାସ ଥିଲେ ପ୍ରଥମତଃ ଜଣେ ଶକ୍ତିଶାଳୀ ଭାରତୀୟ ଜାତୀୟବାଦୀ ନେତା । ତେଣୁ ପ୍ରତ୍ୟେକ ଭାରତୀୟ ଯୁବକ ପାଇଁ ତାଙ୍କ ଜୀବନୀ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ । ମଣ୍ଟେଗୁ-ଚେମ୍ସ ଫୋର୍ଡ ସଂସ୍କାର ଗ୍ଭଳନାରେ ବିହାର ଓ ଓଡ଼ିଶାର ମନ୍ତ୍ରୀଭାବେ ତାଙ୍କର ସୀମିତ କାର୍ଯ୍ୟକାଳ ମଧ୍ୟରେ ସେ ଦୃଢ଼ ଜାତୀୟତା, ଶାସନ ପରିଗ୍ଭଳନାରେ ଦକ୍ଷତା ଏବଂ ନିଜ ପ୍ରଦେଶକୁ ସର୍ବଭାରତୀୟ ସ୍ତରକୁ ଉନ୍ନୀତ କରିବାରେ ନିଜର ଗଠନମୂଳକ କାର୍ଯ୍ୟନିପୁଣତାର ଯଥେଷ୍ଟ ପ୍ରମାଣ ଦେଇ ପାରିଥିଲେ । ଏ ସମସ୍ତ ସେ ସଫଳତାର ସହ କରିଥିଲେ ଏବଂ ଜାତି ପାଇଁ ସେ ବହୁତ କିଛି କରିଥିଲେ । ସେ ତାଙ୍କର ସମସ୍ତ କର୍ତ୍ତବ୍ୟ ନିର୍ଭୀକତା ସହକାରେ [illegible] ନିଜର ନୀତି ଓ ଆଦର୍ଶ ସଂପର୍କରେ ଥିଲେ ଅତି ନିଷ୍ଠାପର ଏବଂ ସେ କେବେବି ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ନିଜର ଆତ୍ମ ସମ୍ମାନ ତ୍ୟାଗ କରି ନାହାନ୍ତି । ସରକାରୀ କାର୍ଯ୍ୟାଳୟ ସହ ତାଙ୍କର ଆଦାନ ପ୍ରଦାନ ହୋଇଥିବା କେତେକ ଚିଠିରୁ ତାଙ୍କର ସ୍ୱାଧୀନ ଚିନ୍ତାଧାରା ଓ ଦୃଢ଼ ପ୍ରତ୍ୟୟର ପରିଚୟ ମିଳିଥାଏ । ସେଗୁଡ଼ିକରେ କେତେକ ଗୁରୁତ୍ୱପୂର୍ଣ୍ଣ ସାଂବିଧାନିକ ବିଷୟ ଆଲୋଚିତ ହୋଇଥିଲା ଏବଂ ସେ ସମସ୍ତ ବର୍ତ୍ତମାନ ଯେକୌଣସି ରାଜନୈତିକ ମତବାଦୀ ଭାରତୀୟ ପାଠକରି ଉପକୃତ ହୋଇ ପାରିବେ । ସମାଜସେବୀ ଭାବରେ ବା ଶିକ୍ଷା ଓ ଶିଳ୍ପର ବିକାଶ ସାଧନର ପୃଷ୍ଠପୋଷକ ଭାବରେ କିମ୍ବା ରାଜନୈତିକ ଅଧିକାର ଓ ସୁବିଧାର ସଂରକ୍ଷକ ଭାବରେ ସେ କେବେବି ଏପରି କୌଣସି ପନ୍ଥା ଅବଲମ୍ବନ କରୁନଥିଲେ ଯାହାକୁ ତାଙ୍କର ବିପକ୍ଷ ଦଳ ଦୋଷଯୁକ୍ତ ଓ ଅନୁପଯୁକ୍ତ କହିବାର ସୁଯୋଗ ପାଇ ପାରିବେ । ଶ୍ରୀ ଦାସ ଥିଲେ ଈଶ୍ୱର ବିଶ୍ୱାସୀ, ଯେ କି ସତ୍ୟ ଓ ସଦାଗ୍ଭରର ପଥ ପରିତ୍ୟାଗ କରିବା କଳ୍ପନାରେ ମଧ୍ୟ ଭାବି ପାରି ନଥିଲେ । ଏହି ନିଃସ୍ୱାର୍ଥପର, ସାଧୁ ଓ ସାହସୀ ଜନନାୟକଙ୍କର ଜୀବନଚର୍ଯ୍ୟା ଭାରତକୁ ତାର ପୂର୍ବ ନିର୍ଦ୍ଧାରିତ ଗୌରବମୟ, ସମୃଦ୍ଧିମୟ ଏବଂ ମୁକ୍ତିର ପଥରେ ପରିଗ୍ଭଳିତ କରୁ ।


ଅଧ୍ୟାପିକା
ଶୈଳବାଳା ମହିଳା କଲେଜ,
କଟକ


## କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀଙ୍କ ପାଇଁ ଆର୍ଥିକ ସାହାଯ୍ୟ

### ୨୪କୋଟି ୪୭ ଲକ୍ଷ ଟଙ୍କା ଋଣ ଦିଆଯାଇଛି

ବିଭିନ୍ନ ସମବାୟ ସଂସ୍ଥା ଓ ବ୍ୟବସାୟିକ ବ୍ୟାଙ୍କଗୁଡ଼ିକ ପକ୍ଷରୁ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀ ଏବଂ କୃଷି ଶ୍ରମିକମାନଙ୍କୁ ସ୍ୱଳ୍ପ, ମଧ୍ୟମ ଓ ଦୀର୍ଘ ମିଆଦୀ ଋଣ ସୂତ୍ରରେ ୨୪ କୋଟି ୪୭ ଲକ୍ଷ ଟଙ୍କା ଦିଆଯାଇଥିବା ଜଣାଯାଇଛି ।

କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀ ଏବଂ କୃଷି ଶ୍ରମିକ ସଂସ୍ଥାଗୁଡ଼ିକ ଜରିଆରେ ଏ ପର୍ଯ୍ୟନ୍ତ ୬ ଲକ୍ଷ ୩୩ ହଜାର କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀ ଏବଂ କୃଷି ଶ୍ରମିକଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ମଧ୍ୟରୁ ୪ ଲକ୍ଷ ୪୭ ହଜାର ଜଣଙ୍କୁ ସମବାୟ ପରିସରଭୁକ୍ତ କରାଯାଇଛି । ଏମାନଙ୍କ ମଧ୍ୟରୁ ଢେଙ୍କାନାଳର ୮୭ ହଜାର, ବଲାଙ୍ଗିରର ୧୫ ହଜାର, ଗଞ୍ଜାମର ୧ ଲକ୍ଷ ୯୦ ହଜାର, କଟକର ୬୫ ହଜାର, କେନ୍ଦୁଝରର ୪୧ ହଜାର, ପୁରୀର ୬୩ ହଜାର ଓ ସମ୍ବଲପୁର ଜିଲାର ୯୦ ହଜାର କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀ ଏବଂ କୃଷି ଶ୍ରମିକ ଅନ୍ତର୍ଭୁକ୍ତ । ଏମାନଙ୍କ ଅର୍ଥନୈତିକ ବିକାଶ ପାଇଁ ଏହି ସଂସ୍ଥାଗୁଡ଼ିକ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ନିମନ୍ତେ ମୂଳରୁ ଏ ପର୍ଯ୍ୟନ୍ତ ମିଳିଥିବା ୧୦ କୋଟି ୧୫ ଲକ୍ଷ ୫୩ ହଜାର ଟଙ୍କା ମଧ୍ୟରୁ ସର୍ବମୋଟ ୯ କୋଟି ୩୦ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟ କରାଯାଇଛି । ଏ ପର୍ଯ୍ୟନ୍ତ ୮୫ ହଜାର ୫୭୩ ଟି ସେଚ ଓ ନଳକୂପ, ୧ ହଜାର ୭୧୧ ଟି ମୋଟର ଗ୍ଭଳିତ ପମ୍ପ ସେଟ୍, ୩ ହଜାର ୮୫୯ ଟି ଦୁହାଁଳୀ ଗାଈ, ୧୦ ହଜାର ଛେଳି ଓ ମେଣ୍ଢା, ୪୩୧ ଟି ହିଡ଼ା ଏମାନଙ୍କୁ ଯୋଗାଇଦେବା ସଙ୍ଗେ ସଙ୍ଗେ ୧୧ ହଜାର ୭୨୭ ଟି ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇଛି । ଏହା ଫଳରେ ୧ ଲକ୍ଷ ୭୪ ହଜାର ଜଣ କ୍ଷୁଦ୍ର ଓ ନାମମାତ୍ର ଗ୍ଭଷୀ ଏବଂ କୃଷି ଶ୍ରମିକ ଉପକୃତ ହୋଇଥିବା ଜଣାଯାଇଛି ।

# ଗୋଲାପ ଓ ପିଂକଦାନୀ



ଶ୍ରୀ ସୁରେନ୍ଦ୍ର ମହାନ୍ତି

ମଧୁସୂଦନଙ୍କ 'ଷ୍ଟଡି' ଏକ ମାର୍ଜିତ ଅଭିଜାତ ପରିବେଶ । ଟେବୁଲ୍ ଉପରେ ଗୋଟିଏ ପିତଳ ପିକଦାନୀ, ସକାଳେ ତା' ଦେହରେ ମାଳୀ ରଖିଦେଇଗଲା ସଜଫୁଟା ଗୋଲାପର ଗୋଟିଏ ସ୍ତବକ ! ମଧୁସୂଦନ ସେତେବେଳେ ପର୍ଯ୍ୟନ୍ତ 'ଷ୍ଟଡି'କୁ ଆସିନଥିଲେ । ତାଙ୍କର ଜଣେ ଅନୁଗତ ଏ କାଣ୍ଡ ଦେଖି ବିସ୍ମୟରେ ହତବାକ୍ । ମାଳୀଟା ପାଗଳ ହୋଇଗଲା ନାଁ କଣ ? ପିଙ୍କଦାନୀରେ ଗୋଲାପ ! ମାଳୀକୁ ସେଇ କଥାଟି ପଚାରିବାରୁ ସେ ଅସହାୟ ଭାବରେ ମୁଣ୍ଡ ହଲାଇ କହିଲା.............'ସେଇ ପିଙ୍କଦାନୀ ତ ତାଙ୍କ ଫୁଲଦାନୀ' ।

ମଧୁସୂଦନ ନିୟମିତ ସମୟରେ 'ଷ୍ଟଡି' ଭିତରକୁ ଆସିଲେ । ବଶମ୍ବଦ ଜଣକ ପଚାରିଲେ—'ପିଙ୍କଦାନୀରେ ମାଳୀ ଏ ସୁନ୍ଦର ଫୁଲଗୁଡ଼ିକୁ ରଖିଲା କିପରି ?

ମଧୁସୂଦନ ସ୍ମିତହସି ଉତ୍ତର ଦେଲେ—ଓଡିଆରେ ଯାହା ପିକଦାନୀ, ୟୁରୋପର ବଜାରରେ ସେ ସବୁ ଅତ୍ୟନ୍ତ ମୂଲ୍ୟବାନ୍ ଫୁଲଦାନୀ । ଓଡିଆ ଜାତି 'ଫୁଲଦାନୀକୁ ପିଙ୍କଦାନୀ କରେ, ସେଇ ହେଲା ଦୁର୍ଭାଗ୍ୟ' ।

ମଧୁସୂଦନଙ୍କ ଜଣେ ସମସାମୟିକ, କୁଳବୃଦ୍ଧ କବି ବାଳକୃଷ୍ଣ ପଟ୍ଟନାୟକଙ୍କ ଠାରୁ ଏହା ଶୁଣାକଥା । ଏପର୍ଯ୍ୟନ୍ତ ସେ ମଧୁସୂଦନଙ୍କ ସେଇ ପିଙ୍କଦାନୀଟିକୁ ସାଇତି ରଖିଛନ୍ତି ।

ଅସାଧାରଣର ସ୍ପର୍ଶ ତୁଚ୍ଛକୁ ମହନୀୟ କରେ ; ବ୍ୟକ୍ତି ଜୀବନକୁ ଶତ ତୁଚ୍ଛତାର ଧୂଳିଶଯ୍ୟାରୁ ଉଦ୍‌ଗତ କରି, ସେଥିରେ ବୃହତର ଅଭିମାନବିକତାର ସଙ୍କେତ ଦିଏ । ତାହାହିଁ ନେତୃତ୍ୱ । ତାହାର ପ୍ରଭାବ ଆମ୍ଭମାନଙ୍କ ରାଜନୈତିକ ଜୀବନରେ କେବଳ ସୀମିତ ନଥାଏ । ବୁଦ୍ଧ ଓ ଖ୍ରୀଷ୍ଟଙ୍କଠାରୁ ରାମକୃଷ୍ଣ ପରମହଂସ ଓ ଗାନ୍ଧୀଙ୍କ ପର୍ଯ୍ୟନ୍ତ ସେହିପରି ବହୁ ନେତୃତ୍ୱର ସାଧନାରେ ସାର୍ବଜନୀନ ମନୁଷ୍ୟର ଇତିହାସ ଧନ୍ୟ ହୋଇଛି ।

ମଧୁସୂଦନଙ୍କ ଦୃଷ୍ଟିକୋଣରେ ସେହିପରି ଅସାଧାରଣତ୍ୱର ଦ୍ୟୋତନା ରହିଥିଲା ।

ଇତିହାସହୀନ ଅସଂଖ୍ୟ ପଥଚାରୀ ଜନତାର ପଦଚିହ୍ନଲାଞ୍ଛିତ ଶଗଡ଼ଗୁଳାରେ ଧାଇଁବାକୁ ଆଜିର ଗଣତାନ୍ତ୍ରିକ ରାଜନୀତିରେ ସଫଳ ନେତୃତ୍ୱ ବୋଲି କୁହାଯାଉଛି । ଏଥିରେ ଯିଏ ଯେତେ ଧୂରନ୍ଧର, ତାଙ୍କ ନେତୃତ୍ୱ ସେତିକି ବିଚକ୍ଷଣ ବୋଲି ଗୋଟେ ଧାରଣା କ୍ରମେ ପ୍ରତିଷ୍ଠିତ ହେବାରେ ଲାଗିଛି । ପରିଣାମରେ ଆଜିର ନେତୃତ୍ୱ ଭୋଟଧରା କୌଶଳରେ ପରିଣତ ହୋଇଛି । ଏହାର ପ୍ରତିଷ୍ଠା, ଦାକ୍ଷିଣ୍ୟ-ଲିପ୍ସୁ ଅନୁଗ୍ରହପ୍ରାର୍ଥୀ ଅସଂଖ୍ୟ ଜନତାର 'ବାହାବା ହୁହାଟ' ରେ ଏହାର ପରିପୁଷ୍ଟି ମୁଖଲଜ୍ୟାବିହୀନ ନିର୍ଲଜ୍ଜ ଆତ୍ମ ପ୍ରଶଂସାରେ !

ଏଦୃଷ୍ଟିରୁ ମଧୁସୂଦନ ନେତା ନଥିଲେ । ସାମାନ୍ୟ ମୁନିସିପାଲଟି ନିର୍ବାଚନରେ ସେ ଆଜି ପ୍ରତିଯୋଗିତା କରିଥିଲେ, ଅମାନତ ସୁଦ୍ଧା ରଖିପାରିଥାନ୍ତେ କି ନାହିଁ ସନ୍ଦେହ ! କାରଣ ତଥାକଥିତ ବିଦୂଷକତା ତାଙ୍କଠାରେ ନଥିଲା କିମ୍ବା ଆଖିରୁ ଲୁହଗଡ଼ାଇ, ଜନତାର ସହଜ ସହାନୁଭୂତି ଆକର୍ଷଣ କରିବା, ତାଙ୍କ ବଳିଷ୍ଠ ଆତ୍ମପ୍ରତ୍ୟୟ ର ଘୋର ବିରୋଧୀ

ଥିଲ । ଦୁଃଖଦୁର୍ବିପାକ ମଧ୍ୟରେ କାନ୍ଦିବା ନୁହେଁ ; ହସିବା ଓ ହସାଇବା, ପୁଣି ଅନମନୀୟ ଆତ୍ମନିର୍ଭରଶୀଳତାରେ ଗନ୍ତବ୍ୟପଥରେ ଏକ ନୈରାଶ୍ୟବାଦୀ ଜନତାକୁ ଆଗେଇନେବାହିଁ ଯଥାର୍ଥ ନେତୃତ୍ୱ । ଏ ସମାଜ, ପରିବେଷ୍ଟନୀ ଓ ପରିସ୍ଥିତି ଏପରି ବିଡ଼ମ୍ବିତ ଯେ କାନ୍ଦିବାଟା ଏଠାରେ ଅତି ସାଧାରଣ, ସହଜ ବ୍ୟାପାର । ନେତୃତ୍ୱ ପାଇଁ ତାହାର କୌଣସି ପ୍ରୟୋଜନ ନାହିଁ !

ମଧୁସୂଦନ ପ୍ରଚଳିତ ଅର୍ଥରେ ଲୋକପ୍ରିୟ ନଥିଲେ କିମ୍ବା ତାଙ୍କ ନେତୃତ୍ୱ ସହଜ ଓ ସାଧାରଣ ନଥିଲା । ତାଙ୍କର ବ୍ୟକ୍ତିତ୍ୱ ଯେପରି ଥିଲା ଅସାଧାରଣ, ନେତୃତ୍ୱ ମଧ୍ୟ ସେହିପରି ଥିଲା ମୌଳିକ ଓ ଆତ୍ମ ପ୍ରତ୍ୟୟସଂପନ୍ନ ; ଆଜି ସାହିତ୍ୟ-ଠାରୁ ରାଜନୀତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସହଜ ଲୋକପ୍ରିୟତା ଏକମାତ୍ର ଧ୍ୟେୟ ଅଭିମୁଖ୍ୟରେ ପରିଣତ ହୋଇ ପଡ଼ିଥିବା ବେଳେ, ମଧୁସୂଦନଙ୍କ ବ୍ୟକ୍ତିତ୍ୱପରି ଶାଳ ପ୍ରାଂଶୁ ଊର୍ଦ୍ଧ୍ୱସ୍ୱକ ବ୍ୟକ୍ତିତ୍ୱ ଓ ନେତୃତ୍ୱର ଅଭାବ ଓଡ଼ିଶାରେ ସକଳ କ୍ଷେତ୍ରରେ ଅନୁଭୂତ ହେଉଅଛି ।

ସାମ୍ପ୍ରତିକ ପରିସ୍ଥିତିରେ ନେତୃତ୍ୱ ସହିତ ମନୀଷାର ଅବଶ୍ୟ କୌଣସି ସଂପର୍କ ନାହିଁ । ଗଣତାନ୍ତ୍ରିକ ରାଜନୀତି ଆଜି ଅଧାପଢ଼ୁଆ ମାନଙ୍କ ପାଇଁ ଉଦ୍ଦିଷ୍ଟ ହୋଇ ପଡ଼ିଥିବାରୁ ଅଧାପଢ଼ୁଆମାନଙ୍କ ଦ୍ୱାରା ହିଁ ତାହା ପରିଚାଳିତ ହେଉଅଛି । ଏଥିରେ ମନୀଷା ଓ ପ୍ରତିଭା ପୁଣି ଉନ୍ନତ ରୁଚି ଓ ମୂଲ୍ୟବୋଧ ନିତାନ୍ତ ଅସ୍ଥାନିକ ବୋଲି ଗୋଟିଏ ମାରାତ୍ମକ ଧାରଣା କ୍ରମେ ପ୍ରୋତ୍ସାହିତ ଓ ପ୍ରବର୍ଦ୍ଧିତ ହେବାରେ ଲାଗିଲଣି । ବସ୍ତୁତଃ ଗଣତନ୍ତ୍ରର ଭୋଟଧରା ରାଜନୀତିରେ 'ଇଣ୍ଟେଲେକ୍-ଚୁଆଲ୍' ଏକ ନିର୍ଘାତ ଗାଳିରେ ପରିଣତ ହୋଇପଡ଼ିଲଣି । ମଧୁସୂଦନ କିନ୍ତୁ ଅସାଧାରଣ ବ୍ୟକ୍ତି-ମୌଳିକତା ସଂପନ୍ନ, ମନୀଷାଦୀପ୍ତ 'ଇଣ୍ଟେଲେକ୍‌ଚୁଆଲ୍' ଥିଲେ ।

ଆମମାନଙ୍କ ଜାତୀୟଜୀବନରେ ସେ ଏକ ପୌରୁଷଦୀପ୍ତ କିନ୍ତୁ ନିଃସଙ୍ଗ ଜୟସ୍ତମ୍ଭ । ଆଜି ତାଙ୍କର ସ୍ମୃତି ତର୍ପଣ କଲାବେଳେ ମଧୁସୂଦନଙ୍କ ବ୍ୟକ୍ତିତ୍ୱର ସେହିସବୁ ଆଭିମୁଖ୍ୟ ଆମମାନଙ୍କ ମନନ ଓ ଚିନ୍ତନରେ ପ୍ରତିଭାତ ହେବା ଆବଶ୍ୟକ । ଓଡ଼ିଆର ପିକଦାନୀକୁ ଫୁଲଦାନୀରେ ପରିଣତ କରିବାର ନେତୃତ୍ୱ ଆଜି ଆମମାନଙ୍କ ଜାତୀୟ ଜୀବନର ସକଳ କ୍ଷେତ୍ରରେ ଏକାନ୍ତ ଆବଶ୍ୟକ । ଯେପରି ନେତୃତ୍ୱ ଅଭାବରୁ ଫୁଲଦାନୀ ପିକଦାନୀରେ ପରିଣତ ହେଉଅଛି—କୋଣାର୍କ ବା ରାଜାରାଣୀ ମନ୍ଦିରର ପରିତ୍ୟକ୍ତ ଶିଳା ପ୍ରାଚୀର ପ୍ରଣୟୀ ଓ ପ୍ରଣୟିନୀ ଯୁଗଳଙ୍କ ଉତ୍କଟ ମିଳନର ଯନ୍ତ୍ରଚିହ୍ନିତ ବିଜ୍ଞାପନୀ ପଟରୂପେ ବ୍ୟବହୃତ ହେବାପରି ।

ନିଜକୁ ଯେତେଭାବରେ ଅପ୍ରିୟ ବା ଅନ୍‌ପପୁଲର୍ କରାଯାଇପାରେ, ମଧୁସୂଦନ ଅତ୍ୟନ୍ତ ନିଷ୍ଠା ଓ ଅଧ୍ୟବସାୟ ସହିତ ସେ ସବୁ ଅନୁଶୀଳନ କରିଥିଲେ । ଉତ୍କଟ ଓଡ଼ିଆ-ଜାତୀୟତାର ଯୁଗରେ ସେ ଘରେ ଓ ବହୁବେଳେ ବାହାରେ ବଙ୍ଗଭାଷାରେ କଥାବାର୍ତ୍ତା କରୁଥିଲେ । ଅଥଚ ତାଙ୍କପରି ମର୍ମସ୍ପର୍ଶୀ ନିରୋଳ ଓଡ଼ିଆରେ ଆଉ କେହି ସେପରି ସମ୍ବେଦନଶୀଳ କବିତା ଚଳିତ ଶତାବ୍ଦୀ ଆରମ୍ଭରେ ରଚନା କରି ନାହାନ୍ତି ।

ମାଆ ମାଆ ବୋଲି କେତେ ମୁଁ ଖୋଜିଲି
ମାଆକୁ ପାଇଲି ନାହିଁ
ଭାଇ ଭାଇ ବୋଲି ଯେତେ ମୁଁ ଡାକିଲି
ନଦେଲେ ଉତ୍ତର କେହି !

ଖୋଜିଲି ଅରଣ୍ୟେ ଜନସମାଜରେ
ଖୋଜିଲି ବାରିଧି ତଟ
ସର୍ବତ୍ର ଦେଖିଲି ମାତା ପଦଚିହ୍ନ
ନହେଲା ମାତାର ଭେଟ ।

ଭୁବନେଶ୍ୱରରେ ପଦଚିହ୍ନ ପରେ
ଲେଖାଅଛି ରାଜାରାଣୀ
ନୀଳାଚଳ ଧାମେ ପୂଜା ପାଉଅଛି
ହିନ୍ଦୁଜାତି ମଥାମଣି ।

ତାଙ୍କର କଥାକଥାକେ ପୁଣି ଓଡ଼ିଆ ଗ୍ରାମ୍ୟ ଜୀବନର ଢଗଢମାଳୀ—"ହାଲ୍ ଗଲ ହୁଆଲ୍ ଗଲ—ମୁଖରୁ ଗଲ ନାଲି" । ଅଥବା କେବେ ଭାଗବତରୁ ପଦେ—"ମନ ମୋହର ନିକଟରୁ, ଉଦ୍ଧବ କେତେ ତୁ ପଚାରୁ ?"

ଓଡିଆ ଭାଷାର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟପ୍ରୀତି ମଧୁସୂଦନଙ୍କ ଗଭୀର ମମତ୍ୱ-ବୋଧ ହେତୁ, ସେ ବଙ୍ଗ ଭାଷାରେ କଥାବାର୍ତ୍ତା କରି, ଅଥବା ବଙ୍ଗୀୟ ମାନଙ୍କ ସହିତ ଘନିଷ୍ଠ ସଂପର୍କ ରଖି ସୁଦ୍ଧା ପ୍ରତ୍ୟେକ ଓଡିଆର ମାନସ ପ୍ରତିମାରେ ପରିଣତ ହୋଇଥିଲେ । ମଧୁସୂଦନ ପୁଣି ହିନ୍ଦୁ ଓଡିଶାରେ ନିଜକୁ ଅପାଙ୍କ୍ତେୟ କରିବାର ବାଟ ସଫା କରି ଖ୍ରୀଷ୍ଟିଆନ୍ ହୋଇଥିଲେ । ଅଥଚ ହିନ୍ଦୁଜଗତର ମରକତମଣି ଜଗନ୍ନାଥ ଓ ତାଙ୍କର ସେବକରାଜା ରୂପେ ପୁରୀ ମହାରାଜାଙ୍କ ମାନରକ୍ଷା କିମ୍ବା କଟକରେ ଗୋବଧ ନିବାରଣ ପାଇଁ ତାଙ୍କର ଅକୁତୋଭୟ ଅଦମନୀୟ ଉଦ୍ୟମ ହେତୁ ହିନ୍ଦୁସନାତନୀ ମାନେ ସୁଦ୍ଧା ତାଙ୍କ ପ୍ରତି ଆନୁଗତ୍ୟକୁ ପରମ ଶ୍ଳାଘାର ସହିତ ବିବେଚନା କରୁଥିଲେ । ମଧୁସୂଦନଙ୍କ ଦୃଷ୍ଟିରେ ଧର୍ମ ବା ଧର୍ମାଗ୍ରହରେ ମତାନ୍ଧତା ନଥିଲା । ୧୯୧୫ ଖ୍ରୀଷ୍ଟାବ୍ଦରେ ଆଲ୍ଲାହାବାଦଠାରେ ଅନୁଷ୍ଠିତ, ନିଖିଳ ଭାରତ ଖ୍ରୀଷ୍ଟିଆନ୍ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସଭାପତିରୂପେ ସେ ଯେଉଁ ଅଭିଭାଷଣ ଦେଇଥିଲେ, ସେଥିରେ ଖ୍ରୀଷ୍ଟଧର୍ମ ପ୍ରତି ତାଙ୍କ ଅନୁରକ୍ତିର କାରଣ ସୂଚିତ କରି ସେ କହିଥିଲେ ଯେ ଖ୍ରୀଷ୍ଟଧର୍ମର ସେହି ମହାନ୍ ଉକ୍ତି—(“ପିତଃ ! ସେମାନଙ୍କୁ କ୍ଷମା କର । କାରଣ ସେମାନେ କଣ କରୁଛନ୍ତି, ତାହା ସେମାନେ ଜାଣନ୍ତି ନାହିଁ”) ତାଙ୍କୁ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟ କରିଥିଲା । ଏହା କିନ୍ତୁ କୌଣସି ଧାର୍ମିକ ସଂପ୍ରଦାୟର ପ୍ରାର୍ଥନାବାଣୀ ନୁହେଁ । ପ୍ରକୃତ ପକ୍ଷରେ ଏହା ଉଦାର ମାନବିକତାର କଲ୍ୟାଣଧର୍ମୀ ଇଙ୍ଗିତ । କିନ୍ତୁ ଖ୍ରୀଷ୍ଟିଆନ୍ ଚର୍ଚ୍ଚ ସହିତ ସେ ଯେପରି ନିଜର ସଂପର୍କ ଛିନ୍ନ କଲେ, ତାର କାହାଣୀଟି ମଧ୍ୟ ଅତ୍ୟନ୍ତ କୌତୂହଳପ୍ରଦ । ଅଧ୍ୟାପକ ଜଗନ୍ନାଥ ମହାନ୍ତି ତାହା ଲିପିବଦ୍ଧ କରିଛନ୍ତି । ଆଦ୍ୟଯୌବନରେ କଲିକତାରେ ଥିଲାବେଳେ ମଧୁସୂଦନ ନିୟମିତ ଭାବରେ ଗୋଟିଏ ଗୀର୍ଜାକୁ ଯାଉଥିଲେ । ଥରେ ସେହି ଗୀର୍ଜାର ଜଣେ ଭକ୍ତ ମଦ ପିଇ ମାତାଲାମୀ କରିବା ଅପରାଧରେ ଗୀର୍ଜାର ପାଦ୍ରୀମଣ୍ଡଳୀଙ୍କ ଦ୍ୱାରା ବିଚାରର ସମ୍ମୁଖୀନ ହୋଇଥିଲେ । ବିଚାରରେ ତାଙ୍କୁ ଅପରାଧୀରୂପେ ସାବ୍ୟସ୍ତ କରାଯିବାରୁ ସେ ସେହି ଗୀର୍ଜାରୁ ବିତାଡିତ ହୋଇଥିଲେ । ମଦ୍ୟପର ବିଚାର ଚାଲିଥିଲା ବେଳେ ମଧୁସୂଦନ ସେଠାରେ ଉପସ୍ଥିତ ଥିଲେ । ଏହି ବିଚାରର ପ୍ରତିବାଦ କରି ସେ କହିଥିଲେ—ଯେଉଁ ବିଚାରକ ମଣ୍ଡଳୀ ଏହି ମଦ୍ୟପଟିର ବିଚାର କରୁଅଛନ୍ତି, ସେମାନଙ୍କ ମଧ୍ୟରେ ସୁଦ୍ଧା ବହୁ ମଦ୍ୟପ ଅଛନ୍ତି । ଧର୍ମାନୁଷ୍ଠାନର କର୍ତ୍ତବ୍ୟ ହେଲା—ଏହାର ଅନ୍ତେବାସୀ ମାନଙ୍କୁ ଆଧ୍ୟାତ୍ମିକ ଶାନ୍ତି ଓ ସାନ୍ତ୍ୱନା ପ୍ରଦାନ କରିବା । ଏକ ବିଚାରାଳୟ ପରି ଶାସ୍ତିପ୍ରଦାନ କରିବା ନୁହେଁ । ମଧୁସୂଦନ ସେହିଦିନୁ ଆଉ କୌଣସି ଗୋଷ୍ଠୀର ଗୀର୍ଜାରେ ଯୋଗ ଦେଇନଥିଲେ ।

ଏହିପରି ଭାବରେ ମଧୁସୂଦନ ନିଜକୁ ଜନସାଧାରଣରେ ଯେତେ ଅପ୍ରିୟ କରିବାକୁ ଚେଷ୍ଟା କଲେ ସୁଦ୍ଧା, ତାଙ୍କ ବ୍ୟକ୍ତିତ୍ୱର ମୌଳିକତା ଓ ଚରିତ୍ର-ନିଷ୍ଠା ଧର୍ମ, ଭାଷା, ଗୋଷ୍ଠୀ ନିର୍ବିଶେଷରେ ପ୍ରତ୍ୟେକ କ୍ଷେତ୍ରରେ ତାଙ୍କୁ ଏକ ମହାନ୍ ନେତୃତ୍ୱର ପଦବୀରେ ଅଧିଷ୍ଠିତ କରି ରଖିଥିଲା । ତାଙ୍କର ଐନ୍ଦ୍ରଜାଲିକ ସ୍ପର୍ଶରେ ଓଡିଆର ପ୍ରତିଟି ପିକଦାନୀ ଫୁଲଦାନୀରେ ରୂପାନ୍ତରିତ ହୋଇ ଯାଇଥିଲା ।

ସଭାପତି,
ମଧୁସ୍ମୃତି, ଓଡିଶା

## ଚଳିତ ବର୍ଷ ୧,୧୬୧ କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠିତ ହେବ

ଚଳିତ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସର୍ବମୋଟ ୧,୧୬୧ ଟି କ୍ଷୁଦ୍ରଶିଳ୍ପ ପ୍ରତିଷ୍ଠା କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଏହି ଶିଳ୍ପ କାରଖାନାଗୁଡ଼ିକ ପାଇଁ ବିଭିନ୍ନ ଶିଳ୍ପାଞ୍ଚଳରେ ୩୬୦ ଟି କାରଖାନା ଗୃହ ଆବଶ୍ୟକ ହେବ ଏବଂ ଏଗୁଡ଼ିକରେ ୧୧ ହଜାରରୁ ଅଧିକ ବ୍ୟକ୍ତି ବିଭିନ୍ନ କର୍ମନିଯୁକ୍ତି ପାଇପାରିବେ । ଏହିସବୁ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ମୂଳଧନ ବାବଦରେ ସର୍ବମୋଟ ୧୪ କୋଟି ୩ ଲକ୍ଷ ୨୦ ହଜାର ଟଙ୍କା ବିନିଯୋଗ କରାଯିବ ।

ଏଗୁଡ଼ିକ ମଧ୍ୟରୁ ପୁରୀ ଜିଲ୍ଲାରେ—୧୦୪, ବଲାଙ୍ଗିରରେ—୬୦, ସମ୍ବଲପୁରରେ—୧୧୬, କଟକରେ—୧୩୪, ମୟୂରଭଞ୍ଜରେ—୫୦, ଢେଙ୍କାନାଳରେ—୧୩୩, ସୁନ୍ଦରଗଡ଼ରେ—୨୭, ରାଉରକେଲାରେ—୫୦, କେନ୍ଦୁଝରରେ—୬୦, ବାଲେଶ୍ୱରରେ—୮୩, ଫୁଲବାଣୀରେ—୩୧, ଗଞ୍ଜାମରେ—୧୧୮, କଳାହାଣ୍ଡିରେ—୫୦, ଏବଂ କୋରାପୁଟ ଜିଲ୍ଲାରେ ୮୫ ଶିଳ୍ପ ପ୍ରତିଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ।

## ଓଡ଼ିଶାର

# ଜଣେ ଯୁଗନ୍ଧର ପୁରୁଷ

**ଶ୍ରୀ ସଚ୍ଚିଦାନନ୍ଦ ସିହ୍ନା**

ଡାକ୍ତର ସଚ୍ଚିଦାନନ୍ଦ ସିହ୍ନା ଥିଲେ ପାଟଣା ବିଶ୍ୱବିଦ୍ୟାଳୟର ଏକଦା କୁଳପତି ଏବଂ ଭାରତର ଜଣେ ବିଶିଷ୍ଟ ମନୀଷୀ । ମଧୁସୂଦନ ଦାସଙ୍କ ସଂପର୍କରେ ତାଙ୍କର ଏହି ମନ୍ତବ୍ୟରୁ ମିଃ ଦାସଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ଦେଖିବା ସଙ୍ଗେ ସଙ୍ଗେ ଆମେ ଶ୍ରୀ ସିହ୍ନାଙ୍କର ମଧ୍ୟ ଅପୂର୍ବ ଗୁଣଗ୍ରାହିତାର ପରିଚୟ ପାଉଥାଉ ।

—ସଂପାଦକ—

୧୯୩୪ ମସିହାରେ ମଧୁସୂଦନ ଦାସଙ୍କ ପରଲୋକ ହେବା ଫଳରେ ଓଡ଼ିଶାର ଏକ ଉତ୍କୃଷ୍ଟ ବ୍ୟକ୍ତିତ୍ୱ ଅପସାରିତ ହୋଇଗଲା । ୧୮୪୮ ମସିହାରେ ଜନ୍ମଗ୍ରହଣକରି ୮୬ ବର୍ଷର ପରିଣତ ବୟସରେ ପରଲୋକ ଗମନ କରିଥିବା ଏହି ବ୍ୟକ୍ତି ନିଃସନ୍ଦେହରେ ଅଧୁନାତନ ଯୁଗରେ ଶ୍ରେଷ୍ଠତମ ଓଡ଼ିଆ ଥିଲେ ଏବଂ ଯଥାର୍ଥରେ ତାଙ୍କୁ ବହୁକାଳ ଧରି ଓଡ଼ିଶାର "ପ୍ରବୃଦ୍ଧ ଜନନାୟକ" (grand oldman) ବୋଲି କୁହାଯାଉଥିଲା । ସେ ଜଣେ ନୈଷ୍ଠିକ ଖ୍ରୀଷ୍ଟିଆନ ଥିଲେ ବି ସବୁ ଶ୍ରେଣୀ ଓ ସଂପ୍ରଦାୟର ଓଡ଼ିଆ ମାନଙ୍କର ଆସ୍ଥା ଓ ସମ୍ମାନ ଲାଭ କରିବା ପାଇଁ ସମର୍ଥ ହୋଇଥିଲେ । ଓଡ଼ିଶାର ବଡ଼ ବଡ଼ ଜମିଦାର ଓ ରାଜାମାନଙ୍କର ସେ ଥିଲେ ବିଶ୍ୱସ୍ତ, ପରାମର୍ଶଦାତା ଓ ବନ୍ଧୁ । ଓଡ଼ିଶାରେ ଶିଳ୍ପ ଓ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭାବରେ ତାଙ୍କର ଲୋକହିତକର କାର୍ଯ୍ୟପାଇଁ ସେ ଏହା ଲାଭ କରିଥିଲେ । ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଗଠନ କରିବା ପାଇଁ ଆନ୍ଦୋଳନକୁ ସେ ଉତ୍ସାହ ଓ ଉଦ୍ଦୀପନା ସହିତ ନେତୃତ୍ୱ ଦେଇଥିଲେ । ସମ୍ମାନର ତୁଙ୍ଗ ଶିଖରରେ ତାଙ୍କର ପରଲୋକ ହୋଇ ଯାଇଛି । ମୃତ୍ୟୁର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଆପଣା ହୃଦୟର ବାସନାକୁ ଚରିତାର୍ଥ କରିବା ପାଇଁ କାର୍ଯ୍ୟକରି ଯାଇଛନ୍ତି । ବଙ୍ଗଳା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ ସେ ସ୍ୱରିଥର ଓଡ଼ିଶାର ପ୍ରତିନିଧିତ୍ୱ କରିଛନ୍ତି । ୧୯୧୩ ମସିହାରେ ସେ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ଦ୍ୱାରା ଇମ୍ପେରିଆଲ୍ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ନିର୍ବାଚିତ ହୋଇଥିଲେ । ପରେ ସେ ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌କୁ ନିର୍ବାଚିତ ହୋଇ ସ୍ୱାୟତ୍ତ ଶାସନ ବିଭାଗର ମନ୍ତ୍ରୀ ହୋଇଥିଲେ । ମନ୍ତ୍ରୀ ଥିବା ସମୟରେ ସ୍ୱାୟତ୍ତ ଶାସନ କ୍ଷେତ୍ରରେ ଦୁଇଟି ଉଦାର ଆଇନ ପ୍ରଣୟନ ତାଙ୍କର ଉଲ୍ଲେଖଯୋଗ୍ୟ କାର୍ଯ୍ୟମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

ମୁଁ ମଧୁସୂଦନ ଦାସଙ୍କୁ ବହୁଦିନରୁ ଭଲଭାବରେ ଜାଣେ । ଉଭୟ ସାଧାରଣ କ୍ଷେତ୍ରରେ କାର୍ଯ୍ୟକଲାବେଳେ ଏବଂ ବିହାର ଓଡ଼ିଶା ମନ୍ତ୍ରୀମଣ୍ଡଳରେ ଜଣେ ସହକର୍ମୀ ଭାବରେ ମୋର ତାଙ୍କ ସହିତ ପରିଚୟ । ସେ ମନ୍ତ୍ରୀ ଥିଲାବେଳେ ମୁଁ ଅର୍ଥ ମନ୍ତ୍ରୀ ଥିଲି । ମୁଁ ତାଙ୍କୁ ଦେଖିଛି ଜଣେ ନୀତିବାନ୍ ଓ ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ପଟୁ, ସ୍ପଷ୍ଟବାଦୀ, ବିବେକୀ କିନ୍ତୁ ଟିକିଏ ଏକଜିଦିଆ ଚିନ୍ତା ପ୍ରକୃତିର ମଣିଷ । ଏଇ ଏକଜିଦିଆ ଚିନ୍ତା ପ୍ରକୃତି ଯୋଗୁଁ ସେ ହଠାତ୍ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ଦେଇଥିଲେ । କେହି ତାଙ୍କୁ ବାହାର କରିନାହାନ୍ତି କି ବିଧାନ ସଭାରେ ସେଥିପାଇଁ ପ୍ରସ୍ତାବ ହୋଇନାହିଁ । ତାଙ୍କର ପ୍ରସ୍ତାବ ଥିଲା ଯେ ସେ ମନ୍ତ୍ରୀ ହିସାବରେ ଦରମା ନେବେ ନାହିଁ । ସେ ନିଜର ଚଳିବା ପାଇଁ କୋର୍ଟରେ ଓକିଲାତି କରିବେ ଏବଂ ବିନା ଦରମାରେ ମନ୍ତ୍ରୀ ଭାବରେ କାମ କରିବେ । ଲାଟ ସାହେବ ଏ ପ୍ରସ୍ତାବରେ ରାଜି ନହେବାରୁ ସେ ଇସ୍ତଫା ଦେଇଥିଲେ । ଓଡ଼ିଶାର ଶିଳ୍ପଗତ ବିକାଶ ବହୁଦିନ ପର୍ଯ୍ୟନ୍ତ ତାଙ୍କର ମୁଖ୍ୟ ଆଗ୍ରହର ବିଷୟ ଥିଲା । ଯଦିଓ ତାଙ୍କର ପରଲୋକ ହେବା ପୂର୍ବରୁ ଉତ୍କଳ ଟାନେରୀ ବନ୍ଦ ହୋଇଯାଇଥିଲା, ତଥାପି ଏହାଥିଲା ତାଙ୍କର ଅଦମ୍ୟ ଉତ୍ସାହ ଏବଂ ଶିଳ୍ପ ବିକାଶ ପାଇଁ ଅଫୁରନ୍ତ ଉଦ୍ୟମର ଜୀବନ୍ତ ପ୍ରତୀକ । ଅର୍ଥମନ୍ତ୍ରୀ ଭାବରେ ମୁଁ ଟାନେରୀ ଶିଳ୍ପର ପୁନଃ ପ୍ରତିଷ୍ଠା ପାଇଁ ତାଙ୍କୁ ସାହାଯ୍ୟ କରିବା ପାଇଁ ଚେଷ୍ଟା କରିଥିଲି । କିନ୍ତୁ ଆର୍ଥିକ ସଂକଟ ପ୍ରତିବନ୍ଧକ ହୋଇ ଠିଆ ହେଲା ଏବଂ ଶିଳ୍ପ ବିକାଶର ଏହି ଅଗ୍ରଣୀଙ୍କୁ ପ୍ରାୟ ଧ୍ୱସ୍ତ କରି ଦେଇଥିଲା ।

ମଧୁସୂଦନ ଦାସ କଲିକତା ବିଶ୍ୱ-ବିଦ୍ୟାଳୟରୁ କଳା ଓ ଆଇନରେ ପ୍ରଥମ ଓଡ଼ିଆ ସ୍ନାତକ (ଗ୍ରାଜୁଏଟ) ବହୁଦିନ ଧରି ସେ ଏହି ବିଶ୍ୱବିଦ୍ୟାଳୟ ସିନେଟ୍‌ର ସଭ୍ୟ ମଧ୍ୟ ଥିଲେ । ତାଙ୍କର ପାଣ୍ଡିତ୍ୟ ଥିଲା ଅସାଧାରଣ । ପାର୍ସି ଭାଷାରେ ତାଙ୍କର ଦଖଲ ଥିଲା । କଲିକତାରେ ବଙ୍ଗାଳୀମାନଙ୍କ ଗହଣରେ ତାଙ୍କର ପାଠପଢ଼ା ଏବଂ ଟ୍ରେନିଂର ବହୁସମୟ କଟିଛି । ଫଳରେ ସେ ଇଂରାଜୀ ଏବଂ ବଙ୍ଗଳା ଉଭୟ ବେଶ୍ ପ୍ରାଞ୍ଜଳ ଏବଂ ମାର୍ଜିତ ଭାବରେ କହି ପାରୁଥିଲେ । ସେ ଥିଲେ ଜଣେ ପ୍ରଭାବଶାଳୀ ବକ୍ତା । ବଙ୍ଗଳା ତଥା ବିହାର ଓଡ଼ିଶା ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍‌ରେ ସେ ଥିଲେ କୁଶଳୀ ବକ୍ତା । ମନ୍ତ୍ରୀ ଭାବରେ ସେ ଯେତେବେଳେ ଆସନ-ଗ୍ରହଣ କଲେ ତାଙ୍କ ଅଧୀନରେ ଥିବା ବିଭାଗଗୁଡ଼ିକର ମୁଖ୍ୟମାନଙ୍କର ଅବସ୍ଥା ମଧୁସୂଦନ ଦାସଙ୍କର କଠୋର ଶାସନ ଫଳରେ ସାଂଘାତିକ ହୋଇଉଠିଲା । ସେମାନେ ତାଙ୍କୁ ହଇରାଣରେ ପକାଇବା-ପାଇଁ ଚେଷ୍ଟା କଲେ ସତ୍ୟ କିନ୍ତୁ ସେଥିରେ ବିଫଳମନୋରଥ ହେବାକୁ ପଡ଼ିଲା । ଆଗରୁ କହିଛି ଯେ ସେ ମନ୍ତ୍ରୀତ୍ୱରୁ ଇସ୍ତଫା ଦେଇଥିଲେ । ତାଙ୍କର ପୂର୍ବ ବ୍ୟବସା ଓକିଲାତି ଏବଂ ତାଙ୍କର ମୁଖ୍ୟ ଅଭିରୁଚି ଶିଳ୍ପ କ୍ଷେତ୍ରକୁ ଫେରି ଯାଇଥିଲେ । ମନ୍ତ୍ରୀ ହିସାବରେ ତାଙ୍କର ଏକନିଷ୍ଠ ସ୍ୱାଧୀନଚେତା ମନୋଭାବ ଏବଂ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ହେବା ପାଇଁ ଆବଶ୍ୟକ

ତ୍ୟାଗ ଏବଂ ଏକାନୁବର୍ତ୍ତୀତା ଯୋଗୁଁ ସେ ଚିହ୍ନାର ଓଡ଼ିଶାର ଜନସାଧାରଣଙ୍କ ପାଇଁ ଚିରଦିନ ଏକ ଜାଜ୍ୱଲ୍ୟମାନ ଦୀପସ୍ତମ୍ଭ ଭଳି ବିଦ୍ୟମାନ ରହିବେ । ବ୍ରିଟିଶ ସରକାର ପ୍ରଚଳନ କରିଥିବା ଦ୍ୱୈତ ଶାସନପ୍ରତି ତାଙ୍କର ପ୍ରକାଶ୍ୟ ବିମୁଖତା ଥିଲା । ପରେ ସେ ଲେଜିସ୍ଲେଟିଭ୍ କାଉନ୍‌ସିଲ୍‌ରେ ତାଙ୍କର ଭାଷଣକୁ ଏକ ପାରସ୍ୟ ଦେଶୀୟ କବିତାରେ ଉପସଂହାର କରିଥିଲେ । ସେ କବିତାଟିର ମର୍ମ ହେଲା "ମାନବୀୟ" ପକ୍ଷୀ ସେପ ପାଉଥିବ ପକ୍ଷକେ କେବେହେଲେ ସେସ୍ବର ବାହୁଛାୟା ତଳକୁ ଯିବାକୁ ଚାହିଁବ ନାହିଁ । ଦ୍ୱୈତ୍ୟ ଶାସନରେ ଥିବା ମନ୍ତ୍ରୀ ପଦକୁ ସେ ପେଶୁ ସହିତ ତୁଳନା କରିବା ବହୁଦିନ ପର୍ଯ୍ୟନ୍ତ ହାସ୍ୟ ରସର ଉତ୍ସ ହୋଇ ରହିଥିଲା ।

ଜାତିର ସ୍ମୃତି ଭିତରେ ଅନ୍ୟ କୌଣସି ଓଡ଼ିଆ ଆପଣାର ଦେଶବାସୀଙ୍କୁ ଅତୀତ ଗୌରବରେ ଅନୁପ୍ରାଣିତ ହେବା ପାଇଁ, ହୀନ ମନୋଭାବ ପରିହାର କରିବା ପାଇଁ ଏବଂ ସର୍ବୋପରି ଆପଣାର ଅନ୍ତର୍ନିହିତ ଶକ୍ତିର ପରାକାଷ୍ଠା ପ୍ରଦର୍ଶନ କରିବା ପାଇଁ ମଧୁସୂଦନ ଦାସଙ୍କ ଭଳି ଉଦ୍‌ବୁଦ୍ଧ କରି ନାହାନ୍ତି । ପ୍ରତିଭାରେ ମହିମାନ୍ୱିତ ଏବଂ ଏକ ଅସାଧାରଣ ସାଙ୍ଗଠନିକ କ୍ଷମତାସଂପନ୍ନ ମଧୁସୂଦନ ଦାସ ଓଡ଼ିଆ ଜାତିର ଚରିତ୍ରକୁ ବଦଳାଇ ଦେବା ପାଇଁ ଚାହିଁଥିଲେ । ଯେଉଁଭଳି ନିଷ୍ଠା ଏବଂ ବିଚକ୍ଷଣତାର ସହିତ ସେ ଏହି କର୍ତ୍ତବ୍ୟ ସଂପାଦନ କରୁଥିଲେ ଏବଂ ସେଥିପାଇଁ ଯେଉଁ ତ୍ୟାଗ ସେ ବରଣ କରୁଥିଲେ ତାହା ତାଙ୍କୁ ଆପଣାର ଦେଶବାସୀଙ୍କର ପ୍ରିୟପାତ୍ର କରି ତୋଳିଥିଲା ।

୧୯୦୩ ମସିହାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୁଏ । ଓଡ଼ିଶାବାସୀଙ୍କ ଭିତରେ ଏହା ଆଣିଥିଲା ଅଭୂତପୂର୍ବ ଉନ୍ମାଦନା ଏବଂ ଉନ୍ମୋଚନ କରିଥିଲା ଓଡ଼ିଶାର ଇତିହାସରେ ଏକ ନୂତନ ଯୁଗ । ଏହାର ଉଦ୍ୟୋକ୍ତା ଥିଲେ ମଧୁସୂଦନ ଦାସ । ଓଡ଼ିଆ ମାନଙ୍କ ଭିତରେ ତାଙ୍କର ପ୍ରଭାବ ଏତେ ଶକ୍ତିଶାଳୀ ଥିଲା ଯେ ମଧୁସୂଦନ ଦାସ ଭୁଲ କରନ୍ତୁ ବା ଠିକ୍ କରନ୍ତୁ ତାଙ୍କୁ ବିନା ବାକ୍ୟବ୍ୟୟରେ ଅନୁସରଣ କରିବା ପାଇଁ ଜନସାଧାରଣଙ୍କର ଏକ ବିଶାଳ ଅଂଶ ସଦା ସର୍ବଦା ପ୍ରସ୍ତୁତ ଥିଲେ । ମଧୁସୂଦନ ଦାସ ଥିଲେ ଶକ୍ତିଶାଳୀ ଚରିତ୍ରର ମଣିଷ । ଆପଣାର ମତରେ ସେ ଥିଲେ ଅବିଚଳ ଏବଂ ଫଳାଫଳ ପ୍ରତି ଭ୍ରୂକ୍ଷେପ ନ କରି ସେ ଆପଣାର ମତରେ ଥିଲେ ଅଟଳ । ଏହି ମନୋଭାବ ଯୋଗୁଁ ଅନେକ ସମୟରେ ତାଙ୍କର ଅମଲାତନ୍ତ୍ର ଏବଂ ଅଫିସର ଗୋଷ୍ଠୀଙ୍କ ସହିତ ସଂଘର୍ଷ ହେଉଥିଲା ଏବଂ ଅନ୍ତତଃ ଗୋଟିଏ ଘଟଣାରେ କେତେକ ଶକ୍ତିଶାଳୀ ଅଫିସର ତାଙ୍କର ପ୍ରଭାବକୁ ଖର୍ବ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ପରିଶେଷରେ ସତ୍ୟରହିଁ ଜୟହେଲା ଏବଂ ଏହି ଘଟଣା ମଧୁସୂଦନ ଦାସଙ୍କର କ୍ଷତି କରିବା ପରିବର୍ତ୍ତେ ଗୌରବ ବୃଦ୍ଧି କରିଥିଲା ।

ହରିଜନମାନଙ୍କର ଶୁଭାକାଂକ୍ଷୀ ଭାବରେ ମଧୁସୂଦନ ଦାସ ଥିଲେ ଅତୁଳନୀୟ । ଏ ସଂକ୍ରାନ୍ତରେ ତାଙ୍କର କାର୍ଯ୍ୟ ମହାତ୍ମା-ଗାନ୍ଧୀଙ୍କର ପ୍ରଶଂସା ଲାଭ କରିଥିଲା । କିନ୍ତୁ ମଜାର କଥା ଯେ ଗାନ୍ଧୀଜୀଙ୍କୁ ଏହି ଧାରଣା ଦିଆଯାଇଥିଲା ଯେ ମଧୁସୂଦନ ଦାସ ୧୯୩୨ ମସିହା ନଭେମ୍ବର ମାସ ଦେଇକୁ ଆଉ ନାହାନ୍ତି । ସେ ଯେତେବେଳେ ପରେ ଜାଣିପାରିଲେ ଯେ ମଧୁସୂଦନ ଦାସ ପ୍ରକୃତରେ ମୃତ ନୁହନ୍ତି ସେ ସଂପୂର୍ଣ୍ଣ ଜୀବିତ ସେତେବେଳେ ମହାତ୍ମା ଗାନ୍ଧୀ ଲେଖିଥିଲେ "ଓଡ଼ିଶାରେ ରହୁଥିବା ଜଣେ ଆଶ୍ରମବାସୀ ମୋତେ ଟେଲିଗ୍ରାମ କରି ଜଣାଇଛନ୍ତି ଯେ ଯାହାଙ୍କର ଚ୍ୟାନେରୀ ସଂକ୍ରାନ୍ତୀୟ ମହାନ୍ କଥା ମୁଁ ମୋର ବିବୃତିରେ ଉଲ୍ଲେଖ କରିଛି, ସେ ମଧୁସୂଦନ ଦାସ ମୃତ ନୁହନ୍ତି, ଅଦ୍ୟାପି ଜୀବିତ । କିପରି ଭାବରେ ମୋର ଏହି ଭୁଲ୍ ଧାରଣା ଜନ୍ମିଲା ତାହା ମୁଁ ନିଜେ ବୁଝି ପାରୁ ନାହିଁ । ମୁଁ ଟେଲିଗ୍ରାମ ପାଇବା ପରେ ପରେ ତାଙ୍କୁ ନିମ୍ନଲିଖିତ ଟେଲିଗ୍ରାମ ପଠାଇଛି : ମଧୁସୂଦନ ଦାସ ଦୀର୍ଘଜୀବୀ ହେଉନ୍ତୁ ! ଜାଣିନି କେଜାଣି ମୋର ଏକ ଧାରଣା ଜନ୍ମିଯାଇଥିଲା ଯେ ଆପଣ ଆଉ ନାହାନ୍ତି । ଏଇଟା ମୋର ନିଜର ବୋକାମୀ । କିନ୍ତୁ ଏଥିରୁ ଏକଥା ମଧ୍ୟ ପ୍ରମାଣିତ ହେଉଛି ଯେ ଆପଣଙ୍କଠାରୁ ଦୀର୍ଘ-ଦିନ ଧରି ସେବା ପାଇବା ହେଉଛି ଭଗବାନଙ୍କର ଅଭିପ୍ରେତ ଇଚ୍ଛା ।"

ଏହାହିଁ ହେଉଛି ମଧୁସୂଦନ ଦାସଙ୍କର ଜୀବନ ଓ ମୃତ୍ୟୁ । ମଧୁସୂଦନ ଦାସ ସନ୍ନ୍ୟାସ ଚରିତ୍ର, ଦୟାର ଅବତାର, ଶିଳ୍ପରେ ଅଗ୍ରଣୀ, ମଣ୍ଟେଗୁ ଚେମସ୍‌ଫୋର୍ଡ ଶାସନ ସଂସ୍କାରର ପରିସର ଭିତରେ ଏକ ସଫଳ ମନ୍ତ୍ରୀ ଏବଂ ସର୍ବୋପରି ବିରଳ ଦେଶପ୍ରେମୀ, ସଚ୍ଚୋଟ, ସ୍ୱାଧୀନଚେତା ଏବଂ ଜାଜ୍ୱଲ୍ୟମାନ ମଣିଷ— ମଧୁସୂଦନ ଦାସ ।

## ଫଳ ଚାଷ କାର୍ଯ୍ୟକ୍ରମ

ଫଳ ଚାଷ ଏକ ଲାଭଜନକ କାର୍ଯ୍ୟକ୍ରମ ହୋଇଥିବା ଦୃଷ୍ଟିରୁ ଏହାକୁ ଏକ ବ୍ୟାପକ ଅଞ୍ଚଳରେ କାର୍ଯ୍ୟକାରୀ କରିବାକୁ ରାଜ୍ୟ ସରକାର ସ୍ଥିର କରିଛନ୍ତି । ବିଶେଷତଃ ଆଦିବାସୀ ଅଞ୍ଚଳମାନଙ୍କରେ ଏହା ଫଳପ୍ରଦ ଭାବେ କାର୍ଯ୍ୟକାରୀ ହୋଇ ପାରିବ । ଏଥିପାଇଁ ବିଭାଗୀୟ ଉଦ୍ୟାନମାନଙ୍କରୁ ଜାତିଆ ଚାରା ଲୋକମାନଙ୍କୁ ଯୋଗାଇ ଦିଆଯିବ । ସମୁଦ୍ରକୂଳ ଅଞ୍ଚଳରେ ନଡ଼ିଆ ଚାଷ ପାଇଁ ଲୋକଙ୍କୁ ଉତ୍ସାହିତ କରିବା ନିମନ୍ତେ ୨ ଲକ୍ଷ ନଡ଼ିଆ ଚାରା ସୁଲଭ ମୂଲ୍ୟରେ ବିକ୍ରି କରାଯିବ । ପ୍ରାୟ ୫ ହଜାର ହେକ୍ଟର ଜମିରେ ବିଭିନ୍ନ ଫଳଗଛ ଲଗାଯିବ । ଏହା ବ୍ୟତୀତ ୧ ହଜାର ହେକ୍ଟର ଜମିରେ କଦଳୀ ଏବଂ ୫ ହଜାର ହେକ୍ଟର ଜମିରେ ଆମ୍ବ ଚାରା ଲଗାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଜଣାଯାଇଛି ।

# ORISSA STATE ELECTRICITY BOARD

## HAS POWER TO SPARE

* It is exporting surplus power to the neighbouring State to meet their emergent needs.

* It invites prospective entrepreneurs to come forward and explore the rich mineral and other natural resources with abundant power at favourable tariff from its crisis-crossed reliable Grid.

* It has extended many attractive facilities for speedy growth and all-round development of Small, Medium and Agro-based industries in the State, particularly in rural areas.

* It has taken up massive Rural Electrification Programme and energisation of Lift Irrigation Pumps to help increase food production.

* It has electrified 13061 villages up to March 1977 in the State which has covered 48% of the total population.

* Its present installed capacity is 921 M.W.

**IT RENEWS ITS PLEDGE TO SINCERELY SERVE THE PEOPLE OF ORISSA IN A MOST CORDIAL CLIMATE OF CO-OPERATION AND GOOD WILL FOR THE BETTER DAYS AHEAD.**

*Issued by* – ORISSA STATE ELECTRICITY BOARD
BHUBANESWAR-751007



...ପାଳ ଶ୍ରୀ ଭଗବତ ଦୟାଲ ଶର୍ମା ଭୁବନେଶ୍ୱର-
...ରେ ଓଡ଼ିଶା ଦିବସ ସମାରୋହ ଉପଲକ୍ଷେ ପରେଡ୍
...ଡ଼ିଆରେ ଏକ ବିରାଟ ଜନ ସମାବେଶରେ
...ଦ୍‌ବୋଧନ ଦେଉଛନ୍ତି । ରାଜସ୍ୱ ମନ୍ତ୍ରୀ
...ପ୍ରତାପ ଚନ୍ଦ୍ର ମହାନ୍ତି ଏହି ସମାବେଶରେ ମଧ୍ୟ
ଉଦ୍‌ବୋଧନ ଦେଇଥିଲେ




ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ୧୯୭୮ ମାର୍ଚ୍ଚ ୪ ତାରିଖ ଦିନ ବାସୁଦେବପୁରଠାରେ ଷ୍ଟେଟ୍ ବ୍ୟାଙ୍କର ଏକ ଶାଖା ଅଫିସ ଉଦ୍‌ଘାଟନ କରୁଛନ୍ତି ।



ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ ଗତ ମାର୍ଚ୍ଚ ୧୦ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ନୂଆପାଢ଼ୀଠାରେ ପଲ୍ଲୀଶ୍ରୋତା ମଣ୍ଡଳୀ ଆଲୋଚନାଚକ୍ର ଉପଲକ୍ଷେ ଆୟୋଜିତ ଲୋକସମ୍ପର୍କ ବିଭାଗ ଶିବିର ବୁଲି ଦେଖୁଛନ୍ତି । ମନ୍ତ୍ରୀଙ୍କ ସହିତ ସ୍ଥାନୀୟ ଏମ୍. ଏଲ୍. ଏ. ଶ୍ରୀ କାର୍ତ୍ତିକ ଚନ୍ଦ୍ର ରାଉତ ମଧ୍ୟ ଅଛନ୍ତି ।




୧୯୭୮ ଅପ୍ରେଲ ୧୮ ତାରିଖ ଦିନ ଭୁବନେଶ୍ୱରଠାରେ ଶ୍ରୀମାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଆୟୋଜିତ ସଭାରେ ରାଜ୍ୟପାଳ ଉଦ୍‌ବୋଧନ ଦେଉଛନ୍ତି ।



ଢେଙ୍କାନାଳ ଜିଲ୍ଲା ବାତ୍ୟା ବିଧ୍ୱସ୍ତ ଲୋକଙ୍କ ପାଇଁ ରାଉରକେଲାରୁ ରିଲିଫ ସାମଗ୍ରୀ ପଠାଯାଉଛି ।



ଫେରୋ ଏଲଏଜ କର୍ପୋରେସନ୍‌ର ବଉଳାକ୍ରୋମାଇଟ୍ ମାଇନ୍‌ସରେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିକୃତି ନଗର ଉନ୍ନୟନ ଓ ଅବକାରୀ ବିଭାଗ ମନ୍ତ୍ରୀ ଡକ୍ଟର ଜୟକେତନ ସାହୁ ଗତ ଫେବ୍ରୁଆରୀ ୭ ତାରିଖ ଦିନ ଉନ୍ମୋଚନ କରିଥିଲେ ।



ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ବାର୍ଷିକୋତ୍ସବ ତା ୨୮-୧-୧୯୭୮ ରିଖରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି କେନ୍ଦ୍ର ଖଣି ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହିତ ରାଜ୍ୟ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ମଧ୍ୟ ଯୋଗଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବିଧାନସଭା ସଦସ୍ୟ ଶ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକ ଓ ମହିଳା କଲେଜର ସଭାପତି ଓ ସମ୍ପାଦିକା ।



ଗତ ଅପ୍ରେଲ ୨୮ ତାରିଖରେ ଶ୍ରୀ ଲିଙ୍ଗରାଜଙ୍କ ବିନ୍ଦୁସାଗର ପୁଷ୍କରିଣୀର ପଙ୍କୋଦ୍ଧାର କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ଥର ପାଇଁ ପଙ୍କ ଖନନ କରି ଡକ୍ଟର ହରେକୃଷ୍ଣ ମହତାବ ଏହାର ଶୁଭଉଦ୍‌ଘାଟନ କରିଥିଲେ ।



ଦଣ୍ଡକାରଣ୍ୟ ଉନ୍ନୟନ ସଂସ୍ଥାର ଚେୟାରମ୍ୟାନ୍ ଶ୍ରୀ ଭି. ନଟରାଜନ ୧୯୭୮ ଅପ୍ରେଲ ୧୭ ତାରିଖ ଦିନ ଭୁବନେଶ୍ୱରଠାରେ ସାମ୍ବାଦିକମାନଙ୍କ



# ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା

**ଶ୍ରୀ ଚଣ୍ଡି ଚରଣ ରାଉତରାୟ**

ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ଭାଗ୍ୟ ବଦଳାଇବା ଦିଗରେ ଦେଶପ୍ରାଣ ମଧୁସୂଦନ ଯେଉଁ ଉଲ୍ଲେଖଯୋଗ୍ୟ ପଦକ୍ଷେପ ନେଇଥିଲେ, ସେହି ଥିଲା ତାଙ୍କ କର୍ମମୟ ଜୀବନର ମହାନ୍ ପରିଚୟ । ତେଣୁ ତାଙ୍କ ବ୍ୟକ୍ତିତ୍ୱକୁ ଭାଷାରେ ପ୍ରକାଶ କରିବା କଠିଣ । ତାଙ୍କ ମତରେ ଭାରତୀୟ ଗୋଟିଏ ମହାଜାତି ଏବଂ ଓଡ଼ିଆ ଗୋଟିଏ ଜାତି । ପୃଥିବୀରେ ଭାରତ ବର୍ଷର ସ୍ଥାନ ଯାହା ଭାରତରେ ଓଡ଼ିଶାର ସ୍ଥାନ ଠିକ୍ ସେଇୟା । "ଓଡ଼ିଆ ଜାତି ଏକ ଦୃଢ଼ ପ୍ରାଚୀନ ପରଂପରାଶୀଳ ଜାତି"—ଏହା କହିଲେ ଅତ୍ୟୁକ୍ତି ହେବନାହିଁ । ସମସ୍ତର ଚେତନା ଦେଉଛି ଏହି ଓଡ଼ିଆ ଜାତି । ଜଗନ୍ନାଥ ସଂସ୍କୃତି ହେଉଛି ତାର ପାଥେୟ ଏବଂ ତାର ଉତ୍ସ ମୂଳ ଦେବତା ହେଉଛନ୍ତି ସେହି ଚକାଡ଼ୋଳା । ଓଡ଼ିଆର ଧର୍ମ ହିଁ ଜଗନ୍ନାଥଙ୍କ ଆଦର୍ଶ । ଯେଉଁ ମାନଙ୍କ ଚରିତ୍ର ଆତ୍ମତ୍ୟାଗ ବଳରେ ମାତୃଭୂମି ଗୌରବାନ୍ୱିତ ହୋଇ ଉଠିଲା, ସେମାନଙ୍କ ମୂଳରେ ପୁରୋଧା ଆଉ ମୁକୁଟବିହୀନ ସମ୍ରାଟ ଥିଲେ ସେହି ଯୁଗ ସଂଧ୍ୟାରେ ମହାମନ୍ତ୍ର ପାଠକାରୀ ଉତ୍କଳ ଗୌରବ ମଧୁସୂଦନ ଦାସ ।

ଭାରତପାଇଁ ବରେଣ୍ୟ ବିବେକାନନ୍ଦଙ୍କ ଅମୃତ ବାଣୀ ଥିଲା "The Soil of India is my highest heaven, the good of India is my good" କିନ୍ତୁ ଏହି ଉକ୍ତିଟିର ସତ୍ୟତା ମଧୁସୂଦନ ତାଙ୍କ ଜୀବନରେ ଓଡ଼ିଶା ପାଇଁ ଉପଲବ୍ଧି କରିଥିଲେ" । "ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସି" ଏହି ଆଦର୍ଶ ଥିଲା ତାଙ୍କ ପ୍ରାଣର ଚେତନା । ଆଜକୁ ୧୩୦ ବର୍ଷ ତଳେ, ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖ ମଙ୍ଗଳବାର ଜ୍ୟେଷ୍ଠ କୃଷ୍ଣ ଏକାଦଶୀ ତିଥିରେ କଟକର ବିଶିଷ୍ଟ ଓକିଲ ଚଉଧୁରୀ ଶ୍ରୀଯୁକ୍ତ ରଘୁନାଥ ଦାସଙ୍କ କୋଳରେ ଆବିର୍ଭୂତ ହେଲେ ସେହି ଯୋଗ୍ୟତମ ସନ୍ତାନ ଗୋବିନ୍ଦ ବଲ୍ଲଭ । ମାତା ପାର୍ବତୀ ଦେଈ ପ୍ରଥମ କନ୍ୟା କୁମୁଦର ଜନ୍ମ ପରେ ଗୋବିନ୍ଦବଲ୍ଲଭଙ୍କୁ ପାଇ ଅପାର ଆନନ୍ଦ ଲାଭ କରିଥିଲେ । କଟକ ଜିଲ୍ଲାର ଏକ ଅଖ୍ୟାତ ପଲ୍ଲୀ ସତ୍ୟଭାମାପୁର—ସେଇଠି କୁଳବୃଦ୍ଧ ମଧୁ ବାବୁଙ୍କ ଜନ୍ମ ସ୍ଥାନ । ତାହା ପ୍ରତ୍ୟେକ ଓଡ଼ିଆର ତୀର୍ଥ ସ୍ଥାନ କହିଲେ ଭୁଲ ହେବ ନାହିଁ । ଆଧୁନିକ ଉତ୍କଳର ନିର୍ମାତା, ଉତ୍କଳ ମାତାଙ୍କର ଗୌରବ ସନ୍ତାନ, ଏ ଜାତିର ଜାଗ୍ରତ ପ୍ରହରୀ, ଉତ୍କଳର ଉଜ୍ଜ୍ୱଳ ଜ୍ୟୋତିଷ୍କ ମଧୁବାବୁ ଇତିହାସ ଲେଖିନାହାନ୍ତି ସତ କିନ୍ତୁ ତାଙ୍କର ଉଦ୍‌ବୋଧନ ଏ ଜାତିର ଇତିହାସ ସୃଷ୍ଟିରେ ସହାୟକ । ଏହାହିଁ ତାଙ୍କ ଜୀବନର ଜ୍ୱଳନ୍ତ ଦୃଷ୍ଟାନ୍ତ । ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶାର ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ଶିଳ୍ପ, ବାଣିଜ୍ୟ, ଶିକ୍ଷା ସମସ୍ତର ଉନ୍ନତି ହିଁ ଥିଲା ତାଙ୍କର ଲକ୍ଷ୍ୟ । ସେହି ଆଜନ୍ମ ଦେଶଭକ୍ତଙ୍କର ଜୀବନଧାରା ବ୍ୟକ୍ତିତ୍ୱର ପରିବେଷ୍ଟନୀ ମଧ୍ୟରେ ସୀମିତ ନ ହୋଇ ସ୍ୱାର୍ଥପରତାର ଆବେଷ୍ଟନୀ ମଧ୍ୟରୁ ମୁକ୍ତି ଲାଭ କରି ଜାତୀୟ ଜୀବନର ଲକ୍ଷ୍ୟକୁ ଶେଷ ପର୍ଯ୍ୟାୟରେ ପହଞ୍ଚିବା ଦିଗରେ ଉଦ୍‌ବୁଦ୍ଧ କରିଥିଲା—ଏହାହିଁ ତାଙ୍କ ଜୀବନର ଶ୍ରେଷ୍ଠ ଆଉ ଅମଳିନ ଉଦାହରଣ । ସେହି ଶତାବ୍ଦୀର ସୂର୍ଯ୍ୟ ଗୋଟିଏ ନିଃସହାୟ ଓଡ଼ିଆ ପରି ବ୍ୟଥାଭରା କଣ୍ଠରେ ଆତ୍ମ ବିଭୋର ହୋଇ ଗାଇ ଉଠିଥିଲେ—

"ମାଆ ମାଆ ବୋଲି କେତେ ମୁଁ
ଖୋଜିଲି ମାଆକୁ ପାଇଲି ନାହିଁ,

ଭାଇ ଭାଇ ବୋଲି କେତେ ମୁଁ ଡ଼ାକିଲି
ନ ଦେଲେ ଉତ୍ତର କେହି ॥

ଖୋଜିଲି ଅରଣ୍ୟେ ଜନ ସମାଜରେ
ଖୋଜିଲି ବାରିଧି ତଟ,

ସର୍ବତ୍ର ଦେଖିଲି ମାତା ପଦ ଚିହ୍ନ
ନ ହେଲା ମାତାର ଭେଟ ॥ "

ପୁଣି ସେହି ଜାତିପ୍ରାଣ ମହାପୁରୁଷ ସୁପ୍ତ ଓଡ଼ିଆମାନଙ୍କୁ ଏବଂ ମୃତଜନତାକୁ ଉଦ୍‌ବୋଧିତ କରି ବୀର ଦର୍ପରେ ଗାଇ ଉଠିଥିଲେ—

"ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିଂପା ଏତେ ଭୀରୁ

ତୋହର ଜନନୀ ଯୌବନ ଜରିଲେ
କହିବାକୁ କିଂପା ଡରୁ ।

ତୋ ପୂର୍ବ ପୁରୁଷ ଜୟ କରିଥିଲେ
ଗଙ୍ଗା ଠାରୁ ଗୋଦାବରୀ

ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ।

ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେବେ ଦିନେ

ପୂର୍ବର ଗୌରବ ପୂର୍ବର ସାହସ
ପଡ଼ିବ କି କେବେ ମନେ ?

ତୋହର ଜନନୀ ବୀର ପ୍ରସବିନୀ
ଧୂଳିରେ ପଡ଼ିଛି ଦେଖ ।

ଜନ ସମାଜରେ ଏ ମହି ମଧ୍ୟରେ
କିପରି ଦେଖାଉ ମୁଖ ।

ତୋ ପୂର୍ବ ପୁରୁଷ ସ୍ୱର୍ଗ ଧାମେ ଥାଇ
ଭୋଗୁଛନ୍ତି ମନସ୍ତାପ

ତାଙ୍କରି ଜୀବନ କରି ବିସ୍ମରଣ
କରୁଛୁ ତୁ ମହାପାପ ।

ସ୍ୱାର୍ଥ ତ୍ୟାଗ କରିବା ପାଇଁ ଜାତିପ୍ରାଣ ଓଡ଼ିଶାବାସୀଙ୍କୁ ଆହ୍ୱାନ କରି କହିଥିଲେ—

ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି ।

ସ୍ୱାର୍ଥମେଧ ଯଜ୍ଞେ ସରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।

ତାଙ୍କ ଭାଷାରେ—

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ

ଚାଲେ କିରେ ଗାଡ଼ି ଚାକାର ଡୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।

ମଧୁବାବୁଙ୍କ ଜୀବନ ସଂଗେ ଦେଶାତ୍ମବୋଧ କିପରି ଓତଃ ପ୍ରୋତଃ ଭାବରେ ଜଡ଼ିତ ଏବଂ ଦେଶ ପାଇଁ ତାଙ୍କର ଅକପଟ ତ୍ୟାଗ ଓ ମାୟା ବନ୍ଧନ କେତେ ଦୃଢ଼ ତାହା ଉପରୋକ୍ତ କବିତାରେ ଚିତ୍ରଣ କରାଯାଇଛି । ତାଙ୍କ ମତରେ ଉତ୍କଳ ମାତାର ସ୍ୱାର୍ଥହିଁ ସମଗ୍ର ଓଡ଼ିଆ ଜାତିର ସ୍ୱାର୍ଥ, ପ୍ରତ୍ୟେକ ଓଡ଼ିଆ ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସେହି ବହ୍ନିରେ ଆହୁତି ଦେଇ ନିର୍ମଳ ଆଦର୍ଶ ଦେଖାଇବା ଉଦ୍ଦେଶ୍ୟରେ ଓଡ଼ିଆ ଜାତିକୁ ସେ ଇଙ୍ଗିତ ଦେଇଥିଲେ । ୧୯୦୪ ମସିହା ଡିସେମ୍ବର ମାସ ୨୮ ତାରିଖ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ସେ ଏକ ବକ୍ତୃତାରେ କହିଥିଲେ । "ଉତ୍କଳ ଜନନୀ ଭାରତ ଜନନୀଙ୍କ ଠାରୁ ବିଚ୍ଛିନ୍ନ ନୁହନ୍ତି । ସେ ଭାରତ ଜନନୀଙ୍କର ସପତ୍ନୀ କିମ୍ବା ଶତ୍ରୁ ନୁହନ୍ତି । "ଉତ୍କଳ ଜନନୀ ଆଜି ଅତି ସ୍ନେହମୟୀ ମୂର୍ତ୍ତିରେ ଆମମାନଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅଛନ୍ତି । ଏହି ମୂର୍ତ୍ତି ଭାରତ ମାତାଙ୍କର ଗୋଟିଏ ମୂର୍ତ୍ତି ବିଶେଷ । ଏହି ରୂପଟି ଭାରତ ମାତାଙ୍କର ଗୋଟିଏ ଅବତାର'' ।

ଓଡ଼ିଆର ଜାତୀୟତା ଶୀର୍ଷକରେ ଦେଶପ୍ରାଣ ଉତ୍କଳମଣି ଗୋପବନ୍ଧୁ ମଧ୍ୟ ଲେଖିଛନ୍ତି । "ଆମ୍ଭେମାନେ ପ୍ରଥମେ ମନୁଷ୍ୟ ପରେ ଭାରତୀୟ ଏବଂ ସର୍ବ ଶେଷରେ ଓଡ଼ିଆ" ଜାତୀୟତାର ଲକ୍ଷ୍ୟରେ ଉଦାର ମାନବିକତା ସମଗ୍ର ଭାରତର ଓଡ଼ିଆମାନେହିଁ କେବଳ ବୁଝିଥିଲେ । ବିଶ୍ୱପ୍ରୀତିହିଁ ଓଡ଼ିଆର ଜାତୀୟତାବୋଧର ମୂଳ ଲକ୍ଷ୍ୟ । ଓଡ଼ିଆର ଏ ଜାତୀୟତା ଓ ଦେଶାନୁରାଗ କେବେ ଜଡ଼, ନିର୍ଜୀବ, ନିରସ ଓ ସ୍ୱାର୍ଥ କଳୁଷିତ ନୁହେଁ" । ଭାରତ ଇତିହାସରେ ତେଜସ୍ୱୀ ଓଡ଼ିଆର ସ୍ଥାନ ହେୟ ନୁହେଁ । ବୀର ଓଡ଼ିଆ ବଦାନ୍ୟତାରେ ପ୍ରସିଦ୍ଧ ଥିଲା । ଚିରକାଳ ଓଡ଼ିଆ ଆତ୍ମନିର୍ଭର ଶୀଳ । କେବେ କାହାର ଅନୁଗ୍ରହ ଭିକ୍ଷା କରିବାର ପ୍ରମାଣ ନାହିଁ, ବରଂ ଅନୁଗ୍ରହ ଦେଖାଇବା ନିମନ୍ତେ ଓଡ଼ିଆ ଭାରତ ଇତିହାସରେ ପ୍ରସିଦ୍ଧ ।

ମଧୁସୂଦନ ଓଡ଼ିଆ ଜାତି ସଂପର୍କରେ କହିଛନ୍ତି ଯେ କେହି ଜଣେ ଓଡ଼ିଆ ଜାତିକୁ ଗାଳିଦେଲେ ଆମମାନଙ୍କ ମନରେ ରାଗ ହୁଏ କାହିଁକି ? ତାଙ୍କ ମତରେ ଏହା ଜାତୀୟ ଜୀବନର ଏକ ଚିହ୍ନ । ପ୍ରତ୍ୟେକ କାର୍ଯ୍ୟ କଲାବେଳେ ମୋ କାର୍ଯ୍ୟ ଦ୍ୱାରା ମୋ ଜାତିର ନିନ୍ଦା ହେବ କି ନାହିଁ ଏହା ଭାବିବା ଥିଲା ମଧୁବାବୁଙ୍କର ଲକ୍ଷ୍ୟ ।

ମଧୁବାବୁଙ୍କ ଚିନ୍ତାଧାରା ଥିଲା ସ୍ୱତନ୍ତ୍ର । ସେ କହୁଥିଲେ "ଆଲେ ସଖି ଆପଣା ମହତ ଆପେ ରଖି" । ଦୋଷ ଗୁଣ ସଂପର୍କରେ ଓଡ଼ିଶାବାସୀଙ୍କୁ ସେ କହିଛନ୍ତି ଯୋଡ଼ିଏ ଆଖିରୁ ଗୋଟିଏ ଆଖି ବନ୍ଦ କର ଓ ଗୋଟିଏ ଆଖି ଖୋଲା ରଖ । ବନ୍ଦ ଆଖିରେ ଅନ୍ୟ ଜାତିଙ୍କର ଦୋଷଗୁଡ଼ିକ ଦେଖ ଏବଂ ଖୋଲା ଆଖିରେ ସେମାନଙ୍କର ଗୁଣଗୁଡ଼ିକ ନିରୀକ୍ଷଣ କର ଓ ସେହି ଗୁଣଗୁଡ଼ିକ ଶିକ୍ଷା କର । ସବୁ ବ୍ୟକ୍ତି ଓ ଜାତିଙ୍କ ଠାରୁ ବହୁତ ଭଲ ଗୁଣ ଶିକ୍ଷା କରି ତାକୁ କାର୍ଯ୍ୟରେ ଲଗାଅ । ମଧୁବାବୁଙ୍କ ମୌଳିକ ଚିନ୍ତାଧାରା ହେଲା ସୂର୍ଯ୍ୟଙ୍କ କିରଣ ସମୁଦ୍ରର ଲୁଣି ପାଣିରେ, ମିଶ୍ରି ସରବତରେ, ନର୍ଦ୍ଦମାରେ ଓ ପୃଥିବୀର ସବୁଆଡ଼େ ପଡ଼େ, କିନ୍ତୁ ସୂର୍ଯ୍ୟଙ୍କର ପ୍ରଖର କିରଣ ବିଶୁଦ୍ଧ ଜଳ ତକ ଟାଣିନେଇ ମଇଳା ଦୁର୍ଗନ୍ଧ ପଙ୍କ ସବୁ ଛାଡ଼ିଯାଏ । ବିଶୁଦ୍ଧ ଜଳଗୁଡ଼ିକ ବାଷ୍ପ ଆକାରରେ ମେଘମାଳା ସୃଷ୍ଟି କରେ ଏବଂ ପୁଣି ପୃଥିବୀରେ ବର୍ଷା କରି ଜୀବଜଗତ ଓ ଜନତା ଜନାର୍ଦ୍ଦନଙ୍କୁ ସାହାଯ୍ୟ କରେ । ତେଣୁ ତାଙ୍କ ମତରେ ସୂର୍ଯ୍ୟଙ୍କ ମହାଶିକ୍ଷାକୁ ଅନୁକରଣ କରି ସବୁବେଳେ ଦୋଷଗୁଡ଼ିକ ତ୍ୟାଗ କରି ଭଲ ଗୁଣଗୁଡ଼ିକ ଗ୍ରହଣ କରି ତାକୁ ଜନ କଲ୍ୟାଣରେ ଲଗାଇବା ଉଚିତ ।

ମଧୁବାବୁଙ୍କ ଜୀବନକାହାଣୀ କେବଳ ଓଡ଼ିଶାର ସ୍ୱାର୍ଥପାଇଁ ନ୍ୟସ୍ତ । ସେ ଜୀବନରେ ନିରାଶ ହୋଇଛନ୍ତି ସତ କିନ୍ତୁ ପରାଜୟ ସ୍ୱୀକାର କରିନାହାନ୍ତି । ପ୍ରତ୍ୟେକ ଉତ୍କଳୀୟମାନଙ୍କୁ ସେ କହୁଥିଲେ ଦିନକୁ ମାତ୍ର ପାଞ୍ଚମିନିଟ ସମୟ ଦେଶର ଉନ୍ନତି ପାଇଁ ଚିନ୍ତାକଲେ ଯଥେଷ୍ଟ ହେବ । ସେ ସତରୁ ସତ ଜଣେ ବାରିଷ୍ଟର ନ ଥିଲେ ବି ଆଇନ ଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ସେ ନିଜେ ତାଙ୍କର ବିଦ୍ୟା, ବୁଦ୍ଧି, ଅଧ୍ୟବସାୟ ବଳରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । କେବଳ ଓଡ଼ିଶାରେ ତାଙ୍କର ବ୍ୟକ୍ତିତ୍ୱ ସୀମିତ ନ ଥିଲା— ଦେଶ ଓ ବିଦେଶରେ ସେ ଓକିଲାତିରେ ଶୀର୍ଷ ସ୍ଥାନ ଲାଭ କରିଥିଲେ । ତାଙ୍କର ପ୍ରତ୍ୟୁତ୍ପନ୍ନମତିତ୍ୱ ଏବଂ ସ୍ୱାଧୀନ ଚିନ୍ତାହିଁ ଥିଲା ଭରସା । ସେତେବେଳେ ଇଂରେଜ ଶାସନାଧୀନ ଓଡ଼ିଶାରେ—ଇଂରେଜ ସରକାର ପୁରୀ ଜଗନ୍ନାଥ ମନ୍ଦିରର ପରିଚାଳନା ହାତକୁ ନେବା ଲାଗି ସ୍ଥିର କଲେ । ମଧୁବାବୁ ଅବସ୍ଥା ଚକ୍ରରେ ପଡ଼ି ଖ୍ରୀଷ୍ଟିୟାନ ଧର୍ମ ଗ୍ରହଣ କରିଥିଲେ ମଧ୍ୟ ସେ ସବୁ ଶ୍ରେଣୀର ଧର୍ମକୁ ସମ୍ମାନ ଦେଉଥିଲେ । ବ୍ରିଟିଶ ସରକାରଙ୍କ ଏଭଳି ନିଷ୍ପତ୍ତି ଶୁଣି ସେ ମର୍ମାହତ ହୋଇ କହିଥିଲେ "ପୁରୀର ଗଜପତି ମହାରାଜା ଓଡ଼ିଆଜାତିର ପୂଜନୀୟ—ତାଙ୍କୁ ଓଡ଼ିଆ ଠାକୁର ରାଜାବୋଲି ସମ୍ମାନ କରୁଅଛନ୍ତି । ପୃଥିବୀରେ ଏପରି ରାଜା ନାହିଁ ଯାହାର ନାମରେ ଗୋଟିଏ ବର୍ଷ ଗଣନା ହୁଏ । ଓଡ଼ିଆ ଜାତିର ଜାତକରେ ପୁରୀ ରାଜାଙ୍କ ଅଙ୍କ ବସେ । ସେପରି ରାଜାଙ୍କ ହାତରୁ ଜଗନ୍ନାଥଙ୍କ ପୂଜାଭାର କାଢ଼ିନେଇ ଖ୍ରୀଷ୍ଟିୟାନ ସରକାର ତହିଁର ଭାର ଗ୍ରହଣ କରିବେ । ମଧୁସୂଦନ ଦାସ ଜୀବିତ ଥାଇଁ ଥାଇଁ ତାହା କରାଇ ଦେବେନାହିଁ" । ଏହି ଭୀଷ୍ମ ପଣନେଇ ମଧୁସୂଦନ କଲିକତା ହାଇକୋର୍ଟରେ ଶେଷ ପର୍ଯ୍ୟନ୍ତ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ମୋକଦ୍ଦମା ଲଢ଼ିବା ପରେ ଶେଷରେ ବ୍ରିଟିଶ ସରକାର ପୁରୀ ରାଜାଙ୍କ ସହିତ ମୋକଦ୍ଦମା ଉଠା କରିବାକୁ ବାଧ୍ୟ ହୋଇଥିଲେ । ଏହି ଚମକପ୍ରଦ ଘଟଣାରେ ଖୁସିହୋଇ ଉଡ୍ରଫ ଓ ଇରାନସ୍ ସାହେବ ଦ୍ୱୟ କହିଥିଲେ "ଏହି ମୋକଦ୍ଦମାରେ ସଫଳତା ଏହି ଓଡ଼ିଆ ଯୁବକ ମଧୁବାବୁଙ୍କର କୃତିତ୍ୱ" । ବାସ୍ତବିକ ସେ ଏକ ଜ୍ୱଳନ୍ତ ଅଗ୍ନିସ୍ତୁପ ।

ମଧୁବାବୁଙ୍କ ଜୀବନର ପ୍ରଥମ ଉଦ୍ୟମ ହେଲା ବିଚ୍ଛିନ୍ନ ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ । ସେତେବେଳେ ଉତ୍କଳର କେତେକ ଅଂଶ ମଧ୍ୟପ୍ରଦେଶରେ, କେତେକ ବଙ୍ଗ ଦେଶରେ, ବିହାରରେ ଏବଂ ଅଳ୍ପ କେତେକ ଅଂଶ ମାନ୍ଦ୍ରାଜ ଅଞ୍ଚଳରେ ଥିଲା । ଓଡ଼ିଆମାନଙ୍କୁ ବାଧ୍ୟତାମୂଳକ ବଙ୍ଗଳା, ହିନ୍ଦି, ତେଲୁଗୁ ଭାଷା ଶିକ୍ଷା କରିବାକୁ ପଡ଼ିଥିଲା । ଉତ୍କଳ ସମ୍ମିଳନୀ ପ୍ରତିଷ୍ଠା କରି ଓଡ଼ିଆମାନେ ରହିଥିବା ଅଞ୍ଚଳକୁ ଏକାଠି କରିବା ଭାବ ମଧୁବାବୁଙ୍କ ହୃଦୟ କନ୍ଦରରେ ଜାଗିଉଠିଲା । ବିଭିନ୍ନ ସ୍ଥାନରେ ଓଡ଼ିଆଭାଷୀମାନଙ୍କୁ ନିବେଦନ କରି ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ବୁଝାଇ ମଧୁବାବୁ ଲେଖିଥିଲେ—

ଏହି ସମ୍ମିଳନୀ ଜାତିପ୍ରାଣସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ

ତୋର ପ୍ରାଣ ବିନ୍ଦୁ ମିଶାଇ ଦେ ଭାଇ
ଡେଇଁ ପଡ଼ି ସିନ୍ଧୁ ନୀରେ ।

ମଧୁବାବୁଙ୍କ ଜୀବନର ମୂଳ ମନ୍ତ୍ରଥିଲା ଜାତି ସଙ୍ଗଠନ । ତାଙ୍କରି ଅଦମ୍ୟ ସାଧନା ଫଳରେ ସେତେବେଳର ବଡ଼ଲାଟ ଲର୍ଡ କର୍ଜନଙ୍କ ନିର୍ଦ୍ଦେଶରେ ସମ୍ବଲପୁର ଅଞ୍ଚଳକୁ ମଧ୍ୟ ପ୍ରଦେଶରୁ ଆଣି ଓଡ଼ିଶା ସହିତ ମିଶାଇ ଥିଲେ । ତେଣୁ ମଧୁବାବୁଙ୍କ ସ୍ୱପ୍ନର ଓଡ଼ିଶା କିଛି ପରିମାଣରେ ଫଳବତୀ ହେବାର ସୂଚନା ମିଳିଲା ।

ସେ ଚାହୁଁଥିଲେ ଓଡ଼ିଶା ଆତ୍ମନିର୍ଭରଶୀଳ ହେଉ । କଟକର ସୁନାରୂପାର ତାରକସି କାମର ସର୍ବବିଧ ଉନ୍ନତି ପାଇଁ ତାଙ୍କର ଦାନ ଥିଲା ଅସୀମ । ଶିଳ୍ପର ଉନ୍ନତି, କୁଟୀର ଶିଳ୍ପର ଉନ୍ନତି ପାଇଁ ସେ ଆପ୍ରାଣ ଚେଷ୍ଟା କରିଥିଲେ । ଉତ୍କଳଟାନେରୀ ବା ଯୋତା କାରଖାନାର ଦାୟିତ୍ୱ ନେଇ ଓଡ଼ିଶାରେ ହଜାର ହଜାର ବେକାର ଯୁବକମାନଙ୍କୁ କର୍ମ ଯୋଗାଇ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ଗୋଧିଚମ, କୁମ୍ଭୀର ଚମଡ଼ାରୁ ସେ ବ୍ୟାଗ୍, ଏବଂ ଯୋତା ତିଆରି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ଲକ୍ଷ୍ୟ ଥିଲା—ଓଡ଼ିଆମାନଙ୍କର ଖ୍ୟାତି ବାହାରେ ବଢୁ । ଓଡ଼ିଆମାନଙ୍କ ବିରୁଦ୍ଧରେ କେହି ସ୍ୱର ଉତ୍ତୋଳନ ନ କରୁ ଏଥିପାଇଁ ମଧୁବାବୁ ସଚେତନଥିଲେ । ଉତ୍କଳଟାନେରୀ ପାଇଁ ସେ ଋଣଗ୍ରସ୍ତହୋଇ ଥିଲେ ସତ କିନ୍ତୁ ଦିନେହେଲେ ମଧୁବାବୁ ସମ୍ମାନକୁ କାହାପାଖରେ ବିକ୍ରି କରିନାହାନ୍ତି । ସ୍ୱାଭିମାନ ବୋଧ ଓ ଉଚ୍ଚ ଅଭିଳାଷର ସେ ଥିଲେ ମୂର୍ତ୍ତିମନ୍ତ ବିଗ୍ରହ ।

ତାଙ୍କର ପ୍ରତିଭା ବହୁମୁଖୀ । ସେ ବଡ଼ଲାଟଙ୍କର ବ୍ୟବସ୍ଥାପକ ସଭାର ଓ ବଙ୍ଗ ଦେଶର ବ୍ୟବସ୍ଥାପକ ସଭାର ଜଣେ ଟାଣୁଆ ସଦସ୍ୟ ଥିଲେ । ସେ ବିହାର ଓ ଓଡ଼ିଶାର ଜଣେ ମନ୍ତ୍ରୀ ଥିଲାବେଳେ ବହୁ ଆଇନ ପ୍ରଣୟନରେ ଭାଗ ନେଇଥିଲେ । ଓଡ଼ିଶା ପ୍ରଜା ସ୍ୱତ୍ୱ ଆଇନ ଏବଂ ବିହାର-ଓଡ଼ିଶା ମ୍ୟୁନିସିପାଲଟି ଆଇନକୁ ସେ କାର୍ଯ୍ୟକାରୀ କରିବାକୁ ଦୃଢ଼ଭାବରେ ଦାବୀ କରିଥିଲେ । ଓଡ଼ିଶାରେ କୃଷକମାନଙ୍କୁ ଏକାଠି କରି ନିଜେ ଲୁଗା ବୁଣି ପିନ୍ଧିବାକୁ କହୁଥିଲେ । କଲିକତା ବିଶ୍ୱ ବିଦ୍ୟାଳୟରେ ଓଡ଼ିଆ ଛାତ୍ର ଛାତ୍ରୀମାନେ ଓଡ଼ିଆ ଭାଷାରେ କିପରି ଉତ୍ତର ଲେଖିପାରିବେ, ସେଥିପାଇଁ ସେ କଲିକତା ବିଶ୍ୱବିଦ୍ୟାଳୟ ବିରୋଧରେ ସଂଗ୍ରାମ କରି ଶେଷରେ ଜୟୀ ହୋଇଥିଲେ । ସେହିଦିନୁ ଛାତ୍ରମାନେ ଓଡ଼ିଆ ଭାଷାରେ ଉତ୍ତର ଲେଖିବାର ସୁଯୋଗ ପାଇଲେ । ସର୍ବପ୍ରଥମ ଏମ୍. ଏ., ଏଲ. ଏଲ. ବି. ମିଷ୍ଟର ଦାସ ଅନୁନ୍ନତ ଓଡ଼ିଶାର ବିକାଶ ଦିଗରେ ସାହାଯ୍ୟ କରିଥିଲେ । ନିଜେ କଟକରେ ଏକ ସ୍ଥାୟୀ ଆଇନ କଲେଜ ପ୍ରତିଷ୍ଠା କରିବା ପାଇଁ ଉଦ୍ୟମ ଚଳାଇଥିଲେ । ଏବେ ତାଙ୍କ ନାମରେ ନାମିତ ହୋଇଛି ସେହି ମଧୁସୂଦନ ଆଇନ ମହାବିଦ୍ୟାଳୟ । ତାହା ଓଡ଼ିଶାର ମୂକ ସାକ୍ଷୀ ।

ତାଙ୍କ ମତରେ ପ୍ରତ୍ୟେକ ବ୍ୟକ୍ତିର ଦୁଇଟି ଜୀବନ ଅଛି । ଗୋଟିଏ ବ୍ୟକ୍ତିଗତ ଜୀବନ ଏବଂ ଅନ୍ୟଟି ଜାତୀୟ ଜୀବନ । ଯଦି ଇଂରେଜପରି ସାହସୀ ଜାତିକୁ କେହିକହେ—

"Rule Britania
Rule the waves
Britons never
shall be slaves"

ଏ ପଦଟି ଶୁଣିଲେ ଇଂରେଜମାନେ ଜାତୀୟ ଜୀବନ ପାଇଁ ଉତ୍ତେଜିତ ହୋଇ ନିର୍ଭୟରେ କହିବେ " ଇଂରେଜ କେବେ କାହାର ଦାସତ୍ୱ ସ୍ୱୀକାର କରିବନାହିଁ" ତେଣୁ ମଧୁବାବୁଙ୍କ ମତରେ—ଜାତୀୟ ଜୀବନ ପାଇଁ ସମସ୍ତେ ଆଗଭର ହେବା ଉଚିତ । ବ୍ରିଟିଶମାନଙ୍କର ଏକତା ବୋଧ ହିଁ ଆମ୍ଭମାନଙ୍କ ପକ୍ଷରେ ଶିକ୍ଷଣୀୟ ବିଷୟ । ସେ ଜାତି ବଳିଷ୍ଠ ଜାତି ।

୧୯୨୨ ମସିହାରେ ସେ ମନ୍ତ୍ରୀ ଥିଲାବେଳେ କହିଥିଲେ ଯେ ମନ୍ତ୍ରୀମାନେ ବିନାବେତନରେ କାର୍ଯ୍ୟ କରିବା ଉଚିତ । ନଚେତ ସେମାନେ ପ୍ରକୃତରେ ଲୋକପ୍ରତିନିଧି ପଦବାଚ୍ୟ ହେବେ ନାହିଁ ବୋଲି ସେ ତତ୍କାଳୀନ ଲାଟସାହେବଙ୍କୁ କହିବାରୁ ଲାଟସାହେବ ଏଥିରେ ଏକମତ ହେଲେ ନାହିଁ । ତା' ଫଳରେ ମଧୁବାବୁ ୧୯୨୩ ମସିହାରେ ନିଜ ଇଚ୍ଛାରେ ମନ୍ତ୍ରୀପଦରୁ ଇସ୍ତଫା ଦେଇ ସାରା ଭାରତରେ ଜଣେ ନିର୍ଭୀକ ଏବଂ ବିସ୍ମୟକର ଓଡ଼ିଆ ଭାବରେ ଶ୍ଲାଘ୍ୟ ସୃଷ୍ଟି କରିଥିଲେ । ଏହା ଜାତୀୟ ଇତିହାସରେ ଲିପିବଦ୍ଧ ହୋଇରହିଛି ।

ବଡ଼ଲୋକ ହେବାପାଇଁ ଯେଉଁ ସବୁଗୋଟି ଗୁଣ ଦରକାର ହୁଏ, ତାହାହିଁ ଥିଲା ମଧୁବାବୁଙ୍କଠାରେ । ତାହା ହେଉଛି ନେତୃତ୍ୱ—ବ୍ୟକ୍ତିତ୍ୱ—କାର୍ଯ୍ୟଦକ୍ଷତା ଓ ବାଗ୍ମିତା । ଉତ୍କଳୀୟମାନଙ୍କର ଜାତୀୟ ଜୀବନରେ ଯେଉଁ ନବୀନ ଉନ୍ମାଦନା ସୃଷ୍ଟି ହୋଇଥିଲା ତାହାରି ପୁରୋଧା ଥିଲେ ମଧୁବାବୁ । ମଧୁବାବୁଙ୍କ ମହନୀୟତା ଦେଖି ଯୋଗୀ ଅରବିନ୍ଦ ଇଂରାଜୀ କାଗଜ ବନ୍ଦେମାତରଂରେ ୧୬-୨-୧୯୦୭ ମସିହାରେ ଲେଖିଥିଲେ"

"It is for instance a cause for gratification that Orissa is begining to feel its separate Consciouness and to attempt to grow into an organised life under a very capable and high spirited Leader Mr. Madhusudan Das.

ସେ ଚାହୁଁଥିଲେ ସମାଜରେ ସ୍ତ୍ରୀ ପୁରୁଷର ସମାନ ଅଧିକାର ରହିବା ଉଚିତ । ତେଣୁ ଓଡ଼ିଶାରେ ସ୍ତ୍ରୀ ଶିକ୍ଷା ପ୍ରତି ତାଙ୍କର ଥିଲା ଅସୀମ ଉତ୍ସାହ । ନିଜର ଅନ୍ତରଙ୍ଗ ଆତ୍ମୀୟ ଅମ୍ବିକା ପ୍ରସାଦ ହାଜରାଙ୍କ କନ୍ୟା ଶୈଳବାଳା ହାଜରାଙ୍କୁ ଆଜୀବନ ପ୍ରତିପାଳନ କରି ଓ ଉଚ୍ଚ ଶିକ୍ଷା ଦେଇ ଶେଷରେ ତାଙ୍କରି ନାମରେ ଆଜି ଗଢ଼ିଉଠିଛି ଏହି ନାରୀ ଶିକ୍ଷାର ମହାବିଦ୍ୟାଳୟ ଶୈଳବାଳା ମହିଳାକଲେଜ । କଟକରେ ପ୍ରାଣ କେନ୍ଦ୍ର ସେହି ଶୈଳବାଳା ମହିଳା କଲେଜରେ ମଧୁବାବୁଙ୍କ ମୂର୍ତ୍ତି ଉନ୍ମୋଚନ କରିବାକୁ ଯାଇ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଯୁକ୍ତ ଜବାହରଲାଲ ନେହେରୁ ତାଙ୍କ ସଂକ୍ଷିପ୍ତ ଭାଷଣରେ କହିଥିଲେ—

"Madhusudan Das was a great man not only of Orissa, but of the whole India. This College is the proof of his foresight and vision. If he had not moved for the progress of female education this institution could not have raised its head. The progress of civilization of a County is to be measured by Female Education.

× × ×

While I offer my inmost feelings of admiration for him, I say that this college is one of the many monuments of his life—

Nehru

ଶିକ୍ଷାବିତ୍, ଶିକ୍ଷକ ଏବଂ ଶିକ୍ଷାନୁଷ୍ଠାନମାନଙ୍କରେ ଜାତି ଧର୍ମ ନିର୍ବିଶେଷରେ ସମସ୍ତେ ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ । ତାଙ୍କର ଦାନ ଓଡ଼ିଆଜାତି ଭୁଲିପାରିବ ନାହିଁ । ସେହି ପୁରୁଷ ସିଂହ ଓଡ଼ିଶାର ମୁକୁଟବିହୀନ ସମ୍ରାଟ ଓଡ଼ିଶାର ରାଜନୈତିକ, ଅର୍ଥନୈତିକ ସାମାଜିକ ଓ ସଂସ୍କୃତିର ବିକାଶ ଦିଗରେ ଆପ୍ରାଣ ଚେଷ୍ଟା କରିଥିଲେ । ସେହି ମହାମନୀଷୀଙ୍କ ଚିନ୍ତାଧାରା ଥିଲା "ନହ୍ୟଂ ପଞ୍ଚଭିଃ ସହ" ଅର୍ଥାତ୍ ପାଞ୍ଚଜଣଙ୍କ ଭିତରେ ସମସ୍ତେ ସମଦୁଃଖୀ ହେଲେ ସେ ଦୁଃଖ ବାଧେନାହିଁ । ଆମେ ଭାବୁ "ମହାଜନୋ ଯେନ ଗତସ୍ୟ ପନ୍ଥା କିନ୍ତୁ ମଧୁବାବୁଙ୍କ ମତରେ "The end of life is not thought but action" କର୍ତ୍ତବ୍ୟହିଁ ପୂଜା ''Work is worship'' ୧୯୩୪ ମସିହାରେ ଫେବୃୟାରୀ ୪ ତାରିଖ ଦିନ ଉତ୍କଳର ଧ୍ରୁବତାରା ଆମଠାରୁ ଦୂରେଇ ଯାଇଥିଲେ ଦିବ୍ୟଧାମକୁ କିନ୍ତୁ ସେ ମର୍ମନ୍ତୁଦ ସମ୍ବାଦଟି ଉତ୍କଳବାସୀଙ୍କ କର୍ଣ୍ଣଗହ୍ୱରରେ ପ୍ରବେଶ କଲାକ୍ଷଣି ମନେହେଲା ଯେପରି ଓଡ଼ିଶାର ଗୋଟିଏ ଶତାବ୍ଦୀର ସୂର୍ଯ୍ୟ ଅସ୍ତହୋଇ ଯାଇଛି — ଖାଲି ରହିଯାଇଛି ଅଲିଭା ସ୍ମୃତି । ସେହି ଉଜ୍ଜ୍ୱଳ ଜ୍ୟୋତିଷ୍କ ଆତ୍ମା ଚିର ଅମର, ଅକ୍ଷର ଏବଂ ବ୍ୟାପକ । ତାଙ୍କର ମୃତ୍ୟୁ ପରେ ୧୯୩୬ ମସିହାରେ ଉତ୍କଳ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା କିନ୍ତୁ ମଧୁବାବୁ ସେହି ମଧୁମୟ ଦୃଶ୍ୟ ଉପଭୋଗ କରିପାରିଲେ ନାହିଁ । କିନ୍ତୁ ସେହି କ୍ଷଣଜନ୍ମା ଆଶାବାଦୀ ମଧୁବାବୁ ଶେଷରେ ଆମବିଭୋର ହୋଇଯାଇ ଉଠିଥିଲେ—


ଯାଉ ଏ ଜୀବନ
ଆଉ ଏ ଜୀବନ

ନାହିଁ ଥିବା ସବୁ ମୋପକ୍ଷେ ସମାନ
ତବ ଇଚ୍ଛା ପ୍ରଭୁ ହେଉଥିବ ପୂରଣ ।

ପ୍ରତିବର୍ଷ ଅପ୍ରେଲ ମାସରେ ସେହି ମହାପୁରୁଷଙ୍କ ଜନ୍ମ ଜୟନ୍ତୀର ପାଳନର ଲକ୍ଷ୍ୟ ହେଉଛି ଆଦର୍ଶବାଦୀ ବରେଣ୍ୟ ବ୍ୟକ୍ତିଙ୍କ ଜନ୍ମ ଜୟନ୍ତୀ ପାଳନ କରି ସେମାନଙ୍କର କର୍ମମୟ ଜୀବନର ସମୀକ୍ଷା କଲେ ମନେହୁଏ ସେ ସେମାନଙ୍କ ପ୍ରତିଭା ଓ ଚିନ୍ତାଧାରାର ପ୍ରଭାବ ପରବର୍ତ୍ତୀ ବଂଶଧରମାନଙ୍କ ଉପରେ ପଡ଼ିଲେ ସେମାନେ କର୍ମବିଭୋର ହୋଇ ଉଠିବେ ।

ମଧୁବାବୁଙ୍କ ପାଇଁ ଆଜି ଜାଗରଣ ବର୍ଷ ପାଳନ କରାଯାଉଛି । ମଧୁବାବୁଙ୍କ ଅଲିଭା ସ୍ମୃତିର ପୂଜା କରାଯାଉଛି । କିନ୍ତୁ ଓଡ଼ିଶାର ଦୁର୍ଗତି ଦେଖି ସବୁରି ମୁଖରେ ଆଜି ଗୋଟିଏ କଥା ଓଡ଼ିଶାର ଏହି ସନ୍ଧିସନ୍ଧିବେଳେ ଓଡ଼ିଶାର ସୁଖ ଆଉ ସମୃଦ୍ଧିର ବିକାଶ ପାଇଁ ଉତ୍କଳର ରାମ ଓ କୃଷ୍ଣ ମଧୁ ଆଉ ଗୋପବନ୍ଧୁ ଆସନ୍ତେ କି ? ମଧୁବାବୁଙ୍କ ଅସମ୍ପୂର୍ଣ୍ଣ କାର୍ଯ୍ୟାବଳୀକୁ ରୂପାୟିତ କରିବାକୁ ଉତ୍କଳବାସୀ ଏକତା ମନ୍ତ୍ର ଗାଇ ଆଗେଇ ଆସି କହନ୍ତୁ—"ଏକାଠି ହେବାରେ ରହିଛି ଜୀବନର ବୀଜ ବିଭେଦ ଡାକିଆଣେ ମୃତ୍ୟୁକୁ ।"

ଦେଉଳସାହି
କଟକ-୮



## ଗରିବ ଦୁଃଖୀଙ୍କି ଭୁଲନାହିଁ

ଯେଉଁ ଯେଉଁ ସ୍ଥଳରେ ଯେଉଁମାନଙ୍କର ଯାହା ଯାହା ଆବଶ୍ୟକ, ଦେଶ କାଳ ପାତ୍ର ବୟସ ଓ ଶିକ୍ଷାନୁସାରେ ଆମମାନଙ୍କୁ ସେହି ସେହି ବିଷୟରେ ଉନ୍ନତି କରିବାକୁ ହେବ । ଯଦି ଦେଶର ଉନ୍ନତି କରିବାକୁ ଅନ୍ତର ସହିତ ଇଚ୍ଛା କର, ତେବେ ଆପଣମାନଙ୍କୁ ସ୍ଥିର ଭାବରେ କହୁଛି—ଭାରତ ମାତାଙ୍କ ପବିତ୍ର ନାମରେ, ଉତ୍କଳ ଜନନୀଙ୍କର ସ୍ନେହମୟ ନାମ ଧରି, ମୁଁ ଆପଣମାନଙ୍କୁ ପ୍ରାର୍ଥନା କରୁଛି ଯେ ଦେଶର ଗରିବ ଦୁଃଖୀଙ୍କୁ ଭୁଲ ନାହିଁ । ସମସ୍ତଙ୍କୁ ସଙ୍ଗରେ ନେଇ ଦେଶର ଉନ୍ନତି କର ।

ଯେଉଁ ଶିକ୍ଷିତ ଲୋକ ଆପଣଙ୍କୁ ସାଧାରଣ ଅପେକ୍ଷା ଉଚ୍ଚତର ବୋଲି ଅହଂକାର କରନ୍ତି ସେ ଅଧମ ଏବଂ ତାହାଙ୍କ ଶିକ୍ଷା, ଶିକ୍ଷା ପଦବାଚ୍ୟ ନୁହେଁ । ଏମାନଙ୍କୁ ଛାଡ଼ି ତୁମେ ଏକାକୀ ସଭ୍ୟତା ସୋପାନରେ କଦାପି ଉଠି ପାରିବ ନାହିଁ । ଏପରି ଅବହେଳାରେ ଈଶ୍ୱରଙ୍କର ତଥା ଭାରତ ମାତାଙ୍କର ଆଶୀର୍ବାଦ କଦାପି ପଡ଼ିବ ନାହିଁ ଏହା ନିଶ୍ଚିତ ।

---

## ବ୍ୟକ୍ତି, ବ୍ୟକ୍ତିତ୍ୱ ଓ ଭଗବାନ

ବ୍ୟକ୍ତିତ୍ୱର ବିକାଶ କର । ମାତ୍ର ବ୍ୟକ୍ତି ବାଦର ବିକାଶରେ ଲାଗି ପଡ଼ ନାହିଁ । ଆକାଶରୁ ଯେଉଁ ବର୍ଷା ବିନ୍ଦୁ ପଡ଼େ, ତାହା ନଦୀରେ ମିଶି ଯାଏ । ନଦୀ ନିକଟତମ ସମୁଦ୍ରକୁ ବହି ଯାଏ । ଯେଉଁଠି ପାଡ଼େ, ଏହା ଜମି, ପଶୁ କିମ୍ବା ମଣିଷମାନଙ୍କର ଉପକାର ସାଧନ କରେ । ଏଠି ଗୋଟିଏ ଜାତି ଅଛନ୍ତି, ଯେ ଅପର ଜାତିର ମଙ୍ଗଳ ବିଧାନ କରନ୍ତି । ସମୁଦ୍ର କହେ—"ତୁମର ବର୍ଣ୍ଣ-ସମ୍ମାନ ବୋଧ ପରିତ୍ୟାଗ କର । ମୋର ଉପଦେଶ ହେଉଛି ଯେ ଧର୍ମ ଉପରେ ପ୍ରତିଷ୍ଠିତ ଭାରତର ପ୍ରାଚୀନ ଅନୁଷ୍ଠାନଗୁଡ଼ିକର ପୁନର୍ଗଠନ କର । .......... ଭାରତୀୟ ଭଗବାନଙ୍କୁ ଭୟ କରେ । ଭଗବତ୍ ବିଶ୍ୱାସରେ ସେ ଗତି କରେ । ହିନ୍ଦୁ ଧର୍ମ ଗାବରେ ଖାଏ । ସ୍ନାନ କରେ । ସ୍ୱପ୍ନ ଦେଖେ । ଯଦି ସମସ୍ତ ଲୋକଙ୍କ ସହଯୋଗ ସ୍ଥିର, ତେବେ ଭଗବାନଙ୍କ ନାମରେ ସେମାନଙ୍କୁ ନିବେଦନ କର ।

ମଧୁସୂଦନ

### ଗୋପବନ୍ଧୁଙ୍କ କାରାମୁକ୍ତି ପାଇଁ ବିହାର ଓଡ଼ିଶା କାଉନସିଲରେ

# ମଧୁସୂଦନଙ୍କ ଓଜସ୍ୱୀ ଭାଷଣ

ମୀରା କୁମାରୀ ଶାସ୍ତ୍ରୀ

ବିଗତ ଶତାବ୍ଦୀର ଶେଷ ପର୍ଯ୍ୟାୟ ଏବଂ ଏହି ଶତାବ୍ଦୀର ପ୍ରଥମ ପର୍ଯ୍ୟାୟ ଉତ୍କଳର ଜାତୀୟ ଜୀବନରେ ଏକ ଘୋର ଅବସାଦ ପୂର୍ଣ୍ଣ ସମୟ । ଏହି ଅର୍ଦ୍ଧ ଶତାବ୍ଦୀର ଇତିହାସ ଅନୁଧ୍ୟାନ କଲେ ଦେଖାଯାଏ ଯେ ଜାତି-ପ୍ରାଣ ଉତ୍କଳ ଗୌରବ ମଧୁସୂଦନଙ୍କ ଜୀବନର ବିଭିନ୍ନ କାର୍ଯ୍ୟାବଳି ହିଁ ଏହି ଅର୍ଦ୍ଧ ଶତାବ୍ଦୀର ଓଡ଼ିଶାର ଇତିହାସକୁ ନୂତନ ଜୀବନ ଓ ରୂପରେଖ ଦେଇଛି । ଏହି ସମୟ ମଧ୍ୟରେ ଓଡ଼ିଶାର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଜୀବନ ଛିନ୍ନ ବିଚ୍ଛିନ୍ନ ହୋଇ ଯାଇଥିଲା, ଉତ୍କଳ ଜନନୀ ଛିନ୍ନାବୟବା ହୋଇ ବଂଗ, ମାନ୍ଦ୍ରାଜ, ମଧ୍ୟ-ପ୍ରଦେଶରେ ଖଣ୍ଡ ବିଖଣ୍ଡିତ ହୋଇ ରହିଲା । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଉତ୍କଳର ଆକାଶରେ ଦୀପ୍ତିମାନ ସୂର୍ଯ୍ୟ ସ୍ୱରୂପ ମଧୁସୂଦନଙ୍କ ଆବିର୍ଭାବ ଜାତୀୟ ଜୀବନରେ ନବ ସ୍ପନ୍ଦନ ଓ ଜାଗରଣ ସୃଷ୍ଟି କରିଥିଲା । ଏହି ସମୟ ମଧ୍ୟରେ ଓଡ଼ିଶାରେ ବହୁ ଯୋଗଜନ୍ମା ଜନ୍ମ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିଲେ ପଣ୍ଡିତ ଗୋପବନ୍ଧୁ ଦାସ । ସେ ଥିଲେ ମଧୁସୂଦନଙ୍କ ଅନୁଜ ପରି । ମଧୁସୂଦନଙ୍କ ନେତୃତ୍ୱରେ ସେ ପ୍ରଥମେ ରାଜନୈତିକ ଜୀବନ ଆରମ୍ଭ କରି ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ପରେ ଝାସ ଦେଇଥିଲେ । ସେ ଓଡ଼ିଶାରେ କଂଗ୍ରେସର ଭଗୀରଥ ସ୍ୱରୂପ ଥିଲେ । ୧୯୨୩ ଜାନୁଆରୀ ୨୪ ତାରିଖ ଗୋପବନ୍ଧୁଙ୍କୁ କନିକା ମାନହାନି ମକଦ୍ଦମା ଯୋଗୁଁ ବକ୍ସର ଜେଲରେ ଅଟକ ରଖା ଯାଇଥିଲା । କିନ୍ତୁ କନିକା ରାଜା ମାନହାନି ମକଦ୍ଦମା ପ୍ରତ୍ୟାହାର କରି ନେବା ପରେ ତାଙ୍କୁ ହଜାରୀବାଗ ଜେଲରୁ କଟକକୁ ବଦଳି କରାଗଲା ।

ଏହା ପରେ ପଣ୍ଡିତ ଗୋପବନ୍ଧୁଙ୍କ ଆଶୁ ମୁକ୍ତି ଦାବୀକରି ଉତ୍କଳ ଗୌରବ ମଧୁସୂଦନ ବିହାର-ଓଡ଼ିଶା କାଉନ୍ସିଲରେ ଏକ ଓଜସ୍ୱିନୀ ଏବଂ ଆବେଗପୂର୍ଣ୍ଣ ବକ୍ତୃତା ଦେଇ ବ୍ରିଟିଶ୍ ଶାସକବର୍ଗଙ୍କ ମହଲରେ ଚହଳ ସୃଷ୍ଟି କରି ଦେଇଥିଲେ । ୧୯୨୪ ଜାନୁଆରୀ ୨୦ ତାରିଖ ଦିନଟି ବିହାର ଓଡ଼ିଶା ଆଇନ ପରିଷଦର ଇତିହାସରେ ଏକ ସ୍ମରଣୀୟ ଦିବସ । ସେହି ଦିନ ଗୋପବନ୍ଧୁ ଏବଂ ରାଜନୈତିକ ବନ୍ଦୀମାନଙ୍କ ମୁକ୍ତି ଦାବି କରି ମଧୁସୂଦନ ବ୍ରିଟିଶ୍ ଶାସକମାନଙ୍କ ଦମନ ନୀତିର ତୀବ୍ର ସମାଲୋଚନା କରିବା ପରେ ଆଇନ ପରିଷଦର ରାଜନୈତିକ ବନ୍ଦୀମାନଙ୍କ ମୁକ୍ତି ପାଇଁ ଏକ ପ୍ରସ୍ତାବ ବହୁମତରେ ଗୃହୀତ ହୋଇ ଲାଟ ସାହେବଙ୍କ ନିକଟକୁ ପ୍ରେରିତ ହୋଇଥିଲା । ଏହାର କିଛି ମାସ ପରେ ପଣ୍ଡିତ ଗୋପବନ୍ଧୁ କାରାମୁକ୍ତ ହୋଇ କଟକ ଆସି ଉତ୍କଳ ପ୍ରଦେଶ କଂଗ୍ରେସ କମିଟିଦ୍ୱାରା ଆୟୋଜିତ ରାଜନୈତିକ ସମ୍ମିଳନୀରେ ଯୋଗ ଦେଇଥିଲେ । ଇତିହାସର ଚକ୍ର ଘୂରି ଘୂରିଛି । ଆଜି ମଧୁସୂଦନ ନାହାନ୍ତି ବା ପଣ୍ଡିତ ଗୋପବନ୍ଧୁ ନାହାନ୍ତି । କିନ୍ତୁ ସେମାନଙ୍କ ଜୀବନର ଆଦର୍ଶ, ବ୍ରତ, ନିଷ୍ଠା, ସାଧନା, ସ୍ୱାର୍ଥତ୍ୟାଗ ଓ ସେବା ଓଡ଼ିଆ ଜାତିର ଦାୟାଦମାନଙ୍କୁ ଉଦ୍ବୁଦ୍ଧ କରୁଛି ।

## ମଧୁସୂଦନଙ୍କ ଐତିହାସିକ ଭାଷଣ

ଓଡ଼ିଶାର ଗୋଟିଏ ନାମ—ମୋର ପରମ ବନ୍ଧୁ ବାବୁ ଗୋପବନ୍ଧୁ ଦାସଙ୍କ ସଂପର୍କରେ ଏଠାରେ ଉଲ୍ଲେଖ କରାଯାଇଅଛି ।

"... ତାଙ୍କ ଚରିତ୍ର, ଅନ୍ତତଃ ପକ୍ଷେ ତାଙ୍କ ଜୀବନୀ, ସମସ୍ତ ଓଡ଼ିଆ ସଦସ୍ୟଙ୍କୁ ଭଲ ଭାବେ ଜଣା ଅଛି । କିନ୍ତୁ ମୁଁ ଏଠାରେ ଥିବା ସମସ୍ତଙ୍କ ଅପେକ୍ଷା ତାଙ୍କୁ ଭଲଭାବରେ ଜାଣେ । କାରଣ ସେହି ଯୁବକଙ୍କୁ ତାଲିମ ଦେବାରେ ଆନନ୍ଦ ଓ ସମ୍ମାନ ମୁଁ ଲାଭ କରିଛି । ତାଙ୍କୁ ଏହି ଆଇନ ପରିଷଦକୁ ନିର୍ବାଚିତ କରାଇ ଆଣିବାରେ ମଧ୍ୟ ମୁଁ ସାହାଯ୍ୟ କରିଛି ।

କୁହା ଯାଉଛି ଯେ ସେପରି ଜଣେ ଚରିତ୍ରବାନ ବ୍ୟକ୍ତି ମୁକ୍ତି ଲାଭ କଲେ, ବିଶୃଂଖଳା ସୃଷ୍ଟି ହେବ । ଏହାର ଅର୍ଥ କଣ ? ଜଣେ ଭଲ ମଣିଷ କଣ ବିଶୃଂଖଳା ସୃଷ୍ଟି କରେ ? ଏହାର ଅର୍ଥ ହେଉଛି ଯେ ସମଗ୍ର ସମାଜଟି ଭଲ ନୁହେଁ । ସମାଜର ବର୍ତ୍ତମାନ ଅବସ୍ଥା—ବିଦେଶୀ ଶାସନରହିଁ ପରିଣତି । ତୁମେ କହି ପାରିବ ନାହିଁ ଯେ ବିସ୍ଫୋରକ ଦ୍ରବ୍ୟ ପୃଥିବୀରେ ଥିବା ଯୋଗୁଁ ପୃଥିବୀକୁ ସଂପୂର୍ଣ୍ଣ ଭାବରେ ଅଗ୍ନିକୁ ନିର୍ବାପିତ କରି ଦେବାକୁ ହେବ । ଲୋକଙ୍କ ଚରିତ୍ର କଣ ଏପରି ହୋଇ ଯାଇଛି ଯେ, ସେ କୌଣସି ଭଲ ଜିନିଷ ପାଖରେ ଦେଖିବା ମାତ୍ରେ ବା ଭଲ ମଣିଷର ଉପସ୍ଥିତିରେ ସେମାନେ ଆତଂକିତ ହୋଇ ପଡ଼ିବେ ? ଭଲ ମଣିଷ ପାଖରୁ ଦୂରକୁ ପଳାନ୍ତି ନାହିଁ । ଅପରନ୍ତୁ, ସେମାନେ ଭଲ ମଣିଷ ଦେଖିଲେ ତାଙ୍କୁ ଘେରି ରହନ୍ତି ଏବଂ ଏହି ଲୋକମାନେ ହେଉଛନ୍ତି ଗାଁ ଗହଳିର ଲୋକ, ଯେଉଁମାନେକି ଗୋରା ସାହେବମାନଙ୍କୁ ଦେଖିବା ମାତ୍ରେ [illegible]ଡ଼ି ପଳାଇଯାନ୍ତି । ଏହା ହେଉଛି [illegible] ସତ କଥା, ଏଥିରୁ କଣ ସୂଚିତ ହେଉଛି ? ଏହା କଣ ପ୍ରମାଣିତ

ସେଥିପାଇଁ ଲୋକେ କହିଥାନ୍ତି—

"ସବୁ ଯାଉ । ମହତ ଥାଉ । ମହତ ଗଲେ ନ ମିଳେ ଆଉ ।" ଉତ୍କଳ ଟ୍ୟାନେରୀର ଗୋଟିଏ ଜୋତା ଖରାପ ହେବା ଦେଖିଲେ ସମସ୍ତ ଜିନିଷ ବାହାରକୁ ନ ପଠାଇ ନଷ୍ଟ କରିଦେବା ପାଇଁ ମଧୁବାବୁ ନିର୍ଦ୍ଦେଶ ଦେଇଥିଲେ । ଯା ମୂଳରେ ଥିଲା ସେଇ ଏକମାତ୍ର ଚିନ୍ତାଧାରା, ଗୋଟିଏ ମାତ୍ର ବଳିଷ୍ଠ ଭାବନା—ବାହାରେ ଯେମିତି କେହି ଜଣେ ଓଡ଼ିଆ ଜାତିକୁ ଅପମାନ ନ ଦେଉ । ଓଡ଼ିଆ ଜାତି ଯେ ଭେଜାଲ ଜିନିଷ ବିକ୍ରୀ କରେ ; ଠକିଦିଏ ଏକଥା ଯେମିତି ଭୁଲରେ କେହି ଧାରଣା ନ କରୁ । ଜାତି ଗଠନ ପାଇଁ, ଜାତିର ମର୍ଯ୍ୟାଦା ରକ୍ଷା କରିବା ପାଇଁ କୋଟି କୋଟି ଭାଇ ଭଉଣୀଙ୍କୁ ସେ ଆହ୍ୱାନ ଜଣାଇଛନ୍ତି । ମାତ୍ର କେତେ-ଜଣ ତାଙ୍କରି ଆହ୍ୱାନରେ ଆଗଭର ହୋଇ ବାହାରିଛନ୍ତି । ମାତୃଭୂମିର ପଣରକ୍ଷା କରିବାକୁ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି ? ଏ ପ୍ରଶ୍ନ ଆଜି ଏତେବେଳେ ଓଡ଼ିଆ ଜାତି ନିଜକୁ ନିଜେ ପଚାରିବା ଉଚିତ୍ । ଆତ୍ମ ସମୀକ୍ଷା କରିବା ଉଚିତ୍ ? ପରିସ୍ଥିତିର ଚାପରେ ପଡ଼ି ମଧୁବାବୁ ଖ୍ରୀଷ୍ଟ-ଧର୍ମ ଗ୍ରହଣ କରିଥିଲେ । ତାଙ୍କ ପାଇଁ ହୁଏତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରବେଶ ନିଷିଦ୍ଧ ଥିଲା । ମାତ୍ର ମନ୍ଦିରକୁ ଗଜପତିଙ୍କ ହାତରୁ ଛଡ଼ାଇ ନେଇ ବ୍ରିଟିଶ୍ ସରକାର ଖୋଦ୍ ପରିଚାଳନା ଭାର ଗ୍ରହଣ କରିବା ପାଇଁ ଯେତେବେଳେ ସିଦ୍ଧାନ୍ତ ନେଲେ, ସେତେବେଳେ ଗଜପତିଙ୍କ ଓକିଲ ଭାବେ ମଧୁ-ବାବୁ ଯେଉଁ ଦକ୍ଷତାର ପରିଚୟ ଦେଇଥିଲେ ତାହା ପ୍ରତ୍ୟେକ ଓଡ଼ିଆର ପ୍ରଣିଧାନଯୋଗ୍ୟ । ସେ କହିଥିଲେ—"ଗଜପତି ଉତ୍କଳର ଚଳନ୍ତି ବିଷ୍ଣୁ ପ୍ରତିମା । ଗଜପତିଙ୍କର ଅପମାନ—ବଡ଼ ଠାକୁରଙ୍କର ଅପମାନ ଏବଂ ମହାନ୍ ଓଡ଼ିଆ ସଂସ୍କୃତିର ପ୍ରତୀକ ବଡ଼ ଠାକୁରଙ୍କର ଅପମାନ ଗୋଟାଏ ସୁସଂସ୍କୃତ ଜାତିର ଅପମାନ ।" ଶେଷରେ ମୋକଦ୍ଦମାରେ ଜିତାପଟ ହେଲା ଗଜପତିଙ୍କର ।

ଓଡ଼ିଆ ଜାତି ଆଜି ଯାହା ହୋଇଛି, ଯେତିକି ବାଟ ଆଗେଇ ଆସିଛି, ଭାରତ ମାନଚିତ୍ରରେ ଗୌରବରେ ଠିଆହେବାର ଯେତିକି ଅଧିକାର ପାଇଛି, ସେଥିପାଇଁ ମଧୁବାବୁ ଦାୟୀ କହିଲେ ଅତ୍ୟୁକ୍ତି ହେବ ନାହିଁ । ଜୀବନ-ସାରା ନିଜର ଧନ, ମନ, ଜୀବନ, ଚିନ୍ତା, ସାଧନାରେ ଏ ଜାତିର ହିତ ପାଇଁ ଯେ କର୍ମ କରିଗଲେ ସେଇ ମହାନ୍ କାଳଜୟୀ ନାମ "ମଧୁବାବୁ" ଆମମାନଙ୍କ ମାନସପଟରେ ଏକ ଲଢୁଆ ଯୋଦ୍ଧା ରୂପେ ରହିଯିବ। ଅସମ୍ଭବ ନୁହେଁ । ତେଣୁ ମାଆମାନେ ପିଲାକୁ ଶୁଆଇବା ବେଳେ ଗୀତ ଗାଆନ୍ତି—

"ପାଠ ପଢ଼ିବି
କାଳିଆ ଘୋଡ଼ାରେ ଚଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି ।"

ସେ ପିଲା ଯେତେବେଳେ ବଡ଼ ହେବ, ସେ ନିଜକୁ ନିଜେ ପଚାରିବା ଉଚିତ୍ ମଧୁବାବୁ କିଏ ? ଏ ଜାତିର ନେତା, ନିର୍ମାତା, ଅଧିନାୟକ, ସଂଗଠକ ଏବଂ ପଥ-ପ୍ରଦର୍ଶକ ତ ? ତାଙ୍କ ଦାୟାଦ ବୋଲି କହିବାର ଆତ୍ମ ବିଶ୍ୱାସ ଆମର ବର୍ତ୍ତମାନ ଅଛି କି ? ମଧୁବାବୁଙ୍କ ନାମୋ-ଚ୍ଚାରଣ କରିବାର ସତ୍ ସାହସ ଆମର ଅଛି କି ?

ନିଜ ପାଖରେ, କର୍ମରେ, ଚିନ୍ତାରେ, ସ୍ୱପ୍ନରେ ଜାତି-ପାଇଁ ତ୍ୟାଗ ଭାବ ଯଦି ନାହିଁ, ତେବେ ମଧୁବାବୁ ସଙ୍ଗେ ଲଢ଼ିବା ପାଇଁ ତାକତ୍ ଆସିବ କୁଆଡୁ ? ମଧୁବାବୁ ଲଢୁଥିବା ଅଶିକ୍ଷା, ଅଜ୍ଞାନ, ଅନ୍ଧବିଶ୍ୱାସ, ବିଭେଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ସାହସ ମିଳିବ କେଉଁଠୁ ? ଓଡ଼ିଆ ଯେ ଏକ ସମର କୁଶଳୀ ଜାତି, ଏ ଜ୍ଞାନ ଆସିବ କେମିତି ???

ବିବିଧ ଭାରତୀ
କଟକ

**ଛାତ୍ରଙ୍କ ପ୍ରତି**


ପ୍ରତ୍ୟେକ ଛାତ୍ର ଅନୁଭବ କରିବା ଉଚିତ୍ ଯେ ତାହାଙ୍କ ପଛରେ ତାଙ୍କର ପୂର୍ବ ପୁରୁଷ ଛିଡ଼ା ହୋଇଛନ୍ତି । ତାଙ୍କ ସମ୍ମୁଖରେ ଭବିଷ୍ୟତ ବଂଶଧର ଅଛନ୍ତି ଏବଂ ତାଙ୍କ ଜୀବନର ଲକ୍ଷ୍ୟ ଏପରି ହେବା ଉଚିତ ଯେ ଅତୀତ ଓ ଭବିଷ୍ୟତକୁ ଏପରି ସଂଯୋଗ କରିବା ଯେପରିକି ଏହାର ଫଳ ସମୁହଭାବେ ମଙ୍ଗଳପ୍ରଦ ହେବ ।




ମଧୁବାବୁଙ୍କ ପ୍ରତିଷ୍ଠିତ କଟକ ୟୁନିୟନ କ୍ଲବରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମଧୁସ୍ମୃତି ସାଧାରଣ ସମ୍ପାଦକ ଅଧ୍ୟାପକ ଶ୍ରୀ ଜାରେଶ୍ୱର ସାହୁ ଓ ଶ୍ରୀ ଗିରିଜାଭୂଷଣ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ।

ଜାତୀୟ ଗୌରବ ମଧୁସୂଦନ ତଳେ ବସିଛନ୍ତି । ତାଙ୍କ ବାମପଟେ କଣିଆ (ତାରକସି ମିସ୍ତ୍ରୀ) ବସିଛନ୍ତି । ଚୌକି ଉପରେ ବାମଆଡ଼ୁ ବସିଛନ୍ତି ସୁଭାଷ ବୋଷଙ୍କ ବାପା ଶ୍ରୀ ଜାନକୀନାଥ ବୋଷ ଓ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ବାପା ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ପ୍ରମୁଖ । ତଳେ କଣିଆ ସାଥିରେ ବସିବା ଶିଳ୍ପୀ କୁଳ ପ୍ରତି ଆଦରର ପରିଚୟ ।





ସତ୍ୟଭାମାପୁର ମଧୁବାବୁଙ୍କ କୋଠା



-ସତୀସମାଧି- ମଧୁବାବୁଙ୍କ ପ୍ରତିଭାମୟୀ ଏହିଠାରେ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇଥିଲେ ।



ସତ୍ୟଭାମାପୁର ମଧୁବାବୁଙ୍କ
ମହାତ୍ମା ଗାନ୍ଧୀ ରହି

ଓଡ଼ିଶା ଆର୍ଟୱେୟାର, କଟକ କାରଖାନାର କାରିଗର
ଶ୍ରୀ ଯୋଗେଶ୍ୱର ପୃଷ୍ଟି, ମହମଦିଆ ବଜାର, କଟକଙ୍କ
ଦ୍ୱାରା ନିର୍ମିତ ।



'ସୁନାର ଗୋଲାପ ଓ ପ୍ରଜାପତି' ମଧୁସୁଦନଙ୍କ 'ଓଡ଼ିଶା
ଆର୍ଟୱେୟାର' କାରଖାନାରେ ପ୍ରସ୍ତୁତ








...ବୃଆରୀ ୪ ତାରିଖ ଦିନ ...ୗରବ ମଧୁସୂଦନଙ୍କ ସମାଧି- ...ୁକେଶରଠାରେ 'ମଧୁସ୍ମୃତି'ର ...ମାନଙ୍କ ଶ୍ରଦ୍ଧାଞ୍ଜଳି ଜ୍ଞାପନ ।



ଅନୁକୂଲ୍ୟରେ ଭାରତ ମଧୁସୂଦନଙ୍କ ୪୪ ତମ ତା ୪-୨-୧୯୭୮ ରିଖରେ ...ଭବନରେ ଅନୁଷ୍ଠିତ ହୋଇ- ...ଥା ଅତଥ ରତସ୍ତ ମହା ...ଚନ୍ଦ୍ର ମହାନ୍ତି ଏହି ଉପଲକ୍ଷେ ଭାଷଣ ଦେଉଛନ୍ତି ।



...ୗରବ ମଧୁସୂଦନଙ୍କ ୪୪ ତମ ଉପଲକ୍ଷେ ଗତ ତା ୪-୨- ...ରେ ଶୈଳବାଳା ମହିଳା ...ରମାଜ ସମ୍ପାଦକ ଚନ୍ଦ୍ରଚନ୍ଦ୍ର ...ରଥ 'ମଧୁସ୍ମୃତି' ସଭାପତି ଶ୍ରୀ ସୁରେନ୍ଦ୍ର ମହାନ୍ତି ଓ ଅଧ୍ୟାପକ ଶ୍ରୀ ଚାରେଶ୍ୱର ...ସୂଦନ ମିଉଜିୟମ ବୁଲି ଦେଖୁଛନ୍ତି ।

# ମଧୁବାବୁ ସଙ୍ଗେ ଲଢିବି ନାହିଁ

ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

"ମଧୁବାବୁ ସଙ୍ଗେ ଲଢିବି, କାଳିଆ ଘୋଡାରେ ଚଢିବି" ଏଇ ବଚନିକାଟି ଗୋଟାଏ ସମୟରେ ଓଡିଶାର ସହରାଞ୍ଚଳରେ ଓ ପ୍ରତ୍ୟନ୍ତାରେ ମଧ୍ୟ ପ୍ରଚଳିତ ଥିଲା । ଯେଉଁମାନେ କୌଣସି ଅବସ୍ଥାକୁ ଲକ୍ଷ୍ୟକରି ଏ ବଚନିକାକୁ ଆଉଡ଼ାଉ ଥିଲେ ବା ପ୍ରୟୋଗ କରୁଥିଲେ ସେଥିରୁ ମଧ୍ୟ ଗୋଟାଏ କିଛି ସ୍ପଷ୍ଟ ଇଙ୍ଗିତ ବା ଆଭାସ ପାଇବା ଦୁଷ୍କର ଥିଲା । କିନ୍ତୁ ଏହା ସତ୍ୟ ଯେ ଏହି ଉକ୍ତିର ଛନ୍ଦିଣୀ ଓ ଶିଶୁ ସୁଲଭ ଉଚ୍ଚାରଣ ସାଫଲ୍ୟ ଏହାର ପ୍ରସାର ପାଇଁ ଯଥେଷ୍ଟ ଅନୁକୂଳ ଥିଲା । ଧୀରେ ଧୀରେ ଏହା ଲୋକ ମୁଖରୁ ଲୋକ-ମୁଖକୁ ବ୍ୟାପ୍ତ ହେଉଥିବା ବେଳେ ଅନେକ ହୁଏତ ଏଇ ମଧୁବାବୁଟି କିଏ ତାହା ବିସ୍ମରଣ ହୋଇଥିଲେ ବା 'ସେ' ସମ୍ପର୍କରେ ଅନୁସନ୍ଧାନ କରିବାରେ ନିସ୍ପୃହ ହୋଇ ପଡିଥିଲେ ।

କଥାଟା କିପରି ଆରମ୍ଭ ହେଲା ତାହା ଆଜି ନିରୂପଣ କରିବାକୁ ଗଲେ କେବଳ ଅନୁମାନ ଉପରେ ନିର୍ଭର କରିବା ଛଡା କୌଣସି ପ୍ରାମାଣିକ ତଥ୍ୟ ମିଳିବା ବିଡମ୍ବନା ବୋଧହୁଏ ସେତେବେଳେ କାଳିଆ ଘୋଡାରେ ଚଢିବା ସମ୍ଭ୍ରମ ଓ ଭୋଗ ବିଳାସର ଚୂଡାନ୍ତ ଉପଭୋଗର ମାନ ବୋଲି ନିର୍ଣ୍ଣୟ କରାଯାଉଥିଲା ଓ ସେହିପରି ମଧୁବାବୁ ସଙ୍ଗେ ଲଢିବା ମଧ୍ୟ ବିଦ୍ୟା, ବୁଦ୍ଧି ଓ ଚତୁରୀର ଉତ୍କର୍ଷତା ପ୍ରମାଣ କରୁଥିଲା ।

କିନ୍ତୁ ଏହାର ପ୍ରୟୋଗ ଯାହା ହଉନା କାହିଁକି ମଧୁବାବୁଙ୍କ ତିରୋଧାନ ପରେ, ତାଙ୍କ ସମ୍ପର୍କରେ କୌଣସି ତଥ୍ୟନିଷ୍ଠ ରଚନା ବା ଜୀବନୀ ପ୍ରକାଶ ପାଉନଥିବାରୁ, ବିଭିନ୍ନ ଦିଗରେ ତାଙ୍କର କୃତି ବା ଅପକୃତି ଲୋକ-ମୁଖରେ ଅତିରଞ୍ଜିତ ହୋଇ ବହୁ କିମ୍ବଦନ୍ତୀରେ ପରିଣତ ହୋଇଯାଇଥିଲା । ଲୋକ-ମାନେ ପୁଣି କେବେ ପ୍ରକୃତ ତଥ୍ୟ ଶୁଣିବାପାଇଁ ଆଗ୍ରହୀ ବା ଅଭିସନ୍ଧିତ୍ସୁ ହେଲେ ? ଲୋକ-ମାନଙ୍କୁ କିଛି ଗୋଟାଏ ମୁଖରୋଚକ ବା ଚାଞ୍ଚଲ୍ୟକର ଘଟଣା ଧରେଇ ଦେଲେ ହେଲା, ପୁଣି ସେଥିରେ ଲୋକଙ୍କର ନିଜସ୍ୱ କିଛି କଳ୍ପନା ରସନା ତୃପ୍ତି ପାଇଁ ମିଶ୍ରିତ ହୋଇ ସେହି ଶୀତରୁ ଶୀତରେ ହୋଇ ଉଠୁଥିବା କାହାଣୀଟି ଗଡି ଗଲା ଗ୍ରାମରୁ ଗ୍ରାମାନ୍ତର, ସହରରୁ ସହର ।

କେବଳ ସେତିକି ନୁହେଁ । ଗୁଜବ ରଟନା ବା ଆସର ଜମେଇ ପାରୁଥିବାପରି କପୋଳ କଳ୍ପିତ ସବୁ ସବୁ ଯାହା ଦିନେ ଅଶିକ୍ଷିତ ବା ଅର୍ଦ୍ଧଶିକ୍ଷିତ ଜନତାର ଏକଚାଟିଆ ଥିଲା, ତାହା ଆଜି ସେମାନଙ୍କ ଅଧିକାରରୁ ସମ୍ବାଦପତ୍ର ମାନେ ମଧ୍ୟ ଅପହରଣ କରିନେଲେଣି । ସ୍ୱାଧୀନତା ପାଇବାର ତିରିଶ୍ ବର୍ଷ ପରେ ମଧ୍ୟ ଶତକଡ଼ା ନବେ ଲୋକ ଏବେ ମଧ୍ୟ ବିଶ୍ୱାସ କରନ୍ତି ଯେ, ଯାହା ସମ୍ବାଦପତ୍ରରେ ଥରେ ମୁଦ୍ରିତ ହୋଇଗଲା ତାହା ଧ୍ରୁବ ସତ୍ୟ । ଏହା ଅବଧାରଣା କରିବାର ଉଦ୍ଦେଶ୍ୟ ହେଉଛି ଏହି ଯେ, ତତ୍କାଳୀନ ସମ୍ବାଦପତ୍ର-ମାନେ ନିଜ ନିଜର ସ୍ୱାର୍ଥ ସାଧନ କରିବାପାଇଁ ବହୁବାର ମଧୁବାବୁଙ୍କ ସମ୍ପର୍କରେ ଈର୍ଷା-ପ୍ରଣୋଦିତ ଭୁଲ୍ ତଥ୍ୟମାନ ପରିବେଷଣ କରିଛନ୍ତି । ଯେଉଁମାନେ ଦିନେ ଥିଲେ ମଧୁବାବୁଙ୍କର ବଶଂବଦ, ଅନୁଗୃହୀତ ସେମାନେ ମଧୁବାବୁଙ୍କର ତିରୋଧାନ ପରେ ପରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ଯାଇ ଏତାଦୃଶ ବିବୃତି ଦେଇଛନ୍ତି, ଯାହାକୁ ପଢି ତାଙ୍କର ଉତ୍ତରପୁରୁଷମାନଙ୍କର ମନେହେବା ସ୍ୱାଭାବିକ ଯେ ମଧୁବାବୁଙ୍କ ଜୀବନରେ ବହୁ କଳଙ୍କ ଥିବା ସତ୍ତ୍ୱେ, ସେ ଯେ ଜଣେ କରିତ୍କର୍ମା ବ୍ୟକ୍ତିଥିଲେ ଏକଥା ସ୍ୱୀକାର୍ଯ୍ୟ । ହାୟ ଖଣ୍ଡା ! ତମେ ହିଁ କେବଳ ଜମକୁ ପ୍ରବଞ୍ଚିତ କରିପାର !

ତାଙ୍କ ସମୟରେ ୧୮୯୨ କି ୯୩ ମସିହା ହେବ ପରା ! ମଧୁବାରିଷ୍ଟର କାହେଁ କଟକ ସହରରେ ଛାତି ଫୁଲେଇ ରାସ୍ତା ଚାଲୁଥିଲେ ! ମୁଣ୍ଡରେ ସେହି ପଗଡି, ଦେହରେ ଶ୍ୱେତା ଚପ୍‌କନ୍, ଓ୍ୱେଷ୍ଟ କୋଟ ରେ ସେହି ଲୁପାଚେନ୍ ଲଗା ଘଡି । ପଛେ ପଛେ କଟୁଆନ୍ ଘୋଡାଗାଡି ଉପରେ ବସି ଧୀରେ ଧୀରେ ଅନୁସରଣ କରୁଛି । ମଧୁବାରିଷ୍ଟରକୁ ଦେଖି ରାସ୍ତାର ଲୋକମାନେ ଦୁଇଭାଗ ହୋଇ ବାଟ ଛାଡି ଦିଅନ୍ତି । ବାଘ ମୁହଁରେ କିଏ କାହିଁକି ପଡିବାକୁ ଯିବ ?

ଏଇ ମଧୁବାରିଷ୍ଟର ପୁଣି କାହେଁ ଦିନେ ତହବିଲ ଟଙ୍କା ତୋଷ୍‌ରପ କରି କଟକରୁ ଫେରାର ହୋଇ ଯାଇଥିଲେ । ଆଉ କୁଆଡେ ବିଦେଶରେ ରହି ନାଁ ବଦଳେଇ, ଟଙ୍କା ଲୋଭରେ ଗୋଟାଏ ଖିରସ୍ତାନ୍ ସ୍ତ୍ରୀଲୋକକୁ ବାହାହୋଇ, ସେଠି ପାଠ ପଢି କଲିକତାକୁ ଏକାଥରକେ ହୁଲ୍‌ହୁଲ୍ କରିଦେଲେ । ମଧୁ-ବାବୁଙ୍କ ପୂର୍ବ ନାଁ କଣଥିଲା କେଜାଣି, କିନ୍ତୁ ଦିନେ ହେଲେ ଆଉ ସେ ଗାଁକୁ ଫେରି ପାରିଲେ ନାହିଁ । ତାଙ୍କ ମା' ବାପ ସମସ୍ତେ ମଲାପରେ ସେ କୁଆଡେ କଟକ ଫେରି ଆସିଥିଲେ ।

ହଁ ; ମଧୁବାରିଷ୍ଟର ପୁଣି ବାରିଷ୍ଟରୀ ପଢିବାକୁ ବିଲାତ ଯାଇଥିଲେ । ସେଠିତ ସେ ପୁଣି ଗୋରା ସାହେବମାନଙ୍କୁ ନାକରେ ପାଣି ପିଆଇଛି ! ସେଠି ଘୋଡାଗାଡି ରଖିଲେ କର୍ପୋରେସନ୍‌କୁ ଟିକସ୍ ଦେବାକୁ ପଡେ । ମଧୁବାବୁ କାହିଁକି ଟିକସ ଦେବ ? ସେତ ମଧୁବାରିଷ୍ଟର ! ଦେ' ବୋଲି କିଏ ଧମ୍‌କାଇଲେ ଡରିଥରି ଦେଇଦେବ ନାଁ କଣ ? କର୍ପୋରେସନରୁ ନୋଟିସ୍ ଆସିଲା ଟିକସ୍ ଦେବାକୁ । ମଧୁବାରିଷ୍ଟର କୁଆଡେ ଜବାବ୍ ଦେଲେ—ମୋ ଗାଡ଼ିରେ ଘୋଡା ଲାଗି ନାହାନ୍ତି ! ଦୁଇଟା ଜାଜ ଘୋଡୀ, ଘୋଡ଼ୀଟଣା ଗାଡିରେ ଟିକସ୍ ଦେବାକୁ ପଡିବ, ଏକଥା ଆଇନ୍‌ରେ ନାହିଁ ।

ପୁଣି ବିଲାତରେ ତ ଜାଗାର ଅଭାବ । ସେଥିପାଇଁ କୋଠା ଉପରର ଖାଲି ଜାଗାସବୁ ବିକ୍ରୀ କରାଯାଏ— ଉପରକୁ ଉପର ଘର କରିବାକୁ । ଏମିତି ଚାଲିଥିଲା ଉପରକୁ ଉପରକୁ କେତେ ମହଲା କିଏ ଜାଣେ ? ଗୋଟାଏ ସାହେବର ଛାତଉପରଟାକୁ କିଣିଲେ ମଧୁବାରିଷ୍ଟର । କିନ୍ତୁ ଆଉ ଘର ତିଆରି କଲେ ନାହିଁ । ସେ ଘର କଲେ ସିନା ତାଉପର ଜାଗାକୁ ପୁଣିଥରେ ସାହେବ ବିକିବ ! ମଧୁବାବୁ ସିଧା ମନା କରିଦେଲେ—ମୋ ଜାଗା ; ମୁଁ ଘର କରିବା ନକରିବା ମୋ ଉପରେ ନିର୍ଭର କରେ । ମୋତେ କେହି ଆଇନତଃ ବାଧ୍ୟ କରି ପାରିବେ ନାହିଁ । ସାହେବର ଅକଲ୍ ଗୁଡୁମ୍ । ପୁଣି ଆସି ନାକକାନ ମୋଡି ହୋଇ ଦୋହରା ପଇସା ଦେଇ ମଧୁବାବୁଙ୍କଠାରୁ ସେ ଜାଗା ଫେରେଇ ନେଲା । କଟକରେ

ଆସି ଓକିଲାତି କଲବେଳେ କେତେବେଳେ ଜୁଲିସ୍କା ଦେଖାଇ, କେତେବେଳେ କଖାରୁଟା ଭଳକୁ ଉପରେ କାଟି, କେତେ ନା କେତେ ମହଜିଲକୁ ରେଜ ଆଉ ମର୍ଟର କେସ୍ଟରୁ ଖଲାସ୍ କରିଛନ୍ତି, ତାର ଇୟତ୍ତା ନାହିଁ ।

ଆହ୍ଟା ଜମିଥିଲା ବେଳେ କଥାଗୁଡିକ ଶୁଣିବାକୁ ଭାରି ମଜାଦାର । କିନ୍ତୁ ଏହିସବୁ କଥା ଶୁଣିଲାବେଳେ, ମନେହୁଏ ଯେମିତି ମଧବାବୁ ଜଣେ ଖୁବ୍ ସ୍ମାର୍ଟ ଲୋକ ଥିଲେ ଓ ସେ ଏପରି ଧୁରନ୍ଧର ଥିଲେ ଯେ ସମସ୍ତଙ୍କୁ ଆଖି ଆଗରେ ଧନ୍ଦାକୁ କଳା କରି ଦେଇ ପାରୁଥିଲେ । କିନ୍ତୁ ଏହି ପ୍ରଚଣ୍ଡ ଗୁଳବ-ଖୋରୀ ବା ଗୁଲିଖୋରୀ ଭିତରେ ମଧୁବାବୁଙ୍କ ବ୍ୟକ୍ତିତ୍ୱର ଯେଉଁ ଦିଗଟି ପ୍ରଚ୍ଛନ୍ନ ରହିଯାଇଥିଲା, ତାହା ହେଲା ମାତୃଗତ ପ୍ରାଣ ଓ ଦେଶପ୍ରାଣ ମଧୁସୂଦନଙ୍କର ନିଜର ଜାତି ଓ ଦେଶ ସମ୍ପର୍କରେ ଥିବା ପ୍ରଚଣ୍ଡ ଅଭିମାନ ଓ ନିଜର ଜାତିକୁ ଅନ୍ୟମାନଙ୍କ ସହିତ ସମକକ୍ଷ କରି ତୋଳିବାର ଅଦମ୍ୟ ବ୍ୟାକୁଳତା । ଏଠି ପୁଣି କହି ରଖିବାର ଅଛି ଯେ ମଧୁବାରିଷ୍ଟର ଠାରୁ ଢେର୍ ଢେର୍ ଚଲାଖ୍ ଲୋକ ତାଙ୍କ କାଳରେ ଥିଲେ ଓ ଏବେ ବି ସେମାନଙ୍କ ସଂଖ୍ୟା ବଢିଛି ସିନା, କିଛି କମି ନାହିଁ । ମଧୁବାବୁ ଏମାନଙ୍କ ପରି ଚଲାଖ ହୋଇଥିଲେ ତାଙ୍କ ପ୍ରତିଷ୍ଠିତ ନାମଜାଦା ଜୋତା କାରଖାନା ଆଉ ତାରକସି କାରଖାନା ଏମିତି କରୁଣ ଭାବେ ଫେଲ୍ ମାରି ନଥାନ୍ତା ! ସେ ସେମିତି ଚଲାଖ ହୋଇଥିଲେ, ଦରମା ନନେଇ ମନ୍ତ୍ରୀ କାମ କରିବେ ବୋଲି ଜିଦ୍ ଧରି ନଥାନ୍ତେ—ଆଉ ସେହି ଜିଦ୍‌ରେ ମନ୍ତ୍ରୀପଦରୁ ଇସ୍ତଫା ଦେଇ ନଥାନ୍ତେ । ଇତିହାସ ବଜ୍ର-କଣ୍ଠରେ ଘୋଷଣା କରିଛି—ଚଲାଖମାନେ ସବୁ ଯୁଗରେ ସବୁକଥାରେ ସଫଳ ହୋଇଥାନ୍ତି । କିନ୍ତୁ ଚରମତମ ବିଫଳତାକୁ ଯେ ପରମ ବିନୟ ଓ ପରମ ଗୌରବର ସହିତ ନିଜ ଶିରରେ ରାଜମକୁଟ ସମ ପରିଧାନ କରି ମାନବ ସମାଜକୁ ଏକ ପରମମୂଲ୍ୟବୋଧର ପ୍ରତିଶ୍ରୁତି ଓ ପରିଚୟ ଦେଇ ଯାଇଛି ସେଇ ଅଚଲାଖ ଅଯାଚିବିଫଳ ବ୍ୟକ୍ତି ଟି ହିଁ ମାନବ ସମାଜରନେତା, ଆଉ ମହାପରୁଷ । ଏଭଳି ବ୍ୟକ୍ତି ହିଁ ଯୁଗ ସୃଷ୍ଟି କରିଛନ୍ତି—ଆଦର୍ଶ ସୃଷ୍ଟି-କରିଛନ୍ତି—ଆଉ ଅନ୍ୟକରିତ୍‌କର୍ମା ଚଲାଖ୍ ଅଦ୍ମୀମାନଙ୍କୁ ହସି ହସି କହି ଯାଉଛନ୍ତି—"ସ୍ୱଲାଖୀ ଚଲ୍‌ବେ ନା । ସ୍ୱଲାଖୀତେ କେଉ ତପ ବୈତରଣୀ ପାର ହତେ ପାରେ ନା" ।

କଟକକୁ କର୍ମକ୍ଷେତ୍ର କରି ବାଛିନେବା ପରେ ମଧସୂଦନଙ୍କ ପାଇଁ ଓକିଲାତି ଥିଲା ଗୋଟାଏ ଅର୍ଥଉପାର୍ଜନର ପନ୍ଥା କେବଳ ତାଙ୍କର ଲକ୍ଷ୍ୟ ଥିଲା—ଅଭାବଗ୍ରସ୍ତ ଅନଗ୍ରସର ଓଡିଶାକୁ ଏକତ୍ରିତ କରି ତହିଁରେ ଶିକ୍ଷା, କଳା, ଶିଳ୍ପର ସମନ୍ୱୟ ବିକାଶ କରି, ଓଡିଶାକୁ ଭାରତବର୍ଷର ମାନଚିତ୍ରରେ ତା'ର ସମୁଚିତ ସ୍ଥାନରେ ପ୍ରତିଷ୍ଠିତ କରାଇବା । ମଧୁସୂଦନଙ୍କ ବିଲାତଗହଣୀ ସମୟରେ ଜଣେ ପାଦ୍ରୀଙ୍କ ସହିତ ସାକ୍ଷାତ ହୋଇଥିଲା ଓ ମଧସୂଦନ ଯେତେବେଳେ କହିଲେ ଯେ ସେ ଓଡିଶାରୁ ଆସିଛନ୍ତି—ପାଦ୍ରୀ ଜଣକ କହିଲେ—"ମୁଁ ଏତେ ବର୍ଷ ଭାରତବର୍ଷରେ ରହିଥିଲି, କିନ୍ତୁ ଓଡିଶା ! କେବେ ତା'ର ନାମ ଶୁଣି ନାହିଁ । "ମଧୁସୂଦନ କଣ୍ଠରେ ବ୍ୟଞ୍ଜନା ଦେଇ କେବଳ ଗୋଟିଏ ପଦ କହିଥିଲେ—"ଆପଣଙ୍କର ଭୂଗୋଳ ଜ୍ଞାନ ଆଉ ଟିକିଏ ବୃଦ୍ଧି ପାଇବା ଉଚିତ ।"

ମଧୁସୂଦନ ବହୁପରିମାଣରେ ଚର୍ଚ୍ଚିଲଙ୍କ ପରି ସ୍ପିଟବାକ୍ ଥିଲେ ଓ ତାଙ୍କର ଶ୍ଳେଷୋକ୍ତିରେ ଶ୍ଳେଷର ଯେଉଁ ବ୍ୟଞ୍ଜନା ପ୍ରକାଶ ପାଇଥିଲା, ତାହା ପ୍ରତିପକ୍ଷକୁ କିଛି ସମୟ ପାଇଁ ନିର୍ବାକ୍ କରି ଦେଉଥିଲା । ତୁରନ୍ତ ଜବାବ୍ ଦେବା ପାଇଁ, ଠୋକ୍‌ଠୋକ୍ କଥା କହିବା ପାଇଁ, ବୁଦ୍ଧି ଅପେକ୍ଷା ସାହସର ବେଶ ପ୍ରୟୋଜନ । ତା' ନହେଲେ, ଜବାବ୍‌ସୁଆଲ୍ କରୁଥିଲା ବେଳେ, ଗୋରା ସାହେବ ଜଜ୍ ଯେତେବେଳେ କହିଲେ ଯେ ସେ ମିଷ୍ଟର ଦାସଙ୍କର ବକ୍ତବ୍ୟରୁ କିଛି ବୁଝି ପାରୁ ନାହାନ୍ତି, ସେତେବେଳେ ମିଷ୍ଟର ଦାସ୍ କହି ନଥାନ୍ତେ—ୟୋର ଅନର୍ ! ତଥ୍ୟ ପରିବେଷଣ କରିବା ମୋର ଏକମାତ୍ର ଦାୟିତ୍ୱ । ମୁଁ ଗୋଟାଏ ମସ୍ତିଷ୍କ ଯୋଗାଇ ଦେଇ ପାରିବି କାହିଁ ?

କେନ୍ଦୁଝର ରାଜାଙ୍କ ଗାଦି ଫେରିପାଇବା ସମ୍ପର୍କରେ ମଧୁବାବୁ ଯେତେବେଳେ ସାର-ଗ୍ଲ୍ୟସ ଇଲିଅଟ୍‌ଙ୍କ ସହିତ ସାକ୍ଷାତ କରିବାକୁ ଯାଇଥିଲେ, ଇଲିଅଟ୍ ସାହେବ ସଫା ସଫା ମନା କରି ଦେଇଥିଲେ ଯେ ସେ ଅତ୍ୟାଗ୍ରରୀ କେନ୍ଦୁଝର ରାଜାଙ୍କ ସମ୍ପର୍କରେ କିଛି ଆଉ ଅଧିକ ଶୁଣିବାକୁ ଚାହାନ୍ତି ନାହିଁ । ମିଃ ଦାସ ଜବାବ୍ ଦେଇଥିଲେ—"ହଁ ସାର୍ ! ଆପଣ ଶୁଣି ନପାରନ୍ତି—କିନ୍ତୁ ଆପଣ ନଶୁଣିଲେ ନ୍ୟାୟ ବିଗ୍ଭର ଦେବା ପାଇଁ ବ୍ରିଟିଶ୍ ସରକାର-ଙ୍କର ସୁଖ୍ୟାତି ଯେ ଏଥିରେ ବିପନ୍ନ ହେବ, ଏକଥାରେ ସନ୍ଦେହ ନାହିଁ । ଏତିକି କହିବା ଫଳରେ କ୍ଷିତିଖୋର୍ ଇଲିଅଟ୍ ସାହାବ ମିଃ ଦାସଙ୍କୁ ସ୍ୱବିସ୍ମିତ ଭାବରେ କେବଳ ଶୁଣିଥିଲେ ତା' ନୁହେଁ—କେନ୍ଦୁଝର ରାଜାଙ୍କୁ ତାଙ୍କର ଗାଦୀ ପୁଣିଥରେ ଫେରାଇ ଦେଇଥିଲେ ।

ମିଃ ଦାସଙ୍କର ଆଖୁ ସିଧାସଖି ଠୋକ୍-ଠୋକ୍ ଜବାବ୍ ଦେବା ବିଷୟରେ ନଜୀରର ମଧ୍ୟ ଏକାନ୍ତ ଅଭାବ ନାହିଁ । ଅଜସ୍ର ପଇସା ରୋଜଗାର କରିବା ଓ ସେସବୁକୁ ପାଣି ପରି ଖରଚ କରିଦେବାର ମଧ୍ୟ ନଜୀରର ଅଭାବ ନାହିଁ । ସେ ସମୟରେ ଓଡିଶାର ସ୍ଥାନୀୟ କାରିଗରମାନଙ୍କୁ ନେଇ ତାରକସୀ ଶିଳ୍ପ ଓ ଚମଡା ଶିଳ୍ପର ସ୍ୱପ୍ନ ଦେଖିବାର ପ୍ରମାଣର ମଧ୍ୟ ଅଭାବ ନାହିଁ । କିନ୍ତୁ ତଥାପି, ତାଙ୍କ ଜୀବଦ୍ଦଶାରେ ଓ ତାଙ୍କର ମୃତ୍ୟୁପରେ ସେ ଓଡିଶାର ଜଣେ ବିବଦମାନ ବ୍ୟକ୍ତିତ୍ୱ ହୋଇ ରହିଥିଲେ ଓ ବୋଧହୁଏ ରହିବେ, ସେ ପର୍ଯ୍ୟନ୍ତ ସାଧାରଣ ଲୋକମାନଙ୍କ ଭିତରେ ସତ୍ୟ ଅପେକ୍ଷା ଗୁଜବ୍‌ମାତ୍ରେଇ ଅଧିକ ଆକର୍ଷଣୀୟ ଥିବ ? ତା ଛଡା, କୋଉ ବିରାଟ ଅସାଧାରଣ ବ୍ୟକ୍ତିତ୍ୱବାନ୍ ଯୁଗସ୍ରଷ୍ଟାର ସମାଜବୋଧସୀମା ବହିର୍ଭୂତ ଚରିତ ବିବଦ-ମାନ ହୋଇ ରହି ନାହିଁ ?

ମଧୁବାବୁଙ୍କର ଶୈଶବ ଅବହେଳିତ ଓ କୈଶୋରର ସ୍ୱପ୍ନ ବିଡମ୍ବିତ । ଆଶ୍ରୟହୀନ ଓ ଅର୍ଥହୀନ ଅବସ୍ଥାରେ କଲିକତା ସହରରେ ବୁଲି ବୁଲି ତାଙ୍କର ଯୌବନ ଅତ୍ୟାଗ୍ଭରିତ । ସେହି ତାଙ୍କର ଲଢେଇ ଯାହା ଶୈଶବରୁ ଆରମ୍ଭ ହୋଇ ବୋଧହୁଏ ତାଙ୍କର ଅନ୍ତିମ ଶଯ୍ୟାରେ ଶେଷ ହୋଇଥିଲା । ତାଙ୍କର ଏହି କଣ୍ଟକାକୀର୍ଣ୍ଣ ଯାତ୍ରାପଥରେ ବୋଧହୁଏ ଏକମାତ୍ର ପାଥେୟ ହୋଇ ରହିଛି, ତାଙ୍କର ଦୁର୍ବାର ଉଚ୍ଚାକାଂକ୍ଷା ଓ ନୈତିକ ସାହସ ।

ପିଲାଦିନୁଁ ଦାରିଦ୍ର୍ୟ ସହିତ ଲଢେଇ, ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରି ଓ ଖିରସ୍ତାନ ସ୍ତ୍ରୀ ବିବାହ କରି ନିଜର ସମାଜ ସହିତ ଲଢେଇ, ନିଜେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରି ସାରିବା ପରେ ଚର୍ଚ୍ଚ-ସର୍ବସ୍ୱ ଭଣ୍ଡ ପାଦ୍ରୀ ସମାଜ ସହିତ ଲଢେଇ, ଓକିଲାତି ପାସ୍ କରି ଆସି, କଟକରେ ପ୍ରତିଷ୍ଠିତ ବଙ୍ଗାଳୀ ଓକିଲ-ମାନଙ୍କ ସଙ୍ଗେ ଲଢେଇ, ନିଜର ସହକର୍ମୀ-ମାନଙ୍କର ଅଦୂରଦର୍ଶିତା ଓ ନ୍ୟୁନତାବୋଧ ସହିତ ଲଢେଇ, ଓ ସର୍ବୋପରି ନିଜର ଅଦୃଷ୍ଟ ସହିତ ଲଢେଇ, ମଧୁବାବୁଙ୍କୁ ଶେଷ ଆଡକୁ ବୋଧହୁଏ ହୃତବଳ ଓ ହୃତଦମ୍ଭ କରି ପକାଇଥିଲା । ଏତେ ଲଢେଇ କରି ତାଙ୍କର ପ୍ରିୟତମା ପତ୍ନୀ ସୌଦାମିନୀଙ୍କ ସହିତ କେତୋଟି ସ୍ୱଚ୍ଛନ୍ଦ ମଧୁର ମୁହୂର୍ତ୍ତ କଟାଇବା ପାଇଁ ତାଙ୍କୁ ସୁଯୋଗ ନ ଦେଇ କାଳ ତାଙ୍କୁ (ପତ୍ନୀଙ୍କୁ) ଅପହରଣ କରିନେଲା । ଏକା-ଥରକରେ ସେ ଦୁଇଟି ପୃଥିବୀ ହରାଇଥିଲେ । ତାଙ୍କ ସ୍ନେହଶୀଳା ମାତାଙ୍କୁ ସେ ଅନ୍ତିମ ମୁହୂର୍ତ୍ତରେ ମଧ୍ୟ ଦେଖିବାର ସୁଯୋଗରୁ ବଞ୍ଚିତ ହୋଇଥିଲେ ଓ ଅନ୍ୟ ପଟେ ହରେଇ-ଥିଲେ ତାଙ୍କର ପ୍ରାଣପ୍ରିୟା ସହଧର୍ମିଣୀ ସୌଦାମିନୀକୁ ତାଙ୍କର ଦ୍ୱିତୀୟ ପୃଥିବୀ । ଜୀବନର ଚଲାପଥରେ ସେ କ୍ଷୁଦ୍ରାନା ସ୍ୱଜାତି-ମାନଙ୍କର ଚକ୍ରାନ୍ତରେ ଏକାଧିକବାର ଶୀକାର ହୋଇଛନ୍ତି, ଅନ୍ୟର ପୁତ୍ର କନ୍ୟାମାନଙ୍କୁ ନିଜର ପୁତ୍ର କନ୍ୟା ବତ୍ ଲାଳନ ପାଳନ କରି ତାଙ୍କର ସମସ୍ତ ଦାୟିତ୍ୱ ନିଜର ସ୍ନେହୋର ସଂସାର ଭିତରେ ଗ୍ରହଣ କରି ନେଇଛନ୍ତି ।

ତାଙ୍କ ଜୀବନର ଅନ୍ତିମ କାଳରେ ଓଡିଶାର ରାଜନୈତିକ ଓ ସାଂସ୍କୃତିକ ଜୀବନର ଗ୍ରନ୍ଥି ତାଙ୍କ ହାତରୁ ଖସିଯାଇ ଯେମିତି ଅଲଗା ହୋଇ ଯାଇଥିଲା । ସେ କପର୍ଦ୍ଦକଶୂନ୍ୟ ହୋଇ ଯାଇଥିଲେ । କୋଟରଗତ ଭାବଲେଶ ଶୂନ୍ୟ ଆଖିରେ ସେ ବୋଧହୁଏ ଶୂନ୍ୟ କୁ ଚାହିଁ ରହି ଭାବୁଥିଲେ, "କିଛି ହେଲା ନାହିଁ—ହୋଇ ପାରିଲା ନାହିଁ ।

ସୋନାଟିକୁ ତା ବାପ କାନ୍ଦି କାନ୍ଦି କହୁଚି—'ଏରେ ଯା ନାଇଁରେ ! ଟୋକା ଅନଉଚି ଏମନ୍ତ ପଛକୁ ଚତୁର୍ଦ୍ଦିଗକୁ । ଆଗରେ ଭୟଙ୍କର ସମୁଦ୍ର, ପଛରେ ଭୟଙ୍କର ଦୁର୍ଭିକ୍ଷ । ମଝିରେ ଓଡ଼ିଆ ଦାସ ଟିଏ ପୁଅଟିଏ ଛାତ୍ର ହେଉଛନ୍ତି । ଜଣେ ହେବାକୁ ଯାଉଛି ମିଃ ଦାସ (ଯାହାଙ୍କ ଶ୍ରଦ୍ଧାନାମ ଗୋବିନ୍ଦ) ଆଉ ଜଣେ ହେବାକୁ ଯାଉଛି ସେଇ ମିଃ ଦାସଙ୍କ ପ୍ରାତଃସ୍ମରଣୀୟ ପିତୃଦେବ ଚୌଧୁରୀ ରଘୁନାଥ ଦାସ ଯେ ପୁଅଟିକୁ ଜନ୍ମ କରି ମଧ୍ୟ ଚିହ୍ନିନାହାନ୍ତି ସେ ପିଲାର କ୍ଷମତାକୁ । ଜଣେ ଏମନ୍ତ ଦେଖିବାକୁ ଖୋଜ ବତାଉଚି ଓ ଆଉ ଜଣେ ଭାବୁଚି ସେ ବଳିଷ୍ଠ ଗୋଡ଼କୁ ସ୍ନେହାନ୍ଧ ବାପଟିଏ ପରି ନୁହେଁ—ସେ କାଳର (ଓ ଏ କାଳର) ଯାବତୀୟ ପରିବର୍ତ୍ତନ ବିରୋଧୀ, ଦୁଃସାହସିକ ଚିନ୍ତା ବିରୋଧୀ ଓଡ଼ିଆ ଜାତିଟିଏ ପରି ।

ମିଃ ଦାସଙ୍କ ଜୀବନୀ ଉପରେ ଫିଲ୍ମ କରିବା ପାଇଁ ଅଛୁରି ଅସଂଖ୍ୟ 'ଭିଜୁଆଲସ୍' ଶାଟ ଦୃଶ୍ୟ ମତେ ଜଳ ଜଳ ଦିଶୁଛି । ଖ୍ରୀଷ୍ଟ ଧର୍ମ ପରିବର୍ତ୍ତନ, ବିବାହ, ହଠାତ୍ ସ୍ତ୍ରୀ ବିୟୋଗ, ଜଣେ ବନ୍ଧୁର ସ୍ତ୍ରୀ ବିୟୋଗ ପରେ ତାର ପାଞ୍ଚଟି ପୁଅଝିଅଙ୍କୁ ନେଇ ନିଜର ପରିବାର ଗଠନ, ଓକିଲାତି, ଦେଶମିଶ୍ରଣ ଆନ୍ଦୋଳନ, ଦୂର ଦୂରାନ୍ତର ବିଲାତ୍ ଯାତ୍ରା, ତତ୍କାଳୀନ ସାମ୍ରାଜ୍ୟର ଭାରତ ସଚିବଙ୍କ ଠାରୁ ଆରମ୍ଭ କରି ଭାରତର ବଡ଼ଲାଟଙ୍କ ଭଳି ମହାମାନ୍ୟ ସାହେବମାନଙ୍କୁ ଶହେ ବର୍ଷ ପରର ସାହେବ ଛୁଆ ମନେକରି ତାଙ୍କ ସହିତ ସାଙ୍ଗ ସରିସା କଥୋପକଥନ, ବିଧାନ ସଭାରେ ଯୁକ୍ତି ତର୍କର ହଟଚମଟ ପ୍ରଦର୍ଶନ, ମନ୍ତ୍ରୀତ୍ ଲୀଳାରେ ଅବତରଣ ଓ ଅବଶେଷରେ କ୍ରମେ ଅପସାରଣ, ମହାତ୍ମା ଗାନ୍ଧୀ ଓ ତତ୍କାଳୀନ ଭାରତର ଜାତୀୟ ନେତାମାନଙ୍କ ପ୍ରତି ରାଜନୈତିକ ଆଦର୍ଶରେ ଭିନ୍ନ ଧର୍ମବ୍ରତ୍ୟ ଆଚରଣ—ଏ ସମସ୍ତ କ୍ଷେତ୍ରରେ ତାଙ୍କ ଜୀବନୀ ଅସାଧାରଣ 'ଭିଜୁଆଲସ୍'ରେ ପରିପୂର୍ଣ୍ଣ ।

କିନ୍ତୁ ଜଣେ ଚଳଚ୍ଚିତ୍ର ପ୍ରଯୋଜକ ଭାବେ ମୁଁ ଏ ସବୁ ବିଷୟରେ ବେଶୀ ଗଭୀରକୁ ଯାଇପାରିବିନାହିଁ, ସେମିତି ଯିବା ସମ୍ଭବ ମଧ୍ୟ ନୁହେଁ—ଯେମିତି ଯାଆନ୍ତି ସାହିତ୍ୟିକ ମାନେ । ମୋର ଦରକାର ଜଣେ ଖାସା ଡାଇରେକ୍ଟର ଯେ ମଧୁବାବୁଙ୍କ ଭଳି ଜଣେ 'ହିରୋ'କୁ ଆୟତ୍ତ କରି ପାରିବ । ମୋର ଦରକାର ଗୋଟିଏ କାହାଣୀ ଯେଉଁଥିରେ ମଧୁବାବୁଙ୍କୁ ନେଇ ଓଡ଼ିଆଙ୍କର ଶହେ ବର୍ଷର ଇତିହାସ ମାତ୍ର ଅଢ଼େଇ ଘଣ୍ଟାରେ ଖତମ ହେଇ ବେଳକୁ ପ୍ରେକ୍ଷାଳୟରେ ଆସନସ୍ଥ ହୋଇଥିବା ଦର୍ଶକଙ୍କ ମନ ଶହେ ବର୍ଷ ପଛକୁ ନ ଯାଇ ଶହେବର୍ଷ ଆଗକୁ ବଢ଼ିଯାଇଥିବ । ତେବେ ସେ କାହାଣୀ ମଧୁବାବୁଙ୍କ ଜୀବନୀରୁ କେଉଁଠୁ ଆରମ୍ଭ ହେବ ସେ ଦୃଶ୍ୟ ନିର୍ବାଚନର ଦାୟିତ୍ୱ ମୁଁ ନା ଦେବି ସ୍କ୍ରିପ୍ଟ ରାଇଟରକୁ, ନା ଡାଇରେକ୍ଟରକୁ । କାରଣ ସେ ଦୃଶ୍ୟଟି ମୁଁ ମୋ ନିଜ ସ୍ୱପ୍ନରୁ ନିଜେ ସର୍ଜ୍ଜନା କରିଛି ଓ ତାର ସଂକ୍ଷିପ୍ତ ଟିପ୍ପଣୀଟି ଏହିପରି :

ଯାତ୍ରୀମାନେ ଜାହାଜରୁ ଅବତରଣ କରୁଛନ୍ତି । ପଶ୍ଚାତ୍‌ଭୂମିରେ ସୁଏଜ୍ କେନାଲ୍ । ସମ୍ମୁଖରେ କାଇରୋ ସହର । ଅଳ୍ପ ସମୟ ଭିତରେ କାଇରୋ ଗାମୀ ଯାତ୍ରୀଗଣ ସହର ଦିଗରେ ଖେଳେଇ ହୋଇଗଲେ । ଜଣେ ଯାତ୍ରୀ ସହରକୁ ପଛକରି ବିସ୍ତୀର୍ଣ୍ଣ ମରୁ ରାଜ୍ୟକୁ ଦୁଇଭାଗ କରିଥିବା ନୀଳ ଜଳ ଧାରକୁ ଲମ୍ବ ଓ ପ୍ରସ୍ଥରେ ମୁହୂର୍ତ୍ତେ ମାତ୍ର କଳନା କରିବାରେ ଧ୍ୟାନସ୍ଥ ହୋଇଛି । ତା ପରେ ହଠାତ୍ ଘୁରି ପଡ଼ିଚି ଓ ଚାଲିବାକୁ ଆରମ୍ଭ କରିଛି ବନ୍ଦର ସୀମା ଅତିକ୍ରମ କରି ଅପେକ୍ଷମାଣ ଗୋଟିଏ ଊନବିଂଶ ଶତାବ୍ଦୀର 'କୋଚ୍' ନିକଟକୁ ।

"ହୋଓ୍ୱାର ଟୁ ?"
"ଟୁ ଦି ପିରାମିଡ୍‌ସ୍ ।"

ଇଜିପ୍‌ସିଆନ୍ କୋଚ୍‌ମ୍ୟାନ୍‌ର ପଶ୍ଚୁତ ହସରେ ସ୍ଥାନଟି ମୁଖରିତ ହୋଇ ଉଠିଚି ।

"ଆର ୟୁ ଫ୍ରମ୍ ଇଣ୍ଡିଆ ?"
"ନୋ—ଫ୍ରମ୍ ଇଙ୍ଗ୍‌ଲଣ୍ଡ" (ମିଛ ନୁହଁ, କାରଣ ମଧୁବାବୁ ସେ ଥର ବିଲାତରେ ପ୍ରଥମ ଆଠମାସ ରହଣୀରୁ ଫେରୁଥିଲେ ।)

ଯାତ୍ରୀଟି ଅଦୃଶ୍ୟ ହୋଇ ଯାଇଚି କୋଚ୍ ଭିତରେ । କୋଚ୍ ଚାଲିଚି । ଇଜିପ୍ଟ ସହରର କୋଳାହଳମୟ ଷ୍ଟ୍ରିଟ୍‌ସିନ୍ ଭେଦ କରି କୋଚ୍ ଆଗେଇଚି । ସହର ଭିତରେ କେଉଁଠି ମିଶି ଯାଇଛି ସେ କୋଚ୍ ଉତ୍ୟବସରେ ।

ଝଲ୍‌ମଲ୍ ସୂର୍ଯ୍ୟ କିରଣରେ ବାଲି ପ୍ରାନ୍ତର ଝଟକୁଛି । ଯାତ୍ରୀଟି ଆହୁରି କେତେକ ବିଦେଶୀ ପର୍ଯ୍ୟଟକଙ୍କ ଗହଣରେ ସେହି ବାଲି ସାଗର ଅତିକ୍ରମ କରୁଛି । ଭୟଙ୍କର ଖରା । ଗମ୍ ଗମ୍ ଖାଁ । ତାରି ଭିତରେ ଝଲକାଏ ଝଲକାଏ ପବନ ଗୋଟିଏ ଝଲକା ଜୋର ପବନରେ ପ୍ରାୟ ସବୁ ପର୍ଯ୍ୟଟକଙ୍କ ମୁଣ୍ଡର ଟୋପି ଖସି ପଡ଼ୁଚି, ଉଡ଼ି ଯାଉଛି । ପ୍ରାୟ ପ୍ରତ୍ୟେକ ନିଜ ନିଜର ମୁଣ୍ଡର ଟୋପିକୁ ହାତରେ ଚାପି ଧରିବାକୁ ସଚେଷ୍ଟ । ସାମନାରେ ପ୍ରାଚୀନ ପିରାମିଡ୍ । ଆଉ ଅଳ୍ପ ବାଟ—ପିରାମିଡ୍‌ର ଛାଇ । ହଠାତ୍ ଝଲକାଏ ପବନ ଆସିଛି । ଏଥର ସତକୁ ସତ ଯେଉଁ ମୁଣ୍ଡର ଟୋପିଟି ଉଡ଼ିଗଲା ସେ ଲଗ୍ନ ମୁଣ୍ଡଟି ସ୍ପଷ୍ଟତଃ ସେଇ ଯାତ୍ରୀଟିର ଯେ କୋଚ୍‌ମ୍ୟାନ୍‌କୁ ଜବାବ ଦେଇଥିଲା—ଫ୍ରମ୍ ଇଂଲଣ୍ଡ !

ପବନରେ ଉଡ଼ିଯାଇଥିବା ଟୋପିଟି ପଛରେ ମାତ୍ର ଦୁଇଟି ପାଦ ଧାଇଁ ଯାଇଚି ସେ ଯାତ୍ରୀ । କିନ୍ତୁ ମରୁଭୂମିର ଧୂଳି ଓ ଗରମ ପବନର ପରିହାସ ନିକଟ ଛିଡ଼ା ସହଯାତ୍ରୀମାନଙ୍କର ଗମ୍ଭୀର ମୁହଁର ନୀରବ ହସଗୁଡ଼ିକ । ଯାତ୍ରୀ ଟୋପିଟିକୁ ଧରିବା ପାଇଁ ଆଉ ପାଦେ ମରୁଭୂମି ଆଡ଼କୁ ନ ଯାଇ ସିଧା ଘୁରିଯାଇଛି ପିରାମିଡ୍ ଆଡ଼କୁ । କିନ୍ତୁ ଏ କ'ଣ ! ପିରାମିଡ୍‌ର ଲମ୍ବାଛାଇ ତାକୁ ସ୍ୱାଗତ କରିବା ପରିବର୍ତ୍ତେ କେବଳ ପଛେଇ ଯାଉଛି !

ଅନ୍ୟ ଯାତ୍ରୀମାନେ ପିରାମିଡ୍‌ର ଛାଇରେ କେତେବେଳୁ ପହଞ୍ଚି ବିଶ୍ରାମ ନେବାକୁ ଆରମ୍ଭ କରିଛନ୍ତି । ନଷ୍ଟ ମଥାଟିଏ କାନ୍ଧ ଉପରେ ଧରିଥିବା ସେଇ ଏକାକୀ ଯାତ୍ରୀଟି ବର୍ତ୍ତମାନ ଦୁହ ଦୁହ ଖରାରେ ଠିଆ ହୋଇଛି । ବିସ୍ମିତ ହୋଇ ସେ ଚାହୁଁଚି ଚତୁର୍ଦ୍ଦିଗକୁ । ପିରାମିଡ୍‌ର ଛାଇ ଆଉ ପାହୁଣ୍ଡେ ମାତ୍ର ଦୂରରେ । କିନ୍ତୁ ସେ ଆଡ଼କୁ ଗୋଡ଼ ବଢ଼େଇବା ମାତ୍ରେ ଛାଇ ଜୀବନ୍ତ ପଦାର୍ଥଟିଏ ପରି ଅପସରି ଯାଉଛି ଆଉ ପାହୁଣ୍ଡେ ଦୂରକୁ ।

ଯାତ୍ରୀର ଆଖିଦୁଇଟିରେ ବିସ୍ମୟ ପ୍ରଚୁର ବଢ଼ିଯାଉଛି । ଆଶ୍ଚର୍ଯ୍ୟ ହୋଇ ଚାହୁଁଚି ସେ ତା ପାଦ ତଳକୁ । ଆରେ ! ତା ନିଜ ପାଦ ତଳୁ ମଧ୍ୟ ତା ନିଜର ଛାଇ କେଉଁ ଆଡ଼େ ହଜି ଯାଇଛି । ହୁଏତ ମୁଣ୍ଡର ସାହେବୀ ଟୋପିଟି ସହିତ ତାର ଛାଇକୁ ମଧ୍ୟ ମରୁଭୂମି ଗ୍ରାସ କରି ନେଇଛି । ମୁଣ୍ଡ ଉପର ଆକାଶରେ ଜଳୁଥିବା ସୂର୍ଯ୍ୟ ସହିତ ଲୋକଟିର ଦୃଷ୍ଟି ମୁହୂର୍ତ୍ତକ ପାଇଁ ଏକାକାର ହୋଇଛି । ଆଉ, ହଠାତ୍ ଗୋଟିଏ ଆଲୋକ ପିଣ୍ଡପରି ନିଜେ ସେ ଲୋକଟି ଉଦ୍ଭାସିତ ହୋଇଉଠିଛି ।

ପରମୁହୂର୍ତ୍ତରେ ଅଭିଭୂତ ଯାତ୍ରୀଟି ତା ମୁଣ୍ଡ ଉପରେ ଥୁଆ ହୋଇଥିବା ସେଇ ଅଦ୍ଭୁତ ହାତଟିକୁ ଅନୁଭବ କରୁଛି । ହାତ ନୁହେଁ—ଗୋଟିଏ ପଗଡ଼ି ! ସର୍ଜ୍ଜିକନୀ ପଗଡ଼ି—ଯାହାକୁ କେତେ ବର୍ଷ ଉତ୍ତାରେ ପରିଧାନ କରି ସେ ଲୋକଟି ଆବିର୍ଭୂତ ହେବ ସେମାନଙ୍କ ଚକ୍ଷୁରେ—ପୃଥିବୀରେ ମାନବର ସ୍ୱାଧୀନତା, ତାର ସଂସ୍କୃତିର ସ୍ୱାତନ୍ତ୍ର୍ୟକୁ ଗିଳିଦେବାକୁ ବସିଥିବା କୌଣସି ଭୀଷଣ ମରୁଭୂମିର ସୂର୍ଯ୍ୟପରି ଚକ୍ଷୁଗୁଡ଼ିକ ସମ୍ମୁଖରେ ।

ଛାୟାହୀନ ପିରାମିଡ୍ ସାମନାରେ ଲୋକଟି ସ୍ୱୟଂ ଏକ ପିରାମିଡ୍ ପରି ଠିଆ ହୋଇଛି ତାର ଫରକଟା ଗୋଡ଼ ଦୁଇଟି ମଝିରେ ବିଶାଳ ପିରାମିଡ୍ ଦିଗ୍‌ବଳୟ ଆଡ଼କୁ ଘୁଞ୍ଚି ଘୁଞ୍ଚି ଯାଉଛି । ଲୋକଟି ତାର ବ୍ରିଫ୍‌କେଶ୍ ଭିତରୁ ଖଣ୍ଡିଏ ପ୍ୟାଡ୍ ଓ ପକେଟରୁ କଲମଟିଏ ବାହାରି ସେହିପରି ଠିଆ ଠିଆ କ'ଣ ସବୁ ଲେଖି ଯାଉଛି । ଦୂର ଦିଗ୍‌ବଳୟରୁ ଲୋକଟିର ଫରକଟା ଗୋଡ଼

ମଝିରେ ଦିଶୁଥିବା ପିରାମିଡ୍‌ଟି କ୍ରମଶଃ ପେଣ୍ଡୁଲମ୍ ପରି ପୁଣି ପାଖେଇ ଆସୁଛି । ଲେକଟିର କଲମ ବନ୍ଦ ହୋଇଛି । ଚିଠିଟି ଲେଖା ସରିଛି । ସମ୍ବୋଧନ କରାଯାଇଛି—ସମ୍ପାଦକ 'ଉତ୍କଳ ଦୀପିକା'କୁ ।

ଲୋକଟିର ନଗ୍ନ ମଥା ଉପରକୁ ଓହ୍ଲେଇ ଆସିଥିବା ଛାଡ଼ି 'ସର୍ଣ୍ଣ ଚନୀର ପଗଡ଼ି' କ୍ରମେ କ୍ରମେ ଉଚ୍ଚକୁ ଉଚ୍ଚକୁ ଉଠି ଯାଉଛି । ପାଖରେ ଆସୁଛି ଛାଇ—ପିରାମିଡ୍‌ର ଛାଇ । ଇତି ମଧ୍ୟରେ ଲୋକଟି ତା ନିଜ ଛାଇ ଆବିଷ୍କାର କରି ପାରିଛି । କିନ୍ତୁ ସେତେବେଳକୁ ସେ ଟିକି ପିଲାଟିଏ ହୋଇ ସତ୍ୟଭାମାପୁରର କେଉଁ ମାଟିବଂଶ ଅବଧାନଙ୍କ ପାଦ ପାଖରେ ବସିପଡ଼ିଛି ଆଉ ଧୂଳି ଉପରେ ମଦେଇ ଘୁରିଛି—ଅ, ଆ, ଇ, ଈ........ ।

ଉପାଧ୍ୟକ୍ଷ
ରାଜ୍ୟ ଶିକ୍ଷା ପ୍ରତିଷ୍ଠାନ
ଭୁବନେଶ୍ୱର

## ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ

ବର୍ତ୍ତମାନ ଏଠାରେ ଯେତେ ଭାଇ ଭଉଣୀ ଉପସ୍ଥିତ ଅଛନ୍ତି, ସମସ୍ତଙ୍କ ହୃଦୟରେ ଜନନୀ ଜନ୍ମଭୂମିଙ୍କ ପ୍ରତିମୂର୍ତ୍ତି ବା ପିତୁଳା ସ୍ଥାପନ କରିବା ଉଚିତ । ଭାଇମାନେ ! ସମସ୍ତେ ଥରେ ତାଙ୍କ ପୁଣ୍ୟ ପିତୁଳା ହୃଦୟରେ ସ୍ଥାପନ କର । ଏହି କାର୍ଯ୍ୟ ପାଇଁ ମୁଁ ଆପଣମାନଙ୍କୁ ଅନୁନୟ ବିନୟ କରୁଅଛି । ମାତାଙ୍କ ନାମରେ ଆଜ୍ଞା ଦେଉଅଛି ।

ଦେଖନ୍ତୁ—ପ୍ରଥମେ ଜନନୀ, ଦ୍ୱିତୀୟରେ ଜନ୍ମ ଭୂମି, ତୃତୀୟରେ ସ୍ୱର୍ଗ । ମନୁଷ୍ୟ ଜନ୍ମରେ ପ୍ରତ୍ୟେକ ମନୁଷ୍ୟର ଜୀବନକୁ ଗୋଟିଏ ସ୍ରୋତ ବୋଲି ମନେ କଲେ ଦେଖିବ, ଏହି ସ୍ରୋତରେ ଆଦ୍ୟରେ ଜନନୀ, ମଧ୍ୟରେ ଜନ୍ମଭୂମି ଓ ଶେଷରେ ସ୍ୱର୍ଗ । ପ୍ରତ୍ୟେକ ଆତ୍ମାର ଏହି ଗତି । ମନୁଷ୍ୟ ଜୀବନରେ ଆଦ୍ୟ ଜନନୀ, କାର୍ଯ୍ୟ ଜନ୍ମଭୂମି, ପୁରସ୍କାର ମୁକ୍ତି ବା ସ୍ୱର୍ଗ । ଏଥିପାଇଁ ଜନନୀ ଜନ୍ମ ଭୂମି ସ୍ୱର୍ଗଠାରୁ ଗରୀୟସୀ ।

## ମା' ଓ ମାତୃଭୂମି

ପ୍ରଥମେ ମାତା ରକ୍ତ ଦେଇଥିଲେ । ସେହି ରକ୍ତ ବୃଦ୍ଧି କରିବା ପାଇଁ ମୋ ଜନ୍ମଭୂମି ମୋତେ ଶସ୍ୟାଦି ଦେଉଅଛି । ଅତଏବ ଶରୀରର ଆଦ୍ୟ ପଦାର୍ଥ ଦିଏ ମାତା । ତାର ରକ୍ଷକ ଓ ବର୍ଦ୍ଧକ ଜନ୍ମଭୂମି । ଆମେମାନେ ପ୍ରଥମେ ପ୍ରସ୍ଥାବ ହେଉଦେଲେ ଭୂମିଷ୍ଠ ହେଲୁ ବୋଲି କହନ୍ତି । ଅର୍ଥାତ ଆସମାନଙ୍କୁ ମାତା ଜନ୍ମଭୂମି କୋଡ଼ରେ ଅର୍ପଣ କରି ସେହି ଜନ୍ମ ଭୂମିର ପୂଜା କରିବାକୁ ଆଦେଶ ଦିଅନ୍ତି । ଏହି କଥା ଥରେ ଅନ୍ତଃକରଣରେ ଭାବ । ଶେଷ ଅବସ୍ଥା ସ୍ମରଣ କର । ମାତା ଯେଉଁ ରକ୍ତ ଦେଇଥିଲେ, ତାହା ନିଃଶେଷ ହେଲଣି । କେବଳ ସେ ଶରେ ଅଛି । ତାହା ମାତୃଭୂମିର ମାଟି ସଂଗେ ସମାନ । ମାତୃଭୂମି ଉତ୍କଳ ଦେହରେ ଆତ୍ମା ରହିଛି । ମା ଉତ୍କଳ କୋଡ଼ରେ ବସି ଚକ୍ଷୁ ବୁଜି ଥରେ ପ୍ରାର୍ଥନା କର । ହୃଦୟରେ ଜନ୍ମଭୂମିର ପିତୁଳା ଆପେ ଜାଗ୍ରତ ହେବ । ଚକ୍ଷୁ ବନ୍ଦ କର । ଦେଖିବ, ତୁମ ଭିତରେ ମା' ଅଛନ୍ତି । ଏହିତ ମାତୃଭୂମିର ପୂଜା । ଭାଇମାନେ ! ପୂଜା ନିମନ୍ତେ ଜନନୀ ଜନ୍ମଭୂମି ଉତ୍କଳ ମାତାଙ୍କର ଆବାହନକର । ସମସ୍ତେ କହ—ବନ୍ଦଇ ଜନ୍ମଭୂମି ।

# ମା'ର ମମତା ଓ ମଧୁସୂଦନ

ଶ୍ରୀମତୀ ବିଦ୍ୟୁତ୍‌ଲତା ନନ୍ଦ

ଐତିହ୍ୟ ଓ ଆଭିଜାତ୍ୟପୂର୍ଣ୍ଣ ଚୌଧୁରୀ ପରିବାରର ବିଭବ କ୍ରମେ ମ୍ଳାନ ହୋଇ ଆସୁଥିଲା । ମାତ୍ର ସାଂସାରିକ ଜୀବନର ସଂଘର୍ଷ, ଧର୍ମପରାୟଣା ପାର୍ବତୀ ଦେବୀଙ୍କର ହୃଦୟ ପ୍ରଦୀପକୁ ନିର୍ବାପିତ କରିପାରି ନ ଥିଲା । ତାଙ୍କର ଆତ୍ମବିଶ୍ୱାସ ଓ ଧର୍ମପୂତ ଜୀବନ ମଧୁସୂଦନଙ୍କ ଚରିତ୍ର ଗଠନରେ ଗଭୀର ପ୍ରଭାବ ପକାଇ ପାରିଥିଲା । ସେ କାଳର ସେହି ଅନ୍ଧାରୀ କୋଣର କୁଳନାରୀ ପାର୍ବତୀ ଦେବୀଙ୍କର ନୀତିବାକ୍ୟ ଥିଲା—'ଆଲୋ ସଖି, ଆପଣା ମହତ ଆପେ ରଖି' । ମଧୁସୂଦନ ମା'ଙ୍କର ଏହି ଆଦର୍ଶ ବାଣୀ ଜୀବନର ଜଟିଳ ମୁହୂର୍ତ୍ତରେ ହୃଦୟଙ୍ଗମ କରୁଥିଲେ । ମଧୁସୂଦନଙ୍କର ପ୍ରପିତାମହୀ ସ୍ୱାମୀଙ୍କର ଚିତାନଳରେ ଆତ୍ମାହୁତି ଦେଇ ସତୀ ହୋଇଥିଲେ । ଏ କାହାଣୀ ମଧୁସୂଦନ ଯେତେବେଳେ ପିତାମହୀଙ୍କ ଠାରୁ ଶୁଣୁଥିଲେ ତାଙ୍କ କଳ୍ପନା ଚକ୍ଷୁରେ ଏକ ଆତ୍ମ ଉତ୍ସର୍ଗୀକୃତ ଜୀବନର ପ୍ରେରଣା ଗଭୀର ରେଖାପାତ କରୁଥିଲା । ସେହି ଚିତାନଳର ସ୍ମୃତି ମଧୁସୂଦନଙ୍କୁ ଦିନେ ସ୍ୱାର୍ଥମେଧ ଯଜ୍ଞରେ ଜୀବନକୁ ଆହୁତି ଦେଇ ଜାତି ପ୍ରେମ ବହ୍ନି ପ୍ରଜ୍ଜ୍ୱଳିତ କରିବାର ପ୍ରେରଣା ଦେଇଥିଲା ।

ନାନା ଘାତ ପ୍ରତିଘାତ ମଧ୍ୟରେ ମଧୁସୂଦନ ଉଚ୍ଚଶିକ୍ଷା ଲାଭ କରି ଉତ୍କଳ ମାତାର ଗୌରବ ବୃଦ୍ଧି କରି ଯାଇଛନ୍ତି । ତାଙ୍କର ଦୃଢ଼ ପ୍ରତିଜ୍ଞା ଓ ଅପୂର୍ବ ମାନସିକ ଶକ୍ତି ଦ୍ୱାରା ସେ ହୋଇପାରିଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ଏମ୍. ଏ., ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ୟୁରୋପୀୟ ଯାତ୍ରୀ । ଯେତେବେଳେ ମଧୁସୂଦନ କଟକରୁ ଏଣ୍ଟ୍ରାନ୍ସ ପାସ୍ କରି କଲିକତାରେ ଯାଇ ଏଫ୍ ଏ. ପଢ଼ିବାକୁ ଇଚ୍ଛା କରିଥିଲେ, ତାଙ୍କର ପିତା ଚୌଧୁରୀ ରଘୁନାଥ ଦାସ ବାରଣ କରିଥିଲେ । ପରିବାରର ଆର୍ଥିକ ସ୍ୱଚ୍ଛଳତା ନ ଥିଲା । ତେଣୁ ସେ ଚାହୁଁଥିଲେ ମଧୁସୂଦନ ଯେ କୌଣସି ଛୋଟକାଟିଆ ଚାକିରୀଟିଏ କରି ପେଟ ପୋଷିବା ଭଲ । ମାତ୍ର ବିପ୍ଳବୀ ମଧୁସୂଦନଙ୍କର ମନ ସେଥିରେ ସନ୍ତୁଷ୍ଟ ହେଲା ନାହିଁ । ତାଙ୍କର ଦୃଢ଼ ସଂକଳ୍ପ ସେ ଦିନେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ୍ ହେବେ । ଉଚ୍ଚ ଶିକ୍ଷାର ଅଧଃପତନରୁ ଓଡ଼ିଆମାନଙ୍କର ବିଦେଶୀ ଶାସକ ପାଖରେ ଦୁର୍ଦ୍ଦଶା ସେ ମର୍ମେ ମର୍ମେ ଉପଲବ୍‌ଧି କରିଥିଲେ । ପ୍ରତିକୂଳ ଅବସ୍ଥା ଓ ସ୍ୱାମୀଙ୍କର ନାନା ବାଧା ସତ୍ତ୍ୱେ ପାର୍ବତୀ ଦେବୀଙ୍କର ଅନ୍ତରତଳୁ ଏଭଳି ଉଚ୍ଚ ଅଭିଳାଷ ପାଇଁ ନୀରବ ଆଶୀର୍ବାଦ ଝରି ଆସିଥିଲା—ପୁଅ ମୋର ବହୁତ ପାଠ ପଢ଼ି ବଡ଼ ମଣିଷ ହେଉ । ମା'ଙ୍କର ଗଭୀର ସ୍ନେହ ଓ ଜନ୍ମମାଟି ସତ୍ୟଭାମାପୁରର ଆକର୍ଷଣ ମଧୁସୂଦନଙ୍କୁ ନିବିଡ଼ ଭାବେ ବାନ୍ଧି ରଖିଥିଲା । ତାଙ୍କର ସଂକଳ୍ପ ଥିଲା ବି. ଏ. ପାସ କଲାପରେ ସେ କଲିକତାରୁ ମା'ଙ୍କ ପାଖକୁ ଫେରି ଆସିବେ ।

ମାତ୍ର ବିଧିର ବିଧାନ ରହସ୍ୟମୟ । ମଧୁସୂଦନ କଲିକତାରେ ଓକିଲତି ଏବଂ ଏମ୍. ଏ. ପାଶ୍ କଲାବେଳକୁ ଖ୍ରୀଷ୍ଟ ଧର୍ମରେ ଦୀକ୍ଷିତ ହୋଇ ଯାଇଥିଲେ । ରକ୍ଷଣଶୀଳ କ୍ଷଣକୋପୀ ଓ ଜିଦ୍‌ଖୋର ରଘୁନାଥ ପ୍ରତିଜ୍ଞା କଲେ ପୁଅକୁ ତ୍ୟାଜ୍ୟପୁତ୍ର କରି ମୃତ୍ୟୁ ପର୍ଯ୍ୟନ୍ତ ମୁହଁ ଚାହିଁବେ ନାହିଁ । ଠିକ୍ ସେହି ପ୍ରତିଜ୍ଞା ସେ ମଧ୍ୟ ପାଳନ କରିଥିଲେ । ମାତ୍ର ପାର୍ବତୀ ଦେବୀଙ୍କର କ୍ଷମାଶୀଳ ମାତୃ ହୃଦୟ ପୁଅର ଫେରିବା ବାଟକୁ ଚାହିଁ ପାହାନ୍ତା ସ୍ୱପ୍ନରେ ଚମକି ଉଠୁଥିଲେ । କେତେଥର ସେ ଇଚ୍ଛା କରିଛନ୍ତି ପୁଅ ପାଖକୁ କିଛି ଟଙ୍କା ମନିଅର୍ଡର ବା ଲୋକ ସାହାଯ୍ୟରେ ପଠାଇବେ । କିନ୍ତୁ ଗୁମାସ୍ତାଙ୍କୁ କହିବାରେ ଚୌଧୁରୀ ରଘୁନାଥଙ୍କର ବିନା ଅନୁମତିରେ ତାହା ଅସମ୍ଭବ ବୋଲି ଉତ୍ତର ପାଆନ୍ତି । ସେ କାଳର ଘରକୋଣର ବୋହୂ ପାର୍ବତୀ ଦେବୀ ନିଜକୁ ଶୂନ୍ୟ ଓ ଅସହାୟ ମନେକରି ମଧୁସୂଦନଙ୍କ ମଙ୍ଗଳ କାମନା

ନୀରବରେ ଭଗବାନଙ୍କୁ ଜଣାଉଥିଲେ । କଲିକତାରେ ମଧୁସୂଦନ ସୌଦାମିନୀଙ୍କୁ ବିବାହ କଲାବେଳେ ଉଦ୍ଦେଶ୍ୟ ଥିଲା ମାତୃଜାତି ଉଚ୍ଚ ଶିକ୍ଷିତା ହେଲେ ଏ ଦେଶର ଉନ୍ନତି ସମ୍ଭବ ହୋଇ ପାରିବ । ସେତେବେଳେ ଅସଂଖ୍ୟ ଦ୍ୱନ୍ଦ୍ୱ ଭିତରେ ମାତା ପାର୍ବତୀ ଦେବୀ କିପରି ଭାବରେ ସୌଦାମିନୀଙ୍କୁ ଗ୍ରହଣ କରିବେ ସେ ସ୍ଥିର କରି ପାରି ନ ଥିଲେ । ଏକ ପକ୍ଷରେ ମାତୃତ୍ୱର ଅନାବିଳ ସ୍ନେହ ଅନ୍ୟ ପକ୍ଷରେ କୁସଂସ୍କାରପୂର୍ଣ୍ଣ ସମାଜର ନିଗଡ଼ ବନ୍ଧନ । ସୌଦାମିନୀ ମଧ୍ୟ ଅକାଳରେ ବାଟକାଟି ଚାଲିଯାଇଥିଲେ ।

ଦୀର୍ଘ ଷୋହଳ ବର୍ଷ ପ୍ରବାସରେ ରହି ମଧୁସୂଦନ ଯେତେବେଳେ ସ୍ମୃତି ବିଜଡ଼ିତ ସତ୍ୟଭାମାପୁରକୁ ଫେରି ଆସିଥିଲେ ମାଆଙ୍କର ସ୍ନେହାସିକ୍ତ ସ୍ପର୍ଶ ପାଇଁ ବ୍ୟାକୁଳ ହୋଇ ଉଠିଥିଲେ । କିନ୍ତୁ ଧର୍ମାନ୍ତରିତ ପୁତ୍ରକୁ ସ୍ପର୍ଶ ଦୋଷ ହେତୁ ପାର୍ବତୀ ଦେବୀଙ୍କୁ ବାରମ୍ବାର ଗୋମୂତ୍ର ଗୋବରରେ ବୁଡ଼ ପକାଇ ପବିତ୍ର ହେବାକୁ ପଡ଼ୁଥିଲା । ଏ ସବୁ ଦେଖି ମଧୁସୂଦନ ଗାଁ ଛାଡ଼ି କଟକକୁ ଚାଲି ଆସିଲେ ।

ମହାନ୍ ଦେଶପ୍ରେମୀ ମଧୁସୂଦନ ପ୍ରକୃତରେ କୌଣସି ନିର୍ଦ୍ଦିଷ୍ଟ ଧର୍ମରେ ଆବଦ୍ଧ ନ ଥିଲେ । ସେ ବୁଝିଥିଲେ ମାନବିକତାର ଦିଗଟିହିଁ ଧର୍ମ । ଉତ୍କଳ ମାତାର ପ୍ରକୃତ ସେବା ଥିଲା ତାଙ୍କ ଜୀବନର ବ୍ରତ । ଗୋଟିଏ ଜନନୀ ହୃଦୟରେ ବ୍ୟଥିତ ମର୍ଦ୍ଦିତ, ଅଶାନ୍ତ ଭାବ ସତେ ଯେପରି ସନ୍ତୁଷ୍ଟରେ ଅନ୍ୟ ଏକ ଜନନୀ (ଦେଶ ମାତା) ପ୍ରତି ଉଦ୍ଦେଶ୍ୟରେ ଆମୋଦ ନେଇଥିଲା । ଗୋଟିଏ ବ୍ୟକ୍ତିଗତ ଜୀବନ ଅପେକ୍ଷା ବୃହତ୍ତର ଜୀବନର ସ୍ଥିତି ଅଧିକ ମୂଲ୍ୟବାନ ଥିଲା ମଧୁସୂଦନଙ୍କ ପାଖରେ । ପାର୍ବତୀ ଦେବୀଙ୍କର ଅନେକ ଆଶା ଓ ଆକାଂକ୍ଷା ମଧୁସୂଦନଙ୍କ ପାଇଁ ଧୂଳିସାତ୍ ହୋଇ ଯାଇଥିଲା । କିନ୍ତୁ ଉତ୍କଳ ମାତା ମଧୁସୂଦନଙ୍କ ଭଳି ସୁସନ୍ତାନଙ୍କୁ ପାଇ ଗୌରବାନ୍ୱିତ ହୋଇ ପାରିଥିଲା । ଉତ୍କଳ ଜନନୀର ଖଣ୍ଡବିଖଣ୍ଡିତ କରୁଣାସିକ୍ତ ରୂପ ମଧୁବାବୁଙ୍କର ମର୍ମସ୍ପର୍ଶ କରିଥିଲା । ତାଙ୍କର ସର୍ବାଦୌ କର୍ତ୍ତବ୍ୟ ଥିଲା ଉତ୍କଳମାତାର ସର୍ବାଙ୍ଗ ସୁନ୍ଦର ରୂପ ଗଠନ । ହସ୍ତ ପଦ ହୀନା ଦେଶମାତା ପାଇଁ ହୃଦୟ ତାଙ୍କର କାନ୍ଦି ଉଠିଥିଲା । ଓଡ଼ିଶାର ସେତେବେଳେ ଅନେକଗୁଡ଼ିଏ ସ୍ଥାନ ମାନ୍ଦ୍ରାଜ, ବଙ୍ଗଳା, ବିହାର, ମଧ୍ୟପ୍ରଦେଶରେ ଯାଇ ରହିଥିଲା । ଉତ୍କଳ ମାତାର ମୁଖରେ ହସ ଫୁଟାଇବା ପାଇଁ ଜନନୀର ଯୋଗ୍ୟ ସନ୍ତାନ ମଧୁସୂଦନ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରତିଷ୍ଠାତା ହେଲେ । ତାଙ୍କରି ଅଦମ୍ୟ ଚେଷ୍ଟା ଦ୍ୱାରା ଉତ୍କଳ ମାତାର ସର୍ବବିଧ ଉନ୍ନତି ସମ୍ଭବ ହୋଇ ପାରିଥିଲା । ଓଡ଼ିଆ ଭାଷା ଓ ସଂସ୍କୃତିର ରକ୍ଷା ଓ ଏକତ୍ରୀକରଣ, ସ୍ଥାୟୀ ରଙ୍ଗମଞ୍ଚ ସ୍ଥାପନା, ନାରୀ ଶିକ୍ଷାର ପ୍ରସାର, ଆଇନ୍ ଶିକ୍ଷାର ପ୍ରବର୍ତ୍ତନ ଶିଳ୍ପୀ ଓ କୃଷକମାନଙ୍କର ଉନ୍ନତି ସାଧନ, ଉତ୍କଳ ସମ୍ମିଳନୀ ଦ୍ୱାରା ଜାତୀୟତା ଭାବର ଉଦ୍ରେକ, ସ୍ୱାୟତ୍ତ ଶାସନର ମର୍ଯ୍ୟାଦା ରକ୍ଷା, ଛାତ୍ର ସଂସଦ ଗଠନ, ଉତ୍କଳ ଟାନେରୀ ଓ ତାରକସି କାମ ଦ୍ୱାରା କର୍ମ ଯୋଗାଣ ତଥା ଓଡ଼ିଶାର ରାଜନୈତିକ ଅର୍ଥନୈତିକ, ସାଂସ୍କୃତିକ, ଶୈକ୍ଷିକ ଶିକ୍ଷା ଇତ୍ୟାଦି ସର୍ବବିଧ ଉନ୍ନତିର ଅଗ୍ରଣୀ ଥିଲେ ମଧୁସୂଦନ ।

ସେ ଉତ୍ତମ ଭାବେ ବୁଝିଥିଲେ–ନାରୀ ଶିକ୍ଷା ବିନା ଓଡ଼ିଶାର ଉନ୍ନତି ଅସମ୍ଭବ । ଯେହେତୁ ସମାଜର ଅର୍ଦ୍ଧେକ ନାରୀ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ଓ ସ୍ୱାଧୀନତା ବିନା ସମାଜର ଗୋଟିଏ ଅଙ୍ଗ ପକ୍ଷାଘାତ ରୋଗାକ୍ରାନ୍ତ ହୋଇ ରହିବ । ତେଣୁ ଏ ଜାତିର ଅଗ୍ରଗତି ଅସମ୍ଭବ । ସେ ନାରୀ ଶିକ୍ଷାର କେବଳ ପ୍ରବକ୍ତା ନ ଥିଲେ– ଥିଲେ ପ୍ରତିଷ୍ଠାତା । ତାଙ୍କରି ପ୍ରଚେଷ୍ଟାରେ କଟକରେ ପ୍ରଥମେ ଉଚ୍ଚ ଇଂରାଜି ବାଳିକା ବିଦ୍ୟାଳୟ ଗୋଟିଏ ସ୍ଥାପନ ହୋଇ ପାରିଥିଲା । ସେଥିରେ ମିସ୍ ନିର୍ମଳା ନାୟକ ପ୍ରଧାନ ଶିକ୍ଷୟିତ୍ରୀ ଥିଲେ । ମଧୁସୂଦନଙ୍କ ପ୍ରଚେଷ୍ଟାରେ ମିସ୍ ଶୈଳବାଳା ଦାସ ବିଲାତରୁ ଉଚ୍ଚ ଶିକ୍ଷା ଲାଭ କରି ଆସିଥିଲେ । ଆଜିର ଶୈଳବାଳା ମହିଳା କଲେଜ ମଧୁବାବୁ ଓ ଶୈଳବାଳାଙ୍କର ପ୍ରଚେଷ୍ଟାର ଫଳ । ମଧୁବାବୁଙ୍କର ସଂସ୍କାରମୂଳକ କାର୍ଯ୍ୟକ୍ରମ ମଧ୍ୟରେ ନାରୀ ଶିକ୍ଷାର ପ୍ରସାର ପ୍ରଧାନ ବିଷୟ ଥିଲା । କେବଳ ଓଡ଼ିଶା ନାହିଁ ସାରା ଭାରତରେ ନାରୀମାନଙ୍କୁ ସମାଜରେ ସମାନ ସ୍ଥାନ ଓ ସୁଯୋଗ ଦେବା ପାଇଁ ସେ ବହୁ ଚେଷ୍ଟା କରିଥିଲେ । ସେତେବେଳେ ସୁଧାଂଶୁବାଳା ହାଜରା କଲିକତାରୁ ଓକିଲାତି ପାସ କରି "ଲିଗାଲ ପ୍ରାକ୍ଟିସନରସ୍ ଆକ୍ଟ" ଅନୁଯାୟୀ ମହିଳା ହୋଇଥିବାରୁ ଓକିଲାତି କରିବାକୁ ସୁଯୋଗ ପାଇଲେ ନାହିଁ ମଧୁବାବୁ ପାଟନା ହାଇକୋର୍ଟରେ ଆବେଦନ କରି ସଫଳ ନ ହେବାରୁ "ପ୍ରିଭି କାଉନସିଲର ଜୁଡ଼ିସିଆଲ କମିଟି" ପାଖରେ ଆପତ୍ତି କରି ଋଜି ଶେଷରେ ଜୟ ଲାଭ କଲେ । "ସେକ୍ସ୍ ଡିସକ୍ୱାଲିଫିକେସନ୍ ଆକ୍ଟ" ଅନୁଯାୟୀ ଏଭଳି ଅନେକ କ୍ଷେତ୍ରରେ ନାରୀମାନଙ୍କୁ ନ୍ୟାଯ୍ୟ ଦାବୀରୁ ବଞ୍ଚିତ କରାଯାଉଥିଲା । ସୁଧାଂଶୁବାଳା ଭାରତର ପ୍ରଥମ ମହିଳା ଓକିଲ ହୋଇ ପାରିଥିଲେ । ମହିଳାମାନେ ଭୋଟ ଦେବାର ଅଧିକାର ପାଇ ପାରିବେ ବୋଲି ମଧ୍ୟ ମଧୁବାବୁ ଲଢ଼ିଥିଲେ ।

ଆଜିର ନାରୀ ସମାଜ ତଥା ମାତୃ ଜାତିର ଉନ୍ନତିର ପୃଷ୍ଠପୋଷକ ଥିଲେ ମଧୁସୂଦନ । ବିଦେଶୀ ଶାସନଗତ ତତ୍କାଳୀନ କୁସଂସ୍କାର, ଦୁଃଖ ଦାରିଦ୍ର୍ୟପୂର୍ଣ୍ଣ ଅନ୍ଧକାରାଚ୍ଛନ୍ନ ସମାଜରେ ଜାତୀୟ ଭାବ ଓ ଗଣ ଚେତନାର ଉଦ୍ରେକ କରିଥିଲେ ମଧୁବାବୁ । ସେ ଥିଲେ ଉତ୍କଳ ମାତାର ଯୋଗ୍ୟତମ ସନ୍ତାନ । ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ବାଗ୍ମୀତା, ଅକାଟ୍ୟ ଯୁକ୍ତି, ବିଚକ୍ଷଣତା, ମୌଳିକ ଚିନ୍ତାଧାରା ଓ ସ୍ୱାଧୀନ ମନୋବୃତ୍ତି କେବଳ ଓଡ଼ିଶା ନାହିଁ, ସାରା ଭାରତ ବର୍ଷରେ ଓ ବିଶ୍ୱ ଦରବାରରେ ଚମକ ସୃଷ୍ଟି କରିଥିଲା ।

ସେ ଉତ୍କଳର ଜାତୀୟ ଜୀବନକୁ ମହାଭାରତୀୟ ସ୍ରୋତରେ ପ୍ରବାହିତ କରି ଉତ୍କଳ ତଥା ଭାରତ ମାତାଙ୍କ

ତାଙ୍କ ଷୋଳବର୍ଷ କଲିକତାରେ ରହି ଭାରତର ନବଜାଗରଣର ସ୍ପନ୍ଦନ ସେ ବେଶ୍ ଅନୁଭବ କରିଥିଲେ । କଲିକତାର "Young Bengal" ର ସଂଗଠନ କୌଶଳକୁ ସେ ଖୁବ୍ ସୂକ୍ଷ୍ମଭାବରେ ଲକ୍ଷ୍ୟ କରିଥିଲେ । ତେଣୁ କଟକରେ ପହଞ୍ଚିବା ସଙ୍ଗେ ସଙ୍ଗେ ଛାତ୍ର ସମାଜକୁ ଏକ ନୂତନ ଚିନ୍ତା ଓ ଭାବ ଚେତନାରେ ଗଢ଼ିବାରେ ପ୍ରଥମେ ସେ ଲାଗି ପଡ଼ିଲେ । ତାଙ୍କରି ପ୍ରେରଣାରେ "Cuttack Students Association" ଗଠିତ ହେଲା, ମଧୁସୂଦନ ଥିଲେ ଏହାର ପଥପ୍ରଦର୍ଶକ । ଏହି ସଂଗଠନର ଲକ୍ଷ୍ୟଥିଲା ଉତ୍କଳର ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଅଭ୍ୟୁତ୍ଥାନର ସଂଗଠନ କରିବା । ଯୁବ ପ୍ରାଣକୁ ନୂତନ ଆତ୍ମପ୍ରତ୍ୟୟ ଦେଇ ତାରି ମାଧ୍ୟମରେ ଜାତିକୁ ପୁନର୍ବାର ତାର ମେରୁଦଣ୍ଡ ସଳଖି ଠିଆ ହେବାରେ ସାହାଯ୍ୟ କରିବା । ଅଗ୍ରଗତି ଓ ଅଭିବୃଦ୍ଧିରେ ଗୌଣ ମନୋବୃତ୍ତି କେବେ କୌଣସି କାମରେ ଆସେନାହିଁ । ଏଥିପାଇଁ କେବଳ ଅତୀତ-ଗର୍ବସ୍ପର୍ଶ-ଆତ୍ମଶ୍ଲାଘିତା ଯଥେଷ୍ଟ ନୁହେଁ । ଅତୀତକୁ ଶ୍ରଦ୍ଧା ଓ ସମ୍ମାନ କରି ଶିଖିବା ଉଚିତ । ଏଥିପାଇଁ ମଧ୍ୟ ଦରକାର ଅନ୍ତରର ପ୍ରେରଣା ଓ ଉଦ୍‌ବୋଧନ । ମଧୁସୂଦନଙ୍କର ଅହଙ୍କାରରେ ଥିଲା ଅନ୍ତରର ସେହି ଚିରନ୍ତନ ପ୍ରେରଣା । ଏହି ଭାବ-ଧାରାର ବିକାଶ ସେ ଚାହିଁଥିଲେ ତରୁଣ ଗୋଷ୍ଠୀରେ ।

ଓକିଲାତି ଜୀବନରେ ତାଙ୍କର ସବୁଠାରୁ ରୋମାଞ୍ଚକର ଘଟଣା ହେଉଛି ପୁରୀଠାକୁର ରାଜା ଦିବ୍ୟସିଂହ ଦେବଙ୍କ ନାବାଳକ ପୁତ୍ର କୁମାର ଜଗନ୍ନାଥ ଜେନାମଣି (ପରେ ମୁକୁନ୍ଦ ଦେବ ନାମରେ ଅଭିହିତ) ଙ୍କୁ ଇଂରେଜମାନଙ୍କ ଠାରୁ 'ରାଜା' ସ୍ୱୀକୃତି ଦିଆଇବା । ଏହାର ଅନ୍ତରାଳରେ ପ୍ରଚ୍ଛନ୍ନ ଥିଲା ସେହି ଓଡ଼ିଆର ଅହମିକା, ଜାତୀୟ ମୁକ୍ତି ଚେତନା, ଅଧଃପତିତ ଉତ୍କଳର ଅଭ୍ୟୁଦୟ ଥିଲା ତାଙ୍କର ପ୍ରିୟତମ ସ୍ୱପ୍ନ । ଓଡ଼ିଆ ଜାତିର ଅଭିମାନ, ଆତ୍ମପ୍ରତ୍ୟୟର ଅମ୍ଳାନ ସଂକେତ ଓ ପ୍ରତ୍ୟେକ ଉତ୍କଳୀୟର ପ୍ରେରଣାର ଉତ୍ସ ଜଗତର ନାଥ ଜଗନ୍ନାଥ । ସେହି ଜଗନ୍ନାଥଙ୍କର ସେବକ ଉତ୍କଳର ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳବର୍ଗେଶ୍ୱର ବୀରାଧିବୀରବର ସମ୍ରାଟ ପ୍ରତ୍ୟେକ ଓଡ଼ିଆର ପ୍ରାତଃସ୍ମରଣୀୟ, ତାର ଜନ୍ମ ଜାତକର ପ୍ରଥମ ଶୁଭାରମ୍ଭ ।

୧୮୦୩ ସାଲରେ ଇଂରେଜମାନଙ୍କର ଓଡ଼ିଶା ଅଧିକାର ପରଠାରୁ ବ୍ରିଟିଶ ରାଜଶକ୍ତିର ପ୍ରଥମ ଲକ୍ଷ୍ୟ ଥିଲା ଖୋର୍ଦ୍ଧା ରାଜଶକ୍ତିର ବିଲୋପ ସାଧନ ଓ ଖୋର୍ଦ୍ଧାର ଐତିହାସିକ ସତ୍ତାର ମୂଳୋତ୍ପାଟନ । ଏଥିପାଇଁ ବହୁକାଳର ଧାରାବାହିକ ଚକ୍ରାନ୍ତର ପ୍ରଥମ ଶିକାର ହୋଇଥିଲେ ମହାରାଜା ଦିବ୍ୟସିଂହ ଦେବ ।

ସମଗ୍ର ଓଡ଼ିଶାର ଠାକୁର-ରାଜା ରୂପେ ଘରେ ଘରେ ପୂଜିତ ଖୋର୍ଦ୍ଧା ମହାରାଜାଙ୍କର ନାମରେ ଗୋଟାଏ ସ୍ୱତନ୍ତ୍ର ଅଙ୍କ ଗଣିବା, ମହାରାଜା ରୂପେ ସର୍ବସାଧାରଣରେ ସମ୍ମାନିତ ହେବା ମ୍ଳେଚ୍ଛ ବ୍ରିଟିଶ ଶାସକ ପକ୍ଷରେ ଥିଲା ପ୍ରଚଣ୍ଡ ଅପମାନ, ତା ସାଙ୍ଗକୁ ପୁଣି ଖୋର୍ଦ୍ଧା ମହାରାଜା ଓ ଖୋର୍ଦ୍ଧାର ବୀର, ଇଂରେଜ ବଣିକ ଜାତିର ଏକ ନିତ୍ୟ ଆଶଙ୍କାର କାରଣ ହୋଇଥିଲା । ରାଜା ଦିବ୍ୟସିଂହ ଦେବଙ୍କ ସ୍ୱାଧୀନ ମନୋବୃତ୍ତି ଇଂରେଜ ଶାସକ ଗୋଷ୍ଠୀଙ୍କୁ କୌଣସି ପ୍ରକାରେ ସ୍ୱାଦକର ହେଉନଥିଲା । ତେଣୁ ମିଥ୍ୟା ଏକ ନରହତ୍ୟା ଅଭିଯୋଗରେ ଅଭିଯୁକ୍ତ କରି ଉପର କୋର୍ଟରେ ଅପିଲ କରିବାକୁ ସୁଯୋଗ ନ ଦେଇ ଏକ କାଳରାତ୍ରିରେ ମହାରାଜାଙ୍କୁ ସୁଦୂର ଆଣ୍ଡାମାନ ଦ୍ୱୀପକୁ ଦ୍ୱୀପାନ୍ତରିତ କରିଦିଆଗଲା । ପରେ ପରେ ତାଙ୍କ ନାମରେ ଅଙ୍କ ଗଣନା ବନ୍ଦକରାଇ ତାଙ୍କର ନାବାଳକ ପୁତ୍ରକୁ ରାଜାରୂପେ ସ୍ୱୀକୃତି ନ ଦେବାର ଚକ୍ରାନ୍ତ କରାଗଲା । ମାତ୍ର ଦିବ୍ୟସିଂହ ଦେବଙ୍କ ମାତା ଖୋର୍ଦ୍ଧା ରାଜସିଂହାସନ ରକ୍ଷା କରିବାତଥା ଉତ୍କଳର ଜାତୀୟ ଦେବତା ଜଗନ୍ନାଥଙ୍କ ପୂଜାବିଧି ଅକ୍ଷୁର୍ଣ୍ଣ ରଖିବା ନିମନ୍ତେ ଛଅ ବର୍ଷର ବାଳକ ଜେନାମଣିଙ୍କୁ ଖୋର୍ଦ୍ଧା ରାଜଗାଦୀରେ ଅଭିଷିକ୍ତ କରାଇ ଦେଲେ । ଇଂରେଜ ଶାସକଗୋଷ୍ଠୀ ଏଥିରେ ହୋଇ ଉଠିଲେ ଆହୁରି କ୍ଷୁବ୍ଧ ।

ମଧୁସୂଦନ ଏକ ଅଳସ ଅପରାହ୍ନରେ ମହାରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ଡ଼ାକରାରେ ପୁରୀ ରାଜବାଟିରେ ପାଦ ଦେଲେ । ରାଜବାଟିର ଅବସ୍ଥା ସେତେବେଳକୁ ଶୋଚନୀୟ ।

ମଧୁ ଓକିଲଙ୍କୁ ଫିସ ଦେବାର କ୍ଷମତା ମଧ୍ୟ ସେତେବେଳକୁ ମହାରାଣୀଙ୍କର ନାହିଁ । କିନ୍ତୁ ବାରିଷ୍ଟର ମଧୁବାବୁଙ୍କ ପ୍ରାଣକୁ ସେଦିନ ଆନ୍ଦୋଳିତ କରିଥିଲା ଓଡ଼ିଆ ଜାତିପ୍ରତି ଅପମାନ । ମହାରାଜା ଦିବ୍ୟସିଂହ ଦେବଙ୍କ ଲାଞ୍ଛନା ସମଗ୍ର ଓଡ଼ିଆ ଜାତିର ଲାଞ୍ଛନା ବୋଲି ସେଦିନ ସେ ପ୍ରାଣେ ପ୍ରାଣେ ଅନୁଭବ କରିଥିଲେ । ଛଅବର୍ଷର ବାଳକ କୁମାର ଜେନାମଣି ଇଂରେଜ ଶାସକର କୂଟନୀତିର କ୍ରୀଡ଼ନକ । ଏହି ଶିଶୁରାଜା ପୁଣି ସେଦିନ ଏହି ପଗଡ଼ି ପିନ୍ଧା ଓକିଲଟିର ସମ୍ମୁଖକୁ ନ ଆସିବା ପାଇଁ ଭୟରେ ପଲଙ୍କତଳେ ଲୁଚି ରହିଥିଲେ । ବହୁ ଆୟାସ ପରେ ମଧୁସୂଦନ ଦେଖିଲେ ଓ ଅନୁଭବ କଲେ ଭାଗ୍ୟର ବିକଟ ବିଡ଼ମ୍ବନା । ଶିଶୁରାଜାଟିର ନିର୍ବୋଧ, ବିସ୍ଫାରିତ ଚକ୍ଷୁଦ୍ୱୟରେ ମୁକ୍ତାବିନ୍ଦୁ ପରି ବୁନ୍ଦବୁନ୍ଦା ଲୁହ ଟଳମଳ ହେଉଛି ତା ସହିତ ଝଲସିତ ହେଉଛି ଏକ ବନ୍ୟ ଆତଙ୍କ । ଏହି ଛୋଟିଆ କାନ୍ଧଟି ଉପରେ ଖୋର୍ଦ୍ଧା ରାଜବଂଶର ଗୁରୁଦାୟିତ୍ୱ ।

ମଧୁସୂଦନଙ୍କ ପ୍ରାଣ ଏକ ପ୍ରଚ୍ଛନ୍ନ ମମତାରେ ସିକ୍ତ ହୋଇଉଠିଲା । ଏହି ବୀର ଐତିହାସିକ ରାଜବଂଶ ସହିତ ଏକ ପାରମ୍ପରିକ ନିବିଡ଼ ସଂପର୍କର ସ୍ୱର ନିଜଭିତରେ ସେ ଶୁଣିପାରିଥିଲେ । ବ୍ୟାବସାୟିକ ଦୃଷ୍ଟି କୋଣରୁ ନୁହେଁ, ଜଗନ୍ନାଥ ଯେ ସାର୍ବଭୌମ ରାଜଶକ୍ତିର ସଂକେତ, ଏହି ଗୌରବ ପ୍ରତିଷ୍ଠା କରିବା ପାଇଁ ମଧୁସୂଦନ ତାଙ୍କର ସମସ୍ତ ଓକିଲ ବୁଦ୍ଧି ଖଟାଇବାରେ ଲାଗିପଡ଼ିଲେ । ଲାଗିପଡ଼ିଲେ ସେହି କ୍ଷୁଦ୍ର ବାଳକଟିକୁ ଜଗନ୍ନାଥଙ୍କ ରାଜ ସେବକ ଓ ଉତ୍କଳର ସିଂହାସନର ଅଧିକାରୀ ରୂପେ ପ୍ରତିଷ୍ଠିତ କରାଇବାକୁ । ତାଙ୍କର ଯୁକ୍ତି ଥିଲା ଦିବ୍ୟସିଂହ ଦେବ ଜୀବିତ ଥିଲେ ସୁଦ୍ଧା ଏବଂ ଦଣ୍ଡମୁକ୍ତ ହୋଇ ସୁଦୂର କଳାପାଣିରୁ ଫେରି ଆସିଲେ ମଧ୍ୟ ସେ ମ୍ଳେଚ୍ଛ ହୋଇ ଚିରକାଳ ରହିଯିବେ, ମନ୍ଦିରର ସେବାପୂଜାରୁ ସେ ସବୁଦିନ ପାଇଁ ବଞ୍ଚିତ ହେବେ । ତେଣୁ ତାଙ୍କର ଜୀବଦ୍ଦଶାରେ ତାଙ୍କର ନାବାଳକ ପୁତ୍ରକୁ 'ରାଜା' ସ୍ୱୀକୃତି ଦେବାରେ ଇଂରେଜ ସରକାର ବିଳମ୍ବ କରିବା ଅନୁଚିତ ।

୧୮୮୫ ଖ୍ରୀଷ୍ଟାବ୍ଦରେ ଐତିହାସିକ ବାରବାଟି ପ୍ରାଙ୍ଗଣରେ ଦରବାରର ବିରାଟ ଆୟୋଜନ । ପୁରୀ ରାଜା ମୁକୁନ୍ଦଦେବଙ୍କୁ ଦିଆଯିବ 'ରାଜା' ସନନ୍ଦ । ସେଦିନ କଟକ ସହର ଲୋକାରଣ୍ୟ । ପିମ୍ପୁଡ଼ିଧାର ପରି ଜନ ସମୁଦ୍ର ଲାଗି ରହିଛି ୧୦ ବର୍ଷର ଠାକୁର-ରାଜାଙ୍କୁ ଦର୍ଶନ କରିବା ପାଇଁ, ତାଙ୍କ ପାଲିଙ୍କି ଛୁଇଁ ନିଜକୁ ପବିତ୍ର କରିବା ପାଇଁ । ସ୍ୱୟଂ ମାନ୍ୟବର ଲେଫ୍‌ଟନାଣ୍ଟ ଗଭର୍ଣ୍ଣରଙ୍କ ପାଇଁ ଏ ବ୍ୟାକୁଳତା ନଥିଲା ।

ଜାତୀୟ ଜୀବନରେ ଉନ୍ନତତର ରୁଚି ଓ ପ୍ରବୃତ୍ତିର ବିକାଶ ପାଇଁ ବହୁଭାବରେ ସେ ଚେଷ୍ଟା କରିଛନ୍ତି । ନାରୀ ଶିକ୍ଷାର ଅଗ୍ରଗତି ପାଇଁ ବାଳିକା ବିଦ୍ୟାଳୟ ତଥା କଲେଜ, ସାଧାରଣ ଜୀବନରେ ଚିନ୍ତାଧାରାର ବିକାଶ ପାଇଁ ଟାଉନହଲ ଓ ଲାଇବ୍ରେରୀ, ମନୋରଞ୍ଜନ ତଥା ସାଂସ୍କୃତିକ ବିକାଶ ପାଇଁ ସ୍ଥାୟୀ ରଙ୍ଗମଞ୍ଚର ପ୍ରତିଷ୍ଠା କରିବାର ଚିନ୍ତାଧାରା ପ୍ରଥମେ ମଧୁସୂଦନଙ୍କ ମନକୁ ଛୁଇଁଥିଲା ।

ସେ କେବଳ ଓଡ଼ିଶାର ପ୍ରଥମ ଶିକ୍ଷିତ ଓଡ଼ିଆ ନୁହନ୍ତି; ପ୍ରାଣରେ, ଚିନ୍ତାରେ, ଚେତନାରେ, ହୃଦୟରେ ମଧ୍ୟ ସେ ପ୍ରଥମ ଓଡ଼ିଆ । ଉତ୍କଳ ସମ୍ମିଳନୀର ଅଭିଭାଷଣରେ .ଯାହା ସେ କହିଥିଲେ କୁସନ୍ତାନ ପିତାମାତାଙ୍କର, ସୁସନ୍ତାନ ସମଗ୍ର ଜାତିର ତାହା ଯଥାର୍ଥ । ଉତ୍କଳ ଜନନୀଙ୍କର ଏହି ସନ୍ତାନ ନିଜକୁ ବହୁବାର ପାପୀ ବୋଲି ଘୋଷଣା କଲେ ମଧ୍ୟ ସେ ଦେଶ ମାତୃକାର ଅତ୍ୟନ୍ତ ପ୍ରିୟତମ ସନ୍ତାନ । ଯାହାଙ୍କର ଓଡ଼ିଆତ୍ୱ ଉପରେ ଏକଦା ସନ୍ଦେହ ଆରୋପଣ କରାଯାଇଥିଲା ସେ ତାଙ୍କର ୮୬ ବର୍ଷର କାର୍ଯ୍ୟକଳାପ ମଧ୍ୟରେ ନିଜକୁ ଏକମାତ୍ର ଓଡ଼ିଆ ବୋଲି ପ୍ରମାଣ କରିଯାଇଛନ୍ତି । କେହି ବ୍ୟକ୍ତି-

ବିଶେଷ ନାହିଁ ତାଙ୍କ ଗୌରବର ଉତ୍ତରାଧିକାର ଦାବୀ କରିବାକୁ । ଅଥଚ ସମଗ୍ର ଜାତିର ପ୍ରାଣ ବହ୍ନି ପ୍ରଜ୍ଜଳିତ ହୋଇ ଏକ ସ୍ୱରରେ ଆଜି କହୁଛି କୁଳବୃଦ୍ଧଙ୍କର ଏହି ଗୌରବର କାହାଣୀ । ମୃତ୍ୟୁର ପର ପାରିରେ ମଧ୍ୟ ସେ ଆଜି ଅମର । ଓଡ଼ିଆତ୍ୱର ସେ ଏକ ପ୍ରଚଣ୍ଡ ଅଭିମାନ ।

ଐତିହ୍ୟର ଏହି ଅଭିମାନ ଥିଲା ବୋଲି ସେ ଓଡ଼ିଆ ଜାତିର ସାରଥୀ ହୋଇ ପାରିଲେ । ତାଙ୍କର ଅହଂକାରୀ ବ୍ୟକ୍ତିତ୍ୱ ହିଁ ଏ ଜାତିର ଗର୍ବ, ଗୌରବ ଓ ପ୍ରାଣଧନ ।

ସେ ସର୍ବଦା କହୁଥିଲେ Oriyas for Orissa, not Orissa for Oriyas

ଯଥାର୍ଥରେ ଓଡ଼ିଶା ଥିଲା ତାଙ୍କର ଶୈଶବର କ୍ରୀଡ଼ାଭୂମି, ଯୌବନର କର୍ମଭୂମି, ବାର୍ଦ୍ଧକ୍ୟର ବିଶ୍ରାମଭୂମି ଓ ମୃତ୍ୟୁପରେ ଅନନ୍ତବିଶ୍ରାମର ଭୂମି ।

ତାଙ୍କ ପାଦତଳେ ଏ ଜାତି ଚିରକାଳ ପ୍ରଣାମ କରୁଛି ।

ଅଧ୍ୟାପିକା, ରମାଦେବୀ ମହିଳା କଲେଜ,
ଭୁବନେଶ୍ୱର

---

ସହାୟକ ଗ୍ରନ୍ଥ :—

ଶତାବ୍ଦୀର ସୂର୍ଯ୍ୟ—ସୁରେନ୍ଦ୍ର ମହାନ୍ତି ।

ଗୋଦାବରୀଶ ମହାପାତ୍ର ପରିକ୍ରମା—ବୃନ୍ଦାବନ ଚନ୍ଦ୍ର ଆଚାର୍ଯ୍ୟ ।

କାବ୍ୟ ସମ୍ବାଦ—ଦାଶରଥି ଦାସ ।

---

## ଋଣ ପରିଶୋଧ

ସ୍ରଷ୍ଟାଙ୍କ ଦ୍ୱାରା ତୁମେମାନେ ଏକ ବିଶିଷ୍ଟ ଉଦ୍ଦେଶ୍ୟ ବା ଲକ୍ଷ୍ୟ ପୂରଣ ଲାଗି ପ୍ରେରିତ ହୋଇଅଛ । ତୁମେ ତୁମର ସ୍ଥାନ ଖୋଜିନିଅ । ସେଠାରେ ତୁମେ ତୁମର ଅଭ୍ୟନ୍ତରସ୍ଥ ହୃଦୟ ଓ ମସ୍ତକର ଊର୍ଦ୍ଧ୍ୱରେ ଭଗବାନଙ୍କର ଆଶ୍ରୟ ନେଇ ଦଣ୍ଡାୟମାନ ହୁଅ ଏବଂ ସଂସାରରେ ଲୋକେ ତୁମମାନଙ୍କ ସ୍ୱଭାବକୁ କିପରି ଭାବୁଛନ୍ତି, ତାହା ଖାତିର ନ କରି ତୁମମାନଙ୍କ କର୍ତ୍ତବ୍ୟ କରିଯାଅ । ତୁମେ ଯେତେବେଳେ ତୁମର ଚତୁର୍ଦ୍ଦିଗରେ ସଂସାରର କାହା ସହିତ କୌଣସି ସଂପର୍କ ସ୍ଥାପନ ନ କରି ମା' ପେଟରେ ଥିଲ, ଈଶ୍ୱର ତୁମକୁ ପ୍ରଥମେ ଜୀବନ ଦାନ କରିଥିଲେ । ତୁମେ ଯେତେବେଳେ ମୃତ୍ୟୁ ଶଯ୍ୟାରେ ଶୋଇବ ଏବଂ ଚକ୍ଷୁରେ ଦେଖି ପାରିବ ନାହିଁ କାନରେ ଶୁଣି ପାରିବ ନାହିଁ, ଏବଂ ତୁମର ବିବେକ ସହିତ ମଧ୍ୟ କୌଣସି ସଂପର୍କ ରହିବ ନାହିଁ । ଯଦି ସେହି ଜୀବନ ଦୌଡ଼ର ଶେଷ ମୁହୂର୍ତ୍ତରେ ତୁମର ବିବେକ କହେ, ତୁମେ ତୁମର କର୍ତ୍ତବ୍ୟ ସଂପାଦନ କରିଅଛ, ତେବେ ଜଗତ ଯାହା କହୁ ପଛକେ, ତୁମେ ନିଶ୍ଚିନ୍ତ ସ୍ଥିର ଥାଅ ଯେ, ତୁମର ସୃଷ୍ଟି କର୍ତ୍ତା, ତୁମକୁ ଏହିପରି କହିବେ—"ବତ୍ସ ! ତୁମେ ଭଲ କାମ କରିଅଛ । ମୃତ୍ୟୁ ପର୍ଯ୍ୟନ୍ତ ତୁମେ ବିଶ୍ୱସ୍ତ ଥିଲ । ମୁଁ ତୁମକୁ ଏକ ଜୀବନ ମୁକୁଟ ଦେବି ।"

ଏଥିରୁ ବୁଝିବାକୁ ଅଛି—ଯେ ପ୍ରତ୍ୟେକ ମନୁଷ୍ୟ ଏକ ଆତ୍ମାର ପ୍ରକାଶ । ଏହା ଏକ ସ୍ୱର୍ଗୀୟ ଲକ୍ଷ୍ୟ ନେଇ ଜଗତକୁ ଆସେ । ଲର୍ଡ ରୋନାଲଡ୍‌ସ ଏହାକୁ କହନ୍ତି—" ସ୍ୱର୍ଗୀୟ ଜ୍ୟୋତିକଣା"—ଏହା ଏକ ସୁନ୍ଦର ଅଭିବ୍ୟକ୍ତି । ଯେତେବେଳେ ଆତ୍ମା ପୃଥିବୀ ପୃଷ୍ଠରେ କୌଣସି ଅଂଶରେ ଜନ୍ମ ଗ୍ରହଣ କରେ, ସେତେବେଳେ ଏହା ଜାତି ପାଇଁ କିଛି ଋଣ ନେଇ ଜନ୍ମ ଗ୍ରହଣ କରେ । ଅର୍ଥାତ୍ ମନୁଷ୍ୟ ଜାତି ପାଇଁ କିଛି କାର୍ଯ୍ୟ ନ କଲେ ତାହାର ଏହି ଋଣ ପରିଶୋଧ ହୁଏ ନାହିଁ ।

## ମୋର ଦୁଃଖ

ମୁଁ ଟଙ୍କା ଥଳି ହାତରେ ଧରି ଜନ୍ମ ହୋଇ ନ ଥିଲି । ଟଙ୍କା ଜମାଇ ଥିଲି—ମୁଁ ମୋର ମା, ମୋର ଦେଶ, ମୋର ଭାଇଙ୍କ ପାଇଁ ଖରଚ କରି ଶୂନ୍ୟ ହାତରେ ଫେରି ଯିବି । ସେଥି ପାଇଁ ଦୁଃଖ କଣ ? ଦୁଃଖ ମୋର ଏତିକି ଯେ, ମୋ ମନ ମାଫିକେ—ମୁଁ ମୋ ଦେଶଟାକୁ ମୋ ଜାତିଟାକୁ ଗଢି ପାରିଲି ନାହିଁ ।

# ପିରାମିଡ଼ର ଛାଇ

ଶ୍ରୀ ଶାନ୍ତନୁ କୁମାର ଆଚାର୍ଯ୍ୟ

ମୁଁ ଯଦି ଜଣେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ହୋଇଥା'ନ୍ତି ତେବେ ଚଳିତ ବର୍ଷ ମୋର ପ୍ରଥମ ଉଦ୍ୟମ ହୁଅନ୍ତା କ'ଣ ଜାଣନ୍ତି ? —ମଧୁବାବୁଙ୍କୁ ନେଇ ଗୋଟିଏ ପୁରା ଫିଚର୍ ଫିଲିମ୍ ! କାରଣ, ଚଳିତ ଅପ୍ରେଲ୍ ଅଠେଇଶରୁ ଆଗାମୀ ବର୍ଷର ଅପ୍ରେଲ୍ ସତେଇଶ ପର୍ଯ୍ୟନ୍ତ ଏଇ ୩୬୫ ଦିନର ଲମ୍ବା ସମୟଟିର ଏକ ମହାନ୍ ତାତ୍ପର୍ଯ୍ୟ ଜକଜକ ହୋଇ ଦିଶୁଛି ମୋ ଆଖିରେ । ଏହାକୁ ଓଡ଼ିଶାର ଜାଗରଣ ବର୍ଷରୂପେ ପାଳନ କରାଯିବା ପାଇଁ ବିଭିନ୍ନ ମହଲରୁ ଆହ୍ୱାନ ତ ନିଶ୍ଚେ ବାଜୁଛି ମୋ କାନରେ । କିନ୍ତୁ, ତା ଠାରୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ କାରଣ ହେଲା ମୋ ନିଜ ବ୍ୟବସାୟଗତ ସ୍ୱାର୍ଥ । ଜଣେ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଭାବେ ମୁଁ କ'ଣ ବୁଝୁ ନାହିଁ ଭାବିଚନ୍ତି ତିନିକୋଟି ଓଡ଼ିଶା-ବାସୀ ବର୍ତ୍ତମାନ କି ଛବି ଖୋଜୁଛନ୍ତି ତାଙ୍କର ପ୍ରିୟ ସିନେମାଘରର ରୂପେଲି ପର୍ଦ୍ଦାରେ ? ବୋମ୍ବେ 'ହିରୋ' 'ହିରୋଇନ୍'ଙ୍କ ରୂପ ସହରର କାନ୍ଥ ବାଡ଼ରେ ମରା ହୋଇଥିବା ପୋଷ୍ଟରରେ ଦେଖିଲା ମାତ୍ରେ ସହରର ସିନେମା ଘର ଟିକେଟ ଝର୍କା ଆଗରେ ମାସ ମାସ ଧରି ଭିଡ଼ ଜମନ୍ତା, ଏକଥା କ'ଣ ବୁଝି ନାହିଁ ମୁଁ ଭାବିଚନ୍ତି ଏଯାକେ ! କିନ୍ତୁ କ'ଣ କରାଯିବ ! ଗତ କେଇ ବର୍ଷ ଧରି ମୁଁ ଜଣେ ଦକ୍ଷ ଡ଼ାଇରେକ୍ଟର ଖୋଜି ବୁଲୁଛି ଯେ କି ମୋ ମନର 'ହିରୋ' ହିରୋଇନ୍'ମାନଙ୍କୁ ଡ଼ିରେକସନ ଦେବା ଲାଗି ଯଥେଷ୍ଟ ଯୋଗ୍ୟତା ଅର୍ଜନ କରିଥାଉ । କାରଣ, ତିନିକୋଟି ଓଡ଼ିଆ ବର୍ତ୍ତମାନ ଯେଉଁ 'ଷ୍ଟାର'ମାନଙ୍କୁ ଖୋଜୁଛନ୍ତି ସେମାନେତ ସହଜ 'ଷ୍ଟାର' ନୁହନ୍ତି ଯେ ତାଙ୍କ ସାଙ୍ଗରେ ଖାଲି ଗୋଟାଏ ମୋଟା ଟଙ୍କାର ଚୁକ୍ତି କରିଦେଲେ ସେମାନେ ଟୁଂ ଟାଂ ହୋଇ ଖସି ପଡ଼ିବେ କୋଉ ଦୋ କି ତିନ୍ ମହଲା କୋଠା ଛାତରୁ ମୋ ଟୋପି ଭିତରକୁ ଆଉ କହିବେ—"ଚଳାଅ ଆମକୁ ଯେମିତି ତମ ଇଚ୍ଛା, ଡାଇରେକ୍ଟର ବାବୁ ! ସେକ୍ସ୍, କ୍ରାଇମ୍, ଷ୍ଟଣ୍ଟ୍......କୋଉ ସେଟ୍‌ରେ ଏଇନେ ଆମକୁ ଡ଼ିଆଁ ମାରିବାକୁ ହବ ଦେଖାଅ ଶୀଘ୍ର ସେଇଟା !"

ମୋର ତିନିକୋଟି ଓଡ଼ିଆ (ତାଙ୍କ ଭିତରେ ଦୃଷ୍ଟିହୀନଙ୍କ ସଂଖ୍ୟାତ କିଛି କମ୍ ନୁହେଁ) ଦର୍ଶକ ଯେଉଁ ଚିତ୍ରଟି ଦେଖିବେ ସେଥିପାଇଁ ଯେଉଁ 'ଷ୍ଟାର' ଖସିବେ ମୋ ଟୋପିକୁ ସେମାନେ କୋଠାଘରର ଷ୍ଟାର ନୁହନ୍ତି । ସେମାନଙ୍କୁ ଓଡ଼ିଶା ଆକାଶରେ ଆପଣତ ନିଶ୍ଚେ ଦେଖୁଛନ୍ତି ପ୍ରତି ରାତିରେ—ମେଘମୁକ୍ତ ରାତିରେ । କିନ୍ତୁ ଆପଣ ଯଦି ଜଣେ ଭଲ 'ଷ୍ଟାର ଗେଜର' ହୋଇଥାନ୍ତି ଓ ସାମନ୍ତ ଚନ୍ଦ୍ରଶେଖରଙ୍କ ବଂଶଜ ଓଡ଼ିଆ ହୋଇଥିବା ଯୋଗୁଁ ଯଦି ନକ୍ଷତ୍ର-ବୀକ୍ଷଣରେ ଆପଣ ଠିକଣା ଓସ୍ତାଦି ଲାଭ କରିପାରି-ଥାନ୍ତି ତେବେ ଆପଣ ନିଶ୍ଚିତ ଭାବେ ଲକ୍ଷ୍ୟ କରିବେ— ଏ ତାରକା ଗୁଡ଼ିକ ସ୍ଥିତିଶୀଳ ନୁହନ୍ତି ; ଗତିଶୀଳ ! ପୁଣି ଏମାନଙ୍କର ଗତି ତଳକୁ ଆମ ଟୋପି ଆଡ଼କୁ, ଆଦୌ ନୁହେଁ । ଏମାନେ ଓଡ଼ିଶାର ଆକାଶ କେବେଠୁଁ ଛାଡ଼ି ଉଠି ଯାଇଛନ୍ତି ମହାଭାରତୀୟ ମଧ୍ୟାକାଶକୁ ଅର୍ଥାତ୍, ଆନ୍ତର୍ଜାତିକତା ଅର୍ଥରେ ଭାରତର ଗଗନକୁ ବିଶ୍ୱର ଗଗନଠାରୁ ଅଭିନ୍ନ ମନେ କରା-ଯାଉଥିବା ଦୃଷ୍ଟିରୁ ସେମାନେ ବର୍ତ୍ତମାନ ବିଶ୍ୱାକାଶର ତାରକାରୂପେ ପ୍ରତିଭାତ ହେଉଛନ୍ତି ପ୍ରତି 'ଛଟି'ରେ, 'ମେଘମୁକ୍ତ' ରାତିରେ ।

ଏଭଳି ଦ୍ରୁତ ଊର୍ଦ୍ଧ୍ୱଗାମୀ ତାରକାମାନଙ୍କୁ ମୋ ଟୋପି ଭିତରକୁ ଖସାଇ ଆଣିବା ପାଇଁ ଚିନ୍ତା କରିବା ମଧ୍ୟ କି ଦୁଷ୍କର କାର୍ଯ୍ୟ ଆପଣ ନିଶ୍ଚେ ହୃଦୟଙ୍ଗମ କରି ପାରୁଥିବେ । ଏଇଥି ପାଇଁ ପୃଥିବୀର ବଡ଼ ବଡ଼ ଲୋକଙ୍କ ଜୀବନକୁ ନେଇ 'ଫିଲ୍ମ୍' ନିର୍ମାଣ କରିବାକୁ ଏଯାକେ ବେଶୀ କେହି ଫିଲ୍ମ୍ ଡ଼ିରେକ୍ଟର ଆଗଭର ହୋଇ ନାହାନ୍ତି । ଯଦି ବ ପ୍ରଯୋଜକମାନେ ପୁଞ୍ଜି ଖଟେଇବା ପାଇଁ ଇଚ୍ଛୁକ ଅଛନ୍ତି ତଥାପି ଜଣେ ଅଧେକୁ ଛାଡ଼ି ଦେଲେ ସେମିତି ଡ଼ିରେକ୍ଟର କାହାନ୍ତି—ଯେଉଁମାନେ ମନେକର ଆମ ଓଡ଼ିଶାର ଯୋଡ଼ିଏ ମହିମାବନ୍ତ ତାରକାଙ୍କ ଜୀବନର ଗତିକୁ ସହୃଦୟତାର ସହିତ ନିରୀକ୍ଷଣ କରିଛନ୍ତି ?—ସେ ଗତିର ଛନ୍ଦ ଗଣନା କରିଛନ୍ତି ? ଆଉ, ସେଇ ଗଣନାରୁ 'ପ୍ରେଡ଼ିକ୍ଟ' କରି ପାରିଛନ୍ତି ଏ ତାରାଙ୍କୁ ମଧୁସୂଦନ ଦାସ କି ଗୋପବନ୍ଧୁ ଦାସ ରୂପରେ କିଛିକ୍ଷଣ ଲାଗି ଟୋପିରେ ଧରି ନେବାକୁ ହେଲେ ତାଙ୍କ ଜୀବନ ସଙ୍ଗୀତର କୋଉ କୋଉ ପଦକୁ କିଭଳି ଛନ୍ଦରେ ଗାଇଲେ ଏମାନେ ଜାନେଇବେ, ବଶୀଭୂତ ହେବେ ଆଉ ମୁହୂର୍ତ୍ତକ ଲାଗି ହେଲେ ମଧ୍ୟ ମହାକାଶରୁ 'ଡ଼ାଇଭ୍' ମାରିବେ ସିଧା ତୁମ ଟୋପି ଭିତରକୁ ! ତାପରେ ତ କଥା ଶେଷ । ସେମାନେ ତୁମ ଟୋପିରେ ଟୁବ ଗାଡ଼ିଆରେ ହଂସଟିଏ ନମାଲୁଣ୍ଡ ଡାହୁକ ଲଟପଟ ହେବେ ଆଉ ଖୁସିରେ ହେଉ ବା ଲାଜରେ ହେଉ ପୁଣି ନିଜ ଗତିରେ ଉଠିଯିବେ ଆକାଶକୁ । କିନ୍ତୁ ସେଇ ମଉକାରୁ ଫାଇଦା ଉଠେଇବା ପାଇଁ ଯୋଉ ଦକ୍ଷତା ଦରକାର ଜଣେ ଡ଼ାଇରେକ୍ଟରର ବା କ୍ୟାମେରାମ୍ୟାନର ସେତକ ଦକ୍ଷତା ଜଣେ ଅଧେକୁ ଛାଡ଼ି ଦେଲେ ଆଉ କାହାର ଅଛି କହନ୍ତୁ ।

ଏଠି ଗୋଟାଏ ଉଦାହରଣ ଦେଲେ କଥାଟାର ଗୁରୁତ୍ୱ ନିଶ୍ଚେ ଭଲ ବୁଝା ପଡ଼ିବ । ମନେ କରନ୍ତୁ— ମିଃ ଦାସଙ୍କ ଜୀବନୀକୁ ଫିଲ୍ମ୍ ପାଇଁ ମୁଁ ନେଲି ଏ ବର୍ଷ ହାତକୁ । ମିଃ ଦାସଙ୍କ ଜୀବନୀ ଗୋଟିଏ ଲମ୍ବା ଗପ ନୁହେଁ ଯେ ଯାକୁ ଛୋଟ କରି ଦେଇ ସ୍କ୍ରିପ୍ଟଟିଏ କରି ଆଣିବାକୁ କହିବି ମୁଁ କୋଉ ଟୁଙ୍ଗା ଲେଖକ ମୁଣ୍ଡ ଉପରେ ଟଙ୍କା କେଇଟା ଛିଞ୍ଚି ଦେଇ । ମତେ ଧରିବାକୁ ହବ ଏମିତି ଜଣେ କାହାକୁ ଯେ ଶହେ ବର୍ଷର ଭାରତ ଓ ଓଡ଼ିଶାର ରାଜନୀତି ସଂସ୍କୃତି, ଧର୍ମ ଓ ସାହିତ୍ୟର ଇତିହାସକୁ ଏମିତି ଦୁହିଁ ଦେଇ ପାରିବ ଯେମିତି ବ୍ୟାସେ ଦୁହିଁଥିଲେ ଉପନିଷଦକୁ ଗୀତା ଲାଗି । ସେ ଦୋହନରୁ ଯେଉଁ ମନ୍ତ୍ର ଉପୁଜିବ ସେଥିରେ ଯଜ୍ଞ କରି ଚରୁଅନ୍ନ ଉପନ୍ନ କରିବା ଶକ୍ତି ମଧ୍ୟ ସେ ସ୍କ୍ରିପ୍ଟ୍ ରାଇଟରର ଥିବା ଦରକାର । ଅବଶ୍ୟ ଏ ଚରୁଅନ୍ନ ଶେଷରେ ଖାଇବାକୁ ପଡ଼ିବ ମତେ— ମୋ ଡାଇରେକ୍ଟର ହାତକୁ । କାରଣ ଏ ଚରୁ ଭକ୍ଷଣରୁ ଯେ ପୁତ୍ର ଜନ୍ମିବ ସେ ହେବ—ଉତ୍କଳର ପୁତ୍ର ମିଃ ଦାସ

ନୁହେଁ, ମୋ ନିଜର ସନ୍ତାନ, ଯାହା ଯୋଗୁ ସ୍ୱର୍ଣ୍ଣ କମଳ କି 'ସ୍ୱନାମ ଲାଭ୍' ଅବଶେଷରେ ମୋର ହସ୍ତଗତ ହେବ । ସେ ଯାହା ହେଉନା କାହିଁକି ମିଃ ଦାସଙ୍କ ଜୀବନୀଟିଏ ମନେକରନ୍ତୁ ଆମକୁ ମିଳିଗଲା । ଏଥିପାଇଁ କିଛି ନହେଲେବି ବଜାରରେ ଦୁଇ ତିନୋଟି ଭଲ ବହି ମିଳୁଛି ବର୍ତ୍ତମାନ । ଆପଣମାନେତ ଜାଣନ୍ତି ଏ ଦିଗରେ ଆମ ସୁରେନ୍ଦ୍ର ବାବୁଙ୍କ କୃତିତ୍ୱ । 'ଶତାବ୍ଦୀର ସୂର୍ଯ୍ୟ' ବହିଟ ପଢ଼ିଛନ୍ତି ଆପଣ । ପୁଣି ଚିକି ନିଖି ଘଟଣା ଜାଣିବା ପାଇଁ ଆହୁରି ଖଣ୍ଡିଏ ଭଲ ବହି 'ଦେଶ ପ୍ରାଣ ମଧୁସୂଦନ'— ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କର । ମନେକରନ୍ତୁ ଏ ବହି ଯୋଡ଼ିକୁ ଆମ ସ୍କ୍ରିପ୍ଟ ରାଇଟର ପଢ଼ି ପାଣି କରିଦେଲେ । ବର୍ତ୍ତମାନ କଥା ହେଲା ସେ ତାଙ୍କ ସ୍କ୍ରିପ୍ଟ ଆରମ୍ଭ କରିବେ । ଆପଣ ତାଙ୍କ ସାଥିରେ ଆଲୋଚନା ପ୍ରସଙ୍ଗରେ ପଚାରିଦେଲେ, "ବାବୁ, ମୂଳ କଥାଟା କହିଲ ଟିକେ । କୋଉଠୁ ଆରମ୍ଭ କରିବା ?"

ମନେକର ସେ ଖୁବ୍ ଚମତ୍କାର ଉତ୍ତରଟିଏ ଦେଲେ—

"କାହିଁକି ? ଆରମ୍ଭ ତ ହେବ ଶେଷରୁ ! —ହଜାର ହଜାର ଲୋକ ତଳକୁ ମୁହଁ ପୋତି ଚାଲିଛନ୍ତି । ମଝିରେ ଶୁଭୁଛି ମଧୁବାବୁଙ୍କ କଫିନ୍ ଖ୍ରୀଷ୍ଟିୟାନ୍ ଶ୍ମଶାନରେ । ଅଥଚ ପଚୁଟି ହରିବୋଲ ହୁଳହୁଳି । ମଝିରେ ମଝିରେ ଜନତା ଚୁପ୍ ହେଇ ଯାଉଛି । କେହି ଜଣେ ବଡ଼ ପାଟିରେ ଶୋଧିଲ ଭଳି ମନେ ପକାଇ ଦେଉଛି—'ସମସ୍ତଙ୍କୁ ଅନୁରୋଧ ତାଙ୍କର ବିଶ୍ୱାସକୁ ସମ୍ମାନ ଦେଖାଇବା ପାଇଁ କେହି ଯେପରି ହରିନାମ କିମ୍ବା ରାମ ନାମ ଉଚ୍ଚାରଣ କରିବେ ନାହିଁ ।' କିନ୍ତୁ ଶୁଣୁଛି କିଏ ! ଉଠୁଛି ସେଇ ଶବ୍ଦ ବାରମ୍ବାର । ଶୋଭାଯାତ୍ରା ବାହାରିବ ବକ୍ସିବଜାରରୁ, ଯିବ ଚୌଧୁରୀ ବଜାର, ଗୁଡ଼ିକିଶ୍ରୋକ୍ ହେଇ.........................."

"ବାଃ ! ବାଃ !" ଶୁଣିଲେତ ! ଏଇ ହେଲେ ଆମର ସ୍କ୍ରିପ୍ଟ ରାଇଟର୍ !

ଆପଣ ଶୁଣିଲେ ଆହୁରି ରାଗିବେ । କାରଣ ମଧୁବାବୁଙ୍କ ସଂପର୍କରେ ଫିଲ୍ମଟିଏ କରିବା ଲାଗି ମୋ କଳ୍ପନା ଏଇ ଦିନ ଅଧିକର ନୁହେଁ । ଓଡ଼ିଶାରେ ମଧୁବାବୁଙ୍କୁ ନେଇ ଏ ନବ ଜାଗରଣ ବର୍ଷ ଚଳିତ ଅପ୍ରେଲ ଅକ୍ଟୋବରରୁ ଆରମ୍ଭ ହେବ ବୋଲି ଶୁଣିଲା ଦିନୁ ସେ ମୁଁ ଛକିଚି ଗୋଟାଏ ସୁବିଧା ମାରି ନେବାକୁ, ତା ନୁହେଁ । ମଧୁବାବୁଙ୍କ ଉପରେ ଫିଲ୍ମଟିଏ ପାଇଁ ମୁଁ ଢେର ଆଗରୁ ମନସ୍ଥ କରିଛି । ତେବେ ଭଲ ସ୍କ୍ରିପ୍ଟ ସୃଷ୍ଟି । ଏଇତ ଶୁଣିଲେ ଜଣେ ଲେଖକଙ୍କ ମତ ।

ତାଙ୍କ ଧାରଣା ମଧୁବାବୁ ବଡ଼ କାରଣ ସେ ହିନ୍ଦୁରୁ ଖ୍ରୀଷ୍ଟିୟାନ୍ ହୋଇଥିଲେ ଆଧୁନିକତାର ଆକର୍ଷଣରେ । ଅଥଚ ସେ ଜଗନ୍ନାଥଙ୍କୁ ଭୁଲି ପାରି ନ ଥିଲେ—ପୁରୀ ରାଜାଙ୍କୁ ଅଧିକାର ବ୍ରିଟିଶ୍ ଶ୍ରୀ ମନ୍ଦିରରୁ ଉଚ୍ଛେଦ କରଦେଲେ ମଧୁବାବୁ ଖ୍ରୀଷ୍ଟିୟାନ୍ ହୋଇ ମଧ୍ୟ ହିନ୍ଦୁ ରାଜାଙ୍କ ସପକ୍ଷରେ, ବ୍ରିଟିଶ୍ ବିରୁଦ୍ଧରେ ଲଢ଼ିଥିଲେ, ତାଙ୍କର ଅଗାଧ ପରମ୍ପରା ପ୍ରତି ପ୍ରେମ ଓ ସଂସ୍କୃତି ସ୍ନେହ ପାଇଁ । ତେଣୁ ତାଙ୍କର ଜୀବନୀ ଫିଲ୍ମ ହେବାକୁ ବାଧ୍ୟ ସେଇଠୁ ଯୋଉଠି କଫିନ୍ ଗଲିଚି ହରିବୋଲ ମଝିରେ ।

ଏ ତ ଗଲେ ଗୋଟିଏ ସଂପ୍ରଦାୟ । ଅନ୍ୟ ସମ୍ପ୍ରଦାୟ ସହିତ ବି ମୋର ଆଲୋଚନା ସରି ଯାଇଛି । ତାଙ୍କୁ ଯଦି ପଚାରିବ, "ହଉଓ ! କୋଉଠୁ ଆରମ୍ଭ କରିବା, କହିଲ କହିଲ ଟିକିଏ ? " ଉତ୍ତର— "ଦେଖନ୍ତୁ ମଧୁବାବୁ ବଡ଼ ଆଧୁନିକ ଲୋକ । ସେ ଗୋପବନ୍ଧୁଦାସଙ୍କ ଭଳି ଖାଲି ଚୂଡ଼ା ସ୍ୱଦେଶ ବାଲା ନୁହନ୍ତି । କାହିଁକି ? ଆରମ୍ଭ କଥା କହୁଚନ୍ତି ! ଧରନ୍ତୁ ଉତ୍କଳ ଟାନେରୀ ଓଡ଼ିଆଙ୍କୁ ଆଧୁନିକ ଶିଳ୍ପ ଓ ବୈଷୟିକ ସଭ୍ୟତା ବିଷୟରେ କିଏ ଶିକ୍ଷା ଦେଲା ପ୍ରଥମେ ? ଯେତେବେଳେ ଭଦ୍ର ଲୋକମାନେ ଖାଲି ଚକଚକିଆ ଯୋତା ପିନ୍ଧିବାକୁ ଜନଜନ ଅଥଚ ଚମଡ଼ା କାରଖାନାକୁ କହିବେ ଗନ୍ଧିଆ ପୋଚରା ଆଉ ଜୀବହତ୍ୟାର ପୀଠ, ସେତେବେଳେ ମଧୁବାବୁ ସଭା ମଝିରେ ବି ସ୍ୱୀକାର କରୁଥିଲେ—'ମୁଁ ବଡ଼ ପାପୀ, କାରଣ ଅସଂଖ୍ୟ ଗୋଧୀ ମାରି ତାଙ୍କ ଚମଡ଼ାରେ ଯୋତା ତିଆରି ପାଇଁ ଦାୟୀ ମୁଁ' ! କାହିଁକି ? ଫିଲ୍ମ ଏଇଠୁ ଆରମ୍ଭ ହଉନା ! ମିଃ ଦାସ୍ କୋଟ୍ ପ୍ୟାଣ୍ଟ ପିନ୍ଧି, ମୁଣ୍ଡରେ ଉତ୍କଳ ସମ୍ମିଳନୀ ପଗଡ଼ି ଭିଡ଼ି ଠିଆ ହୋଇଛନ୍ତି ରାଜକୀୟ ଠାଣିରେ । ତାଙ୍କ ପଛପଟେ ଯୋତା କାରଖାନା । ଶହ ଶହ ଲୋକ ଲାଗିଚନ୍ତି କାମରେ । ହଠାତ୍ କଟ୍ କରି ଦିଆଯାଉ ଏଇଠି । ଆଉ, ନେକ୍ସଟ୍ ସଟ୍‌ରେ ଦେଖାଯାଉ ମଧୁବାବୁଙ୍କ ଉତ୍କଳ ଟ୍ୟାନେରୀର ନିଲାମ ଡାକରା ଚାଲିଚି । ଶହ ଶହ ଲୋକ ଠିଆ ହୋଇଚନ୍ତି । ଏମାନଙ୍କର ପ୍ରତ୍ୟେକଙ୍କ ମୁହଁ ଦିଶୁଛି ଗୋଟାଏ ଲେଖାଁ ଗୋଧିପରି । ଏଇ ଗୋଧିଙ୍କ ଭିତରେ ସାହେବୀ ଟୋପି ପିନ୍ଧି ଠିଆ ହେଇଛନ୍ତି ଜଣେ ସାହେବ ଯାହାଙ୍କ କମ୍ପାନୀର ଦେଣା ପରିଶୋଧ କରି ନ ପାରି ମଧୁବାବୁଙ୍କ ଟ୍ୟାନେରୀ ନିଲାମ ହେଲା ।"

ସେ ଆହୁରି କ'ଣ କହିବାକୁ ଯାଉଥିଲେ । କିନ୍ତୁ ମଝିରେ ମୁଁ ପଚାରିଦେଲି, "ଆଚ୍ଛା, ସେ ଗୋଧାମୁହାଁ ଗୁଡ଼ାକ କିଏ ?"

ସ୍କ୍ରିପ୍ଟ ଲେଖକ ହସିଦେଲେ ଆଉ କହିଲେ, "କିଏ ହେଇଥିବ କହୁନାହାନ୍ତି ! ତତ୍‌କାଳୀନ ଯୋଉ ଓଡ଼ିଆମାନେ ମଧୁବାବୁଙ୍କ ଶତ୍ରୁତା କରୁଥିଲେ, ଟ୍ୟାନେରୀକୁ ଗୋଟିଏ ଯୌଥ ବ୍ୟବସାୟିକ ସଂସ୍ଥା କରିବା ପାଇଁ ମଧୁବାବୁ ତାଙ୍କ ଗୋଡ଼ ଧରି ପ୍ରାର୍ଥନା କଲେ ବି ସେମାନେ ଏକାଠି ହେଲେ ନାହିଁ, ଦଶ ଟଙ୍କିଆ ସେୟାର ଖଣ୍ଡିଏ ବି କିଣିଲେ ନାହିଁ ଜାଣି ଜାଣି. ଅଥଚ ତାଙ୍କରି ଭିତରୁ ଜଣେ ରାଜା ଶେଷରେ ନିଲାମରେ ଧରିନେଲେ କମ୍ପାନୀଟିକୁ ତାଙ୍କ ହାତରେ— ସେମାନେ ସମସ୍ତେ ଗୋଧୀ ନୁହନ୍ତି ତ ଆଉ କଣ ?"

ମଧୁବାବୁଙ୍କ ସଂପର୍କରେ ଚଳଚ୍ଚିତ୍ର ନିର୍ମାଣ ଲାଗି ମୋର ଦରକାର ହେଉଥିବା ସ୍କ୍ରିପ୍ଟ ଅବଶ୍ୟ କୋଉଠୁ ଆରମ୍ଭ ହେବ ବା ଶେଷ ହେବ ସେ ବିଷୟରେ ମୋର ମୁଣ୍ଡ ବର୍ତ୍ତମାନ ବେଶୀ ବଥାଉ ନାହିଁ । କାରଣ ସେ ବିପ୍ଳବୀଙ୍କର ବ୍ୟକ୍ତି ପର ଜୀବନରେ ଅନେକ ପବ ଅଛି ଯେଉଁଠୁ ଖଣ୍ଡିଏ କାଟି ନେଇ ମାଟିରେ ପୋତି ଶତ ପାଣି ଯୋଗେଇ ଦେଲେ ବୁଦାଏ ଫିଲ୍ମ ବାହାରି ପଡ଼ିବ । ଯେମିତି ମନେକରନ୍ତୁ ମଧୁବାବୁ କଟକର କଲିଜିଏଟ୍ ସ୍କୁଲରେ ପଢୁଥିଲା ବେଳେ ତତ୍‌କାଳୀନ ଓଡ଼ିଆ ଭାଷା ବିରୋଧୀ ଜଣେ ପ୍ରଧାନ ଶିକ୍ଷକ ତାଙ୍କ ନାଁ ରେଜିଷ୍ଟରରୁ କାଟି ଦେଲେ । କାରଣ—ଚୁଟିରଖା ଓଡ଼ିଆ ପିଲା (ଅବଶ୍ୟ ସେତେବେଳକୁ ମଧୁବାବୁଙ୍କ ବେଣ୍ଟି ସାଙ୍ଗ ଭିନ୍ନ ଭାଷାଭାଷୀମାନେ କାଟି ଦେଇ ସାରିଥିଲେ) ଜଣକର ଏତେ ସାହସ ଯେ ସେ ହେଡ୍‌ମାଷ୍ଟରଙ୍କୁ ବି ଇଂରେଜୀ କବିତାର ଭିନ୍ନ ଓ ପ୍ରକୃତ ଅର୍ଥ କରି ବତେଇ ଦେଇ ପାରିଥିଲା । ଅବଶ୍ୟ ମଧୁବାବୁଙ୍କ ସାହସର ସୀମା ସେଦିନ ହେଡ୍‌ମାଷ୍ଟ୍ରେ ଯେତିକି ଦେଖିଥିଲେ ତାହା ସେତିକିରେ ଆବଦ୍ଧ ନ ଥିଲା । କାରଣ ପରଦିନ ୧୩।୧୪ ବର୍ଷର ଓଡ଼ିଆ ଟୋକା ଖଣ୍ଡେ ମିରଜେଇ କୋଟ୍ ଦେହରେ ଗଳେଇ ପକେଇ ଯାଇ ସିଧା ହାଜର ୟୁରୋପିୟାନ୍ କଲେକ୍ଟର ହିଲିଙ୍କ ବଙ୍ଗଳାରେ । ତା ପରେ ଯାହା ହେଲା ସମସ୍ତେ ଜାଣନ୍ତି । ମଧୁବାବୁ ଏଇ ସ୍କୁଲରୁ ଏଣ୍ଟ୍ରାନସ ପାସ୍ କରି ଗଲେ ଚାକିରୀ କରିବାକୁ ବାଲେଶ୍ୱର । ବାଲେଶ୍ୱରରେ ପୁଣି ସାଙ୍ଗ କିଏ, ନା ଫକୀର ମୋହନ ଆଉ ରାଧାନାଥ (ମୋର ପରବର୍ତ୍ତୀ ଫିଲ୍ମର ବି ଜଣ ପକ୍କା ହିରୋ !) । ଆଚ୍ଛା, ଦେଖନ୍ତୁ ଯଦି ମୁଁ ମୋ ଡାଇରେକ୍ଟରଙ୍କୁ କହେ ସ୍କ୍ରିପ୍ଟ ଯାହା ପାରେ ତାହା ଥାଉ, ପହିଲା ସଟ୍ ନିଅ ଏଇଠୁ—ଏଇ ମିରିଜେଇ କୋଟ୍ ପିନ୍ଧା ଟୋକାଠୁଁ ଯେ ସାହାବଙ୍କୁ ବାଡ଼୍ ପଢ଼ଉଚି ୧୮୬୨-୬୩ରେ, କଣ' ଭାବୁଚନ୍ତି ମନ୍ଦ ଆରମ୍ଭଟିଏ ହେବ ! କିମ୍ବା ଧରନ୍ତୁ ମଧୁବାବୁ ୧୮୬୪ରେ ବାଲେଶ୍ୱରରୁ ସେ କାଳର ଜାହାଜରେ ବସି ଯାଉଛନ୍ତି କଲିକତା । ଏଣେ ଓଡ଼ିଶାରେ ପଡ଼ିଚି ନଅଙ୍କ ଦୁର୍ଭିକ୍ଷ । ଲକ୍ଷ ଲକ୍ଷ ଲୋକଙ୍କ ଶବ ପଡ଼ିଚି ଗାଁ ଗଣ୍ଡାରେ କ୍ଷେତ ବାଡ଼ିରେ ।

ଛାତ୍ର ଥାଉ ମୋ'ର ନିଜର ସ୍ତ୍ରୀ ଭାରିମାନେ ଯଦି ମୋ' ସହିତ ସାମାନ୍ୟ ସହଯୋଗ କରିଥାନ୍ତେ ତାହାହେଲେ ବୋଧହୁଏ ସ୍ୱପ୍ନ ସଫଳ ହୋଇ ପାରିଥାନ୍ତା" ।

ଅତି ତାଙ୍କ ସ୍ମୃତିଚାରଣ ଉପରେ ପୂର୍ବମାନ୍ୟ ଦର୍ଶନ ସମ୍ପର୍କରେ ମିଃ ଦାସଙ୍କର ସେହି ଆତ୍ମୀୟମାନ ଦୃଷ୍ଟ, ପ୍ରଖର ବୁଦ୍ଧିଦୀପ୍ତ ଉପସ୍ଥିତି, ବେମନ୍ତ୍ରଥା ଭାବ ମୂର୍ତ୍ତିଟି ମନ-

ଭିତରକୁ ଆସେ ନାହିଁ । କିପରି କରୁଣ ମନେହୁଏ । ମନେହୁଏ ଯେପରି ମିଃ ଦାସ ତାଙ୍କର ଜୀବନରେ ସେ କେବଳ ବଞ୍ଚିତ, ପ୍ରବଞ୍ଚିତ ଓ ବିଡମ୍ବିତ । ନାଁ ମା, ନାଁ ସ୍ତ୍ରୀ ନାଁ ଦେଶବାସୀ କାହାର ସେ ସ୍ନେହ ପାଇ ପାରିଲେ !

ମନେହୁଏ ଜଣା ଘୋଡାରେ ପଢେ ଚଢିଲେ ଚଢିବି, କିନ୍ତୁ ମଧୁବାବୁଙ୍କ ସହିତ

ଆଉ ଲଢିବି ନାହିଁ । ଅଭିମାନ ଯେତେବେଳେ ସହରଥୀଙ୍କର ହୃଦ ଭିତରେ ବାଣ ବର୍ଷିତ ସେତେବେଳେ ଆଉ ତାଙ୍କ ସହିତ ଲଢିବା ପାଇଁ କଣ ଲୋକର ପ୍ରୟୋଜନ ? ମିଃ ଦାସଙ୍କର ବଡ଼ ନିୟମ ଥିଲା "No horse should be yoked twice in a day" କିନ୍ତୁ ଅଦୃଷ୍ଟର ପରିହାସ ସେ ନିଜେ ଏ ଦେଶର ଗାଡ଼ି ଟାଣିବାକୁ ଏକାଦିନକ ଭିତରେ ବହୁବାର ଘୋଡା ସାଜିଛନ୍ତି ।

ବାଲିପଡ଼
ଭୁବନେଶ୍ୱର

## ସୁନ୍ଦରଗଡ଼ ଜିଲ୍ଲାର ଅଗ୍ରଗତି ସମ୍ପର୍କରେ ପର୍ଯ୍ୟାଲୋଚନା

ରାଜ୍ୟର ଆଇନ ଓ ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଉପେନ୍ଦ୍ର ମାଝିଙ୍କ ଆହ୍ୱାନ କ୍ରମେ ସୁନ୍ଦରଗଡ ଜିଲ୍ଲାର ଅଗ୍ରଗତି ସଂପର୍କରେ ଆଲୋଚନା କରିବା ପାଇଁ ଏକ ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳ ଶ୍ରୀ ଏମ୍. ଏମ୍. ମହାନ୍ତି, ସବ୍‌ଡିଭିଜନାଲ ଅଫିସର, ବ୍ଲକ ଉନ୍ନୟନ ଅଫିସର ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଫିସରମାନେ ଯୋଗ ଦେଇଥିଲେ । ଏହା ବ୍ୟତୀତ ବଣାଇ ବିଧାନ ସଭା ସଦସ୍ୟ ଶ୍ରୀ ଏଚ୍. କେ. ସିଂହ ଦଣ୍ଡପାଟ, ରଘୁନାଥ ପଲ୍ଲୀର ବିଧାନ ସଭା ସଦସ୍ୟ ଶ୍ରୀ ରବି ଦେହୁରୀ, ସୁନ୍ଦରଗଡ଼ ବିଧାନସଭା ସଦସ୍ୟ ଶ୍ରୀ କେ. ପି. ପଟେଲ ପ୍ରମୁଖ ଉକ୍ତ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

ଏହି ବୈଠକରେ ଜିଲ୍ଲାର ଜଳସେଚନ, ଗ୍ରାମ୍ୟ ବିଦ୍ୟୁତ କରଣ, ପାନୀୟ ଜଳ ଯୋଗାଣ, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ପଶୁ ଚିକିତ୍ସାଳୟ, ଷ୍ଟକ୍ ମ୍ୟାନ ସେଣ୍ଟର, ଗ୍ରାମାଞ୍ଚଳର ପରିବହନ ବ୍ୟବସ୍ଥା, ଶିକ୍ଷାର ଅଗ୍ରଗତି, ପ୍ରାଥମିକ ସ୍କୁଲଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରାମତି ଏବଂ ସପ୍ତମ ଋତି କାର୍ଯ୍ୟକ୍ରମ ସଂପର୍କରେ ଆଲୋଚିତ ହୋଇଥିଲା ।

ଆଲୋଚନାରୁ ଜଣାଯାଇଛି ଯେ, ୧୯୭୮-୭୯ ମସିହାରେ ଏହି ଜିଲ୍ଲାରେ ୨ ଲକ୍ଷ ୬୮ ହଜାର ୬୦୮ ହେକ୍ଟର ଜମିରେ କୃଷି କାର୍ଯ୍ୟ କରିବା ପାଇଁ ସ୍ଥିର ହୋଇଛି । ସେଥିମଧ୍ୟରୁ ୧ ଲକ୍ଷ ୧୯ ହଜାର ହେକ୍ଟର ଜମିରେ ଉନ୍ନତ କିସମର ଧାନ ୨୯ ହଜାର ୩୧୮ ହେକ୍ଟର ଜମିରେ ସ୍ଥାନୀୟ ଧାନ, ୨୯ ହଜାର ୬୪୦ ହେକ୍ଟର ଜମିରେ ଅଧିକ ଅମଳକ୍ଷମ ଧାନ, ୧୯ ହଜାର ୬୫୦ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଓ ୧୧ ହଜାର ହେକ୍ଟର ଜମିରେ ପନି ପରିବା ଚାଷ କରିବା କାର୍ଯ୍ୟକ୍ରମ ରଖାଯାଇଛି ।

ଏହି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୫୪ ଟି ଛୋଟ ଜଳସେଚନ ଯୋଜନା ମଞ୍ଜୁର ହୋଇଛି । ଏତଦ୍ୱାରା ଖରିଫ୍ ଋତୁରେ ୬ ହଜାର ୫୬୯ ଏକର ଓ ରବି ଋତୁରେ ୩ ହଜାର ୨୪୭ ଏକର ଜମି ଜଳସେଚିତ ହୋଇ ପାରିବ । ସୁନ୍ଦରଗଡ଼ ସଦର ସବ୍‌ଡିଭିଜନରେ ୧୮ ଟି ଛୋଟ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଇଛି । ଆହୁରି ୧୯ ଟି ଯୋଜନାର ଅନୁମୋଦନ ପାଇଁ ଅଟକଳ ପ୍ରସ୍ତାବ ଦାଖଲ କରାଯାଇଛି । ଏହାଛଡ଼ା ଅଧିକ ୧୨ଟି ଯୋଜନାର ଅନୁସନ୍ଧାନ କାର୍ଯ୍ୟ ଚାଲିଛି । ମଧ୍ୟମ ଜଳସେଚନ ଯୋଜନାରେ ୧୯୭୮-୭୯ ମସିହାରେ ସରଫଗଡ଼ ଯୋଜନା ପାଇଁ ୪୦ ଲକ୍ଷ ୬୨ ହଜାର ଟଙ୍କା ଓ ତଲସରା ଯୋଜନା ପାଇଁ ୫୦ ଲକ୍ଷ ୭୭ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି । ଏହି ଜିଲ୍ଲାର ବନ୍ୟା ନିୟନ୍ତ୍ରଣ, ପଟି ମହୁଲ ଯୋଜନାର ରକ୍ଷଣାବେକ୍ଷଣ ଓ ଅନ୍ୟାନ୍ୟର ଅନୁସନ୍ଧାନ କାର୍ଯ୍ୟ ପାଇଁ ୨ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ବରାଦ ହୋଇଛି । ଏହି ଜିଲ୍ଲାରେ କେତେକ କ୍ଷୁଦ୍ର ଜଳସେଚନ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଦିଆଯାଇଛି । ସେଗୁଡ଼ିକ ହେଲା—ହେମଗିରି ବ୍ଲକର ମଣିନାଗଜୋର, ଗରୁଛିଆ ବ୍ଲକର କୁଣ୍ଡାପେଟା, କୋଇଡା ବ୍ଲକର ଡମଣଧର, ବରଗାଁ ବ୍ଲକର ଲକ୍ମା ଓ ଗୁନ୍‌ଗାଁ, ବାଲିଶଙ୍କର ବ୍ଲକର କର୍ଣ୍ଣସରାନାଳ ଓ ଲୁରେଇ ଲହୁଣିପଡ଼ା ବ୍ଲକର ସାତକୁରିଆ ଏବଂ ଟାଙ୍ଗରପାଲି ବ୍ଲକର ଗମ୍ଭାଡ଼ିହୀ । ଏହି କ୍ଷୁଦ୍ର ଜଳସେଚନ ଯୋଜନାଗୁଡ଼ିକ ପ୍ରଶାସନିକ ଅନୁମୋଦନ ଓ ଆବଶ୍ୟକୀୟ ବ୍ୟୟବରାଦ ମିଳିଲା ପରେ କାର୍ଯ୍ୟକାରୀ କରାଯିବ ।

ପ୍ରତ୍ୟେକ ଗ୍ରାମପଞ୍ଚାୟତରେ କାମ ପାଇଁ ଶସ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ଅନ୍ତତଃ ପକ୍ଷେ ନୂଆ ପୋଖରୀ ଖନନ କରିବା କିମ୍ବା ପୁରୁଣା ପୋଖରୀର ପଙ୍କୋଦ୍ଧାର କରିବା ଭଳି ଛୋଟ ବଡ଼ ଯୋଜନାମାନ ହାତକୁ ନେଇ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ବ୍ଲକ ଉନ୍ନୟନ ଅଫିସରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଭଳି ପ୍ରତ୍ୟେକ ଯୋଜନାରେ ଯେପରି ଦୈନିକ ୮୦ ରୁ ୧୦୦ ଜଣ ଶ୍ରମିକ କାର୍ଯ୍ୟ କରି ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି ।

ଜାତି ଇତିହାସ ଜାତିର ନିର୍ଝର
ତହୁଁ ବହେ ସଦା ଜାତି ପ୍ରାଣଧାର
ଜନ କଳ ରବେ ଧାଇଁଛି ସେ ଧାର
ଅତୀତ ଗୌରବ ଗାଇ ନିରନ୍ତର ।।

ଜାତୀୟ ଗୌରବ ମଧୁସୂଦନଙ୍କ ୧୩୦ ତମ ଶୁଭ ଜନ୍ମତିଥିରେ
ପ୍ରକାଶ ପାଇଲା

ମଧୁସୂଦନଙ୍କ ଜୀବନୀର ଉତ୍ତରାର୍ଦ୍ଧ (୧୯୦୩-୧୯୩୪) ସମ୍ବଳିତ ଚରିତ ଉପନ୍ୟାସ

ସୁରେନ୍ଦ୍ର ମହାନ୍ତିଙ୍କର

# କୁଳବୃଦ୍ଧ

ମୂଲ୍ୟ-ତିରିଶ ଟଙ୍କା ମାତ୍ର

ଇତିପୂର୍ବରୁ ପ୍ରକାଶ ପାଇଥିଲା ୧୮୪୮ ଖ୍ରୀ: ଅ:ରୁ ୧୯୦୩ରେ ଉତ୍କଳ ସମ୍ମିଳନୀର
ଜନ୍ମ ପର୍ଯ୍ୟନ୍ତ ମଧୁସୂଦନଙ୍କ ଜୀବନୀ ଆଧାରିତ ଚରିତୋପନ୍ୟାସ ।

# ଶତାବ୍ଦୀର ସୂର୍ଯ୍ୟ

(ଦ୍ୱିତୀୟ ସଂସ୍କରଣ-ତିରିଶ ଟଙ୍କା)

ଯେଉଁମାନେ ଶତାବ୍ଦୀର ସୂର୍ଯ୍ୟ ଓ କୁଳବୃଦ୍ଧ ଏକତ୍ର ସଂଗ୍ରହ କରିବାକୁ ଚାହାନ୍ତି
ସେମାନେ ପଚାଶ ଟଙ୍କା ମୂଲ୍ୟରେ ଏହା ପାଇ ପାରିବେ !

ପ୍ରକାଶକ

## ଲାର୍କ ବୁକ୍ସ

ଲୁଇସ୍ ରୋଡ, ଭୁବନେଶ୍ୱର-୧୪ : ଷ୍ଟୋନି ରୋଡ, କଟକ-୨



***Read & Advertise in***

# "ECORISSA"

**(An Illustrated leading news mag of the Eastern India)**


It caters news and feature on the top and tiny industries, highlights the developmental activities of the Public Sector and its critical analysis on the Financial Policy Promotional Planning of the Government. "ECORISSA" has created high demand in the readership, gives a good return to the Advertisers:—

***The more you find in the :***

**"GUEST COLUMN"**

***and the exciting :***

**KAUTILYA'S COCKTAIL**



# ନବଜାଗରଣର ସ୍ରଷ୍ଟା

# ମଧୁସୂଦନ

ଶ୍ରୀମତୀ ଶକୁନ୍ତଳା ବଳୟାର ସିଂ

ଦୀର୍ଘ ତିନି ଶତାବ୍ଦୀରୁ ଊର୍ଦ୍ଧ୍ୱ କାଳର ପରାଧୀନତା, ଲୁଣ୍ଠନ, ଶୋଷଣର ଅତ୍ୟାଗ୍ଚର ଉତ୍କଳର ଜନଜୀବନକୁ ଶୁଷ୍କ, ନୀରସ, ନିସ୍ତେଜ, ମୁମୂର୍ଷୁ ଓ ବିକଳାଙ୍ଗ କରିପକାଇଥିଲା । ମୁସଲମାନମାନଙ୍କର ଦୀର୍ଘ ୧୮୩ ବର୍ଷର ଅତ୍ୟାଗ୍ଚର ଓ ଆଧିପତ୍ୟ ଏ ଜାତୀୟ ଜୀବନର ଧର୍ମଧାରାକୁ ଧୂଳିସାତ କରିଦେଲା ମରହଟ୍ଟାମାନଙ୍କର ଲୁଣ୍ଠନ ଓ ଶୋଷଣ ମାନସିକ ଦୃଢ଼ତାକୁ ଭାଙ୍ଗିଦେଲା ଏବଂ ପରିଶେଷରେ ବ୍ରିଟିଶ ଶାସନର ଅବହେଳା ଏହାର ଆର୍ଥିକ ବଳ ଓ ଯତ୍ ସାମାନ୍ୟ ଆତ୍ମବିଶ୍ୱାସ ଥିଲା ତାହାର ସଂପୂର୍ଣ୍ଣ ବିଲୋପ କରିଦେଲା । ଓଡ଼ିଆ ଜାତି ଏହି ଦାରୁଣ ବିପର୍ଯ୍ୟୟର ଶୀକାର ହେଲା । ଏହି ଘୋର ବିପତ୍ତିରୁ ଓଡ଼ିଶା ନିଜକୁ ନିରାପଦ ରଖି ପାରିଥାନାହିଁ ।

୧୮୧୭ ଖ୍ରୀଷ୍ଟାବ୍ଦରେ ସଂଗଠିତ ହେଲା ସ୍ୱାଧୀନତାର ଜୟମେଳି, ଏମାନଙ୍କ ସହିତ ଯୋଗ ଦେଲେ ଖୋର୍ଦ୍ଧାର ପାଇକମାନେ । ଏହା ପରେ ପରେ ଖ୍ରୀ ୧୮୫୭ ରେ ଘଟିଗଲା ଐତିହାସିକ ସିପାହୀ ବିଦ୍ରୋହ । ଫଳରେ ବ୍ରିଟିଶ ମାନେ ଓଡ଼ିଶାକୁ କବଳ କରିବା ପାଇଁ ଏହାର ମେରୁଦଣ୍ଡ ଅର୍ଥନୀତି ଓ ଓଡ଼ିଆ ଜାତିର ସ୍ୱାଧୀନ ମନୋବୃତ୍ତିକୁ ଚୂର୍ଣ୍ଣ ବିଚୂର୍ଣ୍ଣ କରିଦେଲେ ଏହାପରେ ୧୮୬୬ ଖ୍ରୀ: ର ଭୟଙ୍କରୀ ଦୁର୍ଭିକ୍ଷ ଓ ୧୮୬୭ ଖ୍ରୀ: ର ପ୍ରଳୟଙ୍କରୀ ବନ୍ୟା ସଂପୂର୍ଣ୍ଣଭାବରେ ଜନସାଧାରଣଙ୍କୁ ହତଚକିତ କରିଦେଇ ଚେତନା ବିଲୁପ୍ତ କରିଦେଲା ।

ଆତ୍ମଶକ୍ତିର ବହୀୟାନ ଗୋଟାଏ ଜାତି ପରିସ୍ଥିତିର ତାଡ଼ନାରେ ଅମାର୍ଜିତ, ମ୍ଲେଚ୍ଛ, ଭାରବାହୀ ପାଲଟିଗଲା ।

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଥିଲା ଭାରତବର୍ଷର ନବଜାଗରଣର କାଳ । ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା ଓ ଭାବଚେତନାର ସଂଘାତରେ ଏହି ଜାଗରଣ ସଂଘଟ ହୋଇଥିଲା । ଏହିସମୟରେ ତେଜସ୍ୱୀ ଓଡ଼ିଆର ଦାନ ଏହି ନବ-ଆନ୍ଦୋଳନକୁ କିଛି କମ୍ ନୁହେଁ । ଏହି ନବଜାଗରଣ କାଳରେ ଖ୍ରୀ ୧୮୪୮ ଏପ୍ରିଲ ୨୮ ତାରିଖରେ ଓଡ଼ିଆ ଜାତିର ଏକମାତ୍ର ଓଡ଼ିଆର ଜନ୍ମ ।

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ମଣିମଲ୍ଲ ନାମକ ଜନୈକ ଖଣ୍ଡାୟତ ସମ୍ଭବତଃ ଖୋର୍ଦ୍ଧା ଆଡ଼ୁ ଆସି ସତ୍ୟଭାମାପୁରରେ ବସତି ସ୍ଥାପନ କରିଥିଲେ । ଏହି ମଣିମଲ୍ଲଙ୍କ ସପ୍ତମପୁରୁଷରେ ଚୌଧୁରୀ ରଘୁନାଥ ଦାସଙ୍କ ପତ୍ନୀ ପାର୍ବତୀ ଦେଈଙ୍କର ଦ୍ୱିତୀୟ ସନ୍ତାନ ମଧୁସୂଦନ, ଉତ୍କଳ ଜନନୀଙ୍କର ପରମପ୍ରିୟ ପୁତ୍ର । ଓଡ଼ିଶାର ପ୍ରଥମ ଗ୍ରାଜୁଏଟ, ପ୍ରଥମ ଏମ୍. ଏ. (ଇଂରାଜୀ) ପ୍ରଥମ ଓଡ଼ିଆ ଓକିଲ ଏବଂ ପ୍ରଥମ ବିଲାତ ଫେରନ୍ତା ଓଡ଼ିଆ ଯୁବକ ।

ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟନ୍ତ ମଧୁବାବୁ ମୁଖ୍ୟତଃ ମଧୁବାରିଷ୍ଟର ନାମରେ ପରିଚିତ ଥିଲେ । ବିଂଶ ଶତାବ୍ଦୀର ଆରମ୍ଭରେ ମନସ୍ୱୀ ମଧୁସୂଦନ ଓଡ଼ିଆ ଜାତୀୟ ଜାଗରଣ ପର୍ବର ପ୍ରଧାନ ସାରଥୀ ।

ଖ୍ରୀ ୧୯୦୩ ରେ ମଧୁବାବୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା "ଉତ୍କଳ ସମ୍ମିଳନୀ" ଯାହାକି ଭଗ୍ନପ୍ରାଣ ଓଡ଼ିଆ ଜାତିର ସଂସ୍କୃତି, ଐତିହ୍ୟ ଓ ଆତ୍ମପ୍ରତ୍ୟୟ ଫେରାଇ ଆଣିବାର ସଫଳ ପ୍ରଚେଷ୍ଟା କରିଥିଲା । ଏହା ସମଗ୍ର ଓଡ଼ିଆ ଜାତିର ପ୍ରାଣ କନ୍ଦରରେ ଜାତି-ପ୍ରେମ-ବହ୍ନିର ପ୍ରଳୟଙ୍କର ଓଁ କାର, ଶିହରଣ ଖେଳାଇ ଦେଲା । ବ୍ରିଟିଶ ଶାସନର ପ୍ରଚଣ୍ଡତାକୁ ଭ୍ରୁକ୍ଷେପ ନ କରି କୁଳବୃଦ୍ଧ ତାଙ୍କର ଚିନ୍ତା ଓ ଉଦ୍ୟମରେ ଜାତୀୟ ମୁକ୍ତି ଚେତନାକୁ ଅବ୍ୟାହତ ରଖିଥିଲେ ।

ମଧୁସୂଦନ ଜୀବନରେ ଏହି ଗୌରବମୟ ପରଂପରା ରକ୍ଷା କରିବାର ପ୍ରେରଣା ପାଇଥିଲେ ବାଲ୍ୟକାଳରୁ ସ୍ୱୀୟ ଜନନୀଙ୍କଠାରୁ । "ଆଲୋଚଣି, ଆପଣା ମହତ ଆପେରଖି" କଥାଟିକୁ ସେ ଆଜୀବନ ମନେ ରଖିଥିଲେ ଗୋଟିଏ ଆପ୍ତବାକ୍ୟ ପରି । କେବଳ ନିଜର ମହତ ନୁହେଁ, ଦେଶମାତୃକାର ସର୍ବାଙ୍ଗୀନ ମହତରକ୍ଷା ପାଇଁ ନିଜ ଜୀବନକୁ ସେ ଉତ୍ସର୍ଗ କରି ଦେଇଛନ୍ତି । ଜନନୀଙ୍କର ଏଇ ଫଟକ କଥା ଯୋଗୁ ଜୀବନରେ କେବେ . କେଉଁଠି ସେ ମୁଣ୍ଡ ନୁଆଇ ନାହାନ୍ତି କିମ୍ବା ଆତ୍ମସମ୍ମାନରେ ଆଞ୍ଚ ଆଣି ଭଳି ଭଳିଆ କୌଣସି କାର୍ଯ୍ୟ କଦାଚିତ କରିନାହାନ୍ତି ।

ବାଲ୍ୟ କାଳରୁ କେତୋଟି ପାରିବାରିକ କିମ୍ବଦନ୍ତୀ ତାଙ୍କୁ ଅଶେଷ ଆତ୍ମବିଶ୍ୱାସ ଓ

ଆତ୍ମାଭିମାନରେ ପରିପୂର୍ଣ୍ଣ କରିଥିଲା । ତନ୍ମଧ୍ୟରୁ ଗୋଟିଏ ହେଲା ତାଙ୍କ ପ୍ରତିଭା-ମୟୀ ଜ୍ଞାତେଶ୍ୱରଙ୍କର ସ୍ୱଭାବରେ ସତୀ ହେବା । ଖ୍ରୀଷ୍ଟାୟାନମାନଙ୍କ ଚକ୍ଷୁରେ ଏହାଥିଲା ଘୋର କୁସଂସ୍କାର । ନିଜେ ଖ୍ରୀଷ୍ଟିୟାନ ଧର୍ମାନ୍ତର ଗ୍ରହଣ କରି ମଧ୍ୟ ଏହି ଘଟଣାର ମହିମା ସେ କେବେ ଭୁଲି ନଥିଲେ । ସେହି ଆଦର୍ଶରେ ଅନୁପ୍ରାଣିତ ହୋଇ ବୋଧହୁଏ ପତ୍ନୀ ସୌଦାମିନୀଙ୍କ ମୃତ୍ୟୁରେ ସେ ଆଉ ଦ୍ୱିତୀୟ ଦାର ବିବାହ କରି ନଥିଲେ ଯଦିଓ ସେତେବେଳକୁ ତାଙ୍କର ବୟସ ହୋଇଥିଲା ମାତ୍ର ତିରିଶବର୍ଷ ।

ଦ୍ୱିତୀୟ କିମ୍ବଦନ୍ତୀଟି ହେଲା, ଏହି ମଲ୍ଲ ବଂଶର କେଉଁ ପୂର୍ବପୁରୁଷରେ ଥରେ ପାଉଣାର ବଟକ ଯାଇଥିଲେ ନବାବଙ୍କ ଦରବାରକୁ । ସେମାନେ ପ୍ରତିଜ୍ଞା କରିଥିଲେ ଘୋଡ଼ାଉପରୁ କେବେ ନ ଓହ୍ଲାଇ ଏବଂ ମୁଣ୍ଡ ନ ନୁଆଁଇ ନବାବଙ୍କ ଦରବାରରୁ ଫେରି ଆସିବେ । ଏ ଘୋଷଣା ଶ୍ରବଣରେ ଠିକ୍ ପ୍ରବେଶ ପଥରେ ନବାବଙ୍କ ଆଦେଶରେ ବାନ୍ଧିଦିଆ ଯାଇଥିଲା ତୀକ୍ଷ୍ଣଧାରାପାତିଆ ଅସ୍ତ୍ର ଉଚ୍ଚରେ ତାହେଲେ ପାଞ୍ଚ ଭାଇଙ୍କ ଉଦ୍ଧତ ମସ୍ତକ ଆପେ ଆପେ କଟିଯିବ । କିନ୍ତୁ ସେମାନେ ମୁଣ୍ଡ ନୁଆଁଇ ନ ଥିଲେ । ସେହି ସହିତ ଅହଂକାରରେ ଘୋଡ଼ା ଦୌଡ଼ାଇ ସେମାନେ ଭିତରକୁ ପ୍ରବେଶ କରିଗଲେ, ମୁଣ୍ଡ କଟିଗଲା, କିନ୍ତୁ ନଇଁ ନ ଥିଲା । ସେହି ବୀର ପୂର୍ବ ପୁରୁଷମାନଙ୍କର ଉପଯୁକ୍ତ ଉତ୍ତର ଦାୟାଦ—ମଧୁସୂଦନ ।

ଏହି ଗୌରବମୟ ପରିବାରର ମହିମା ଚିରଉଜ୍ଜ୍ୱଳ ରଖିବାପାଇଁ ଆପ୍ରାଣ ପ୍ରୟାସ କରିଛନ୍ତି ମଧୁସୂଦନ । ସେ ଖ୍ରୀଷ୍ଟିୟାନ ଧର୍ମଗ୍ରହଣ କରିଛନ୍ତି । ଧର୍ମର ଭାବଧାରାରେ ବିମୁଗ୍ଧ ହୋଇ, ଖ୍ରୀଷ୍ଟିୟାନ ନାରୀକୁ ଜୀବନ ସଙ୍ଗିନୀ ରୂପେ ବରଣ କରିଛନ୍ତି ତାର ହୃଦୟବତ୍ତାରେ ବିମୋହିତ ହୋଇ । ମାତ୍ର ଏହି ଧର୍ମ ପାଖରେ କେବେ ମୁଣ୍ଡ ନୁଆଁଇ ନାହାନ୍ତି ।

ତାର ପ୍ରଚାର ଧର୍ମକୁ ସେ ଘୃଣା କରିଛନ୍ତି । ଘୃଣା ମଧ୍ୟ କରିଛନ୍ତି ତାର ଏକ୍‌ଚେଟିଆ ଧର୍ମପ୍ରଚାରକମାନଙ୍କୁ । ପାଦ୍ରୀମାନଙ୍କ ପ୍ରତି ତାଚ୍ଛଲ୍ୟପୂର୍ଣ୍ଣ ବ୍ୟବହାର ସମୟରେ ପତି-ପତ୍ନୀଙ୍କ ମଧ୍ୟରେ ଗୁରୁତର ମତଭେଦ କାରଣ ହୋଇଛି କିନ୍ତୁ ମଧୁସୂଦନ' କେବେହେଲେ ବର୍ଣ୍ଣପ୍ରେମୀ ପାଦ୍ରୀମାନଙ୍କୁ ଶ୍ରଦ୍ଧା କରିପାରି ନାହାନ୍ତି । ଏହି ଧର୍ମାନ୍ତର ଗ୍ରହଣର ପ୍ରାୟଶ୍ଚିତ ପାଇଁ ସମ୍ଭବତଃ ନିଜ ଜୀବନ, ଶିକ୍ଷା, ରୁଚି, ଅର୍ଥ, ପ୍ରତିପତ୍ତି ସବୁକିଛି ସେ ଓଡ଼ିଶା ତଥା ଜଗନ୍ନାଥ ଧର୍ମର ସୁରକ୍ଷା ପାଇଁ ଓ ଅଭିବୃଦ୍ଧି ପାଇଁ ଉତ୍ସର୍ଗ କରିଯାଇଛନ୍ତି ।

ଜାତୀୟ ସାରଥୀର ମୋହମୁକ୍ତ ଦୃଷ୍ଟି ଆଧୁନିକତାର ପ୍ରଥମ ଲକ୍ଷଣ କାରଣ ଜାତି ବା ଦେଶର ପ୍ରଗତି ପଥରେ ଯେତେ ଯେତେ ବାଧାବନ୍ଧନ ରହିଛି ସେ ସବୁକୁ ଅତିକ୍ରମ କରିବାକୁ ହେଲେ ସାଧକର ସ୍ୱାର୍ଥମୁକ୍ତ ଦୃଷ୍ଟି ସର୍ବାଗ୍ରେ ପ୍ରୟୋଜନ । ଏହି ମୋହମୁକ୍ତ ଦୃଷ୍ଟି ମଧୁବାବୁଙ୍କର ନିଜସ୍ୱ ଥିଲା । ଆଉ ମଧ୍ୟ ସେ ବୁଝିଥିଲେ କେବଳ ଶକ୍ତିରେ ମନୁଷ୍ୟର ପୂର୍ଣ୍ଣତା ଆସେନାହିଁ, ପ୍ରକୃତ ପୂର୍ଣ୍ଣତା ଆସେ ମୁକ୍ତିରେ । ଅନ୍ୟର ଅନୁଗ୍ରହରୁ ବାହ୍ୟଶକ୍ତି ଅବା ପ୍ରତିପତ୍ତି ହାସଲ କରାଯାଇ ପାରେ କିନ୍ତୁ ଆତ୍ମଶକ୍ତି ଓ ଆତ୍ମାର ସ୍ୱାଧୀନ ବିକାଶ ଘଟି ନଥିଲେ ଏହି ବାହାରର ଶକ୍ତି ବ୍ୟକ୍ତିତ୍ୱକୁ ଯାହା ଖାଲି ପ୍ରତାରଣା କରିଥାଏ । ଯେ-କୌଣସି ପ୍ରକାର ତାସଗୃହ ଭିତ୍ତିଉପରେ ସ୍ୱାଧୀନତାର ସୌଧ ଗଢ଼ିବା କଦାପିତ ସଂଭବ ନୁହେଁ—କିମ୍ବା କଲ୍ୟାଣକର ବା ଚିରନ୍ତନ ନୁହେଁ ।

ଏ ଦେଶ ଓ ଜାତିର ଐତିହାସିକ ବିଭବ ଓ ସମୃଦ୍ଧି ଥିଲା ତାଙ୍କର ପ୍ରାଣସ୍ପନ୍ଦନ । ଜୀବନର ମୂଳମନ୍ତ୍ର ଥିଲା ଏକ ବଳିଷ୍ଠ ଜାତୀୟ ଜୀବନ ଗଠନ ଉଦ୍ଦେଶ୍ୟରେ ସ୍ୱାଧୀନଚେତା କର୍ତ୍ତବ୍ୟନିଷ୍ଠ ଓ ଆଦର୍ଶବାଦୀ ଶିକ୍ଷିତ ସଂପ୍ରଦାୟଟିଏ ଗଢ଼ି ତୋଳିବା । ଦେଶ ଓ ଜାତିର ବର୍ତ୍ତମାନ ଦୁର୍ବଳତା ଓ ବିଚ୍ଛିନ୍ନତାରେ ତାଙ୍କର ଅନୁଶୋଚନାର ସୀମାନାହିଁ । ପୁଣି ଓଡ଼ିଶାର ସନାତନ ଐତିହ୍ୟ, ସଂସ୍କୃତି ଓ ସଭ୍ୟତାର ଯାହାକିଛି ଅଭିମାନ ଓ ଆଭିଜାତ୍ୟ ତାକୁ ନେଇ ତାଙ୍କର ଅହଂକାର ମଧ୍ୟ ସେଇପରି ସୀମାହୀନ ।

ଗୋଟାଏ ଇତିହାସ ପ୍ରସିଦ୍ଧ ଜାତିର ମନୋ-ବଳ ଭାଙ୍ଗିଯାଇଛି, ପ୍ରତ୍ୟେକ ଓଡ଼ିଆ ଭିତରେ ଗୋଟାଏ ହୀନମନ୍ୟତା (Inferiority complex) ପକ୍ଷାଘାତ ରୋଗ ଭଳି ବ୍ୟାପି ରହିଛି । ଏଥିରୁ ମୁକ୍ତି କାହିଁ ? ମଧୁସୂଦନ ଠିକ ବୁଝିଥିଲେ ମନୋବଳ ନ ଥିବା ଜାତି କେବେ ଉନ୍ନତି କରିପାରେନାହିଁ । ତେଣୁ ତାଙ୍କର ଏକମାତ୍ର ସାଧନା ଥିଲା ଜାତିର ଅପହୃତ ଆତ୍ମବିଶ୍ୱାସ ଫେରାଇ ଆଣିବା । ନିଜ କାର୍ଯ୍ୟ ନିଜ ବ୍ୟବହାର ଓ ରୁଚିରେ ଏହାର ବହୁ ଉଦାହରଣ ସେ ଜାତି ସମକ୍ଷରେ ଥୋଇ ଯାଇଛନ୍ତି । କୌଣସି ସୁବିଧାବାଦୀ ସାହିବ କେବେ ତାଙ୍କ ଚିନ୍ତା ଓ ନିଷ୍ପତ୍ତିକୁ ପ୍ରଭାବିତ କରିପାରିନାହିଁ ।

୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟା-ଳୟରେ ମଧୁସୂଦନ ହେଉଛନ୍ତି ପ୍ରଥମ ଓଡ଼ିଆ ବି. ଏ. ପରୀକ୍ଷାର୍ଥୀ । ସଂସ୍କୃତ ପରୀକ୍ଷା ନିଜ ନିଜ ମାତୃଭାଷା ଲିପିରେ ଲେଖିବାର ବିଧିବଦ୍ଧ ନିୟମ ପ୍ରଚଳନ ସତ୍ତ୍ୱେ ଓଡ଼ିଆ ଲିପିରେ ଲେଖିବାର ସୁଯୋଗ ନଥିଲା କାରଣ ପରୀକ୍ଷକ ଓଡ଼ିଆ ଭାଷା ଓ ଲିପିରେ ଅଜ୍ଞଥିଲେ । ମଧୁସୂଦନଙ୍କର ସୁବିଚାରବାଦୀମନ ଏଥିରେ ବିଦ୍ରୋହ କରି ଉଠିଲା । ନିଜ ମାତୃଭାଷା ଓଡ଼ିଆ, ବଙ୍ଗଳା ନୁହେଁ ବାରବାଂର ଏହାକହି ପରୀକ୍ଷା-ପ୍ରସ୍ତୁତି ପରିବର୍ତ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଚିଠିଲେଖି ରୀତିମତ ଗୋଟାଏ ଉତ୍ପାତରେ ଲାଗିଗଲେ । ପରିଶେଷରେ ସଫଳତାର ସହିତ ଓଡ଼ିଆ ଲିପିରେ ସଂସ୍କୃତ ଦେଇ ସେ ବି. ଏ. ପାସ କରିଗଲେ ।

ପରେ ପରେ ୧୮୭୩ ରେ ଏମ୍. ଏ ଏବଂ ଖ୍ରୀ ୧୮୭୮ ରେ ଆଇନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ । ଏହିସମୟରେ ତାଙ୍କର ପତ୍ନୀ ବିୟୋଗ ଘଟିଥିଲା । ଖ୍ରୀ ୧୮୮୧ ରେ ଉତ୍କଳ ଜନନୀଙ୍କର ଏହି ଉପେକ୍ଷିତ ସନ୍ତାନ ଫେରି ଆସିଥିଲେ ଓଡ଼ିଶାକୁ ଦେଶ ମାତୃକାର ସେବା କରିବାକୁ, ଉତ୍କଳ ଜନନୀଙ୍କୁ ମୁକ୍ତ କରିବାକୁ ଅସଂଖ୍ୟ ବ୍ୟାଧି ଓ ବନ୍ଧନରୁ ।

ଉତ୍କଳ ଜନନୀଙ୍କର ଏହି Prodigal son କିନ୍ତୁ ଫେରିଥିଲେ ଦୃଢ଼ ଆତ୍ମପ୍ରତ୍ୟୟର ଏକ ପ୍ରତିରୂପ ପରି । ଓ୍ୱେଷ୍ଟକୋଟ, ପ୍ୟାଣ୍ଟ ଟାଇ, ସହିତ ହାତରେ ସାହେବୀ ବାଉଦାର ଧରା ଛଡ଼ି, ମୁଣ୍ଡରେ ସଦାସର୍ବଦା ପଗଡ଼ି, ବୀର ଓଡ଼ିଆର ସମ୍ମାନର ସଂକେତ, ତୀକ୍ଷ୍ଣ ନାସିକା ତଳେ ଖୁବ୍ ବହଳ ଘନ ନିଶ, ଦୀପ୍ତିମାନ ପୌରୁଷର ଚିହ୍ନ । ପିତାଙ୍କର ବୋଧଭରା ଅଭିମାନ, ଉତ୍କଳ ଦୀପିକାର କଟୁ ସମାଲୋଚନା କିଛି ତାଙ୍କର ଅହମିକା ଉପରେ କୌଣସି ପ୍ରଭାବ ପକାଇ ପାରି-ନଥିଲା । ସେଇଥିପାଇଁ ତ ସେତେବେଳର ଅତି ଉଚ୍ଚଶିକ୍ଷିତ ୩୦ ବର୍ଷର ସେହି ତେଜୀୟାନ ଯୁବକ କୌଣସି ପ୍ରକାର ସରକାରୀ ଚାକିରୀ ବା ଅର୍ଥ, ପ୍ରତିପତ୍ତିକୁ ବେଖାତିର କରି ଗୁଡ଼ିନୀଚୌକିର ବିରାଟ ଦୋମହଲା କୋଠାରେ କଳିକତି ନେମପ୍ଲେଟ ଲଗାଇ-ଥିଲେ ଏମ୍. ଏସ୍. ଦାସ, ଏସ୍କ୍ୱାୟାର, ଏମ୍. ଏ. ବି. ଏଲ୍ ଉକୀଲ—ଏବଂ ସ୍ୱାଧୀନ ଭାବରେ ଓକିଲାତି କରିବାକୁ ଶ୍ରେୟସ୍କର ମନେକରିଥିଲେ ।

ଏହି ଓକିଲର ମୌଳିକ ଲକ୍ଷ୍ୟଥିଲା ଓଡ଼ିଶାରେ ଏକ ସାଧାରଣ ରାଜନୈତିକ ଚାହିଦାର ସୂତ୍ରପାତ କରିବା, ଶୋଷଣପିଷ୍ଟ ଓଡ଼ିଶାର କୋଣ ଅନୁକୋଣରେ ସେତେ-ବେଳେ ଦାରିଦ୍ର୍ୟ, ଅଶିକ୍ଷା, ଅନ୍ଧକାରର ରାଜତ୍ୱ । ସାଧାରଣ ଜନତାର ମାନସିକ ଦମ୍ଭନାହିଁ, ଆତ୍ମବିଶ୍ୱାସ ନାହିଁ ଠିଆହୋଇ ଲଢ଼େଇ କରିବାକୁ, ଅର୍ଥବଳ ନାହିଁ ଠିଆ ହେବାକୁ । ଅଥଚ ଦେଶରେ ଶିକ୍ଷିତ, ଆତ୍ମ-ପ୍ରତ୍ୟୟରେ ପରିପୂର୍ଣ୍ଣ, ମଧ୍ୟବିତ୍ତ ଗୋଷ୍ଠୀ ଗୋଟିଏ ଦରକାର ରାଜନୈତିକ ଜାଗରଣ ଆନୟନ ନିମନ୍ତେ । ଏହିପରି ଗୋଟିଏ ଗୋଷ୍ଠୀ ସୃଷ୍ଟି କରିବାରେ ସେ ଲାଗି ପଡ଼ିଲେ । ସେ ଚାହିଁଥିଲେ ଉତ୍କଳରେ ନବ ଜାଗରଣ । କେବେ ଆଶାକରୁନଥିଲେ ନବଜାଗ୍ରତ ଓଡ଼ିଆ ଯୁବକ ମାନଙ୍କଠାରୁ ଆତ୍ମଗ୍ଲାନିର ଦୈନ୍ୟ । ପରାଜୟ ମଧ୍ୟରେ ସୁଦ୍ଧା ସେ ଆଶାକରୁଥିଲେ ଏକପ୍ରକାର ଔଦ୍ଧତ୍ୟ । ପରାଜୟ ବା ତାକୁ କାହିଁକି ବୁଝାଯିବ ? ମଧ୍ୟାହ୍ନର ପ୍ରଚଣ୍ଡ ମାର୍ତ୍ତଣ୍ଡ କ'ଣ ସଂଧ୍ୟାରେ ପଶ୍ଚିମ ଆକାଶରେ ପାଟଳ ରଙ୍ଗ ଧାରଣ କରିବା ପରାଜୟ ?

ସୁସନ୍ତାନ ହୋଇ ପାରିଛନ୍ତି । ବିଶେଷ କରି ଉତ୍କଳ ମାତା ପ୍ରତି ଦେଶପ୍ରାଣ ମଧୁସୂଦନଙ୍କ ଗଭୀର ମମତା ତାଙ୍କ ରଚିତ "ଉତ୍କଳ ସନ୍ତାନ" ପଦ୍ୟରୁ ଅନୁମେୟ—

"ଉଠରେ ଉଠରେ ଉତ୍କଳ ସନ୍ତାନ,
ଉଠିବୁ ତୁ କେତେଦିନେ ।
ପୂରୁବ ଗୌରବ ପୂରୁବ ସାହସ
ପଡୁନାହିଁ କିରେ ମନେ ?"

ଆଜି ଆମେ ସ୍ୱାଧୀନ ଦେଶମାତାର ସନ୍ତାନ । ତଥାପି ଉତ୍କଳ ଗୌରବ ମଧୁସୂଦନଙ୍କ ଆଦର୍ଶରେ ଅନୁ ଜାଗୃତିର ଆବଶ୍ୟକତା ରହିଅଛି ।

ଅଧ୍ୟାପିକା,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ରାଜ୍ୟ ଓ୍ୱୟାର ହାଉସିଂ କର୍ପୋରେସନ ଗଠନ

କୃଷି ଜାତ ଦ୍ରବ୍ୟ ସାଇତି ରଖିବା ପାଇଁ ରାଜ୍ୟରେ ଗୋଦାମ ଘରର ବିଶେଷ ଅଭାବ ରହିଥିବା ଦୃଷ୍ଟିରୁ ଉପଯୁକ୍ତ ଶସ୍ୟ ସଂରକ୍ଷଣ ପାଇଁ ଏକ କୋଟି ଟଙ୍କା ଅଂଶଧନ ସାହାଯ୍ୟରେ ରାଜ୍ୟ ଓ୍ୱାର ହାଉସିଂ କର୍ପୋରେସନ ଗଠିତ ହୋଇଛି । ଏହି ଅଂଶଧନକୁ ରାଜ୍ୟ ସରକାର ତଥା କେନ୍ଦ୍ର ଓ୍ୱାର ହାଉସିଂ କର୍ପୋରେସନ ସମାନ ଭାବରେ ବହନ କରୁଛନ୍ତି । କର୍ପୋରେସନର ଗୋଦାମ ଘରମାନଙ୍କରେ ୬୭ ହଜାର ୭୧୮ ଟନ୍ ଖାଦ୍ୟଶସ୍ୟ ସାଇତା ଯାଇପାରିବ ! ଏଥି ମଧ୍ୟରୁ ୬ ହଜାର ୬୩୪ ଟନ୍ କର୍ପୋରେସନର ନିଜର ଓ ୬୧ ହଜାର ୮୪ ଟନ୍ ଭଡ଼ାସୂତ୍ରରେ ରଖାଯାଇ ପାରିବ ।

ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଜ୍ୟ ସରକାର କର୍ପୋରେସନର ଅଂଶଧନ ବାବଦକୁ ୨୫ ଲକ୍ଷ ୮ ହଜାର ଟଙ୍କା ଦେଇଛନ୍ତି । କର୍ପୋରେସନ ଲାଭ କରୁଥିବା ଓ ଲାଭାଂଶ ବଣ୍ଟନ କରୁଥିବା ଜଣାଯାଇଛି ।

## ଜଗନ୍ନାଥ ହିଁ ଓଡ଼ିଆଙ୍କ ପ୍ରାଣ

ମୁଁ ଖ୍ରୀଷ୍ଟିୟାନ ହେଲେ ମଧ୍ୟ, ମୁଁ ଜଣେ ଓଡ଼ିଆ । ଓଡ଼ିଆ ହିସାବରେ ଜନ୍ମ ହୋଇଛି, ଓଡ଼ିଆ ହିସାବରେ ମରିବି । ଏ ଜାତିର ଗୌରବ ମୋର ଗୌରବ । ଜାତୀୟ ଗୌରବକୁ ରକ୍ଷା କରିବା ପ୍ରତ୍ୟେକ ମାନବର ଅଧିକାର । ଏହାକୁ କେହି ଛିଣ୍ଡେଇ ପାରିବେ ନାହିଁ । ଜଗନ୍ନାଥ ମନ୍ଦିର ସହିତ ଓଡ଼ିଆ ଜାତି ସହସ୍ର ସହସ୍ର ବର୍ଷ ଧରି ଓତଃ ପ୍ରୋତଃ ଭାବେ ଜଡ଼ିତ ରହିଛି । ଏହି ଐତିହାସିକ ପ୍ରାଧାନ୍ୟ, ଏହି ଐତିହାସିକ ଗୌରବ, ମାନ ଓଡ଼ିଆ ଜାତିର ଜାତୀୟ ସଂପଦ । ଏହାକୁ ରକ୍ଷା କରିବା, ଏହାର ଗୌରବ ରକ୍ଷା କରିବା, ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ । ମୁଁ ଜଣେ ଓଡ଼ିଆ ରୂପେ ଏ କାର୍ଯ୍ୟ କରୁଛି । ଏହି ସମାସ୍ୟା ସଂକୀର୍ଣ୍ଣ ସାଂପ୍ରଦାୟିକତାର ବହୁ ଉର୍ଦ୍ଧ୍ୱରେ । ............ ଜଗନ୍ନାଥ ମନ୍ଦିର ନଥିଲେ ଓଡ଼ିଆ ଜାତି ନାହିଁ । ଓଡ଼ିଆ ଜାତିର ଗୌରବର ମହାନ୍ ପ୍ରତୀକ, ବିଶ୍ୱ ବିଖ୍ୟାତ, ଅତି ପ୍ରାଚୀନ ଏ କୀର୍ତ୍ତିକୁ ରକ୍ଷା କରିବା ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ" ।

# ମହାପ୍ରୟାଣ ପଥେ ମଧୁସୂଦନ

ଶ୍ରୀ ନବ କିଶୋର ଦାସ

ନିର୍ବାଣୋନ୍ମୁଖ ପ୍ରଦୀପ ପରି ମଧୁବାବୁଙ୍କ ଜୀବନ-ଶିଖା କ୍ରମେ ଲିଭି ଆସୁଥିଲା । ନବ ଉତ୍କଳ ପ୍ରଦେଶ ଦେଖିବାର ଆଶା ଅନ୍ତରରେ ଧରି ଜନନେତା ମୃତ୍ୟୁ ସହିତ ଆଉ କେତେ କାଳ ଲଢ଼ିବେ ? ବୃଦ୍ଧ ଆଉ କେତେ ଦିନ ପଞ୍ଚାଅଶୀ ବର୍ଷ ବୟସରେ ଜରା-ରୋଗ-ଗ୍ରସ୍ତ ଅଙ୍ଗକୁ ଅବନୀରେ ରଖିବେ ? ମଧୁବାବୁ ଚିର ରୋଗୀ । ସେହି ରୋଗ-ଯନ୍ତ୍ରଣା ସହିତ ସଂଗ୍ରାମ ତାଙ୍କ ଜୀବନର ଏକ ବିଶେଷତ୍ୱ । ଚିର ରୋଗୀ ହୋଇ ଯେ ମଧୁବାବୁ ଏତେ କର୍ମ କରି ପାରୁଥିଲେ, ତାହାହିଁ ଆଶ୍ଚର୍ଯ୍ୟ ବିଷୟ ।

ହଠାତ୍ ଖ୍ରୀ: ଅ: ୧୯୩୪ ମସିହା ଜାନୁଆରୀ ୧୨ ତାରିଖ ଦିନ କୋଠି ଛାତ ଉପରେ ବୁଲୁ ବୁଲୁ କୁମାରୀ ସୁଧାଂଶୁ ବାଳାଙ୍କୁ କହିଲେ, "ମୋର ମନେ ହେଉଛି, ପ୍ରାୟ ପନ୍ଦର ଦିନ ପରେ ମୁଁ ମରିଯିବି ।" କୁନ ବୃଦ୍ଧ କିପରି ଏ କଥା ଜାଣିଲେ, କିଏ କହିବ ?

ଏହାର ତିନି ଦିନ ପରେ ଅର୍ଥାତ୍ ଜାନୁଆରୀ ପନ୍ଦର ତାରିଖ ଦିନ ବିହାରର ଭୀଷଣ ଭୂମିକମ୍ପ । ଖରା ବେଳ । ମଧୁବାବୁ ଖଟ ଉପରେ ଶୋଇ ଦେଖନ୍ତି ଯେ ତାଙ୍କ ଶୋଇବା କୋଠରୀଟି ସଂପୂର୍ଣ୍ଣ ଦୋହଲୁଥିଲା । ସେତିକି ବେଳେ ଦୌଡ଼ି ଆସି ବୃଦ୍ଧଙ୍କ ବିଶ୍ୱସ୍ତ ଭୃତ୍ୟ ହାଡ଼ିଆ ତାହାଙ୍କୁ କେବଳ ଘର ସମ୍ମୁଖସ୍ଥ ଛାତ ଉପରକୁ ନେଲିଗଲା । ଅବଶ୍ୟ କଟକରେ ଏହି ଭୂମିକମ୍ପ ଖୁବ୍ ଅଳ୍ପ କ୍ଷଣସ୍ଥାୟୀ ହୋଇଥିଲା; ତେଣୁ ମଧୁବାବୁ ରକ୍ଷା ପାଇଗଲେ । ପରେ ଯେତେବେଳେ ସେ ସେହି ଭୂମିକମ୍ପର ଭୟାବହ ବୃତ୍ତାନ୍ତ ଶୁଣିଲେ, ତାଙ୍କ ହୃଦୟ ଦୁଃଖରେ ପ୍ଲାବିତ ହୋଇଗଲା । ତହିଁ ଆର ଦିନ ସେ କହିଲେ, "ଈଶ୍ୱରଙ୍କୁ ମନେ ମନେ ପ୍ରାର୍ଥନା କରୁଥିଲି, ଘରଟି ମୋ ଉପରେ ପଡ଼ିଗଲେ ତ ହେଲା—!"

ମଧୁବାବୁ ବଦ୍ଧ ଅବସ୍ଥାରେ ଅତି ଦୁର୍ବଳ ହୋଇ ପଡ଼ିଥିଲେ । କୋଠି ଛାତ ଉପରେ କେବଳ ଟିକିଏ ଚାଲ ବୁଲ କରି ପାରୁଥିଲେ । ଖାଦ୍ୟ ବୋଲି ତ ଟିକିଏ ଦୁଧ, ଖଇ କିମ୍ବା ଅମୃତଭଣ୍ଡା ସିଝା । ଔଷଧ ନ ଥିଲେ ସାଥୀ, ଉକ୍ତରୂପ ଜାନୁଆରୀ ୧୮ ତାରିଖ ଦିନ କେବଳ ୯୭ ଥିଲା । କ୍ରମେ କିନ୍ତୁ ମଧୁବାବୁଙ୍କ ଶରୀର ବେଶୀ ଅସୁସ୍ଥ ହେବାକୁ ବସିଲା ଏବଂ ଏହି ଅସୁସ୍ଥ ସଂବାଦ ଶୁଣୁଁ ଶୁଣୁଁ ଉତ୍କଳର ନାନା ସମ୍ବାଦପତ୍ରରେ ପ୍ରକାଶ ପାଇଲା, କଟକରେ ମଧ୍ୟ ଗୋଟିଏ ସାଧାରଣ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇ ତାଙ୍କ ଦୀର୍ଘ ଜୀବନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରା ହୋଇଥିଲା । ସେହି ସମୟରେ ତାଙ୍କ ପାଳିତା କନ୍ୟା କୁମାରୀ ଶୈଳବାଳା ପାଟନାରୁ ଆସି ଜାନୁଆରୀ ୨୨ ତାରିଖ ଦିନ କଟକ ମୁକାମରେ ପହଞ୍ଚିଲେ । ବୃଦ୍ଧ ତାଙ୍କୁ ଦେଖି ଆନନ୍ଦିତ ହେଲେ ଏବଂ କହିଲେ, "ବଡ଼ ଖୁସି ହେଲି, ତୁମେ ଆସିଛ । ତୁମ ସଂଗେ ଶେଷ ଦେଖା ଆଉ ହୋଇ ନ ଥାନ୍ତା; କାରଣ ପାଟନା ମୁଁ ଯାଇ ପାରି ନ ଥାନ୍ତି, ମୁଁ ବେଶୀ ଦିନ ଆଉ ବଞ୍ଚିବି ନାହିଁ" ।

ଏହା ଶୁଣି କୁମାରୀ ଶୈଳବାଳା ମଧୁବାବୁଙ୍କ ମନ ଭୁଲାଇବା ପାଇଁ ବିହାର ଭୂମିକମ୍ପର ଭୟାବହ ଦୃଶ୍ୟମାନ ବର୍ଣ୍ଣନା କରିବାକୁ ଲାଗିଲେ । ବୃଦ୍ଧ ଦୁଃଖ ଓ ବିସ୍ମୟପୂର୍ଣ୍ଣ ନୟନରେ ସେହି ଭୀଷଣ ଘଟଣା ସବୁ ଶୁଣି ବାକ୍‌ରୁଦ୍ଧ ହେଲେ । ଏପରିକି ପ୍ରାୟ ପୂର୍ଣ୍ଣ ଦୁଇ-ଘଣ୍ଟା କାଳ ସେହି ସମସ୍ତ ଭୂମି କମ୍ପ ବୃତ୍ତାନ୍ତ ଶ୍ରବଣରେ ବିତିଗଲା ।

ମାନବ ସମାଜ ପ୍ରତି ଶ୍ରଦ୍ଧା ମଧୁବାବୁଙ୍କ ଅନ୍ତରରେ ସର୍ବଦା ପୂର୍ଣ୍ଣ ହୋଇ ରହିଥିଲା । ସମାଜ ତଥା ଦେଶର ଦୁଃଖରେ ତ ମଧୁବାବୁ ସବୁବେଳେ କାନ୍ଦି ଆସିଥିଲେ । ତେଣୁ ବିହାରର ଏହି ଦୁଃଖ-କାହାଣୀ ଶୁଣୁ ଶୁଣୁ ସେ ତାଙ୍କର ସକଳ ରୋଗ ଯନ୍ତ୍ରଣା ଭୁଲିଗଲେ । ନୀରବରେ ବୃଦ୍ଧ ଆଗ୍ରହାନ୍ୱିତ ଅନ୍ତରରେ ସବୁ ଶୁଣୁ ଥାଆନ୍ତି । ବେଳେ ବେଳେ ଭୂମିକମ୍ପ ବିଷୟକ ନାନା ପ୍ରଶ୍ନ ପଚାରୁ ଥାଆନ୍ତି ।

ଏହି ଘଟଣାର ଠିକ୍ ତିନି ଦିନ ପରେ, ଜାନୁଆରୀ ୨୫ ତାରିଖ ଦିନ ହଠାତ୍ ସ୍ନାନ ପୂର୍ବରୁ ମଧୁବାବୁ ମୂର୍ଚ୍ଛା ମାରିଗଲେ । ସଂଗେ ସଂଗେ କୋଠିଟିସାରା ଚହଳ ପଡ଼ିଗଲା ।

ପ୍ରାୟ ପାଞ୍ଚ ମିନିଟି ପରେ ସେ ସଂଜ୍ଞା ଲାଭ କଲେ । କିନ୍ତୁ ସେହିଦିନୁ ମଧୁବାବୁ ରୋଗଶଯ୍ୟାରେ ଶୋଇ ରହିଲେ । କ୍ରମେ କଟକର ନାନା ସମ୍ବାଦପତ୍ରରେ ତାଙ୍କର ଅସ୍ୱାସ୍ଥ୍ୟ ସମ୍ବାଦ ପ୍ରକାଶ

ପାଉଥିଲ । ମାନ୍ୟଗଣ୍ୟ ବ୍ୟକ୍ତି, ଓକିଲ ଓ ଅନ୍ୟାନ୍ୟ ଧନୀ ଦରିଦ୍ର ଜନେ ତାଙ୍କୁ ଦେଖିବାକୁ ଆଗ୍ରହ ଓ ଉଦ୍‌ବେଗ ଅନ୍ତରରେ ତାଙ୍କ କୋଠିରେ ପ୍ରତ୍ୟହ ଭୁଣ୍ଡ ହେଲେ । ମଧୁବାବୁଙ୍କୁ ଦେଖିବାକୁ ପୂର୍ବପରି କୌଣସି ବାଧବାଧକତା ନ ଥିଲା । ସମସ୍ତେ ଅନାୟାସରେ ଜନନେତାଙ୍କୁ ଦେଖିବାର ସୁବିଧା ଓ ସୁଯୋଗ ପାଉଥିଲେ । ମଧୁବାବୁ ମଧୁର ଭାବରେ ସମସ୍ତଙ୍କଠାରୁ ହାତଯୋଡ଼ି ବିଦାୟ ନେଇ ଯାଉଥାନ୍ତି ଏବଂ କହୁଥାଆନ୍ତି "ବିଦାୟ, ଗୁଡ଼ିବାଇ, ଗୁଡ଼ିବାଇ" । ସେ ଦୃଶ୍ୟ ବଡ଼ କରୁଣ, ବଡ଼ ହୃଦୟସ୍ପର୍ଶୀ ।

ଅନେକ ଭଦ୍ର ମହିଳା ସେମାନଙ୍କ ଶିଶୁ ସନ୍ତାନମାନଙ୍କୁ ଆଣି ମଧୁବାବୁଙ୍କ ପାଦ ତଳେ ଶୁଆଇ ଦେଇ ଯାଆନ୍ତି । ମଧୁବାବୁ ସେମାନଙ୍କୁ ଆଶୀର୍ବାଦ କରୁଥାଆନ୍ତି । ସେମାନଙ୍କ ଶିରରେ ସ୍ନେହରେ ହାତ ବୁଲାଉଥାଆନ୍ତି ।

ତାଙ୍କର ଦୁର୍ବଳତା କ୍ରମେ ବଢ଼ିବାକୁ ଲାଗିଲା ଏବଂ ସେ ସେହି ରୋଗ ଶଯ୍ୟାରେ ମଧ୍ୟ ଆଗନ୍ତୁକ ଭଦ୍ର ବ୍ୟକ୍ତିଙ୍କ ପରିଚୟ ନ ନେଇ ନିଶ୍ଚିନ୍ତ ହେଉ ନ ଥିଲେ । ଏପରିକି ଅନେକ କଥା ମଧ୍ୟ ଆଗ୍ରହରେ କହୁଥାଆନ୍ତି । ଏହି ପୀଡ଼ିତ ଅବସ୍ଥାରେ ବ୍ୟାପଟିଷ୍ଟ ମିଶନର ଜଣେକ ପୁରୋହିତ ଆସି ତାହାଙ୍କ ନିକଟରେ ଦିନେ ପ୍ରାର୍ଥନା କରିଥିଲେ । ମଧୁବାବୁ ସେହି ସବୁ ପ୍ରାର୍ଥନା ଶୁଣି କହିଲେ "ମୁଁ କଣ ମୋର ଈଶ୍ୱରଙ୍କୁ ଚିହ୍ନୁ ନାହିଁ, ଜାଣି ନାହିଁ—ମରଣକୁ କଣ ମୁଁ ଡ଼ରେ ? ଯେତେବେଳେ ମରଣ ଆସିବ, ମୁଁ ଆଲିଙ୍ଗନ କରିବି," ଏବଂ ତା ପରେ ପରେ ମଧୁବାବୁ ମଧୁର କଣ୍ଠରେ ଅନେକ ପ୍ରାଣସ୍ପର୍ଶୀ ପ୍ରାର୍ଥନା ଆବୃତ୍ତି କରିବାକୁ ଲାଗିଲେ । ପ୍ରକୃତରେ ମଧୁବାବୁ କିପରି ଧର୍ମପ୍ରାଣ ଥିଲେ, କିପରି ତାଙ୍କର ଭଗବାନଙ୍କଠାରେ ଅଟଳ ବିଶ୍ୱାସ ଥିଲା, ତାହା ଏହିପରି କ୍ଷୁଦ୍ର କ୍ଷୁଦ୍ର ଘଟଣାରୁ ବେଶ୍ ଜଣାପଡ଼େ ।

ମଧୁବାବୁଙ୍କ ଅବସ୍ଥା ଜାନୁଆରୀ ୩୧ ତାରିଖ ଦିନ ହିଁ ସଙ୍କଟାପନ୍ନ ହୋଇଥିଲା । ସକାଳୁ କିନ୍ତୁ ଭଲ ଥିଲେ । ମନୋବୃତ୍ତିରେ କୌଣସି ଦୁର୍ବଳତା ଦେଖା ଯାଉ ନ ଥିଲା; କିନ୍ତୁ ଝାଡ଼ା ହେବା ପରେ ସେ ଦୁର୍ବଳ ହୋଇ ପଡ଼ିଲେ । ପାର୍ଶ୍ୱସ୍ଥ ସେବକ-ସେବିକା ମାନେ ତାହାଙ୍କ ମନ ଭୁଲାଇବାକୁ କହୁଥାଆନ୍ତି; "ଆପଣ ଆରୋଗ୍ୟ ହୋଇଯିବେ—ମନ ଟାଣ କରନ୍ତୁ ।" ତାହାର ଉତ୍ତରରେ ସେ ଧୀରେ-ଧୀରେ କହିଲେ, "ତୁମେ ମୋତେ ଖାଲି ଫାଙ୍କି ଦେଉଛ ?"

ମଧୁବାବୁ ତାଙ୍କ ଶେଷ ଶଯ୍ୟାରେ ଶୋଇ ମଧ୍ୟ କେତେବେଳେ ହେଲେ ଉତ୍କଳ ଓ ତାର ଦୁଃଖ ଦୁର୍ଦ୍ଦଶା ଭୁଲି ନ ଥିଲେ । ସେ ଯେ ଶେଷ ଶଯ୍ୟାରେ ଶୋଇ ଉତ୍କଳ ସମ୍ବନ୍ଧେ ଏତେ ଚିନ୍ତା କରୁଥିଲେ; ତାହା ଜାଣିଲେ ମନୁଷ୍ୟ ଅବାକ୍ ହୋଇ ରହିଁ ରହେ । ମୃତ୍ୟୁ, ରୋଗ-ଯନ୍ତ୍ରଣା ସହିତ ସଂଗ୍ରାମ କରୁ କରୁ ଯେଉଁ ଜନ ନେତା ନିଜ ଦେଶ ପାଇଁ ନିଜ ମାତୃଭୂମି ପାଇଁ ଏତେ ଚିନ୍ତା କରୁଥିଲେ, ତାହା ଜାଣିଲେ ପ୍ରତ୍ୟେକଙ୍କ ପ୍ରାଣରେ ଦେଶପ୍ରୀତି ନ ଜାଗି ରହି ପାରିବ ନାହିଁ ।

ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ହେବ । କେବେ ହେବ ? ତାର ଭିତରେ ଜଟିଳ ସମସ୍ୟା ଅଛି । କିଏ ଚଳେଇବ ? ଏହିପରି ନାନା ପ୍ରଶ୍ନ ତାଙ୍କ ପ୍ରାଣରେ ଆଘାତ ଦେଉଥିଲା । ସେଥିପାଇଁ ତାଙ୍କର ଶେଷକାଳୀନ କଥାବାର୍ତ୍ତାରେ ଏ ବିଷୟର ନାନା ସୂଚନା ପାଇଁ । ମଧୁବାବୁଙ୍କୁ ଦେଖିବାକୁ ଉତ୍କଳର ଅନେକ ବିଶିଷ୍ଟ ବ୍ୟକ୍ତି ନାନା ସ୍ଥାନରୁ ଆସିଥିଲେ । ନୀଳକଣ୍ଠ ବାବୁ ମଧୁବାବୁଙ୍କୁ ଦେଖିବାକୁ ଦେବ ଆସିଥିଲେ । ମଧୁବାବୁ ମଧ୍ୟ ନୀଳକଣ୍ଠ ବାବୁଙ୍କୁ ତା୩୧ ରିଖ ଦିନ ଖୋଜିବାକୁ ଲାଗିଲେ । ଠିକ୍ ସେହି ଦିନ ଦ୍ୱିପ୍ରହର ସମୟରେ ତାଙ୍କର ହାତରେ ନୀଳକଣ୍ଠ ବୋଲି ଲେଖିଲେ । ଶେଷରେ ଗୋଟିଏ ଆଙ୍ଗୁଠି ଦେଖାଇ କହିଲେ—

"ମୁଁ ଗୋଟିଏ ଲୋକକୁ ଦେଖିବାକୁ ଚାହେଁ । ନୀଳକଣ୍ଠ—ନୀଳକଣ୍ଠକୁ ଆଉ ଦେଖି ପାରିବି ନାହିଁ ।" ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଣ୍ଠକୁ ଆଣିବା ପାଇଁ ଲୋକ ମଟର ନେଇ ଦୌଡ଼ିଗଲେ ।

ଯେତେବେଳେ ମଧୁବାବୁଙ୍କୁ ଦେଖିବାକୁ ନୀଳକଣ୍ଠବାବୁ ମଧ୍ୟ ଦଉଡ଼ୁ ବାହାରୁ ଆଆନ୍ତି । ନୀଳକଣ୍ଠବାବୁ ଆସି ବୃଦ୍ଧଙ୍କ ଶଯ୍ୟା ନିକଟରେ ବସି କିପରି କଥୋପକଥନ କରିଥିଲେ ଓ ମଧୁବାବୁ କ'ଣ କହିଥିଲେ, ତାହାର କିୟତ୍ ଅଂଶ 'ସମାଜ' ସମ୍ପାଦକୀୟ ଉଦ୍ଧୃତ କରିଦେଲେ ବିଷୟଟି ସ୍ପଷ୍ଟ ହେବ । ମୃତ୍ୟୁ ଶଯ୍ୟାରେ ମଧ୍ୟ ସେ ଉତ୍କଳର ନେତୃତ୍ୱ ପ୍ରସଙ୍ଗ ଚିନ୍ତା କରୁଥିଲେ । ଭାବୁଥିଲେ ଯେ, ସେ ମରିଗଲେ ନବ ଉତ୍କଳକୁ ଚଳେଇବ କିଏ ? ସେ ଯାହା ହେଉ, ଶେଷ ଶଯ୍ୟାରେ ତାଙ୍କର ଏହି ସ୍ୱଦେଶ-ସ୍ନେହ ଏହି ଜାତି-ପ୍ରୀତି ବଡ଼ ଆଶ୍ଚର୍ଯ୍ୟଜନକ । ଜାତି କିପରି ଭଲ ରହିବ, ଜାତିର ଭବିଷ୍ୟତ କିପରି ମଙ୍ଗଳମୟ ହେବ, ଏଥିପାଇଁ ବୋଧହୁଏ ମଧୁବାବୁଙ୍କ ପ୍ରାଣ ମୃତ୍ୟୁ କୋଳରେ ମଧ୍ୟ କାନ୍ଦି ଉଠୁଥିଲା ।

ନୀଳକଣ୍ଠ ବାବୁ ମଧୁବାବୁଙ୍କର ସେହି ଶୀର୍ଣ୍ଣ ହାତକୁ ଗୋଟିଏ ନିଜ ହାତରେ ଧରି ନାଡ଼ି ଦେଖି କହିଲେ—

"ନାଡ଼ି ଭଲ ଅଛି ।"

ମଧୁବାବୁ—"ନାଡ଼ି ଦେଖୁଛ । ଅସଲ ନାଡ଼ି ହେଉଛି, ଯେଉଁ କାମ ଲାଗି ତୁମେ ମୋତେ ଚାହଁ, ସେହି ନାଡ଼ି ।"

ମଧୁବାବୁ ନୀଳକଣ୍ଠବାବୁଙ୍କ ସହ ନେତୃତ୍ୱ ପ୍ରସଙ୍ଗରେ କେତେକ କଥାବାର୍ତ୍ତା ହେବା ପରେ କହିଲେ—

"ଏମାନେ ପରିଚାରିକା ଓ ଡାକ୍ତର-ମୋର ପେଟ ପରିଷ୍କାର କରିବାରେ ଲାଗିଛନ୍ତି । ଆତ୍ମା ପରିଷ୍କାର ହେବ କିପରି " ? ଆହୁରି କିଛି ସମୟ ନୀରବ ରହି ପୁଣି ଧୀରେ କହିଲେ, "ମୋ ସଙ୍ଗେ ନିତି ଦେଖା କରିବ ।"

ନୀଳକଣ୍ଠବାବୁଙ୍କ ଚକ୍ଷୁ ଛଳ ଛଳ ହୋଇ ଆସିଲା । ନୀଳକଣ୍ଠ ବାବୁ ଅତି ବିନୀତ ଭାବରେ କହିଲେ, "ଆପଣଙ୍କର ଦେଶକୁ କିଛି କହିବାର ଅଛିତ କହନ୍ତୁ" । ତହୁଁ ମଧୁବାବୁ ଧୀରେ ଧୀରେ ସେହି ଶେଷ ଶଯ୍ୟାରେ ଶୋଇ କହିଲେ, "ଯାଅ, ଲୋକଙ୍କୁ କହିବ, ପେଟରେ ଯାହା କିଛି ମଇଳା ଅଛି, ପରିଷ୍କାର କରନ୍ତୁ । ଆତ୍ମା ସହଜରେ ପରିଷ୍କାର ହୋଇଯିବ ।"

ଏହି ଅଳ୍ପ କଥାରୁ ଆମ୍ଭେମାନେ ସହଜରେ ତାଙ୍କ ଅନ୍ତରର ଗଭୀର ଆଧ୍ୟାତ୍ମିକତା ଅନୁମାନ କରିପାରୁ । ସେ ସର୍ବଦା ଆତ୍ମା ବିଷୟ ଚିନ୍ତା କରୁଥିଲେ । ବାହାରଟା ତାଙ୍କ ନିକଟରେ କେବଳ ବାହାର ହୋଇ ରହିଥିଲା । ନୀଳକଣ୍ଠବାବୁ ଫେରି ଆସିଲେ । କ୍ରମେ କଟକ ସହରରେ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥାର ସମ୍ବାଦ ବିଜୁଳି ଭଳି ଖେଳିଗଲା । ଅନେକ ଛାତ୍ର, ଓକିଲ ଓ ଭଦ୍ରବ୍ୟକ୍ତି ସନ୍ଧ୍ୟା ବେଳେ ବୃଦ୍ଧଙ୍କୁ ଦେଖିବାକୁ ଓ ଶେଷ ସେବା ଶୁଶ୍ରୂଷାରେ ଯୋଗ ଦେବା ପାଇଁ ମଧୁବାବୁଙ୍କ କୋଠିରେ ଭୁଣ୍ଡ ହେଲେ ।

## ଶିଖାର ଶେଷ ଜ୍ୟୋତି (୧)

ବାରୁଣୀ ଗଗନରେ ସେତେବେଳକୁ ସୂର୍ଯ୍ୟ ବୁଡ଼ିଗଲେଣି । ସଂଧ୍ୟାର ଘନ ଛାୟା କ୍ରମେ ଧରଣୀ ବକ୍ଷରେ ଘୋଟି ଆସୁଥିଲା । କେବଳ ପକ୍ଷୀମାନେ ନୀରବରେ ନୀଡ଼କୁ ବାହୁଡ଼ି ଯାଉଥିଲେ । କେବଳ ପଥ ଦୁଇ ପାର୍ଶ୍ୱରେ ଶ୍ୟାମ ତରୁରାଜିଙ୍କ ମ୍ଳାନ ମୁଖ ନୟନରେ ଦିଶି ଯାଉଥିଲା । ମଟରଟି ଦ୍ରୁତ ବେଗରେ ଗତି କରୁଥାଏ । ବ୍ରଜସୁନ୍ଦର ବାବୁ ଓ ମୋ ଭଳି ଦୋଚୋଟି ମୂକ ଯୁବକଙ୍କୁ ଧରି ମଟର ମଧୁବାବୁଙ୍କ କୋଠି ସମ୍ମୁଖରେ ଠିଆହେଲା । ଦ୍ରୁତ ପଦରେ ଆମ୍ଭେମାନେ ଉପର ମହଲକୁ ଉଠିବାକୁ ଲାଗିଲୁ ।

ଉପର ମହଲା କୋଠରୀଟି ଖୁବ୍ ଦୀର୍ଘ ଓ ପ୍ରଶସ୍ତ । ପୂର୍ବ ଦିଗକୁ ଖଟିଏ ପିଡ଼ା ଖଟ । ତହିଁ ଉପରେ ଜନନେତା ଶେଷ ରୋଗ ଶଯ୍ୟାରେ ଶାୟିତ । ବେଳେ ବେଳେ କଫ ଘଡ଼ ଘଡ଼ ହେଉଥାଏ । ଦେହରେ ଆଉ ମାଂସ ଥିଲାଭଳି ଜଣାପାଉ ନଥାଏ । ଶିର ଉପରକୁ ଅନେକଗୁଡ଼ିଏ ତକିଆ ଥୁଆ ହୋଇଥାଏ । ବୃଦ୍ଧ ସେହି ଖଟରେ ଶୋଇ ଥାଆନ୍ତି । ଯେଉଁ ଦର୍ଶକମାନେ ମଧୁବାବୁଙ୍କୁ ଦେଖିବାକୁ ଯାଆନ୍ତି, ସେମାନେ ପ୍ରାୟ ତାଙ୍କ ମୁଣ୍ଡ ପାଖକୁ ଛିଡ଼ା ହୁଅନ୍ତି । କାରଣ ସମ୍ମୁଖରେ ଛିଡ଼ା ହେଲେ ମଧୁବାବୁ ଦର୍ଶକର ପରିଚୟ ପାଇବା ପାଇଁ ବ୍ୟଗ୍ର ହୋଇ ପଡ଼ନ୍ତି । ପଚାରି ନପାରି ଅଙ୍ଗୁଳି ଦେଖାଇ ନିର୍ଦ୍ଦେଶ କରନ୍ତି । ତାଙ୍କୁ ଏ ବ୍ୟସ୍ତତାରୁ ରକ୍ଷା କରିବା ପାଇଁ ଦର୍ଶକମାନେ ତାଙ୍କ ଚକ୍ଷୁର ଅନ୍ତରାଳରେ ରହି ତାଙ୍କୁ ଆଖି ପୂରାଇ ଦେଖି ଆସନ୍ତି ।

ଜାନୁୟାରୀ ୩୧ ତାରିଖ ସଂଧ୍ୟା । ବାହାରର ଉତ୍ତାପ ୪୮ ଡିଗ୍ରୀ । ବଡ଼ ଶୀତ, କିନ୍ତୁ ମଧୁବାବୁଙ୍କ ଶୋଇଲା ଘରର ଉତ୍ତାପ କୃତ୍ରିମ ଉପାୟରେ ବଢ଼ାଇ ଦିଆଯାଉଥାଏ । ଗୃହଟିର ଉତ୍ତାପ ୮ ଡିଗ୍ରୀ । ବୃଦ୍ଧଙ୍କ ରୋଗ ଶଯ୍ୟା ନିକଟରେ କେତେଗୁଡ଼ିଏ ମୂକ ସେବକ ସେବିକା । ସମସ୍ତଙ୍କ ଚକ୍ଷୁରେ ଲୋତକ ଛଳ ଛଳ ହେଉଥାଏ । ସେହିଦିନ ହିଁ ମଧୁବାବୁଙ୍କ ଅବସ୍ଥା ସବୁଠାରୁ ସଂଙ୍କଟାପନ୍ନ ହୋଇଥିଲା । ସଂନ୍ଧ୍ୟାବେଳୁ ଅନେକ ଛାତ୍ର, ଓକିଲ ଓ ଅନ୍ୟାନ୍ୟ ଭଦ୍ରବ୍ୟକ୍ତି ବରାବର ଜଗି ବସିଥାନ୍ତି ।

ଠିକ୍ ରାତି ସାଢ଼େ ଆଠଟା ବେଳକୁ ମଧୁବାବୁଙ୍କ ଅବସ୍ଥା ବେଶୀ ଖରାପ ହେଲା । ସେ କିଛି ଲେଖିବାକୁ ସଙ୍କେତ ଦେଲେ । ବ୍ରଜସୁନ୍ଦର ବାବୁ କାଗଜ କଲମ ଧରି ବସିଲେ । ରହସ୍ୟ ଗମ୍ଭୀରତା ଭାଙ୍ଗି ବୃଦ୍ଧ ରହି ରହି ଧୀରେ ଧୀରେ ଗୋଟିଏ ଶବ୍ଦ ଡାକୁଥାଆନ୍ତି—

"Two drams of fruit salt. Don't mix animia with healthy animia.

ଏ ସବୁର ଅର୍ଥ କିଛି ନାହିଁ । ରାତିସ୍ତ, କ୍ରମେ ଉତ୍କଳ-ରବିଙ୍କର ଅସ୍ତ ହେବାର ସମୟ ସମୀପବର୍ତ୍ତୀ ହୋଇଗଲା । ସମସ୍ତେ ଉଦ୍‌ବେଗପୂର୍ଣ୍ଣ ଅନ୍ତରରେ ଚାହିଁ ରହିଲେ । ମୃତ୍ୟୁ ପୂର୍ବରୁ ଖ୍ରୀଷ୍ଟୀୟ ରୀତିରେ ପ୍ରାର୍ଥନା ପ୍ରଭୃତି ହେବା ନିମିତ୍ତ କୁମାରୀ ସୁଧାଂଶୁବାଳା ତାହାଙ୍କ ଅନୁମତି ଚାହିଁଲେ । ଏଣେ ମୃତ୍ୟୁର ଆହ୍ୱାନ, ରୋଗର ଉତ୍କଟ ଯନ୍ତ୍ରଣା-କିନ୍ତୁ ମଧୁବାବୁ ସେ ଶେଷ ଶଯ୍ୟାରେ ଈଶ୍ୱରଙ୍କୁ ଭୁଲି ନାହାନ୍ତି । ପ୍ରାର୍ଥନା ବୋଲିବା ନିମିତ୍ତ ଅନୁମତି ଦେଲେ । ଗୃହର ଗୁରୁ ଗମ୍ଭୀରତା ମଧ୍ୟରେ କୁମାରୀ ସୁଧାଂଶୁବାଳା କାନ୍ଦି କାନ୍ଦି ମଧୁବାବୁଙ୍କ ପ୍ରାଣର ପ୍ରିୟ ପ୍ରାର୍ଥନା ଶ୍ଳୋକଗୁଡ଼ିକ ପଢ଼ିବାକୁ ଲାଗିଲେ । ମଧୁବାବୁ ସେହିପରି ଶଯ୍ୟାରେ ଶୋଇ ଅତି ସୁସ୍ପଷ୍ଟ ଭାବରେ ଓ ଉଚ୍ଚ ସ୍ୱରରେ ସେଗୁଡ଼ିକ ଗାଇଲେ—

:I heard the voice of Jesus say come un-to-me and rest lay down thou weary one, lay down thy head upon my breast."

ଅର୍ଥାତ୍ ମୁଁ ଯୀଶୁଙ୍କ ମୁଖ-ନିସୃତ ବାଣୀ ଶୁଣୁ ଅଛି । ସେ କହୁ ଅଛନ୍ତି "ମୋ ପାଖକୁ ଆସ ଏବଂ ବିଶ୍ରାମ ନିଅ । ହେ ଶ୍ରାନ୍ତ ମାନବ ! ରଖ, ରଖ, ତୁମର ଶିର ମୋ କୋଳରେ ରଖ ।"

ଧନ୍ୟ ଏହି ଈଶ୍ୱର-ପ୍ରୀତି । ଏହିପରି ଧର୍ମ ପ୍ରାଣ ମାନବ ସଂସାରରେ ଅଳ୍ପ ଦେଖାଯାନ୍ତି । ଯେଉଁ ବ୍ୟକ୍ତି କ୍ଷଣକ ପୂର୍ବରୁ ଟିକିଏ ମାତ୍ର କଥା କହି ପାରୁ ନଥିଲେ ଏବଂ ଟିକିଏ କାଶିବାକୁ ମହାକଷ୍ଟ ଅନୁଭବ କରୁଥିଲେ, ସେ ଯେ ଏତେ ଉଚ୍ଚ ଗମ୍ଭୀର ସ୍ୱରରେ ଏପରି ପ୍ରାର୍ଥନା ବୋଲି ପାରନ୍ତି, ତାହା ଆଶ୍ଚର୍ଯ୍ୟର ବିଷୟ ।

ପ୍ରାର୍ଥନାର ମଧୁର ଝଙ୍କାର ଶୁଣି ଅନ୍ୟ କୋଠରୀରେ ସମବେତ ଭଦ୍ରଲୋକ ସବୁ ତାଙ୍କ ଶଯ୍ୟା ନିକଟକୁ ଚାଲି ଆସିଲେ । କୋଠରୀଟି କିଛି ସମୟ ପାଇଁ ନୀରବ ହେଲା । ସମସ୍ତେ ଦୁଃଖଭରା ନୟନରେ କୁଳବୃଦ୍ଧ ମଧୁବାବୁଙ୍କୁ ଚାହିଁ ରହିଥାଆନ୍ତି । ପୁଣି ପ୍ରାର୍ଥନା ବୋଲା ଗଲା । ମଧୁବାବୁ ପୁଣି ଅତି ମଧୁର କଣ୍ଠରେ ଗାଇଲେ—

"Abide with me, fast falls the even tide. The darkness deepens Lord with me abide when other helpers fail and comforts flee Help of the helpless oh ; abide with me."

ଅର୍ଥାତ୍ "ମୋ ପାଖରେ ରୁହ । ସଂଧ୍ୟାର ଜୁଆର ଶୀଘ୍ର ଶୀଘ୍ର ଭଟ୍ଟା ପଡ଼ି ଆସୁଛି । ଅନ୍ଧାର ଗମ୍ଭୀର ହୋଇ ଉଠୁଛି । ହେ, ସ୍ୱାମୀ, ମୋ ପାଖରେ ରୁହ । ଯେତେବେଳେ ଅନ୍ୟ ସହାୟକ ମାନେ ପରାଭୂତ ହୁଅନ୍ତି ସେତେବେଳେ ନିଃସହାୟକୁ ସାହାଯ୍ୟ କର । ମୋ ପାଖରେ ରୁହ ।"

ସେ ନିଜେ ଏହି ଦୁଇଟି ପ୍ରାର୍ଥନା ଶ୍ଳୋକ ମରିବାର ଏକ ମାସ ପୂର୍ବରୁ ତାଙ୍କ ପ୍ରାର୍ଥନା ଗୀତି-ଗ୍ରନ୍ଥର ପୃଷ୍ଠା ମୋଡ଼ି ଦାଗ ଦେଇ ରଖିଥିଲେ ଏବଂ କହିଥିଲେ ଯେ, ସେ ଉପର ଲିଖିତ ଦୁଇଟି ସଂଗୀତକୁ ଭାରି ଭଲ ପାଆନ୍ତି ।

ମଧୁବାବୁଙ୍କ ଏହି ସରଳ ଈଶ୍ୱର ବିଶ୍ୱାସ, ପ୍ରାଣର ପ୍ରୀତିପୂର୍ଣ୍ଣ ପ୍ରାର୍ଥନା । ଏହି ଧୀର ଗମ୍ଭୀର ଶ୍ଳୋକ ଝଙ୍କାର ଦର୍ଶକବୃନ୍ଦଙ୍କ ଅନ୍ତରକୁ ଶୋକାକୁଳ କଲା ।

ଅନେକ କହିଲେ, ଧର୍ମ ପ୍ରାଣ ମାନବର ମୃତ୍ୟୁ ଏହିପରି ସିନା !

ପୁଣି ଡାଭିଡ୍‌ଙ୍କର ହୃଦୟ ଦୁଃଖପୂର୍ଣ୍ଣ ଗୀତି ଗାଇବାକୁ କୁମାରୀ ସୁଧାଂଶୁବାଳା ଆରମ୍ଭ କଲେ । ସେତେବେଳେ ମଧୁବାବୁ ମୁଣ୍ଡ ହଲାଇ ଗାଇବାକୁ ବାରଣ କଲେ ଏବଂ କୋମଳ କଣ୍ଠରେ କହିଲେ "ଡାଭିଡ୍‌ଙ୍କର ଯେ ଦୁଃଖ ଥିଲା, ସେ ଦୁଃଖ ତ ମୋର ନାହିଁ । ମୋ ପାଖରେ ତାହା କାହିଁକି ଗାଉଛ ?"

ମରଣର ବିଭୀଷିକା ସମକ୍ଷରେ ଯେଉଁ ମାନବ ଏତେ ଶାନ୍ତି ଭୋଗ କରି ପାରେ, ବାସ୍ତବରେ ମୃତ୍ୟୁକୁ ଯେ ଅମୃତର ପଥ ବୋଲି ଅନୁଭବ କରିପାରେ, ପ୍ରକୃତ ସେ ମହାମାନବ । ବୃଦ୍ଧ ଏଣେ ରୋଗ ଯନ୍ତ୍ରଣାରେ ଅସ୍ତବ୍ୟସ୍ତ, ତଥାପି ତାଙ୍କ ଅନ୍ତର ଅନନ୍ତ ଆନନ୍ଦ ଅନୁଭବ କରୁଥିଲା । ତାଙ୍କର ଅଟଳ ଈଶ୍ୱର ବିଶ୍ୱାସ ହିଁ ଏହାର ନିଦର୍ଶନ । ସମସ୍ତେ ଆଉ ସଂଭାଳି ପାରିଲେ ନାହିଁ । ସମସ୍ତଙ୍କ ବୁକୁରେ କୋହ ଉଠିଲା । ଚକ୍ଷୁରୁ ଅବିରତ ଲୋତକ ଧାରା ବହି ଯାଉଥାଏ ।

ସେତିକିବେଳେ ବାବୁ ଚନ୍ଦ୍ର ହାଜରା ସେଠି ଥିଲେ । ତାଙ୍କ ନୟନରୁ ମଧ୍ୟ ଲୁହ ବହି ଯାଉଥିଲା । ମଧୁବାବୁ ତାଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କଲେ । ତହୁଁ କୁମାରୀ ସୁଧାଂଶୁବାଳା କହିଲେ—

"ଆପଣଙ୍କ ପାଇଁ ସମସ୍ତେ ବ୍ୟସ୍ତ ହେଉ ଅଛନ୍ତି ।" ମଧୁବାବୁ ଧୀରେ ଧୀରେ କହିଲେ, "ଚନ୍ଦ୍ରରେ ! ମୋର ବଞ୍ଚିବାରେ ଯାଏ ଆସେ କେତେ ?"

"କୁମାରୀ ସୁଧାଂଶୁବାଳା—"ଆଉ କାହାର ଯାଏ ଆସେ ?"

ମଧୁବାବୁ ଅତି ଉଚ୍ଚ ସ୍ୱରରେ କହିଲେ, "ଓଡ଼ିଆ ଜାତିର ।" ପୁଣି ପ୍ରଶ୍ନ—"ମୋର ?" ମଧୁବାବୁ ମୁଣ୍ଡ ହଲାଇ ହସି ହସି କହିଲେ "ନା—ନା" ।

ମଧୁବାବୁଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ଏହିଠାରେ । ବ୍ୟକ୍ତିଗତ ସ୍ୱାର୍ଥକୁ ସେ ସେ କିପରି ପାଦରେ ଦଳି ଦେଉଥିଲେ, ତାହାର ଏହା ଗୋଟିଏ ଦୃଷ୍ଟାନ୍ତ ।

ତାଙ୍କ ମୁଖ ଉଜ୍ଜ୍ୱଳ ହୋଇ ଉଠିଲା, ଆମମାନଙ୍କ ପ୍ରାଣ ପୁଲକିତ । ଯେ କୌଣସି ବ୍ୟକ୍ତିର ଏହିପରି କଥା ଶୁଣି ରୋମାଞ୍ଚିତ ହେବାର କଥା । ମୃତ୍ୟୁ ଶଯ୍ୟାରେ ଉତ୍କଳର ବରପୁତ୍ର ଜନନେତା ଉତ୍କଳ ମାତାକୁ ସ୍ମରଣ କରିବେ ନାହିଁ, ଆଉ ସ୍ମରଣ କରିବେ କାହାକୁ ? ଉତ୍କଳ ତଥା ଓଡ଼ିଆଙ୍କ ପ୍ରତି ତାଙ୍କ ମମତା ଓ ଗଭୀର ଶ୍ରଦ୍ଧାର ପରିଚୟ ଏହାଠାରୁ ବେଶୀ ମିଳି ନପାରେ ।

ତା'ପରେ କ୍ରମେ ପୁଣି ତାହାକୁ ବାର୍ଦ୍ଧକ୍ୟ, ରୋଗ ଓ ମୃତ୍ୟୁ ସହିତ ଖେଳିବାକୁ ପଡ଼ିଲା । ସେହିଦିନ ସମାଜର ପ୍ରତିନିଧି ତାହାଙ୍କୁ ଦେଖା କରିବାକୁ ଯାଇଥିଲେ । ପ୍ରତିନିଧିଙ୍କ ସହିତ ମଧୁବାବୁଙ୍କର ଯେପରି କଥାବାର୍ତ୍ତା ହୋଇଥିଲା, ତାହା ଫେବୃଆରୀ ପହିଲା ଦିନ 'ସମାଜ' ପତ୍ରିକାରୁ ଉଦ୍ଧୃତ କରାଗଲା । ଯେତେବେଳେ 'ସମାଜ' ପ୍ରତିନିଧି ତାଙ୍କୁ ଦେଖା କଲେ, ମଧୁବାବୁ ଖୁବ୍ କ୍ଷୀଣ ଭାବରେ ଅତି ଧୀରେ ଧୀରେ କହିଲେ, "ସମାଜ, ସମାଜ— ଖବର କାଗଜ ।" ଏତିକି କହି ପୁଣି ନୀରବ ହୋଇଗଲେ ।

ଉପରକୁ ହାତ ଟେକି, ହାତ ଅଙ୍ଗୁଳିମାନଙ୍କର ରେଖା ଗଣି, ହାତ ପାପୁଲିକୁ ବାରମ୍ବାର ଚାହିଁ କଣ ଭାବିଲେ । ପୁଣି 'ସମାଜ' ପ୍ରତିନିଧିଙ୍କ ଆଡ଼କୁ ଚାହିଁ ଖୁବ୍ ଗମ୍ଭୀର ଭାବରେ କହିଲେ, "ଆଚ୍ଛା, ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉଛି, ସେ ବିଷୟରେ ତୁମ କାଗଜର ମତ କ'ଣ ?" ।

ସମାଜ-ପ୍ରତିନିଧି କହିଲେ ଯେ, ସମସ୍ତ ଓଡ଼ିଆ ଭାଷୀ ଅଞ୍ଚଳ ମିଶି ପ୍ରଦେଶ ହେଲେ ଭଲ ହେବ ଏବଂ ଆପତ୍ତି କଲେ ଯେ, ଓଡ଼ିଆମାନଙ୍କ ଉପରେ ବୋଝ ବଢ଼ିଯିବ, କାରଣ ବହୁତ ଖର୍ଚ୍ଚ ହେବ ।

ମଧୁବାବୁ—"ହଁ, ଲୋକେ ଯାହା କରିବେ, ତାହା ହେବ । ଖର୍ଚ୍ଚ ବେଶୀ ହେବ ? କିମିତି ଜାଣିଲ ?"

ପ୍ରତିନିଧି କହିଲେ—"କମିଟି ରିପୋର୍ଟରୁ ।"

ଏତିକିରେ ଏ ବିଷୟରେ ଆଉ କିଛି ନକହି ସେ ତୁନି ହୋଇ ଗଲେ । ପ୍ରତିନିଧି ପୁଣି ପଚାରିଲେ, "ଆପଣଙ୍କ ଅବସ୍ଥା ବିଷୟରେ ଓଡ଼ିଆ ଭାଇମାନେ ବଡ଼ ବ୍ୟାକୁଳ ହୋଇ ପଚାରି ପଠାଉ ଅଛନ୍ତି । ଆପଣ କିଛି କହନ୍ତୁ ।"

ମଧୁବାବୁ—"ତମେ ଖବର ପାଉଛ, ସମସ୍ତେ ପଚାରୁଛନ୍ତି—ତମେ କ'ଣ କହୁଛ ?"

ପ୍ରତିନିଧି କହିଲେ ଯେ, ପ୍ରତିଦିନ ତାଙ୍କର ଲୋକ କୋଠିକୁ ଆସି ଖବର ନେଇ ଯାଉଛି ଓ ସେ ତାହା ପତ୍ରିକାରେ ପ୍ରକାଶ କରୁ ଅଛନ୍ତି ।

ମଧୁବାବୁ—" ପ୍ରତିଦିନ ଆସୁଛ ? ଆଜିଯାଇ କହିବ ମୋର କିଛି କହିବାର ନାହିଁ; ଲୋକେ ଯାହା କରିବାର କରିବେ । ମୋତେ ଯେପରି ଦେଖି ଯାଉଛ ଠିକ୍ ସେହିପରି ଜଣାଇଦେବ । ମୁଁ ଆଉ କ'ଣ କହିବି ?"

"ଏହା ପରେ ଭୂମିକଂପ ଓ ଚନ୍ଦ୍ର ଗ୍ରହଣ ଆଜି ହେଉଛି ? ଏହା ସହିତ ଭୂମିକଂପର କିଛି ସଂପର୍କ ଅଛି କି ?"

ପୁଣି କହିଲେ, "ଆଜି ଭୂମି କଂପ ହେବ କି ନ ହେବ, କିଏ କହିବ ? (ଉପରକୁ ଆଙ୍ଗୁଳି ଟେକି) କହିଲା ବାଲା କହିବ ।"

ମଧୁବାବଙ୍କ ସବୁ କଥାରେ ଏହିପରି ଈଶ୍ୱର ବିଶ୍ୱାସର ନିଦର୍ଶନ ମିଳେ । ଏହି ସମୟରେ ତାଙ୍କ ଗୋଡ଼ରେ ଯନ୍ତ୍ରଣା ହେଲା । ବେହେରା ହାତ ବୁଲାଇ ଦେଉଥାଏ । ମଧୁବାବୁ ଦୁଃଖ ପୂର୍ଣ୍ଣ କଣ୍ଠରେ କହୁଥାଆନ୍ତି, " କ'ଣ ହେଲା । ବସାଇ ଦେଲେ ବସିଲି, ଶୁଆଇ ଦେଲେ ଶୋଇଲି, କାହିଁ ଯନ୍ତ୍ରଣା କିଛି କମିଲା ନାହିଁ !"

ବେହେରା ବିନୀତ ଭାବରେ କହିଲା, " ହରି ।" ଏତକ ଶୁଣି ମଧୁବାବୁ କହିଲେ—

"ହରି ହରି ହରି ଆରେ ଭାଇ
ମଲା ଉପରେ ଶଗଡ଼ ଯାଇ ।"

ମଧୁବାବୁ ଏହିପରି ତାଙ୍କ କଥାରେ ଢ଼ଗ ଛଟା ଅନେକ କହନ୍ତି । ସନ୍ଧ୍ୟାବେଳେ ସେମିତି ତାଙ୍କର ଜଣେ ଆତ୍ମୀୟାଙ୍କୁ କହିଥିଲେ—

"ଆଉ ଦିନ କାଳ ଆସିବ
ମଳୟ ଲାଗିଲେ ବାଉଁଶ ଗଛରେ
ତାହା କି ଚନ୍ଦନ ହୋଇବ ?"

ରାତିଟା ସାରା ସେବକ ସେବିକାମାନେ ମଧୁବାବୁଙ୍କୁ ଜଗି ବସି ଥାଆନ୍ତି । ହର୍ଲିକ୍ସ ଫୁଡ଼୍କୁ ଦୁଇ ଚାମଚ ଓ ଟିକିଏ ଟିକିଏ ସୁରା ପାଣିରେ ମିଶାଇ ଦିଆ ଯାଉଥାଏ । ସେତକ ମଧ୍ୟ ସେ ଖାଇବାକୁ ନାରାଜ । ସେ ଦିନ ରାତିରେ ତାଙ୍କ ନାଡ଼ିର ଗତି ମିନିଟରେ ୯୦—୯୫ ଥିଲା । ଥରେ ଥରେ ମଧୁବାବୁ କହୁ ଥାଆନ୍ତି, "ନାହିଁରେ ବାପା, ଭଲ ଲାଗୁ ନାହିଁ ।" ପୁଣି ଥରେ ଗଭୀର ନିଶାରେ ହସି ହସି କହିଲେ " ସାଧୁ ବୁଢ଼ା ଲୋକ—ସାଧୁ ବୁଢ଼ା ଲୋକ ମୋ ଖଟ ଘେରି ପାଖରେ ବୁଲୁଅଛନ୍ତି ।"

ମଧୁବାବୁଙ୍କ ମୃତ୍ୟୁ ଶଯ୍ୟାର ସ୍ମୃତି ଆଜି ମୋ ମନରେ ଏକ ଗଭୀର ରେଖାପାତ କରିଅଛି । ସେତେବେଳେ ମୁଁ କଣ ଭାବୁଥିଲି, ତାହା କହି ପାରିବି ନାହିଁ । ମୋର ଛିନ୍ନ ବିଚ୍ଛିନ୍ନ ଭାବରାଶିକୁ ଗୁନ୍ଥି ସେହି ମଧୁବାବୁଙ୍କ କୋଠିରେ ସେହି ରାତିରେ ତିନୋଟି ଚତୁର୍ଦ୍ଦଶପଦୀ କବିତା ଲେଖିଥିଲି; ତାହା ଏଠାରେ ଦେଉଅଛି—

ମରଣ ଆହ୍ୱାନ ଶୁଣି
ଚକିତେ ଚାହିଁଲି ବିଶ୍ୱେ
ଶୁଣଇ ମରଣ ବେଣୁ
ସେ ସ୍ୱନେ ମଣଇ ସେହ୍ନେ
ଧନୀ ଦରିଦ୍ର ସକଳେ
ଶୁଣିବାକୁ ମହା ଗୀତି
ବିରାଟ ସୁରମ୍ୟ ହର୍ମ୍ୟ
ରହେ ସଦା ଘେରେ ଅବା
ମୃତ୍ୟୁ, ବେଣୁ-ମଧୁ-ଗୀତି
ଖେଳଇ ଜୀବନ କୁଞ୍ଜେ
ସେ କରୁଣ ମୃତ୍ୟୁ-ରାଗେ
ଜରା, ରୋଗ, ଶୋକ ତେଜି
ମାନବ ପ୍ରାଣ ଅଞ୍ଚଳ
ମୃତ୍ୟୁ-ଅମୃତ-ସଂଗୀତ
ସ୍ୱପନ ରହସ୍ୟ ସମ
ମୃତ୍ୟୁ ପାଦେ ଅର୍ଘ୍ୟ ଦେବ
ଭାବଇ ମାନବ ଦେବ
ଜୀବନେ କି ପୁଣ୍ୟ ମୟ
ପୁଣି ଭାବେ ରୂପେ ତାର
ମୃତ୍ୟୁ ଅର୍ଘ୍ୟ ହେବ କିସ
ଶିଥିଳ ଶରୀର, ଦେଖି

ଚମକିଲ ବୁଦ୍ଧ
ହୋଇ ଅତି ମୁଗ୍ଧ
ଅମର ସଂଗୀତ
ବିଶ୍ୱ ତରଙ୍ଗିତ ।
ରହିଛନ୍ତି ସୁଖେ
ମରଣର ମୁଖେ ।
ଦୁଃଖୀ ପତ୍ରପୁରୀ
ସେହି ଗୀତ ଝୁରି ।
ଖେଳଇ ଗଗନେ
ମଳୟ ପବନେ ।
ବୃନ୍ତ ତ୍ୟଜି ଫୁଲ
ଜୀବନ ପ୍ରଫୁଲ୍ଲ ।
ପାରିବିଏ ସୁଖେ
ଫୁଟେ ତାର ମୁଖେ ।
ଲାଗେ ଚିରେ ଖେଳ
ଭାଜି ଯାଏ ବେଳ ।
ପ୍ରାଣ-ପାତ୍ର ଭରି
କର୍ମ ଶ୍ରଦ୍ଧାଞ୍ଜଳି ।
ହସଇ ନୀରବେ
ଏ ଶେଷ ଉତ୍ସବେ ।
ଶିରେ ପକ୍ୱ କେଶ

ଭାବଇ ଏହି କି ମୃତ୍ୟୁ    ରୂପ ଅର୍ଘ୍ୟ ଶେଷ ।
ନାହିଁ, ନାହିଁ, ରୂପ ତେଜି    ଖୋଜଇ ମାନବ
ତା' ଜୀବନ-ତରୀ ପରେ    ଅପୂର୍ବ ବିଭବ ।
ହସଇ ମୃତ୍ୟୁ ଦେବତା,    ବିନା ଆବାହନେ
ନାଚଇ ବାଇଚା ବେଣୁ    ପ୍ରାଣ-ବୃନ୍ଦାବନେ ।
ଚମକେ ମାନବ, ମୃତ୍ୟୁ    ଗ୍ରହେଁ ମୁଗ୍ଧ ଚୋକେ
ସ୍ପର୍ଶେଁ ଉ ମାନବ ତାକୁ    ପ୍ରେମ ପୂର୍ଣ୍ଣ ଭୋକେ ।
ସ୍ନିଗ୍ଧ ଶୁଭ୍ର ସନ୍ଧ୍ୟାଲୋକେ    ବାରୁଣୀ ଯେସନ
ତେସନ ଉଦଲେ ଶେଷ    ମାନବ ଜୀବନ ।
ଗୋଧୂଳି ଅମର ତଳେ    ଗୋପାଳ ମୁରଲୀ
ତେସନ ମୃତ୍ୟୁ ମୁରଲୀ    ଯାଏ ସେ ଢଳଚି ।
ଶୁଣଇ ମୃତ୍ୟୁ ସଂଗୀତ    ଗଭୀର ମଧୁର
ସାଗର କି ଚନ୍ଦ୍ରାଲୋକେ    ପ୍ରେମେ ଉଦଯୁର ।
ସିନ୍ଧୁ ସମ ବିସ୍ଫାରିତ    ହୁଏ ନର-ବକ୍ଷ
ଭାବ-ତରୀ ଅର୍ଘ୍ୟ ଭରି    ଚଳେ ଲକ୍ଷ ଲକ୍ଷ ।
ଭେଟିବାକୁ ତା' ଜୀବନ    ଅନ୍ତର ଦେବତା,
ମୃତ୍ୟୁ ମାଗଜିକ ଦିଏ    ଆଶାର ବାରତା ।
ମହା ପ୍ରେମ ଅନୁରାଗେ    ବୃଦ୍ଧ ପୂଜା ବ୍ୟସ୍ତ
ତେଜଇ ବିଶ୍ୱ-ମମତା    ମଣଇ ଆଶ୍ୱସ୍ତ ।
ମୃତ୍ୟୁ ଟାଣିନିଏ ସୁଖେ    ତାର ମହା କୋଳେ
ଛାୟା ଲେକେ ତରୁ ସମ    ବୃଦ୍ଧ ଶୁଏ ଭୋଳେ ।

ସେହି ନୀରବ ନିଶୀଥରେ ମଧୁବାବୁଙ୍କ ଛାୟା ହୃଦୟରେ ଯେପରି ପଡ଼ିଥିଲା, ତାହା ହିଁ ଲେଖିଥିଲି । ଅବଶ୍ୟ ମଧୁବାବୁ ବଞ୍ଚନ୍ତୁ, ଏହା ସମସ୍ତଙ୍କର ଏକାନ୍ତ ଇଚ୍ଛା ଥିଲା । କିନ୍ତୁ ତହିଁଆର ଦିନ ଦେଖେ, ଯେ, ମୋର ଏହି କ୍ଷୁଦ୍ର କବିତା ଗୁଡ଼ିକରେ ମଧୁବାବୁଙ୍କ ନିକଟକୁ ମୁଁ ମୃତ୍ୟୁର ଉପସ୍ଥିତି କରିଅଛି । ତେଣୁ ନିଜେ ଲଜ୍ଜିତ ହେଲି; କିନ୍ତୁ ଯେତେବେଳେ ଏହା ଲେଖିଥିଲି, ସେତେବେଳେ ମୋ ଚିତ୍ତ ଉପରେ ମୋର ଅଧିକାର ନ ଥିଲା ।

ସୁଶିଆଡ଼େ ଶୁଭ୍ର ଜ୍ୟୋତ୍ସ୍ନା ଯେପରି କୋଠରୀରେ ମଧୁବାବୁଙ୍କୁ ମହା ଆହ୍ୱାନ ଜଣାଇ ଦେଉଥିଲା, ମନେ ହେଉଥିଲା, ଯେପରି ଏହି ଆହ୍ୱାନ ଚିରନ୍ତନ । ମାନବ ଆତ୍ମାକୁ ବିଶ୍ୱ ଆତ୍ମାର ଏହା ଅନାଦି ଆହ୍ୱାନ; କିନ୍ତୁ କୋଠରୀର କାଚ ଭଳି ପୃଥିବୀର ମାୟା । ନିଦ୍ରାହୀନ ନିଶି କ୍ରମେ ଅବସାନ ହେବାକୁ ବସିଲା । ସେ ଦିନ ରାତିରେ ମଧୁବାବୁଙ୍କର ଆଦୌ ଭଲ ନିଦ ହୋଇ ନ ଥିଲା ।

ସେ ଗଭୀର ଘନ ନିଶା କ୍ରମେ ଅପସାରିତ ହେଲା । ଊଷାର ଅରୁଣ ଆଲୋକ ପାର୍ଶ୍ୱସ୍ଥ ନାରିକେଳବୃକ୍ଷ ଗହଳରେ ପ୍ରଥମେ ଦେଖାଦେଲା । ପ୍ରଭାତର ମନ୍ଦ ମନ୍ଦ ସମୀରଣ ବହି ଆସିଲା । ସେତେବେଳେ ସମସ୍ତେ ଉଠି ଦେଖିଲେ ଯେ, ମଧୁବାବୁ ବଞ୍ଚିଅଛନ୍ତି । ମଧୁବାବୁଙ୍କ ଅସାଧାରଣ ମନୋବଳହିଁ ଏହାର ଏକମାତ୍ର କାରଣ । ବୋଧହେଲା— ସେ ଆଲୋକ, ସେ ମଧୁର ପ୍ରଭାତର ମାଧୁରୀ ଯେପରି ମଧୁବାବୁ ପ୍ରାଣରେ ଅନୁଭବ କରୁଥିଲେ । ହୁକା ସଜା ହୋଇ ଆସିଲା, ଦୁଚାରି ଖାଇଲେ । ଚିଟିତ୍ରାନନ୍ଦ ବାବୁଙ୍କ ସହିତ ପରିହାସ ଖେଳିଲେ— ସେ ଗାନ୍ଧୀ ଟେସ୍— ।

## ନିଶାର ଶେଷ ଜ୍ୟୋତି (୨)

ଫେବୃଆରୀ ପହିଲା ଦିନ ମଧୁବାବୁ ସୁସ୍ଥ ଥିଲେ । ସମସ୍ତେ ଭାବିଲେ, ଭଗବାନ ଉତ୍କଳବାସୀଙ୍କ ପ୍ରାର୍ଥନା ଶୁଣି ଅଛନ୍ତି । ସେ ଦିନ ସେ ସ୍ନିଗ୍ଧ ଛବି କଥ ମୋ ମନରୁ ପାଶୋର ଯାଇ ନାହିଁ । ଯେଉଁ ଚନ୍ଦ୍ର ଲତା ପୂର୍ବଦିନ ବେଶ ଧାରଣ କରିଥିଲେ, ସେମାନେ ମୋ ଚକ୍ଷୁ ଆଗରେ ଚହକି ଉଠିଲେ । ହେମାଙ୍ଗ ଶ୍ୟାମ ଶାଢ଼ୀ ଆହୁରି ଚାକଚକ ଦେଖାଗଲା ।

ସେ ଦିନ ସକାଳେ ଡାକ୍ତର ଆସିଥିଲେ । ଡାକ୍ତର ତାହାଙ୍କୁ କହିଲେ ଯେ ଆପଣ କ୍ରମେ ଭଲ ହୋଇ ଯାଉଅଛନ୍ତି, ବେଶୀ ଖାଆନ୍ତୁ । ଡାକ୍ତରଙ୍କ ବିଶ୍ୱାସ ଥିଲା ଯେ ମଧୁବାବୁଙ୍କର ଦୁର୍ବଳତା ହିଁ ସେତେବେଳେ ପ୍ରଧାନ ରୋଗ, ତେଣୁ ବେଶୀ ଖାଇଲେ ସେ ପ୍ରାୟ ବଞ୍ଚିଯିବେ । କିନ୍ତୁ ମଧୁବାବୁ ଡାକ୍ତରଙ୍କୁ ଅଳ୍ପ କଥାରେ ଯେଉଁ ଉତ୍ତରଟି ଦେଲେ, ତାହା ତାଙ୍କର ଗଭୀର ଈଶ୍ୱରାନୁରାଗର ହିଁ ପରିଚୟ ଦିଏ । ସେ ଭଲ ଭାବରେ ଜାଣିଥିଲେ ଯେ, ମନୁଷ୍ୟ ସଂସାରରେ ଖୁବ୍ ଅଳ୍ପ କାର୍ଯ୍ୟ କରି ପାରେ ଏବଂ ମନୁଷ୍ୟର ସାଧ୍ୟ ସୀମାବଦ୍ଧ ।

ତେଣୁ ସେ ପ୍ରଥମେ କହିଥିଲେ, "ଆଗେ ମୋର ଗୋଟିଏ କଥାର ଉତ୍ତର ଦିଅ ଡାକ୍ତର ! ଭଗବାନଙ୍କଠାରୁ ଯାହାର ଡାକ ଆସିଛି, ତାହାକୁ ଅଟକାଇବାକୁ ତୁମ ଶାସ୍ତ୍ରରେ ଏମିତି କୌଣସି ବିଧାନ ଅଛି କି ?"

ମଧୁବାବୁ ଏତକ ଗଭୀର ଭାବରେ ପଚାରି ଡାକ୍ତରଙ୍କ ମୁହଁକୁ ଚାହିଁ ରହିଲେ । ଡାକ୍ତର ବାବୁ ବିନୀତ ଭାବରେ ଉତ୍ତର ଦେଲେ— "ନା, ତେବେ ଯେତେକ୍ଷଣ ଆଶା ଆମ୍ଭେମାନେ ଛାଡ଼ି ନ ପାରୁଁ ।" ମଧୁବାବୁ କିନ୍ତୁ କହିଲେ "ଖାଇବାକୁ ଦେଇ ତୁମେ ରଖି ପାରିବ ନାହିଁ ।"

ସେଥିପାଇଁ ସେ ଦିନ ସବୁବେଳେ ସେ ଖାଇବାକୁ ଛାଡ଼ିଲେ । ଅନ୍ୟ ଦିନେ ଏପରି କେବେ ହେଲେ ମାଗନ୍ତି ନାହିଁ । କିଏ ଜାଣିଥିଲା ତାଙ୍କ ଜୀବନର ଶେଷ ମୁହୂର୍ତ୍ତରେ ସେ ଇଙ୍ଗିତ ଦେଇଯିବେ ଯେ, ଈଶ୍ୱରଙ୍କ ଇଚ୍ଛାହିଁ ପୂର୍ଣ୍ଣ ହେବ ? ମନୁଷ୍ୟ ଶତ ଚେଷ୍ଟା ସତ୍ତ୍ୱେ ଈଶ୍ୱରଙ୍କ ଇଚ୍ଛା ବିରୁଦ୍ଧରେ କିଛି କରି ପାରିବ ନାହିଁ ।

ମଧୁବାବୁ ତାଙ୍କର ସେହି ଫିତା ଖଟ ଖଣ୍ଡିକ ଉପରେ ଶୋଇ ଥାଆନ୍ତି ତାଙ୍କ ହାତ ପାପୁଲି ଦେଖୁ ଦେଖୁ କହିଲେ "ମୋ ହାତ ମଲା ମଣିଷ ହାତ ପରି ହୋଇ ଯାଇଛି ।" ସେତିକି ବେଳେ କୁମାରୀ ସୁଧାଂଶୁ ବାଳା କହିଲେ, "ଆପଣ କଣ ବଞ୍ଚିବାକୁ ଚାହାନ୍ତି ନାହିଁ ? ଆମ୍ଭେମାନେ ପରା ଆପଣଙ୍କ ବଞ୍ଚିବା ଚାହୁଁ ।" ତହିଁର ଉତ୍ତରରେ ବୃଦ୍ଧ କହିଲେ " ତେବେ ତାଙ୍କ ଆଦେଶ................. । ତାହା ଭଗବାନଙ୍କ ଇଚ୍ଛା । ତାଙ୍କ ଠାରୁ ମଞ୍ଜୁର ଆଣ ।"

ଶେଷ ମୁହୂର୍ତ୍ତରେ ମଧୁବାବୁଙ୍କ ଏହି ଈଶ୍ୱର ବିଶ୍ୱାସ ଦେଖିଲେ ନାସ୍ତିକ ମଧ୍ୟ ଈଶ୍ୱରଙ୍କ ଠାରେ ଆସ୍ଥା ସ୍ଥାପନ୍ କରିବ । ସର୍ବଦା ମଧୁବାବୁଙ୍କର ଏହି ଭଗବତ ପ୍ରୀତି ମୁଁ ଲକ୍ଷ୍ୟ କରି ଆସିଛି । ସେ ଯେପରି ଭଗବତ ପ୍ରେରିତ ଏକ ଶକ୍ତି ଏବଂ ଯେପରି ଭଗବାନ ସେହି ଶକ୍ତିର ସୃଜକ ଓ ପାଳକ । ସେଥିପାଇଁ ମୃତ୍ୟୁକୁ ସେ ଦିନେ ହେଲେ ଭୟ କରୁ ନ ଥିଲେ । ସବୁବେଳେ ତାଙ୍କ ମୁହଁରେ ସେଦିନ ଏକ ସ୍ୱର୍ଗୀୟ ହସ ଫୁଟି ଉଠୁଥାଏ । ସତେ କଣ ଶିଶୁ ତାର ମାତୃକୋଳକୁ ବାହୁଡ଼ି ଯାଉଛି ! ।

ପରିହାସ କଥା କହିବାକୁ ମଧ୍ୟ ସେ ଭୁଲି ନ ଥିଲେ । ଡାକ୍ତର ବାବୁ ତାଙ୍କ ପରୀକ୍ଷା ଶେଷ କଲା ପରେ ସେ ପଚାରିଲେ " କଣ ଦେଖୁଛନ୍ତି ? ଆଉ କେତେ କ୍ଷଣ ବଞ୍ଚିବି ? ଡାକ୍ତର ବାବୁ କୌଣସି ଉତ୍ତର ନ ଦେଇ ନୀରବ ହେଲେ । ତେଣୁ ମଧୁବାବୁ ହସି ହସି କହିଲେ—

"There is no hope the sickman said
The siren doctor shook his head"

ଅର୍ଥାତ୍ "ରୋଗୀ କହିଲା ଯେ ଆଉ ଆଶା ନାହିଁ—ମନ ଭୁଲାଣିଆ ଡାକ୍ତର କେବଳ ମୁଣ୍ଡ ହଲାଇଲେ" । ସେ ଦିନ ମଧୁବାବୁଙ୍କ ଦେହର ଉତ୍ତାପ ୯୬'୯ ଡିଗ୍ରୀ ମାତ୍ର ଥିଲା ।

ମଧୁବାବୁ ମରଣ କୋଳରେ ଶାନ୍ତି ପାଇବା ପାଇଁ ସର୍ବଦା ଲୋଡ଼ୁଥିଲେ । ତାଙ୍କ ଜୀବନର ଲକ୍ଷ୍ୟ ଅବଶ୍ୟ ଈଶ୍ୱର ପୂରଣ କରିଥିଲେ ; କିନ୍ତୁ ତାହା କାର୍ଯ୍ୟରେ ପରିଣତ ହେବ, ସେତକ ଦେଖି ମରିବେ ବୋଲି ଦୃଢ଼ ଭାବିଥିଲେ । ନବ ଉତ୍କଳ ପ୍ରଦେଶ ଦେଖିବାର ଆଶା ହିଁ ତାଙ୍କୁ ବଞ୍ଚାଇ ରଖିଥିଲା ଏବଂ ସେହି ଉତ୍କଳ ଚିନ୍ତା ହିଁ ତାଙ୍କର ପ୍ରଥମ ଓ ଶେଷ ଚିନ୍ତା ।

ମଧୁବାବୁ ତାଙ୍କ ଜୀବନରେ ଦେଶ ଓ ଦଶଙ୍କ ପାଇଁ କଣ କରିଛନ୍ତି, ତାହାର ବିସ୍ତର ସ୍ୱତନ୍ତ୍ର । ତଥାପି ଏଠାରେ ଗୋଟିଏ କ୍ଷୁଦ୍ର ବିଷୟ ଉଲ୍ଲେଖ ନ କଲେ ଅବିଚାର ହେବ । ମରିବାର କେତେ ମାସ ପୂର୍ବେ ଗରିବମାନଙ୍କର ପାଣି ପିଇବା ଅସୁବିଧା ଦୂର କରିବା ପାଇଁ ସେ ଗୋଟିଏ ନଳକୂଅ (Tube-well) ଦେବେ ବୋଲି କଟକ ମ୍ୟୁନିସିପାଲିଟି ଚେୟାରମ୍ୟାନଙ୍କ ନିକଟରେ ପ୍ରତିଶ୍ରୁତ ହୋଇଥିଲେ ; କିନ୍ତୁ ସେ ଟଙ୍କା ସେ ଦେଇ ପାରି ନ ଥିଲେ । ଜାନୁଆରୀ ୩୧ ତାରିଖ ରାତ୍ରି-ସଙ୍କଟ ପାର ହେବା ମାତ୍ରେ ତାଙ୍କର ପ୍ରଥମ ଚିନ୍ତା ହେଲା କିପରି ସେ ଟଙ୍କା ମ୍ୟୁନିସିପାଲିଟି ହାତକୁ ଯିବ । ଫେବୃଆରୀ ପହିଲା ଦିନ ସକାଳୁ ଆଗେ ସେହି ଟଙ୍କା ପଠାଇ ଦେବା ପାଇଁ କୁମାରୀ ସୁଧାଂଶୁବାଳାଙ୍କୁ ଆଦେଶ ଦେଲେ । ମରଣ ଆସି ଜୀବନ-ଦ୍ୱାରରେ ବାରମ୍ବାର ଘୁରି ଛାଡ଼ିଲଣି, ତଥାପି ସେ ଦରିଦ୍ରଙ୍କୁ ଭୁଲି ନାହାନ୍ତି । ପହିଲା ଦିନ ଖରାବେଳେ ପଣ୍ଡିତ ନୀଳକଣ୍ଠ ପୁଣି ମଧୁବାବୁଙ୍କୁ ଦେଖା କରିବାକୁ ଆସିଲେ । ବୃଦ୍ଧ ମଧୁସୂଦନ ଭାବୁଥିଲେ ଯେ, ମଲା ପୂର୍ବରୁ ସେ ଜଣକ ହାତରେ ଉତ୍କଳର ନେତୃତ୍ୱ ଭାର ସମର୍ପି ଦେଇଯିବେ । ଅବଶ୍ୟ ଏହା ତାଙ୍କର ସାଧୁ ଚେଷ୍ଟା, କିନ୍ତୁ ନେତା ଏପରି ସୃଷ୍ଟି ହୁଅନ୍ତି ନାହିଁ । ନେତାଙ୍କୁ କେହି ଗଢ଼ିଦେଇ ପାରେ ନାହିଁ । ନେତାଙ୍କ ଇଙ୍ଗିତରେ ସ୍ୱତଃ ଦେଶ ଚଳେ । ସେ ଯାହା ହେଉ, ସେ ଦିନ ବିଚିତ୍ରାନନ୍ଦ ବାବୁ ଓ ନୀଳକଣ୍ଠ ବାବୁଙ୍କ ସହିତ ଏବିଷୟରେ କେତେକ କଥାବାର୍ତ୍ତା ମାତ୍ର ହୋଇଥିଲା ।

ଅପରାହ୍ନରେ କଟକ ମିଶନ ବିଦ୍ୟାଳୟର ବାଳକମାନେ ଆସି ମଧୁବାବୁଙ୍କୁ ପ୍ରଣାମ କଲେ ଓ ତାଙ୍କ ଦୀର୍ଘ ଜୀବନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କଲେ । ପ୍ରାର୍ଥନା ପରେପରେ ବୃଦ୍ଧ ଅତିଆୟାସ ସହକାରେ କେତୋଟି ଶବ୍ଦ ଧୀରେ ଧୀରେ କହିଥିଲେ ଏବଂ ହାତ ଯୋଡ଼ି ସମସ୍ତଙ୍କ ଠାରୁ ବିଦାୟ ନେଇଥିଲେ । ସେ କଥାଗୁଡ଼ିକ ଶୁଣିଲା କ୍ଷଣି ସମବେତ ସମସ୍ତ ବାଳକ ଓ ଭଦ୍ରବ୍ୟକ୍ତିଙ୍କ ଚକ୍ଷୁରେ ଆଉ ଲୁହ ସମ୍ଭାଳି ହୋଇ ପାରିଲା ନାହିଁ । ମଧୁବାବୁ କହିଲେ, "ମୁଁ ତ ଯାଉଛି, ମନେ ରଖିଥିବେ, ଜଣେ ଓଡ଼ିଆ ଥିଲା । ଏତିକି ମନେ ରଖିଥିବେ" ।

## ଶିଖାର ଶେଷ ଜ୍ୟୋତି (୩)

ପ୍ରଦୀପର ଶେଷ ଶିଖାଟି ଯେ ଲିଭିବା ପୂର୍ବରୁ ଉଜ୍ଜ୍ୱଳତର ହୋଇ ଜଳି ଉଠେ, ଏକଥା ସମସ୍ତେ ଭୁଲିଗଲେ । ଜାନୁଆରୀ ୩୧ ତାରିଖ ପରେ ମଧୁବାବୁଙ୍କ ଅବସ୍ଥା ଦେଖି ଅନେକ ଭାବିଲେ ମଧୁବାବୁ ବଞ୍ଚିଯିବେ । ଆଶଙ୍କା ଆଉ ନାହିଁ, ସେ ଅବଶ୍ୟ ତାଙ୍କ ଅସାଧାରଣ ମନବଳ ଦ୍ୱାରା ମରଣ ସହିତ ଖୁବ୍ ଯୁଦ୍ଧ କଲେ, କିନ୍ତୁ ମାନବର ସାଧ୍ୟ କେତେ ଦୂର ? ତଥାପି ମଧୁବାବୁଙ୍କ ବୟସ ଦୃଷ୍ଟିରେ ସେ ଯେ ଏପରି ବଞ୍ଚି ରହିଲେ, ତାହା କମ୍ କଥା ନୁହେଁ ।

କିନ୍ତୁ ମଧୁବାବୁ ଦୁର୍ବଳ ହୋଇ ଯାଉଥାନ୍ତି, ଅଥଚ ଅସୁସ୍ଥତା କିଛି ବଢ଼ି ନଥିଲା । ଫେବୃଆରୀ ଦୁଇ ତାରିଖ ଦିନ ତାଙ୍କ ଅବସ୍ଥାର କୌଣସି କୁଲକ୍ଷଣ ଦେଖାଯାଇ ନଥିଲା । ତିନି ତାରିଖ ଦିନ ସକାଳେ ଯେତେବେଳେ ମଧୁବାବୁଙ୍କ ମୁହଁ ଧୋଇ ଦେବାକୁ କୁମାରୀ ସୁଧାଂଶୁବାଳା ଯାଆନ୍ତି, ସେ କହିଲେ, "ଆଜି ମୋର ମୁହଁ ଧୁଅ ନାହିଁ । ଯେତେବେଳେ କଫିନରେ ଦେବ, ମୋତେ ଧୋଇ ଦେବ" । ଡାକ୍ତରବାବୁ ପୂର୍ବ ପରି ତାହାଙ୍କୁ ପରୀକ୍ଷା କଲେ ଏବଂ ଝାଡ଼ା କରାଇ ଦେଲେ । ତା ପରେ କ୍ରମେ ମଧୁବାବୁ ଦୁର୍ବଳ ହୋଇ ପଡ଼ିଲେ । ମଧୁବାବୁ ଯେ ତାଙ୍କ ମୃତ୍ୟୁ ସମ୍ବାଦ ଆଗରୁ ଜାଣିଥିଲେ, ଏଥିରେ ସନ୍ଦେହ ନାହିଁ । ସେ ପ୍ରଥମରୁ ତାହାର ସୂଚନା ସବୁଠି ଦେଇ ଆସି ଥାଆନ୍ତି ଏବଂ ମୃତ୍ୟୁ ଶଯ୍ୟାରେ ତାଙ୍କ ପ୍ରାଣର ଦୃଢ଼ ଈଶ୍ୱରଭକ୍ତି ସନ୍ଧ୍ୟା ଗଗନର ଉଜ୍ଜ୍ୱଳ ତାରା ଭଳି ଫୁଟି ଉଠିଥିଲା । ସେଥିପାଇଁ ସେଦିନ ସେ କହିଲେ, "ସବୁ ଫାଙ୍କି—ସବୁ ଫାଙ୍କି !"

ତାଙ୍କର ସେହି କଥାଟି ଶୁଣି କବି ଟେନିସନ୍‌ଙ୍କ କବିତା ଧାଡ଼ିଟି ମନେ ପଡ଼େ—

"Hollow, hollow, all delight"

ପୁଣି ଅତି ଧୀରେ ଶିର ହଲାଇ କହିଲେ, "ହେଲା ନାହିଁ—ହବ ନାହିଁ—"

ମୃତ୍ୟୁ ପୂର୍ବରୁ ମଧୁବାବୁଙ୍କର ଶରୀରରେ କଷ୍ଟ ଅବଶ୍ୟ ଥିଲା, ସେ ରୋଗ ଯନ୍ତ୍ରଣା ଭୋଗ କରୁଥିଲେ, କିନ୍ତୁ ତାହା ହେଲେ ସୁଦ୍ଧା ସେ ମନରେ ଦିବ୍ୟ ଆନନ୍ଦ ଅନୁଭବ କରୁଥିଲେ ବୋଲି ପ୍ରତୀୟମାନ ହେଉଥିଲା । ସେ ମହା ଶାନ୍ତିରେ କାଳାତିପାତ କରୁଥିଲେ । ମରଣକୁ ଏକ ପ୍ରାକୃତିକ ପରିଣତି ମଣି ତାହା ପାଇଁ ଆଗରୁ ପ୍ରସ୍ତୁତ ହୋଇଥିଲେ । ବେଳେ ବେଳେ କଷ୍ଟ ସହି ନ ପାରି କହନ୍ତି "ଏଡ଼େ କଷ୍ଟ—ଏଡ଼େ କଷ୍ଟ—ମୁଁ ସହି ପାରୁନାହିଁ" ।

ମରଣ ପୂର୍ବରୁ ମଧୁବାବୁ ସମସ୍ତ ଆଗନ୍ତୁକ ଭଦ୍ରବ୍ୟକ୍ତିଙ୍କ ସହିତ କଥା କହି ଥାନ୍ତି । ତାଙ୍କୁ ଯେ ଏତେ ଲୋକ ମରଣ କାଳରେ ସେବା କରିବାକୁ ଆସିଥିଲେ, ତାହା ହିଁ ଲୋକଙ୍କର ତାଙ୍କ ପ୍ରତି ଗଭୀର ସ୍ନେହର ଚିହ୍ନ । ଉପର ମହଲର ସେହି ଫିତା ଖଟଖଣ୍ଡିକ ଉପରେ ବୃଦ୍ଧ ଶୋଇ ଥାଆନ୍ତି । ମୁଣ୍ଡରେ ଅଳ୍ପ ପକ୍ୱ କେଶ ଓ ମୁଖରେ ଅଳ୍ପ ଶ୍ମଶ୍ରୁ, ସେହି ଜୀର୍ଣ୍ଣ ଶୀର୍ଣ୍ଣ ଅଥଚ ଦୀପ୍ତ ମୁଖମଣ୍ଡଳ ମନରେ ସଂପୂର୍ଣ୍ଣ ଭାବରେ ଦାଗ ଦାଗ ହୋଇ ନାଚି ଯାଉଅଛି । ମଧୁବାବୁ ଚଳିତ ରାଜନୀତି କ୍ଷେତ୍ରରୁ ଅନେକ ବର୍ଷ ପୂର୍ବରୁ ବିଦାୟ ନେଇଥିଲେ ମଧ୍ୟ ଜାତି ଜନନେତାଙ୍କୁ ଭୁଲି ନଥିଲା । ଜାତି ଜନନେତାଙ୍କ କାର୍ଯ୍ୟାବଳୀ ପାଶୋରି ନଥିଲା ।

ମଧୁବାବୁ ଖାଇବାକୁ ସର୍ବଦା ଅନିଚ୍ଛୁକ । ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ମନୁଷ୍ୟ ବେଶୀ ଖାଇ ମରେ—ଅଳ୍ପ ନୁହେଁ । ତେଣୁ ଆହାର ସଂଯମ ତାଙ୍କ ଦୀର୍ଘ ଜୀବନରେ ଏକ ପ୍ରଧାନ କାରଣ । ସେ ଏ ବିଷୟ ନାନା ପ୍ରସଙ୍ଗରେ କହିଥାଆନ୍ତି । ଶେଷ ଶଯ୍ୟାରେ ତାଙ୍କୁ ଖାଇବାକୁ କହିଲେ ମଧ୍ୟ ସେ ବାରମ୍ବାର ମନା କରନ୍ତି ।

ତାଙ୍କର ଶେଷକାଳୀନ କଥାଗୁଡ଼ିକ ଏପରି ଗଭୀର ଭାବରେ ପ୍ରାଣକୁ ସ୍ପର୍ଶ କରୁଥିଲା ଯେ, ତାହା ଯେଉଁ ବ୍ୟକ୍ତି ନ ଶୁଣିଛି, ସେ କେତେଦୂର ଏହା ଅନୁଭବ କରିପାରିବ, କହି ହେବ ନାହିଁ ।

ଭାଗବତର ବାଣୀ—

"ପ୍ରାଣୀର ଭଲ ମନ୍ଦ ବାଣୀ
ମରଣ କାଳେ ତାହା ଜାଣି" ।

ମଧୁବାବୁଙ୍କ ମୃତ୍ୟୁ ଶଯ୍ୟାରେ ତାଙ୍କ ବାଣୀଗୁଡ଼ିକ ଆଲୋଚନା କଲେ ଆମେମାନେ ମହାଯାତ୍ରୀ ମଧୁସୂଦନଙ୍କ ଗଭୀର ଈଶ୍ୱର ଅନୁରାଗ, ପ୍ରଗାଢ଼ ଦେଶପ୍ରୀତିର ପୂର୍ଣ୍ଣ ପରିଚୟ ପାଉ । ସେ ସର୍ବଦା ଜୀବନ ଓ ମରଣକୁ ସମ ଚକ୍ଷୁରେ ଦେଖୁଥିଲେ । ସେ ଜଗତର ଲୋକଙ୍କୁ କେବେ ହେୟ ଦୃଷ୍ଟିରେ ଦେଖୁ ନଥିଲେ । ତେଣୁ ମୃତ୍ୟୁ ଶଯ୍ୟାରେ ଆଗନ୍ତୁକ ସକଳ ଆବାଳବୃଦ୍ଧବନିତାଙ୍କ ଠାରୁ ବିନୟ ଭାବରେ ବିଦାୟ

ନେଉଥିଲେ । ଉତ୍କଳର କୋଟି ସନ୍ତାନଙ୍କୁ ସେ ଗୋଟିଏ ମାଆର ବୋଲି ଭାବୁ ଥିଲେ । ତାଙ୍କ ପ୍ରାଣ ସେଥିପାଇଁ ଶେଷ ମୁହୂର୍ତ୍ତରେ ସୁଦ୍ଧା ଉତ୍କଳ ଲାଗି କାନ୍ଦି ଉଠିଥିଲା ।

ମଧୁବାବୁ ଯେ ୩ ତାରିଖ ଦିନ ମରିଯିବେ, ଏକଥା କାହାର ଧାରଣା ନଥିଲା । ସନ୍ଧ୍ୟାବେଳେ ତାଙ୍କ ଶରୀର ଭଲ ଅଛି ବୋଲି ସମସ୍ତେ କହିଲେ । ଏପରି କି ସନ୍ଧ୍ୟା ସାତଟା ବେଳେ ଜଣେ ଭଦ୍ରବ୍ୟକ୍ତିଙ୍କୁ କଥା କହି ନପାରି କେବଳ ହାତ ଯୋଡ଼ି ବିଦାୟ ନେଲେ । କିନ୍ତୁ ପ୍ରାୟ ରାତି ୮ଟା ବେଳେ ତାଙ୍କର ଅବସ୍ଥା ପୁଣି ସଙ୍କଟାପନ୍ନ ହେଲା । ସଙ୍ଗେ ସଙ୍ଗେ ମଟରରେ ତାଙ୍କର ଅନେକ ବନ୍ଧୁ ତାଙ୍କ ସହିତ ଦେଖା କରିବାକୁ ଦୌଡ଼ି ଆସିଲେ । ତାଙ୍କ ମୃତ୍ୟୁର ଗୋଟିଏ ବିବରଣୀ 'ସମାଜ' ପତ୍ରିକାରେ ଯାହା ଦିଆଯାଇଥିଲା, ତାହାହିଁ ଏଠାରେ ଉଦ୍ଧୃତ କରାଗଲା ।

"ତିନି ତାରିଖ ରାତି ଆଠଟା ବେଳେ ହାତ ଦୁଇଟି ପ୍ରଥମେ ଥଣ୍ଡା ହୋଇଗଲା । ନଅଟା ବେଳକୁ ମୁହଁରେ ଝାଳ ଦେଖାଗଲା । ହାତର ଥଣ୍ଡା କ୍ରମେ ବଢ଼ିବାକୁ ଲାଗିଲା । ଦଶଟାବେଳେ ଡାକ୍ତର ଆସି ଦେଖିଲେ ଯେ ନାଡ଼ି ଖରାପ । ରାତି ବାରଟା ପରେ ମଝିରେ ମଝିରେ ନିଜ ମୁଣ୍ଡରେ ହାତ ବୁଲାଉ ଥାଆନ୍ତି । ବାରଟା ବେଳେ ନାକଠାରୁ ମୁହଁ ଏକାବେଳକେ ଥଣ୍ଡା ହୋଇଗଲା । ତା ପରେ ଦେହସ୍ତ୍ର ଝାଳ ବୋହିବାକୁ ଲାଗିଲା । ସେତେବେଳେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ସଙ୍ଗୀତ ଗାଇ ଶୁଣାଇବାକୁ ଇଙ୍ଗିତ ଦେଲେ । ସଙ୍ଗୀତ ହୋଇଗଲା । ସେ ବଡ଼ ଆଗ୍ରହରେ ତାହା ଶୁଣୁ ଥାଆନ୍ତି । ରାତି ଘ୧ । ୧୫ ମିନିଟ ଠାରୁ ନିଶ୍ୱାସ ଜୋରରେ ଚାଲିଲା । ରାତି ଘ୧ । ୨୦ ମିନିଟ୍‌ରେ ସବୁ ଶେଷ" ।

ମଧୁବାବୁ ସଜ୍ଞାନରେ ଶେଷକାଳ ପର୍ଯ୍ୟନ୍ତ ଥିଲେ ଏବଂ ଧର୍ମସଙ୍ଗୀତ ଶୁଣୁ ଶୁଣୁ ବିଶ୍ୱରୁ ଶେଷ ବିଦାୟ ଗ୍ରହଣ କରିଥିଲେ । ଧର୍ମପ୍ରାଣ କର୍ମବୀର ଜନନେତା ମଧୁବାବୁଙ୍କ ବ୍ୟକ୍ତିତ୍ୱ ଓ ତାଙ୍କର ପ୍ରୟୋଜନୀୟତା ଆଜି ମୃତ୍ୟୁ ଅନ୍ତରାଳରେ ହିଁ ଦେଶ ବେଶୀ ଅନୁଭବ କରିବ । ମହାପୁରୁଷମାନଙ୍କ ଜୀବନକାଳ ମଧ୍ୟରେ ସେମାନଙ୍କ ବ୍ୟକ୍ତିତ୍ୱର ମାହାତ୍ମ୍ୟ ବୁଝିବା ବଡ଼ କଠିନ । କିନ୍ତୁ ଯେତିକି ସେମାନେ ଅତୀତର ବିଶାଳ ଗର୍ଭରେ ବୁଡ଼ି ଯାଉଥିବେ, ସେତିକି ସେମାନଙ୍କର ମାନବିକତା, ବ୍ୟକ୍ତିତ୍ୱ ପତ୍ର-ଗୁଚ୍ଛାଚ୍ଛାଦିତ ପ୍ରସ୍ଫୁଟିତ ପୁଷ୍ପ ଭଳି ମହକି ଉଠିବ । କ୍ଷଣଜନ୍ମା ଆଧୁନିକ ଉତ୍କଳର ସ୍ରଷ୍ଟା ଜନନେତା ଖ୍ରୀ : ଅ : ୧୮୪୮ ଅପ୍ରେଲ ୨୮ ତାରିଖରେ ଜନ୍ମ ହୋଇ ଖ୍ରୀ : ଅ : ୧୯୩୪ ଫେବୃଆରୀ ୪ ତାରିଖରେ ଇହଲୀଳା ସାଙ୍ଗ କଲେ । କୁଳବୃଦ୍ଧଙ୍କର ମରଣକାଳୀନ ବୟସ ୮୫ ବର୍ଷ ୯ ମାସ ୮ ଦିନ ।

## ଶେଷଶଯ୍ୟା

ଫେବୃଆରୀ ୪ ତାରିଖ ପ୍ରଭାତ । ସକାଳୁ ଉଠି ଆବେଗ ଅନ୍ତରରେ ମଧୁବାବୁଙ୍କ କୋଠିକି ବାହାରିଲା ବେଳକୁ ଦେଖିଲି ଯେ, ଅନେକ ଲୋକ ମେଳ ବାନ୍ଧି ରାଜପଥରେ ଯାଉ ଅଛନ୍ତି । ସମସ୍ତଙ୍କ ମୁହଁରେ ମଧୁବାବୁଙ୍କ କଥା । ମୋର ମଧୁବାବୁଙ୍କ ବିୟୋଗ ବାର୍ତ୍ତା ଶୁଣିବାକୁ ଆଉ ଡେରି ହେଲା ନାହିଁ ।

ଦେଖୁଁ ଦେଖୁଁ କଟକରେ ସେହି ଶୋକ ସମ୍ବାଦ ବ୍ୟାପୀ ଯାଇଥିଲା । ପ୍ରାତଃକାଳରୁ ସମ୍ବାଦପତ୍ରଗୁଡ଼ିକର ବିଶେଷ ସଂଖ୍ୟା ପ୍ରକାଶ ପାଇ ଲୋକଙ୍କ ମଧ୍ୟରେ ଏହି ହୃଦୟ-ବିଦାରକ ବାର୍ତ୍ତା ପ୍ରଚାର କରି ଦେଇଥିଲା । ଧନୀ, ନିର୍ଦ୍ଧନ, ଅଧ୍ୟାପକ, ଶିକ୍ଷକ, ଓକିଲ, ଛାତ୍ର ଓ ନାନା ବ୍ୟବସାୟୀ ସମସ୍ତେ ମଧୁବାବୁଙ୍କ କୋଠି ଦିଗରେ ଚାଲିବାକୁ ଲାଗିଲେ ।

ରାଜ ପଥରେ ବିରାଟ ଜନତାର ସମାଗମ ।

ମଧୁବାବୁଙ୍କ କୋଠିର ବୈଠକଖାନାଗୃହଟି ପ୍ରଶସ୍ତ ଓ ମାର୍ବଲ ବିଛା । ମଝିରେ ଖଣ୍ଡିଏ ଖଟ । ଖଟ ପାଖରେ କେତେଖଣ୍ଡି ଚୌକି । କାନ୍ଥର ନାନା ସ୍ଥାନରେ ଚିତ୍ର ଗୁଡ଼ିକ ଯେପରି ମ୍ଳାନରୁ ମ୍ଳାନତର ହୋଇ ଯାଉଥାଆନ୍ତି । ବୃଦ୍ଧଙ୍କର ସେହି ଫିତା ଖଟ ଖଣ୍ଡିକ ଉପରେ ଶେଷ ଶଯ୍ୟା । ମରିଥିଲେ ମଧ୍ୟ ମୁଖମଣ୍ଡଳରେ ମ୍ଳାନତାର କୌଣସି ଚିହ୍ନ ନାହିଁ । ମନେ ହେଲା, ଯେପରି ମରଣ କୋଳରେ ମଧ୍ୟ ମଧୁବାବୁ ମହା ଶାନ୍ତି ଅନୁଭବ କରିଥିଲେ । ତାଙ୍କର ବୟସ ଯେପରି ଆହୁରି ଦଶ ବର୍ଷ କମି ଯାଇଛି । ମୁଖ ମଣ୍ଡଳ ଟିକିଏ ମାତ୍ର ବିବର୍ଣ୍ଣ ହୋଇ ନ ଥିଲା । ଚକ୍ଷୁ ମୁଦ୍ରିତ । ହାତ ଦୁଇଟି ବକ୍ଷ ଉପରେ ଛନ୍ଦା ହୋଇ ରଖାଯାଇଥାଏ । ଶରୀରରେ ତାଙ୍କର ପ୍ରଚଳିତ ପ୍ରଥମ ଉତ୍କଳ-ସମ୍ମିଳନୀ ସମୟର ହାତକଟା ସୂତା ଧୋତି, ପଞ୍ଜାବି ଓ ଚଦର । ମଧୁବାବୁ ପ୍ରାୟ ଏହି ବେଶରେ ସାଧାରଣ ସଭାରେ ଯୋଗ ଦେବାକୁ ଯାଆନ୍ତି । ଚଦରଟି ବେକରେ ପଡ଼ିଥାଏ । କ୍ରୁଶ ଦୁଇଟି ବକ୍ଷ ଉପରେ । ବୃଦ୍ଧ ମହାନିଦ୍ରାରେ ଅଭିଭୂତ ।

ଘରଟିରେ ଖୁବ୍ ଜନ ସମାଗମ, କିନ୍ତୁ ସମସ୍ତ ନୀରବ ନିସ୍ତବ୍ଧ । ସମସ୍ତଙ୍କ ମୁହଁରେ ଗଭୀର ଶୋକ-ଛାୟାର କାଳିମା ବେଶ୍ ପରିସ୍ଫୁଟ ହୋଇ ଉଠୁଥାଏ । ମଧୁବାବୁ ଯେ ଜନନେତା ଥିଲେ ଏବଂ ଜନସାଧାରଣଙ୍କ ପ୍ରାଣକୁ ସ୍ପର୍ଶକରି ପାରିଥିଲେ, ତାହାର ଦୃଷ୍ଟାନ୍ତ ସେହିଠାରେ ହିଁ ସୁବିଧାରେ ଦେଖିବାକୁ ମିଳିଥିଲା । ସହରର ମେହେନ୍ତରମାନେ ପ୍ରଥମେ ମଧୁବାବୁଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଅଶ୍ରୁ ଅର୍ଘ୍ୟ ଢାଳି ଦେବାକୁ ଲୁବ୍ଧ ହୋଇଥିଲେ ।

କଟକ ନାଗରିକଙ୍କର ଅବିରାମ ସ୍ରୋତ ବହି ଆସୁଥାଏ । କେତେ ତାଙ୍କର ବନ୍ଧୁ, ସହଚର, ସହକର୍ମୀ, ଶିଷ୍ୟ ସେଠି ବସି ବସି କାନ୍ଦୁଥାନ୍ତି । ଅଶ୍ରୁ ଦ୍ୱାରା ମାନବ ଅନ୍ତର ନିହିତ ଦୁଃଖର କେତେ ବା ପରିଚୟ ମିଳିପାରେ ? କେତେକ ନୀରବରେ ବୃଦ୍ଧଙ୍କୁ କେବଳ ଚାହିଁ ଦୀର୍ଘ ନିଶ୍ୱାସ ପରିତ୍ୟାଗପୂର୍ବକ ବାକ୍‌ରୁଦ୍ଧ ହୋଇ ଦଣ୍ଡାୟମାନ ହୋଇଥାଆନ୍ତି । କେହି ବା କୁଳବୃଦ୍ଧଙ୍କ ସମ୍ବନ୍ଧୀୟ ନାନା ବିଷୟ କଥୋପକଥନ କରୁଥାଆନ୍ତି । ଶେଷ ଦର୍ଶନ ଲାଗି କୋଠରୀଟି ସକଳ ଶ୍ରେଣୀର ନାଗରିକଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଯାଉଥାଏ, ଫୁଲମାଳା ଦ୍ୱାରା କ୍ରମେ ମଧୁବାବୁଙ୍କ ଅଙ୍ଗ ଆଚ୍ଛାଦିତ ହୋଇ ଯାଉଥାଏ । ତଥାପି ସବୁ ନୀରବ । ସବୁଠି ଦୁଃଖର ଗଭୀର ରେଖା ଫୁଟି ଉଠୁଥାଏ ।

ଜଣଙ୍କ ମୃତ୍ୟୁରେ ଦେଶ ଏପରି ବ୍ୟାକୁଳ ହୁଏ କାହିଁକି ? ଯେ ଦେଶର ହୃଦୟକୁ ଘେରାଇ ଆଣି ପାରିଥାଏ, ତାହାରି ପାଇଁ ହିଁ ଦେଶ କାନ୍ଦି ଉଠେ । ମଧୁବାବୁ ଥିଲେ ସେଇୟା । ଶେଷ ପୁଷ୍ପ ଅର୍ଘ୍ୟରେ ତ ମୃତ୍ୟୁ ଶଯ୍ୟା ପୂର୍ଣ୍ଣ ହୋଇଗଲା । ନଗରର ସମସ୍ତ ଉଚ୍ଚପଦସ୍ଥ ରାଜକର୍ମଚାରୀ ଓ ଇଉରୋପୀୟମାନେ ଯୋଗ୍ୟ ରୀତିରେ ଶେଷ ସମ୍ମାନ ଦେଇଥିଲେ । ତତ୍କାଳୀନ କମିଶନର ନିଜେ ଆସି ମଧୁବାବୁଙ୍କ ପାଦତଳେ ଫୁଲ ଦେଇଥିଲେ ଏବଂ ସ୍ୱର୍ଗୀୟ ଜନନେତାଙ୍କ ପାଳିତା କନ୍ୟାଙ୍କୁ ସାନ୍ତ୍ୱନା ଦେବାକୁ ଯାଇ କହିଥିଲେ—

"He had his life and spent it for the good of Orissa"

ଅର୍ଥାତ୍ ସେ ତାଙ୍କର ଜୀବନ ଭୋଗ କରିଅଛନ୍ତି ଏବଂ ତାହା ସେ ଉତ୍କଳର ମଙ୍ଗଳ ପାଇଁ ଖର୍ଚ୍ଚ କରି ଅଛନ୍ତି ।

ଖ୍ରୀଷ୍ଟୀୟ ଧର୍ମ ଅନୁସାରେ କଫିନ୍‌ରେ ଶବଟିକୁ କବର ଦେବା ପାଇଁ ଠିକ କରାଗଲା । କିନ୍ତୁ ତାହା ପୂର୍ବରୁ ଜନ ନେତାଙ୍କର ଶେଷ ଦର୍ଶନ ଯେପରି ସକଳ ଶ୍ରେଣୀର ଆବାଳ-ବୃଦ୍ଧ ବନିତା ପାଇ ପାରିବେ, ଏଥିପାଇଁ ଦିନ ଦୁଇଟା ବେଳେ ଗୋଟିଏ ଶୋଭାଯାତ୍ରା ବାହାରିବାର ବନ୍ଦୋବସ୍ତ କରାଗଲା ।

ନିରୂପିତ ସମୟ ପୂର୍ବରୁ ହଜାର ହଜାର ଲୋକ ଯାଇ ମଧୁବାବୁଙ୍କ କୋଠି ହତାରେ ଜମା ହୋଇ ଗଲେ । ସେହି ବିରାଟ ଜନତାକୁ ସମ୍ଭାଳିବା ଗୋଟିଏ ଦୁରୂହ ବ୍ୟାପାର ହୋଇ ପଡ଼ିଲା । ଖଟରେ ଜାତୀୟ ବୀରଙ୍କ ପୁଷ୍ପ ମଣ୍ଡିତ ଶବକୁ ନେଇ ବାହକମାନେ ରାଜପଥରେ ଅଗ୍ରସର ହେଲେ । ପଥଯାକ ଆଗ୍ରହରେ ଲୋକମାନେ ଖଟଟିକୁ ଥରଟିଏ କାନ୍ଧରେ ଲଗାଇବେ ବୋଲି ଦୌଡ଼ି ଆସୁଥାଆନ୍ତି । ପଟୁଆର ଗତି ସଙ୍ଗେ ସଙ୍ଗେ ଜନତାର ସଂଖ୍ୟା ବଢ଼ିବାକୁ ଲାଗିଲା । କଟକ ସହରରେ ଏପରି ସୁବୃହତ ଶବ-ଶୋଭାଯାତ୍ରା କେବେ ହୋଇ ନ ଥିଲା ଏବଂ ଏହାହିଁ ଆଧୁନିକ ନଗର ଇତିହାସର ସର୍ବପ୍ରଥମ ସୁବୃହତ ଶବ ଶୋଭାଯାତ୍ରା । ପଟୁଆର ମିଶନରୋଡ୍, ବକ୍ସିବଜାର ବାଟେ ଚୌଧୁରୀ ବଜାରକୁ ଆସିଲା ! ରାଜପଥରେ ଏତେ ଲୋକ ଭିଡ଼ ହୋଇ ଥିଲେ ଯେ, କହିବାକୁ ଗଲେ ସୋରିଷ ପକାଇବାକୁ ରାହା ନ ଥିଲା ।

ଦୋକାନ, ବଜାର, ଗୃହ ଛାତ ସବୁଠି ଜନନେତାଙ୍କ ଶେଷ ଦର୍ଶନ ପାଇଁ ଲୋକମାନେ ଆଗ୍ରହ ପୂର୍ଣ୍ଣ ଅନ୍ତର ଓ ପଲକହୀନ ନୟନରେ ଚାହିଁ ରହିଥାଆନ୍ତି । କେଉଁଠାରେ ନାରୀମାନେ ପୁଷ୍ପବୃଷ୍ଟି କରୁଥାଆନ୍ତି । ସମସ୍ତଙ୍କ ଚକ୍ଷୁ ଯେପରି ମଧୁବାବୁ ଘେରାଇ ନେଇଥିଲେ ।

ସେହି ସୁଦୀର୍ଘ ଶୋଭାଯାତ୍ରାର ଆଗେ ଆଗେ ଛାତ୍ରମାନେ ମଧୁବାବୁଙ୍କ ସ୍ୱ ରଚିତ ଜାତୀୟ ପଦ୍ୟ ଗାଇ ଚାଲିଥାଆନ୍ତି—

“ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ ଘୁରିଆଡ଼େ ନାଚ
ଛାତିକୁ ମିଶାଇ ଛାତି ।”

କି ପ୍ରାଣସ୍ପର୍ଶୀ ସେ ପଦ୍ୟର ଶ୍ଳୋକଟି । ମନେହେଲା ଯେପରି ବୃଦ୍ଧ ମୃତ୍ୟୁ ଶଯ୍ୟାରେ ମଧ୍ୟ ଜାତିକୁ ଏହି ମହାଶିକ୍ଷା ଦେଇ ଯାଉଛନ୍ତି—ସ୍ୱାର୍ଥ ତ୍ୟାଗ ନ କଲେ ଜାତିର ଉନ୍ନତି ନାହିଁ । ସ୍ୱାର୍ଥମେଧ ଯଜ୍ଞ ଅନୁଷ୍ଠିତ ନ ହେଲେ ଜାତୀୟ ଜୀବନର ବିକାଶ ନାହିଁ ।

ଶୋଭାଯାତ୍ରା ଚାଲିଥାଏ । ବେଳେ ବେଳେ ବୃଦ୍ଧଙ୍କର ମ୍ଳାନ ମୁଖ ମଣ୍ଡଳ, ନିମିଳିତ ନେତ୍ରଯୁଗଳ ମୋ ଦୃଷ୍ଟିରେ ପଡ଼ି ଯାଉଥାଏ । ପ୍ରାଣକୁ ତାଙ୍କର ସେହି ମର୍ମସ୍ପର୍ଶୀ ଜାତୀୟ ଗୀତଗୁଡ଼ିକ ଗମ୍ଭୀର କରି ଦେଉଥାଏ । ଗୀତ ପଦେ ଶେଷ ହେଲା ବେଳକୁ ଛାତ୍ରମାନେ ପୁଣି ଗାଇ ଉଠୁଥାଆନ୍ତି ।

“କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
ଜନନୀ ଜନନୀ ଡାକ
ତୃଷ୍ଣାରେ କାତର ଗଗନକୁ ଚାହିଁ
ଯେସନେ ଡାକେ ଚାତକ ।”

ବାସ୍ତବରେ ମଧୁବାବୁ ଜୀବନସାରା ‘ଜନନୀ ଜନନୀ’ ଡାକି ଜୀବନ ତ୍ୟାଗ କରିଅଛନ୍ତି । ତାଙ୍କର ସେହି ‘ଜନନୀ ଜନନୀ’ ଡାକ ଆକାଶରେ ସକଳ ଜଡ଼ତାକୁ ଭେଦ କରି ମୋ ପ୍ରାଣରେ ରହସ୍ୟ ଦେଉଥାଏ ।

ଶୋଭାଯାତ୍ରାର ଗତି ବଡ଼ ଦ୍ରୁତ ; କାରଣ ଏତେ ବଡ଼ ବିରାଟ ସ୍ରୋତକୁ ଅଟକାଇବା ଏକ କଷ୍ଟସାଧ୍ୟ କଥା । କ୍ରମେ ପଟୁଆର ବାରବାଟୀର ନିକଟବର୍ତ୍ତୀ ହେଲା । ଦକ୍ଷିଣରେ ଶୁଷ୍କ ପରିଖା—ଉପରେ ଭଗ୍ନ ବାରବାଟୀ—ଉତ୍କଳ ବୁକୁର ବାରବାଟୀ ! ସେହି ବାରବାଟୀ ରାଜପଥର ମାଟି ଉପରେ ଉତ୍କଳ ଜାତୀୟ ବୀରଙ୍କ ଶେଷ ଶୋଭାଯାତ୍ରା । ଖ୍ରୀଷ୍ଟୀୟ ଓ ଅନ୍ୟାନ୍ୟ ଭଦ୍ର ମହିଳାବୃନ୍ଦ ସେଠାରେ ଶୋଭାଯାତ୍ରାରେ ଯୋଗ ଦେଲେ ଏବଂ ସେମାନେ ବିଷାଦ ମଧୁର କଣ୍ଠରେ ପ୍ରାର୍ଥନା ଗୀତି ଗାଇବାକୁ ଆରମ୍ଭ କଲେ ।

ବାରବାଟୀର ଶ୍ମଶାନ ଦୃଶ୍ୟ ପାରହୋଇ ଜାତୀୟ ବୀରଙ୍କ ଶବ ‘ଗୋରାକବରରେ’ ଉପସ୍ଥିତ ହେଲା । ଖ୍ରୀଷ୍ଟୀୟମାନଙ୍କର ନିୟମ ଯେ, ଶବକୁ ସନ୍ଧ୍ୟା ପୂର୍ବରୁ କବର ଦିଆଯାଏ । କେବଳ ଅଳ୍ପକ୍ଷଣ ହେବ ଗତ ହୋଇ ଯାଉଥାଏ । ଗୋଧୂଳି ହୋଇ ଉଠୁଥାଏ । ଚାରିଆଡ଼େ ଅଗଣିତ ସମାଧି ସ୍ତୂପ । ଶ୍ମଶାନ ଭୂଇଁଟିରେ କଳା କଫିନ୍ ଥୁଆ ହୋଇଥାଏ । କାନ୍ଦ କାନ୍ଦ ହୋଇ ଆତ୍ମୀୟ ଗଣ ବୃଦ୍ଧଙ୍କୁ କଫିନ୍‌ରେ ଶୁଆଇ ଦେଲେ । କୁମାରୀ ଶୈଳବାଳା ‘ମଧୁସ୍ମୃତି’-ପୁରୀରେ କେବଳ ସାଇତି ରଖିବା ପାଇଁ କେତେଗୁଡ଼ିଏ କର୍ପୂରମାଳା, ଫୁଲ ଏବଂ ତାଙ୍କ ଅଙ୍ଗ ଉତ୍ତରୀ ଖଣ୍ଡିକ ଆଣିଲେ ।

ମହା ଶୋକାକୁଳ ଅନ୍ତରକୁ ସଂଯତ କରି କଫିନର ପଟା ବନ୍ଦ କରାଗଲା । ମଧୁବାବୁଙ୍କ ସେହି ଅସ୍ଥିସାର ଅଙ୍ଗ ଅବଶ୍ୟ କଳା କଫିନରେ ଚିରଦିନ ପାଇଁ ବନ୍ଦ ହୋଇ ରହିଲା କିନ୍ତୁ ମନେ ମନେ ଭାବୁଥାଏ—ଜଗତରେ ଏପରି କାହାର ଶକ୍ତି ଅଛି ଯେ, ମଧୁବାବୁଙ୍କ ସ୍ମୃତି ଉତ୍କଳୀୟ ପ୍ରାଣରୁ ଲୁଚାଇ ଦେବ ?

ମନୁଷ୍ୟ ମରେ ସତ ; କିନ୍ତୁ ମୃତ୍ୟୁ ମାନବର ଶେଷ ପରିଣତି ନୁହେଁ । ମୃତ୍ୟୁ କେବେ ମାନବକୁ ତା’ର ଅଧୀନ କରି ନ ପାରେ ।

“ମାଟି ନୁହେଁ ମାନବର ଶେଷ ପରିଣତି ।”

ସନ୍ଧ୍ୟାର ଘନଛାୟା କ୍ରମେ ଶୋକଛାୟା ସଙ୍ଗେ ବନ୍ଧୁତା ବାନ୍ଧି ପରସ୍ପରକୁ ଆଲିଙ୍ଗନ କରିବାକୁ ବସିଲେ । ଶ୍ୟାମ ବୃକ୍ଷଗୁଡ଼ିକ ଗମ୍ଭୀର ହୋଇ ଆସୁଥିଲେ । ସୂର୍ଯ୍ୟ ବାରୁଣୀର ଅସ୍ତାଚଳରେ ଅସ୍ତ ହୋଇ ଯାଉଥିଲେ । ଶ୍ମଶାନ ପ୍ରାଙ୍ଗଣରେ ଏକ ଗଭୀର ଗର୍ତ୍ତ ସମ୍ମୁଖରେ ସେହି ଜାତୀୟ ବୀରଙ୍କ ଶବ ନେଇ କଳା-କଫିନ ସୃଷ୍ଟିର ଶେଷ ସମ୍ମାନ ପାଇ ଶୋଇ ରହିଥାଏ । ଖ୍ରୀଷ୍ଟୀୟ ରୀତିରେ ପ୍ରାର୍ଥନା ଆରମ୍ଭ ହେଲା । ମଧୁବାବୁ ଯଦିଚ ଲଣ୍ଡନ କଙ୍ଗ୍ରେସନାଲ ଗୀର୍ଜାର ଖ୍ରୀଷ୍ଟିୟାନ ଥିଲେ, ତଥାପି କଟକରେ ସେ ଗୀର୍ଜା ସଂପର୍କୀୟ କୌଣସି ପୁରୋହିତ (Paster) ସେହି ଗଭୀର ଗର୍ତ୍ତ ନିକଟରେ ଦଣ୍ଡାୟମାନ ହୋଇ ପ୍ରାର୍ଥନା ଆବୃତ୍ତି କରିବାକୁ ଲାଗିଲେ ।

ସନ୍ଧ୍ୟାର ଗଭୀର ଗର୍ଜନ ତଳେ ସମବେତ ଶତ ଶତ ଖ୍ରୀଷ୍ଟୀୟ ନର ନାରୀ ପ୍ରାର୍ଥନା ଶ୍ଳୋକଗୁଡ଼ିକ କରୁଣ କଣ୍ଠରେ ଗାଇବାକୁ ଲାଗିଲେ । କ୍ଷଣକ ପାଇଁ ଶୂନ୍ୟ ଶ୍ମଶାନ ସଙ୍ଗୀତମୟ ହୋଇ ଉଠିଲା । କ୍ଷଣକ ପାଇଁ ସନ୍ଧ୍ୟା ଉତ୍ତରାଗରେ ଶ୍ମଶାନର ଚଞ୍ଚଳତା ରକ୍ଷିତ ହୋଇଗଲେ । କ୍ଷଣକ ପରେ ସେହି କଳା କଫିନ୍‌ଟିକୁ ଗଭୀର ଗର୍ତ୍ତ ମଧ୍ୟରେ ଧୀରେ ଧୀରେ ଖସାଇ ଦିଆଗଲା । ସମବେତ ଜନମଣ୍ଡଳୀଙ୍କ ଧୂଳି ଅର୍ଘ୍ୟରେ ଗଭୀର ଗର୍ତ୍ତ ପୂରି ଉଠିଲା ।

ଅମର ଶକ୍ତିର ମର କଳେବର ମାଟି ମଧ୍ୟରେ ଲୁଚି ରହିଲା । ଗଭୀର ଗର୍ତ୍ତ ମୃତ୍ତିକା-ଅର୍ଘ୍ୟ ଆହ୍ଲାଦରେ ନେଇ ଜାତୀୟ ବୀରଙ୍କୁ ତା ବୁକୁରେ ଭିଡ଼ି ରଖିଲା । ଶୋକ ସନ୍ତପ୍ତ ଅନ୍ତରରେ ସହସ୍ର ସହସ୍ର ବ୍ୟକ୍ତି, ଗୃହାଭିମୁଖୀ ହେଲେ । ମଧୁବାବୁଙ୍କର ଏହି ଶେଷ ଶୋଭାଯାତ୍ରା ଓ ଶବ ସତ୍କାର କାର୍ଯ୍ୟରେ ଜାତି, ବର୍ଣ୍ଣ ଓ ଧର୍ମ ନିର୍ବିଶେଷରେ ସକଳ ଶ୍ରେଣୀର ଲୋକେ ଆଗ୍ରହରେ ଯୋଗ ଦେଇଥିଲେ ଏବଂ ଜାତୀୟ ବୀରଙ୍କୁ ଅନ୍ତରର ଗଭୀର ଶ୍ରଦ୍ଧା, ଭକ୍ତି-ଅଞ୍ଜଳି ଅର୍ପଣ କରିଥିଲେ ।

ମଧୁବାବୁ ମରିଥିଲେ ମଧ୍ୟ ମୋ ପ୍ରାଣ ଗାଇ ଉଠେ—

ଅମର ଜୀବନ
ଆଣିଥିଲ ବୀର, ସାଥେ
ଢାଳିଗଲ ଦେଇ
ଉତ୍କଳ-ଜନନୀ-ହାତେ ।

(ଉତ୍କଳ ଗୌରବ ମଧୁସୂଦନ ସ୍ମାରକୀ ୧-୪-୧୯୬୮ ରାଉରକେଲାରୁ କୃତଜ୍ଞତାର ସହ ଉଦ୍ଧୃତ)

ଆଜିର ଓଡ଼ିଶା

# ଉତ୍କଳ ସନ୍ତାନ

ଜାତୀୟ ଗୌରବ ମଧୁସୂଦନ

ତୁ ପର ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ?

ତୋ' ପୂର୍ବ ପୁରୁଷେ ବୀର ପଣିଆରେ
ଲଭିଥିଲେ କେତେ ଖ୍ୟାତି
ହାକିମ ନିକଟେ ଦୁଃଖ କହିବାକୁ
କିମ୍ପା ଥରେ ତୋର ଛାତି ?

ତୋ' ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରସେ ଜନ୍ମ ହୋଇ ତୁହି
କେଉଁ ଗୁଣେ ତାଙ୍କୁ ସରି ?

*　*　*

ତୁ ମନେ ଭାବିଛୁ ତୋଷାମଦ କରି
ବଢ଼ାଇବୁ ଜାତି ମାନ
ତୋଷାମଦିଆର କୁକୁର ପ୍ରକୃତି
ଅଇଁଠା ପତରେ ଧ୍ୟାନ ।

*　*　*

ଜାତିର ଉନ୍ନତି ହେବକିରେ ଭାଇ
ସ୍ୱାର୍ଥକୁ ଜଗତ ମଣି
ଗୋଡର ଘୋତରେ ମାଉଁସ ଲାଗିଲେ
ଦେହର କି ଶୁଭ ଗଣି ?

ଜାତି ନର୍ଦ୍ଦ ଘୋଷ        ଚଳିବ କି ଖାଲି
ସ୍ୱାର୍ଥକୁ ସାରଥି କଲେ ?
ଟାଣେ କିରେ ଗାଡି        ଦାନାର ତୋବଡା
ଘୋଡା ମୁହେଁ ବନ୍ଧା ଥିଲେ ?

ଜନନୀର ଦେଖା        କରିବାରେ ଇଚ୍ଛା
ଯଦି ହୋଇଥାଏ ମନେ
ଉତ୍କଳର ମାଟି        ଆଲିଙ୍ଗନ କରି
ତା' ଧୂଳି ଲେପ ବଦନେ ।

*        *        *

ଧନ ମାନ ଜନ        ଯାହା ଉପାର୍ଜ୍ଜନ
କରିଅଛ ଧରା ତଳେ
ହରଷିତ ମନେ        କରତବ୍ୟ ଜ୍ଞାନେ
ଆଣିଦିଅ ଯଜ୍ଞ ସ୍ଥଳେ ।

ଭୂମିକମ୍ପ ହେବ        ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା
ସେହି ତୋର ମାତା        ସେହି ତୋର ଧାତା
କର ସେହି ପଦ ପୂଜା ।

ଜାତିର ଉନ୍ନତି        ସେ କାହୁଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ
ଶାଗୁଣା ବିଲୁଆ        ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ?

ସ୍ୱାର୍ଥର ବନିତା        ଅଟେ ତୋଷାମଦ
ଭୟ, ମିଥ୍ୟା, ତାଙ୍କ ପୁତ୍ର
ରାଜ୍ୟରେ ବିପ୍ଲବ        ନିଶ୍ଚୟ ଘଟିବ
ଏମାନେ ହେଲେ ଏକତ୍ର ।

ତି କୋଟି ସନ୍ତାନ        ଗୋଟିଏ ସ୍ୱରରେ
'ଜନନୀ' 'ଜନନୀ' ଡାକ
ତୃଷାରେ କାତର        ଗଗନକୁ ଚାହିଁ
ଯେସନେ ଡାକେ ଚାତକ ।

ଜାତି ପ୍ରେମ ବହ୍ନି        ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି
"ସ୍ୱାର୍ଥମେଧ ଯଜ୍ଞେ"        ଘୁରିଆଡେ ନାଚ
ଜାତିକୁ ମିଶାଇ ଜାତି ।

# ଜାଗରଣ ବର୍ଷ କାହିଁକି ?

ଶ୍ରୀ ତାରେଶ୍ୱର ସାହୁ

ଚଳିତବର୍ଷ ଉତ୍କଳ ସମ୍ମିଳନୀର ୭୫ ବର୍ଷ ପୂର୍ଣ୍ଣ ହେଉଥିବାରୁ ପ୍ଲାଟିନମ୍ ଜୁବୁଲି ପଡ଼ୁଛି । ଏହି ସମୟରକୁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା ଜାତୀୟ ଗୌରବ ମଧୁସୂଦନଙ୍କର ସ୍ମୃତି ତର୍ପଣ ଉଦ୍ଦେଶ୍ୟରେ ଜାଗରଣ ବର୍ଷ ରୂପେ ପାଳନ କରିବା ପାଇଁ ଓଡ଼ିଶାର ବହୁ ବିଶିଷ୍ଟ ଲୋକଙ୍କର ସ୍ୱତଃସ୍ଫୂର୍ତ୍ତ ଅଭିଳାଷ ପ୍ରକାଶ ପାଇଛି । ଜାତୀୟ ଗୌରବ ମଧୁସୂଦନଙ୍କର ଜନ୍ମଦିବସକୁ ତା୨୮-୪-୭୮ରିଖ ଠାରୁ ତା ୨୮-୪-୭୯ ରିଖ ପର୍ଯ୍ୟନ୍ତ ଏକ ବର୍ଷ ବ୍ୟାପି ସାଂସ୍କୃତିକ ସ୍ତରରେ ପାଳିତ ହେବ । ଉତ୍କଳ ସମ୍ମିଳନୀର କାର୍ଯ୍ୟକାରୀ ସମିତି ତା ୪-୨-୭୮ ରିଖରେ ମଧୁସୂଦନଙ୍କ ଶ୍ରାଦ୍ଧ ଦିବସରେ ଗୋପବନ୍ଧୁ ଭବନରେ ସମ୍ମିଳନୀର ସଭାପତି ଶ୍ରୀ ରାଧାନାଥ ରଥଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଏହି ପ୍ରସ୍ତାବକୁ ସ୍ୱାଗତ ଜଣାଇ ଅଛନ୍ତି ।

"ଜାଗରଣ ବର୍ଷ" ପାଳନ ନେପଥ୍ୟରେ କୌଣସି ବ୍ୟକ୍ତି ପୂଜାର ମୋହ ନାହିଁ କିମ୍ବା ତଥାକଥିତ ପ୍ରାଦେଶିକତାର ଆସ୍ଫାଳନ ନାହିଁ । ଏହାର ଉଦ୍ଦେଶ୍ୟ ଅତି ସ୍ୱଚ୍ଛ ଓ ମହତ୍ ।

ଆଜକୁ ୭୫ ବର୍ଷ ତଳେ ଉତ୍କଳ ସମ୍ମିଳନୀ ଯେଉଁସବୁ ଉଦ୍ଦେଶ୍ୟ ଓ ଅଭିମୁଖ୍ୟ ନେଇ ଜାତୀୟ ଗୌରବ ମଧୁସୂଦନଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା ଶତାବ୍ଦୀର ତିନିପାଦ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ସେସବୁ ତଥାପି ବହୁଳାଂଶରେ ଅପୂର୍ଣ୍ଣ ରହିଯାଇଛି । ଅପୂର୍ଣ୍ଣ ରହିଥିଲେ ଦୁଃଖ ନ ଥିଲା । ଓଡ଼ିଆ ଜାତି ପ୍ରାୟ ବିସ୍ମୃତ ହୋଇ ଗଲାଣି । ବିଚ୍ଛିନ୍ନ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ତଥାପି ହୋଇ ପାରିଲା ନାହିଁ । ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନଙ୍କର ସାମ୍ବିଧାନିକ ଅଧିକାର (୩୫୦ ଧାରା ଅନୁସାରେ) ଉପାନ୍ତ ଅଞ୍ଚଳ ମାନଙ୍କରେ ଅତି ନିଷ୍ଠୁର ଭାବରେ ଲଙ୍ଘିତ ହେଉଅଛି । ଓଡ଼ିଶାରେ କୃଷି ଓ କୁଟୀର ଶିଳ୍ପର ବିକାଶ ପୁଣି ଶୈକ୍ଷିକ ଜାଗରଣ ଯାହା ଉତ୍କଳ ସମ୍ମିଳନୀର ଅର୍ଥନୈତିକ ଅଭିମୁଖ୍ୟ ଥିଲା ତାହା କେବଳ ରହିଛି ପଛକୁରେ । କାଁ ଭାଁ ଯେଉଁ ଗୋଟିଏ ଦୁଇଟି ବଡ଼ବଡ଼ ଶିଳ୍ପାନୁଷ୍ଠାନ ମୁଣ୍ଡଟେକିଉଠିଛି ସେଠି ଓଡ଼ିଶାବାସୀଙ୍କର ଖଲାସୀ କାମ ଛଡ଼ା ଅନ୍ୟ ସୁବିଧା ସମାନୁପାତରେ ମିଳୁନାହିଁ । ଶିଳ୍ପ ନଗରୀମାନଙ୍କର ସହର-ତଳିରେ ବରା ଗୁଲୁଗୁଲା ଓ ସାଇକେଲ ମରାମତି ଦୋକାନ ଖୋଲିବାରେ ହୋଇଛି ଓଡ଼ିଶାର ଶୈଳ୍ପିକ ଜାଗରଣ । ଆଉବେଶୀ ନକହିଲେ ଭଲ । ତଥାପି ଗୋଟିଏ କଥା—ଓଡ଼ିଆ ଜାତିର ସ୍ୱାଭିମାନ, ଯାହାକୁ ଉଦ୍ବୁଦ୍ଧ କରିବା ଥିଲା ଉତ୍କଳ ସମ୍ମିଳନୀ ଓ ଜାତୀୟ ଗୌରବ ମଧୁସୂଦନଙ୍କର ଅଭିପ୍ରେତ, ତାହା ଆଜି ପର୍ଯ୍ୟବସିତ ହୋଇଛି ଏକ ଦୟନୀୟ ହୀନମନ୍ୟତାରେ ।

ଇତିହାସରେ ଯେପରି ବିଭିନ୍ନ ଜାତି ବା ଉପଜାତି ଏହି ସ୍ୱାଭିମାନ ବଳରେ ପୃଥିବୀରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି, ଏଠାରେ ତାହାର ଉଦାହରଣ ଦେବାର ଅବକାଶ ନାହିଁ । ସାଂସ୍କୃତିକ ଚେତନାର ସ୍ତରରେ ସେହି ସ୍ୱାଭିମାନକୁ ଉଦ୍ବୁଦ୍ଧ କରିବା ଏହି ଜାଗରଣ ବର୍ଷର ଲକ୍ଷ୍ୟ । ଓଡ଼ିଶାର ସ୍ରଷ୍ଟା, ଓଡ଼ିଶାର କାରିଗର, ଓଡ଼ିଶାର ଛାତ୍ର, ଶିଳ୍ପୀ, ସଙ୍ଗୀତଜ୍ଞ, ସାହିତ୍ୟିକ, ଦାର୍ଶନିକ ଓ ରାଜନୈତିକ ନେତାମାନେ ଜାତୀୟ ସ୍ତରରେ ସମୁଚ୍ଚ ଆସନର ଅଧିକାରୀ ହୁଅନ୍ତୁ ଏବଂ ଓଡ଼ିଆ ଜାତିର ସୁପ୍ତ ପ୍ରତିଭା, ଶକ୍ତି ଓ ସାମର୍ଥ୍ୟ ଏବଂ ସକଳ ପ୍ରକାର ସମ୍ଭାବନା ପୂର୍ଣ୍ଣଭାବେ ପ୍ରକଟିତ ହେଉ—ଏହି ସଂକଳ୍ପ ଓ ଶପଥରେ ଜାତିକୁ ଉଜ୍ଜୀବିତ କରିବା ହେବ ଏହି ଜାଗରଣ ବର୍ଷର ଲକ୍ଷ୍ୟ । ଏହି ଜାଗରଣ ମଧ୍ୟରୁ ଜନ୍ମ ଲାଭ କରିବ ଏକ ନୂତନ ଓଡ଼ିଶା, ଯାହା ଭାରତର ସବୁଠାରୁ ଅନଗ୍ରସର ବୋଲି ଗର୍ବ କରି ଅନ୍ୟର ଦୟା ଭିକ୍ଷା କରିବ ନାହିଁ ।

କଟକରେ ତିନିଦିନ ବ୍ୟାପି ମଧୁସ୍ମୃତି ଆନୁକୂଲ୍ୟରେ ଜାତୀୟ ଗୌରବ ମଧୁସୂଦନଙ୍କର ଯେଉଁ ଶ୍ରାଦ୍ଧ ସଭାମାନ ଅନୁଷ୍ଠିତ ହୋଇଗଲା, ବିଭିନ୍ନ ଦିବସରେ ସେଥିରେ ଯୋଗ ଦେଇଥିବା ମନ୍ତ୍ରୀବୃନ୍ଦ ଯଥା—ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି, ଶ୍ରୀ ପ୍ରଦୀପ୍ତ କିଶୋର ଦାସ ଓ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ପ୍ରମୁଖ ଏ ସିଦ୍ଧାନ୍ତକୁ ମଧ୍ୟ ସ୍ୱାଗତ ଜଣାଇଛନ୍ତି । ଚଳିତବର୍ଷ ଫେବୃଆରୀ ଏଗାର ତାରିଖ ଦିନ ମୁଖ୍ୟ ମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ "ମଧୁସ୍ମୃତି" ର ଏକ ପ୍ରତିନିଧି ଦଳକୁ ତାଙ୍କ ସହିତ ଆଲୋଚନା ପ୍ରସଙ୍ଗରେ ଏଥିପ୍ରତି ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି । ଏମାନଙ୍କ ବ୍ୟତୀତ ଡ଼କ୍‌ଟର ହରେକୃଷ୍ଣ ମହତାବ, ଜଷ୍ଟିସ୍ ଶ୍ରୀ ହରିହର ମହାପାତ୍ର, ଓ ପ୍ରବୀଣ ଆଇନଜ୍ଞ ଶ୍ରୀ ଦୀନବନ୍ଧୁ ସାହୁ ପ୍ରମୁଖ ସାଧାରଣ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ଏହି ଉଦ୍ୟମକୁ ଆଶୀର୍ବାଦ ଜଣାଇ ବହୁ ପୂର୍ବରୁ ଏହା ପାଳିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି । ଓଡ଼ିଶାର ବହୁ ସାଂସ୍କୃତିକ ଅନୁଷ୍ଠାନ ଓ ଯୁବ ସମାଜ ଏହି ଚେତନାରେ ଋଦିତ ହୋଇଛନ୍ତି । ଏଥିରେ ରାଜନୀତିର ସ୍ଥାନ ନାହିଁ । ଦଳମତ ନିର୍ବିଶେଷରେ ସମସ୍ତେ ନିଜନିଜ ପରିସରରେ ଏହି ଚେତନାକୁ ଯେପରି ଜାଗ୍ରତ କରାଇ ପାରନ୍ତି, ତାହାହିଁ ଜାଗରଣ ବର୍ଷର ମୂଳ ପ୍ରେରଣା । ଏହା ପୂର୍ଣ୍ଣତଃ ଏକ ସାଂସ୍କୃତିକ ଆନ୍ଦୋଳନ । ଦେଶବାସୀ, ଓଡ଼ିଶାର ଯୁବସମାଜ ତଥା ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ସହଯୋଗରେ ଏହା ସଫଳ ହୋଇ ମଧୁସୂଦନ ଓ ଗୋପବନ୍ଧୁଙ୍କର ଅତୃପ୍ତ ଆତ୍ମାକୁ ଶାନ୍ତି ପ୍ରଦାନ କରିବ, ଏଥିରେ ସନ୍ଦେହ ନାହିଁ । ସେଥିପାଇଁ, ଆମେମାନେ ମୁଖ୍ୟ ମନ୍ତ୍ରୀଙ୍କ ଠାରୁ ସାଧାରଣ ପଲ୍ଲୀବାସୀଙ୍କ ପର୍ଯ୍ୟନ୍ତ ଓ ବୁଦ୍ଧିଜୀବୀଙ୍କ ଠାରୁ ମେହନତି ଶ୍ରମିକ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତଙ୍କର ଦ୍ୱାରସ୍ଥ ହେଉଛୁ । ଓଡ଼ିଶାର ଜାତୀୟ ଭଗବାନ ଶ୍ରୀ ଜଗନ୍ନାଥ ସମସ୍ତଙ୍କ କଲ୍ୟାଣ କରନ୍ତୁ ।

('ମଧୁସ୍ମୃତି' —ଓଡ଼ିଶାର କର୍ମକର୍ତ୍ତାବୃନ୍ଦଙ୍କ ତରଫରୁ)

ସାଧାରଣ ସଂପାଦକ, ମଧୁସ୍ମୃତି

# ଓଡ଼ିଆ ଆଧୁନିକ ଲଳିତକଳାର ପରମ୍ପରା ଓ ଗତ କଳା ପ୍ରଦର୍ଶନୀ

ଶ୍ରୀ ବିନୋଦ ରାଉତରାୟ

ଓଡ଼ିଶାରେ ଆଧୁନିକ ଲଳିତକଳାର ପରଂପରା ସମ୍ବନ୍ଧରେ ଅବଧାରଣା କରିବାକୁ ଗଲେ ଆମକୁ ପ୍ରଥମେ କେତେକ କଥା ସ୍ମରଣ ରଖିବାକୁ ପଡ଼ିବ ଓ ସେଗୁଡ଼ିକ ଏପରି ଇତିହାସସିଦ୍ଧ ଯେ ତାହାକୁ ତ୍ୟାଗକରି ଆଲୋଚନା ନିମନ୍ତେ ଅଗ୍ରସର ହେବା ଅସମ୍ଭବ । ସରକାରୀ ସ୍ତରରେ ପ୍ରଥମେ କଳା ବିଦ୍ୟାଳୟ ଆରମ୍ଭ ହେଲା ଖଲ୍ଲିକୋଟଠାରେ ୧୯୫୭ ରେ ଓ ଓଡ଼ିଶା ଲଳିତକଳା ଏକାଡ଼େମୀ ପ୍ରତିଷ୍ଠା କରାଗଲା ୧୯୬୦ ମସିହାରେ, ମାତ୍ର ତିନିବର୍ଷର ବ୍ୟବଧାନ ମଧ୍ୟରେ । ଓଡ଼ିଶା ଲଳିତକଳା ଏକାଡେମୀ ଆନୁକୂଲ୍ୟରେ ପ୍ରଥମେ ନିଖିଳ ଉତ୍କଳ କଳା ପ୍ରଦର୍ଶନୀ ଆରମ୍ଭ କରାଗଲା ୧୯୬୧ ରେ ଯେଉଁ ବର୍ଷ ସରକାରୀ କଳାବିଦ୍ୟାଳୟର ଛାତ୍ରଗଣ ଉତ୍ତୀର୍ଣ୍ଣ ହୋଇ କର୍ମ କ୍ଷେତ୍ରରେ ଅବତୀର୍ଣ୍ଣ ହେଲେ । ଏହାପରେ ଅନ୍ୟୂନ ସତରବର୍ଷ ମଧ୍ୟରେ ଏକାଡ଼େମୀ ତରଫରୁ ଏହି ପ୍ରଦର୍ଶନୀ ଭୁବନେଶ୍ୱରଠାରେ ମାତ୍ର ଆଠଥର ହୋଇଛି । ଏହି ପ୍ରଦର୍ଶନୀରେ ପ୍ରତ୍ୟେକ ଥର କଳାବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରମାନେ ମୁଖ୍ୟ ଅଂଶ ଗ୍ରହଣ କରି ଆସିଛନ୍ତି । ଭାରତ ସ୍ୱାଧୀନ ହେଲା ୧୯୪୭ ରେ ଓ ତାହା ପୂର୍ବରୁ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ଲାଭ କରିଥିଲା ୧୯୩୬ ରେ । ତାହାହେଲେ ଏକଥା ନିଶ୍ଚୟ ସ୍ୱୀକାର କରାଯାଇ ପାରିବ ଯେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ହେବାର ୨୪ ବର୍ଷ ପରେ, ଭାରତ ସ୍ୱାଧୀନ ହେବାର ୧୪ ବର୍ଷ ପରେ ଓ ସରକାରୀ କଳା ବିଦ୍ୟାଳୟ ଆରମ୍ଭ ହେବାର ୪ ବର୍ଷ ପରେ ଆଧୁନିକ ଓଡ଼ିଶାରେ ବିଧିବଦ୍ଧ ଭାବରେ ଲଳିତକଳାର ଚର୍ଚ୍ଚା ଓ ବିକାଶ ନିମନ୍ତେ ଆୟୋଜନ ଆରମ୍ଭ ହେଲା । ଏହା ପୂର୍ବରୁ ଯେଉଁ ମୁଷ୍ଟିମେୟ ଶିଳ୍ପୀ ପଡ଼ୋଶୀ ପ୍ରଦେଶରୁ କଳାଶିକ୍ଷାକରି କାର୍ଯ୍ୟ କରୁଥିଲେ, ସେମାନେ ଏହା ସହିତ ଯୁକ୍ତ ହୋଇଗଲେ । ଏଣୁ ଆକ୍ଷରିକ ଅର୍ଥରେ କହିବାକୁ ଗଲେ ପ୍ରବୀଣ ଓ ନବୀନ ସମସ୍ତଙ୍କୁ ଏକତ୍ର କରି ଓଡ଼ିଶାର କଳା କ୍ଷେତ୍ରରେ ଆଧୁନିକ ଯୁଗର ମୂଳଦୁଆ ପଡ଼ିଲା ବିଂଶ ଶତକର ଦ୍ୱିତୀୟାର୍ଦ୍ଧରେ ବା ସ୍ୱାଧୀନତାର ଉତ୍ତରକାଳରେ ।

ଉପରୋକ୍ତ ସମୟକୁ ଦେଖିବାକୁ ଗଲେ ସମଗ୍ର ଭାରତରେ ଜଣାଥିବେ ଆଧୁନିକତାର କ୍ରମବର୍ଦ୍ଧିଷ୍ଣୁ ଆନ୍ଦୋଳନର ସୂତ୍ରପାତ ଘଟିଥିଲା । ଯେଉଁ ଶିଳ୍ପୀମାନେ ମହାଭାରତୀୟ ସ୍ତରରେ କାର୍ଯ୍ୟକରୁଥିଲେ ସେମାନଙ୍କୁ ମୋଟାମୋଟି ନିମ୍ନମତେ ଭାଗ କରାଯାଇ ପାରେ । ଯଥା—ଶାସ୍ତ୍ରୀୟ କଳା (Academic Art), ଲୋକକଳା (Folk Art) ପାରଂପରିକ କଳା (Traditional Art) ବିଦେଶୀକଳା (Foreign Art) ଓ ମିଶ୍ରକଳା ( Adapted Art ) ପୁନର୍ନବୀକରଣ ଦିଗରେ ବଙ୍ଗୀୟ ଶିଳ୍ପୀମାନେ ସ୍ୱେଚ୍ଛାସିଦ୍ଧ ସାଧନା ଆରମ୍ଭ କରିଦେଇଥିଲେ । ପ୍ରାଚୀନ ଭାରତୀୟ ଶୈଳୀକୁ ଆଧୁନିକତାର ଛାଞ୍ଚରେ ପକାଇବା ପାଇଁ ସେମାନେ ବହୁ ଦିଗରୁ ଚେଷ୍ଟା କରିଥିଲେ । ସେମାନଙ୍କ ମଧ୍ୟରୁ କଲିକତାର ଅବନୀନ୍ଦ୍ର ନାଥ ଠାକୁର ଶାନ୍ତିନିକେତନର ନନ୍ଦଲାଲ ବସୁ, ଦିଲ୍ଲୀର ସାରଦା ଉକିଲ ପ୍ରମୁଖଙ୍କ ନାମ ସ୍ମରଣୀୟ । ଏକାକୀ ଯାମିନୀରାୟ ଲୋକକଳାର ଅଗ୍ରଗତି ନିମନ୍ତେ ଯଥେଷ୍ଟ ଆଗ୍ରହୀ ହୋଇ ଉଠିଥିଲେ । ସଂପୂର୍ଣ୍ଣ ଶାସ୍ତ୍ରୀୟ ମତେ ବିଦେଶୀ ଐତିହ୍ୟ ଓ ପରଂପରାକୁ ଜୀର୍ଣ୍ଣକରି ଯେଉଁମାନେ ଅବଲୀଳାକ୍ରମେ ପ୍ରକାଶ କରୁଥିଲେ ସେମାନଙ୍କର ପ୍ରମୁଖ ଶିଳ୍ପୀ ହେଉଛନ୍ତି ବସନ୍ତ ଗାଙ୍ଗୁଲି ଓ ଅତୁଲ ବୋଷ ପ୍ରଭୃତି । ଅତ୍ୟାଧୁନିକ ଇଉରୋପୀୟ ଭାବାଦର୍ଶ ଗୁଡ଼ିକର ପରୀକ୍ଷା ନିରୀକ୍ଷା ଚାଲିଥିଲା । ପଶ୍ଚିମ ଭାରତରେ, ଅର୍ଥାତ୍ ବମ୍ବେ ନଗରୀରେ ଏ କ୍ଷେତ୍ରରେ ନାରାୟଣ ଶ୍ରୀଧର ବନ୍ଦ୍ରେ, ଏମ୍. ଏଫ୍. ହୁସେନ୍, କେ. କେ. ହେବର ପ୍ରମୁଖଙ୍କ ନାମ ଉଚ୍ଚାରଣ କରାଯାଇ ପାରେ । ସ୍ୱାଧୀନତା ଲାଭ ପୂର୍ବରୁ ଭାରତର ସାଂସ୍କୃତିକ ଅଭିମୁଖ୍ୟ ଥିଲା—ମୋଟାମୋଟି ଭାବେ ଜାତୀୟତାର ଗଣ୍ଡି ମଧ୍ୟରେ ସୀମିତ । ଜନସାଧାରଣଙ୍କର ଚରମ ଲକ୍ଷ୍ୟ ହୋଇଥିଲା ବୈଦେଶିକ ଶକ୍ତିର ବିରୋଧ କରିବା । କିନ୍ତୁ ସ୍ୱାଧୀନତାର ଉତ୍ତର କାଳରେ, ଅର୍ଥାତ୍ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଏହି ଜାତୀୟତାବୋଧ କ୍ରମେ ଆନ୍ତର୍ଜାତୀୟ ହୋଇଗଲା । ସ୍ୱାଧୀନ ଭାରତ ବିଶ୍ୱର ସଂସ୍କୃତି କ୍ଷେତ୍ରରେ ଅନ୍ୟାନ୍ୟ ଦେଶ ସହିତ କାନ୍ଧକୁ କାନ୍ଧ ମିଳାଇ ଚାଲିବାକୁ ଉଦ୍ୟମ କଲାବେଳେ ଲଳିତକଳା ସେଥିରୁ ବାଦ ଯାଆନ୍ତା କିପରି ? ୧୯୫୯ ମସିହାରେ ନୂତନ ଭାରତ ଭବନକୁ ଚିତ୍ରଶୋଭିତ କରିବା ପାଇଁ ଯେତେବେଳେ ଭାରତରୁ ସୁରିଜଣ ଯୁବକ ଶିଳ୍ପୀ ଲଣ୍ଡନ୍ ଯାଇଥିଲେ, ସେତେବେଳେ ସେଠାକାର ଟାଇମ୍‌ସ (Times) ପତ୍ରିକା ତାର ପ୍ରବଳ ବିରୋଧ କରିଥିଲେ । କିନ୍ତୁ ଏହାର ଦୁଇ ଦଶନ୍ଧି ପରେ ଏହି କଠିନ ମନୋବୃତ୍ତି ଆଉ ରହିଲା ନାହିଁ । ସିଭିଲିୟାନ୍ ଓ ନେଟିଭ୍‌ଙ୍କ ମଧ୍ୟରେ ହାର୍ଦ୍ଦିକତା ଦେଖାଦେଲା । ସ୍ୱାଧୀନ ଭାରତର ବହୁ କୃତୀ କଳାକାର ବହୁଦିଗରୁ ବିଦେଶ ଯାତ୍ରାକଲେ ଓ ଦରିଆ ପାରି ଦେଶଗୁଡ଼ିକର କଳା ପ୍ରବାହରେ ସନ୍ତରଣ କରିବାର ସୁଯୋଗ ପାଇଲେ । ଏହା ଫଳରେ ଆନ୍ତର୍ଜାତୀୟ କଳା ଆନ୍ଦୋଳନର ଅତ୍ୟାଧୁନିକ ଶୈଳୀଗୁଡ଼ିକର ପ୍ରତ୍ୟକ୍ଷ ପ୍ରତିକ୍ରିୟା ଭାରତରେ ସମ୍ଭବ ହେଲା । ବିଶ୍ୱର କଳା ଇତିହାସ ପ୍ରତି ଦୃଷ୍ଟିପାତ କଲେ ଜଣାଯାଏ ଯେ ପ୍ରଥମ ଲଳିତ କଳା ଏକାଡ଼େମୀ ଗଢ଼ାହୋଇଥିଲା ପ୍ୟାରୀ ନଗରୀରେ ୧୬୪୮ ମସିହାରେ ଓ ଆଧୁନିକ କଳାକର୍ମ ନିମନ୍ତେ ପ୍ରଥମ ପଦକ୍ଷେପ ନେଇଥିଲେ ଅଭାସିବାଦୀମାନେ

୧୮୭୪ ମସିହାରେ । ଏଣୁ ଆନ୍ତର୍ଜାତୀୟ କ୍ଷେତ୍ରରେ ଯେଉଁ ସବୁ କାର୍ଯ୍ୟ ଶତାଧିକ ବର୍ଷର ପରୀକ୍ଷା ନିରୀକ୍ଷା ଦ୍ୱାରା କରାଯାଉଛି, ତାହାର ଆଗୁ ପ୍ରବର୍ତ୍ତନ ଘଟିଛି ଅନ୍ୟୂନ ଚଉଠ ଶତାବ୍ଦୀ ମଧ୍ୟରେ । ପୁଣି ଓଡ଼ିଶାରେ ଘଟୁଛି ବିଗତ ଦୁଇ ଦଶନ୍ଧି ଭିତରେ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ସ୍ୱତନ୍ତ୍ରଭାବେ ଓଡ଼ିଶା କଥା ଦେଖିବାକୁ ଗଲେ ଦେଶ ସ୍ୱାଧୀନତା ପାଇବା ପୂର୍ବରୁ ଯେଉଁ ଶିଳ୍ପୀମାନେ ପ୍ରତିଷ୍ଠା ଅର୍ଜନ କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ନୀରବ ହୋଇ ଗଲେଣି । କେବଳ ସର୍ବଶ୍ରୀ ବିପିନ୍ ବିହାରୀ ଚୌଧୁରୀ, ମୁରଲୀଧର ଟାଲି ଓ ବିଭୂତିଭୂଷଣ କାନୁନ୍‌ଗୋଙ୍କର କୃତିଗୁଡ଼ିକ ପ୍ରଦର୍ଶନୀ ମଣ୍ଡପରେ ଦେଖିବାକୁ ମିଳୁଛି । ସ୍ୱାଧୀନତାର ପ୍ରାକ୍ କାଳରେ ଯେଉଁମାନେ ଲଳିତକଳା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରୁ ସର୍ବଶ୍ରୀ ଗୌରାଙ୍ଗ ଚରଣ



ସୋମ, ଜଗନ୍ନାଥ ଦାସ, ଅଜିତ୍ କେଶରୀ ରାୟ, ଦୁର୍ଗା ପ୍ରସାଦ ପଟ୍ଟନାୟକ ବିଭିନ୍ନ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ଆସୁଛନ୍ତି, ଅନ୍ୟ ଯେଉଁମାନେ ରହିଲେ ସେମାନଙ୍କୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଶିଳ୍ପୀ କହିଲେ ଆଦୌ ଅସଙ୍ଗତ ହେବ ନାହିଁ । ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ଆୟୋଜିତ ଏହି ଅଷ୍ଟମ ନିଖିଳ ଉତ୍କଳ କଳା ପ୍ରଦର୍ଶନୀରେ ପ୍ରତ୍ୟେକ କାଳର ଶିଳ୍ପୀ ଅଂଶ ଗ୍ରହଣ କରିଛନ୍ତି । ନବୋଦିତ ତରୁଣତମ କଳାକାରମାନଙ୍କ ସହିତ ଦର୍ଶକମାନେ ଟାଲି-ଚୌଧୁରୀ-କାନୁନ୍‌ଗୋଙ୍କ ଠାରୁ ଆରମ୍ଭକରି ରାୟ-ଦାସଙ୍କ ପର୍ଯ୍ୟନ୍ତ କ୍ରମାନ୍ୱୟରେ ଭିନ୍ନ ଭିନ୍ନ ପ୍ରକାରର ଶିଳ୍ପକଳା ଦେଖିବାକୁ ପାଉଛନ୍ତି ।


ଭାରତ ଏକ ବିରାଟ ଦେଶ । ଏହାର ପ୍ରତ୍ୟେକ ଅଞ୍ଚଳରେ ଭିନ୍ନ ଭିନ୍ନ ଶୈଳୀ ଜନ୍ମିଛି । ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଚିତ୍ରାଙ୍କନ ଓ ମୂର୍ତ୍ତି ନିର୍ମାଣର ଶୈଳୀ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ । ଏହି ସ୍ୱତନ୍ତ୍ର ଶୈଳୀର ଚିତ୍ରାବଳି ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି ଓ ପୁରସ୍କୃତ ହୋଇଛି । ଶିଳ୍ପୀ ଶ୍ରୀ ଅନନ୍ତ ମହାରଣାଙ୍କର "ଶ୍ରୀକୃଷ୍ଣଲୀଳା" ଶ୍ରୀ ଭାଗବତ ମହାରଣାଙ୍କର "କନ୍ଦର୍ପରଥ", ଶ୍ରୀ ବିନୋଦ ମହାରଣାଙ୍କର "ଗିରି ଗୋବର୍ଦ୍ଧନ ଧାରଣ" ଓ ଶ୍ରୀ ଗୋକୁଳ ବିହାରୀ ପଟ୍ଟନାୟକଙ୍କର "ରାବଣର ସୈନ୍ୟ କଳନା" ଏହାର ସାର୍ଥକ ଉଦାହରଣ । ଶ୍ରୀ ବିନୋଦ ମହାରଣାଙ୍କର ଚିତ୍ରଟି ସୂକ୍ଷ୍ମ ପଟ୍ଟବସ୍ତ୍ର ଉପରେ ଏପରି ମଧୁର ବର୍ଣ୍ଣଦ୍ୱାରା ସୁରଂଜିତ ଓ ସୂକ୍ଷ୍ମାତିସୂକ୍ଷ୍ମ ରେଖାଦ୍ୱାରା ସୁଭୂଷିତ ହୋଇଛି ଯେ ତାହା ଯେ କୌଣସି ରୂପରସିକର ଦୃଷ୍ଟି ଆକର୍ଷଣ କରିବ । ପ୍ରାଚୀନ ପୁରାଣ-କାବ୍ୟର ବିଷୟ ବସ୍ତୁକୁ ତ୍ୟାଗକରି ଆଜିର ସାମାଜିକ ପରିବେଶ ମଧ୍ୟକୁ ଓହ୍ଲାଇ ଆସିଛନ୍ତି ଶିଳ୍ପୀ ଶ୍ରୀ ଜଗନ୍ନାଥ ଦାସ । ଈଶ୍ୱରଙ୍କ ବାଳଲୀଳାଠାରୁ ଆରମ୍ଭ କରି ଶାଶୁଘର ଯାତ୍ରା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଗୋଟିଏ ପଟରେ ଓଡ଼ିଶୀ ପଦ୍ଧତୀରେ ଚିତ୍ରିତ ହୋଇ ପାରିଛି । ଓଡ଼ିଶୀ ଚିତ୍ରକଳାରୁ ବିଷୟ ବସ୍ତୁ ଆହରଣ କରି ଆଧୁନିକ ପରିପ୍ରେକ୍ଷୀରେ ପ୍ରକାଶ କରିବା ପାଇଁ ଯେଉଁ ପ୍ରୟାସ ହୋଇଛି ତାହା ମଧ୍ୟରେ ଶିଳ୍ପୀ ଶ୍ରୀ ଜଗଦୀଶ କାନୁନ୍‌ଗୋ ଓ ଶ୍ରୀ ଶରତ କୁମାର ରଥଙ୍କର ଯଥାକ୍ରମେ 'ମିଳନ ଓ ଜଗନ୍ନାଥ ସଂସ୍କୃତି' ଚିତ୍ର ଦୁଇଟି ଉଲ୍ଲେଖଯୋଗ୍ୟ । ଓଡ଼ିଶୀ ଶୈଳୀର ପାତ୍ର ସମାବେଶ, ମଣ୍ଡନ ନୈପୁଣ୍ୟ ଓ ବର୍ଣ୍ଣ ବିନ୍ୟାସକୁ ଆପଣା ଆୟତ୍ତକୁ ଆଣି ଭିନ୍ନ ମାଧ୍ୟମରେ ଓ ଭିନ୍ନ ପରିପ୍ରେକ୍ଷୀରେ ସଂପୂର୍ଣ୍ଣ ନିଜସ୍ୱଭାବେ ପରିବେଷଣ କରିପାରିଛନ୍ତି ଶ୍ରୀ କାନୁନ୍‌ଗୋ । କୃଷ୍ଣଲୀଳା ପଟ୍ଟ ଓ ମିଳନ ଚିତ୍ର ମଧ୍ୟରେ ଥିବା ସାମ୍ୟ ଓ ବୈଷମ୍ୟ ଉଭୟ ଉପଭୋଗ୍ୟ । ଶ୍ରୀ ଗୋକୁଳ ବିହାରୀ ପଟ୍ଟନାୟକଙ୍କର 'ପ୍ରଥମ ସାକ୍ଷାତ' ଚିତ୍ରଟିରେ ଓଡ଼ିଶାର ପୋଥିଚିତ୍ରର ବୈଶିଷ୍ଟ୍ୟ ପରିଲକ୍ଷିତ ହୋଇଥାଏ । ସମଗ୍ର ପ୍ରଦର୍ଶନୀ ମଧ୍ୟରେ ଏହି ଚିତ୍ରଟି ପ୍ରାଚୀନ ତାଳପତ୍ର ଖୋଦିତ ଚିତ୍ରର ଗୌରବ ରକ୍ଷା କରିଛି । ପାରଂପରିକ ଚିତ୍ରକଳା ବିଭାଗରେ ଦୃଷ୍ଟି ଆକର୍ଷଣକାରୀ ଚିତ୍ର ଯୋଗାଇ ଦେଉଛନ୍ତି ଶ୍ରୀମତୀ ସୁକାନ୍ତି ପଟ୍ଟନାୟକ । ଲୋକଚିତ୍ର କେତେଦୂର ରସଗ୍ରାହୀ ହୋଇପାରେ, କେତେଦୂର ଅବଲୀଳା କ୍ରମେ ପ୍ରକାଶକ୍ଷମ ହୋଇପାରେ ତାହାର ସୂଚନା ମିଳିଥାଏ ତପୋୟ, ବୋଇତ ବନ୍ଦାଣ ଓ ଚଉତିଘୋଡ଼ା ପ୍ରଭୃତିରୁ । ଥରେ ବିଶ୍ୱକବି ରବୀନ୍ଦ୍ରନାଥ ହୃଦୟର ଆବେଗରେ ଶିଳ୍ପୀଶ୍ରେଷ୍ଠ ନନ୍ଦଲାଲଙ୍କ ନିମନ୍ତେ କବିତା ରଚନା କରିଥିଲେ "ଯାହାତାହା" ଯେମନ ତେମନ ଆଙ୍କେ କତଇ କିସେ—ତୋମାର ରେଖାେ ଭେଦ ଘଟେ ନାଇ ସ୍ୱର୍ଗେର ଆର ଦ୍ୱିଜେ ।" ସେହିପରି ଶ୍ରୀମତୀ ସୁକାନ୍ତିଙ୍କ ତୂଳିର ରେଖାରେ ରେଖାରେ ଯାହାତାହା, ଯେପରି ସେପରି ଭାବେ ଯେଉଁ ରୂପ ପ୍ରକାଶ ପାଉଛି, ତାହା ମଧ୍ୟରେ ସ୍ୱର୍ଗର ଓ ଦ୍ୱିଜର ବ୍ୟବଧାନ ନାହିଁ । ବରଂ ସେଗୁଡ଼ିକ ନିଜର ଅଲୌକିକ ଗୁଣରେ ଗରୀୟାନ ହୋଇ ଉଠିଛି । ଚିତ୍ରଗୁଡ଼ିକ ବିହାରର ମଧୁବନୀ ଧାରାର



ନିକଟଗାମୀ ହେଲାଭଳି ମନେହୁଏ । ଶ୍ରୀମତୀ ସୁକାନ୍ତି ନବାଗତା ହୋଇଥିଲେ ମଧ୍ୟ ଅସମ୍ଭବ ପ୍ରତିଶ୍ରୁତିର ଅଧିକାରିଣୀ । ପୁନର୍ଜ୍ଜୀବନ ଧାରାର ଭାରତୀୟ ଶୈଳୀ ମଧ୍ୟରେ ଯେଉଁମାନଙ୍କର ବୈଶିଷ୍ଟ୍ୟ ପରିଲକ୍ଷିତ ହେଉଛି ତାହା ମଧ୍ୟରୁ ଶ୍ରୀମତୀ ଶୈଳବାଳା କିଶ୍ୱାଳ ଓ ଶ୍ରୀ ରାଧାକୃଷ୍ଣ ମହାପାତ୍ରଙ୍କର ଚିତ୍ରାବଳି ଅନ୍ତର୍ଗତ, ଶିଳ୍ପୀ ଶ୍ରୀ ରାଧାକୃଷ୍ଣ ମହାପାତ୍ରଙ୍କର ଚିତ୍ରଗୁଡ଼ିକ ସ୍ୱତଃ ଦର୍ଶକର ଦୃଷ୍ଟିକୁ ଓଡ଼ିଶୀ ଧାରାକୁ ଟାଣି ନେଇଯାଏ । ବାସ୍ତବିକ୍ ପାନ୍ଥ ଓ ସୂର୍ଯ୍ୟପୂଜା ଚିତ୍ର ସହିତ ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର ଓ ମାନଭଞ୍ଜନ ଚିତ୍ରକୁ ପାଖକୁ ପାଖ ରଖି

ଚିତ୍ରର କଳାତ୍ମକ ପରିବେଶ ପ୍ରଦର୍ଶନୀ ମଧ୍ୟରେ ସୃଷ୍ଟି ହୋଇ ପାରିଛି । ସ୍ବାଭାବିକ ଧୌତ ମାର୍ଜିତ ପଦ୍ଧତିରେ ଅଙ୍କିତ ଶିଳ୍ପୀ ଶ୍ରୀ ରବିନାରାୟଣ ପଣ୍ଡିତଙ୍କର ବିଶ୍ୱାସହୀନ (Lost Confidence) ଶ୍ରୀ ଅଶୋକ ମହାନ୍ତିଙ୍କର ଅଭିମାନ, ଶ୍ରୀ ରବୀନ୍ଦ୍ରନାଥ ଷଡ଼ଙ୍ଗୀଙ୍କର ଉଷା (The Dawn) ପ୍ରଭୃତି ଚିତ୍ର ସାଧାରଣତଃ ଉଲ୍ଲେଖଯୋଗ୍ୟ । ଏହି ଚିତ୍ର ଗୁଡ଼ିକ ଏତେ କ୍ଷୁଦ୍ର ଯେ ସହଜରେ ଦୃଷ୍ଟି ଆକୃଷ୍ଟ ହୋଇପାରେ ନାହିଁ ।

ପ୍ରଦର୍ଶନୀ ମଣ୍ଡପରେ ସଂପୂର୍ଣ୍ଣ ଭିନ୍ନ ହୋଇ ଧରା ପଡ଼ିଯାଏ ସୁନାମଧନ୍ୟ ପ୍ରବୀଣ କଳାବିତ୍ ଶ୍ରୀ ମୁରଲୀଧର ଟାଲିଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ । ବାସ୍ତବ ଜୀବନ ସହିତ ନିବିଡ଼ ସଂପର୍କ ରକ୍ଷା କରିଥିବା ଏହି ଚିତ୍ରାବଳିର ବର୍ଣ୍ଣ ବିନ୍ୟାସ, ବିଷୟ ସମାବେଶ, ସୁଗଠିତ ରୂପ ଲାବଣ୍ୟ ଓ ଅଙ୍କନ ନୈପୁଣ୍ୟର ପଟାନ୍ତର ନାହିଁ । ପ୍ରତ୍ୟେକ ଚିତ୍ର ଗୋଟିଏ ଗୋଟିଏ ଦୁର୍ଲଭ ରତ୍ନ । ବିଶେଷ ଭାବରେ 'ପ୍ରଦର୍ଶନ ଓ ଗୋପବନ୍ଧୁ ଦାସ ଚିତ୍ର ଦୁଇଟି ହଠାତ୍ ଦର୍ଶକଙ୍କୁ ଅଭିଭୂତ କରିପକାଏ ।



ଆଧୁନିକ ଧର୍ମୀ କଳାକୃତି ଗୁଡ଼ିକ ମଧ୍ୟରୁ ଅଧ୍ୟକ୍ଷ ଶ୍ରୀ ଅଜିତ୍ କେଶରୀ ରାୟ, ଶ୍ରୀ ଶିବ ପାଣିଗ୍ରାହୀ, ଶ୍ରୀ ଅକ୍ଷୟ ଦାସ, ଶ୍ରୀ ଜଗଦୀଶ କାନୁନ୍‌ଗୋ ଓ ଶ୍ରୀ ଲକ୍ଷ୍ମୀଧର ଦାସଙ୍କ ଦ୍ୱାରା ଅଙ୍କିତ ଚିତ୍ରାବଳି ଉଲ୍ଲେଖନୀୟ । ପ୍ରତ୍ୟେକଙ୍କର ସୃଷ୍ଟି ସାବଲୀଳ, ପରୀକ୍ଷା ଧର୍ମୀ ଓ ବ୍ୟକ୍ତି ସ୍ୱାତନ୍ତ୍ର୍ୟର ପରିପୂରକ । ଶାନ୍ତ ଓ ସହନଶୀଳ ବର୍ଣ୍ଣ ବିନ୍ୟାସ ଯୋଗୁଁ ଶ୍ରୀ ଅକ୍ଷୟ ଦାସଙ୍କର 'ବେଲୁନ୍ ସହିତ ଭିକାରୀ' ଓ ଶିବ ପାଣିଗ୍ରାହୀଙ୍କର 'ଏକାକୀ' ଚିତ୍ର ଦୁଇଟି ହାର୍ଦ୍ଦିକ ପ୍ରଶଂସା ଦାବୀ କରିଥାଏ । କାଳି ଓ କଲମ ଦ୍ୱାରା ଅଙ୍କିତ ଶ୍ରୀ ମନୋରଞ୍ଜନ ପଟ୍ଟନାୟକ, ଶ୍ରୀ ଅଖିଳ ଚନ୍ଦ୍ର ପ୍ରଧାନ ଓ ଶ୍ରୀ ପର୍ଶୁରାମ ସାହୁଙ୍କର ଚିତ୍ର ଆଖି ଆଗରେ ଆଶାର ଆଲୋକ ଜଳାଇ ଦିଏ । ଏହି ପର୍ଯ୍ୟାୟରେ ଶ୍ରୀ କୈଳାସ ଚନ୍ଦ୍ର ବିଶ୍ୱକର୍ମାଙ୍କର ପ୍ରଭାତର ସୂର୍ଯ୍ୟାଲୋକ ଚିତ୍ରଟି ମଧ୍ୟ ଏକ ରମଣୀୟ ସୃଷ୍ଟି । କଳା କାର୍ଟୁନ୍



ଉପରେ ବର୍ଣ୍ଣ ଓ ତୁଳି ଦ୍ୱାରା ସେ ଯେଉଁଭଳି ଆଲୋକ ଓ ଛାୟାର ମନୋରମ ସୁଷମା ଫୁଟାଇ ପାରିଛନ୍ତି, ତାହା ବାସ୍ତବିକ୍ ପ୍ରଶଂସନୀୟ । କ୍ଷୁଦ୍ର କ୍ଷୁଦ୍ର ଗୀତ କବିତାଭଳି ଏହି ଚିତ୍ରଗୁଡ଼ିକ ମନ ମଧ୍ୟରେ ଆଲୋଡ଼ନ ସୃଷ୍ଟିକରେ ।

ତେବେ କିମ୍ବା କଳରଙ୍ଗର ଚିତ୍ର ତୁଳନାରେ ଭାସ୍କର୍ଯ୍ୟ ଓ ଗ୍ରାଫିକ ଚିତ୍ରର ମାତ୍ରା ଊଣା । ଏହି ଉଭୟ ବିଭାଗର ଗୁଣାତ୍ମକ ବିକାଶ ନିମନ୍ତେ ବିଭିନ୍ନ ଦିଗରୁ ଉଦ୍ୟମ ହେବା ବାଞ୍ଛନୀୟ । ଗ୍ରାଫିକ୍ ଚିତ୍ର



ମଧ୍ୟରେ ଶ୍ରୀ ବନବିହାରୀ ପରିଡ଼ାଙ୍କର ମିଥୁନ (ଏକ) ଅଧିକ ଆକର୍ଷ-ଣୀୟ ହୋଇପାରିଛି । ଭାରତର ଅନ୍ୟାନ୍ୟ ପ୍ରଦେଶରେ ଗ୍ରାଫିକ୍ କଳାର ଯେଉଁଭଳି ଉନ୍ନତି ଘଟିଛି, ଆମର ଶିଳ୍ପୀମାନେ ସେଥିପ୍ରତି ସଚେତନ ହେବା ଆବଶ୍ୟକ । ଏହି ଦୃଷ୍ଟିରୁ କେବଳ ଦେଖିଲେ ଶ୍ରୀ



ମଳୟ କୁମାର ପଣ୍ଡାଙ୍କର ମନୋପ୍ରିଣ୍ଟ (କେ) ଏକ ବ୍ୟତିକ୍ରମ କୋଣି ଭଳିବାକୁ ପଡ଼ିବ । ଭାସ୍କର୍ଯ୍ୟ କ୍ଷେତ୍ରରେ ସର୍ବଶ୍ରୀ ବେଣୁଧର ସେଠ, ପ୍ରଶାନ୍ତ କୁମାର ଦାସ ଓ ପ୍ରମୋଦ କୁମାର ମହାକୁଡ଼ଙ୍କର କାର୍ଯ୍ୟ ମଧ୍ୟରୁ

ସ୍ୱଚ୍ଛ ଆଧୁନିକତାର ସ୍ପର୍ଶ ମିଳିଥାଏ । ମୂଳ ଉପାଦାନଗୁଡ଼ିକୁ ଗ୍ରହଣକରି କିପରି ଉଚ୍ଚକୋଟୀର କଳା ସୃଷ୍ଟି କରାଯାଇପାରେ ତାହାର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ହେଉଛି ଶିଳ୍ପୀ ଶ୍ରୀ ପ୍ରମୋଦ କୁମାରଙ୍କର କୃତି । ଓଡ଼ିଶାର ପାରଂପରିକ ପଦ୍ଧତିରେ ନିର୍ମିତ ଓ ମୂର୍ତ୍ତି ହେଉଛି ଗୋପୀନାଥ । ଯେଉଁ କାଦି କୋଣାର୍କ ଭୁବନେଶ୍ୱର ଓ ସପ୍ତମାତୃକାର ଅଜସ୍ର ମୂର୍ତ୍ତି ଅତୀତରେ କ୍ରମେ ସୃଷ୍ଟିକରି ପାରିଥିଲା, ତାହାର ସନ୍ତକ ଏହିଠାରେହିଁ ଦେଖିବାକୁ ମିଳେ ।

ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ପ୍ରଥମ ପ୍ରଦର୍ଶନୀ ହୋଇଥିଲା ସର୍ବାଧିକ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ୧୯୬୧ ରେ ଏହି ସମୟରେ ସର୍ବମୋଟ ୪୪୬ଟି କଳାକୃତି ପ୍ରଦର୍ଶିତ ହୋଇଥିଲା । ବହୁକାଳ ଧରି ଓଡ଼ିଶାର ଶିଳ୍ପୀକୁଳ ଯେ ଏଭଳି ପ୍ରଦର୍ଶନୀର ଏକ ପ୍ରତୀକ୍ଷାରେ ଥିଲେ ଏହାହିଁ ତାର ସୂଚନା । ଧାରାବାହିକ ଭାବରେ ପ୍ରଦର୍ଶନୀର ପରିସଂଖ୍ୟାନ ସଂଗ୍ରହ କଲେ ଜଣାଯାଏ ଯେ ୧୯୬୫ ରେ ୯୦ଟି, ୧୯୬୮ରେ ୫୧ଟି, ୧୯୭୦ରେ ୯୫ଟି, ୧୯୭୨ରେ ୫୮ଟି, ୧୯୭୪ରେ ୧୩୭ଟି ଓ ୧୯୭୫ରେ ୯୪ଟି କଳାକୃତି ପ୍ରଦର୍ଶିତ



ହୋଇଛି । ବର୍ତ୍ତମାନର ଏହି ପ୍ରଦର୍ଶନୀରେ ୧୪୪ଟି ଚିତ୍ର, ଗ୍ରାଫିକ୍ ଚିତ୍ର ଓ ଭାସ୍କର୍ଯ୍ୟ ପ୍ରଦର୍ଶିତ ହୋଇଛି । କିନ୍ତୁ ଧାରାବାହିକ ଭାବେ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ମୁଷ୍ଟିମେୟ ଶିଳ୍ପୀ ଅଧିକାଂଶ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ଆସିଛନ୍ତି । ସେମାନଙ୍କ ବ୍ୟତୀତ ଯେଉଁମାନେ ଥରେ ଦୁଇଥର ମାତ୍ର ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଛନ୍ତି ସେମାନଙ୍କ ସଂଖ୍ୟା ଅଧିକ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ତରୁଣତର ଶିଳ୍ପୀମାନଙ୍କର ପ୍ରବୃତ୍ତି ଆପଣା ବୃତ୍ତିର ଅନୁଗାମୀ ହୋଇ-ପାରୁନାହିଁ । କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ହୁଏତ ସେମାନେ ପ୍ରଦର୍ଶନୀରେ ଛବି ପ୍ରଦର୍ଶନ କରିବାକୁ ଗୌଣ କର୍ମ ମଧ୍ୟରେ ଗ୍ରହଣ କରୁଛନ୍ତି କିମ୍ବା ପ୍ରଦର୍ଶନୀରେ ଶିଳ୍ପ ସାମଗ୍ରୀ ବିକ୍ରିହୋଇ ଅର୍ଥ ସଂଗ୍ରହର ଆଶା ଦେଖୁ ନଥିବାରୁ ଭିନ୍ନ ମାର୍ଗଗାମୀ ହେଉଛନ୍ତି । ସମକାଳୀନ କଳା ଓ କଳାକାରମାନଙ୍କର ଉପସ୍ଥିତ ସମସ୍ୟା ମଧ୍ୟରୁ ଏହା ହେଉଛି ଗୋଟିଏ । ଦେଖିବାକୁ ଗଲେ ଜନସାଧାରଣଙ୍କର ସମର୍ଥନ ମିଳିବ

ତା ଜନସାଧାରଣଙ୍କ ମଧ୍ୟରେ ସଚ୍ଚା କଳାବୋଧ ଜାଗ୍ରତ ହେବ ସେହି ସମୟରେ ଯେତେବେଳେ ପ୍ରଦର୍ଶନୀ ମଣ୍ଡପରେ ପ୍ରଚୁର ପରିମାଣରେ କଳାକୃତିର ବିକ୍ରି ପରିଲକ୍ଷିତ ହେବ । ଦର୍ଶକ ଓ ପ୍ରଦର୍ଶକଙ୍କର ହାର୍ଦ୍ଦିକ ସହଯୋଗରେ କଳା ପ୍ରଦର୍ଶନୀଗୁଡ଼ିକ ସଫଳ ହୋଇଥାଏ । ଜଣେ ଯେଉଁପରି କଳା ସୃଷ୍ଟି ନିମନ୍ତେ ତପସ୍ୟା କରେ ଅନ୍ୟ ଜଣେ ସେହି ରସାଳ ସୃଷ୍ଟିକୁ ଉପଭୋଗ କରିବା ନିମନ୍ତେ ମଧ୍ୟ ତପସ୍ୟା କରେ । ଉଭୟଙ୍କର ତପସ୍ୟାର ପୀଠିକା ହେଉଛି ପ୍ରଦର୍ଶନୀ ମଣ୍ଡପ । ଏଠାରେ କଳାକାର ଆପଣା କୃତିର ଉପଯୁକ୍ତ ଗ୍ରାହକ ପାଏ ଓ ଗ୍ରାହକ ନିଜର ରୁଚି ମୁତାବକ ସଂଗ୍ରହ କରିବାପାଇଁ ସାମଗ୍ରୀ ଲାଭକରେ । ଏଣୁ କଳା ପ୍ରଦର୍ଶନୀ ଯଦି ସଂଖ୍ୟାଧିକ ଦର୍ଶକର ରସାନ୍ୱେଷୀ ମନ ମଧୁ ମକ୍ଷିକାକୁ ଆକର୍ଷିତ କରି ନପାରିଲା, କେତେ ଖଣ୍ଡି କୃତି ଯଦି ପ୍ରଦର୍ଶନୀରେ ବିକ୍ରି ନ ହେଲା, ତେବେ ପ୍ରଦର୍ଶନୀର ସାର୍ଥକତା କେଉଁଠି ? କଳା ପ୍ରଦର୍ଶନୀର ସମ୍ପୂର୍ଣ୍ଣ ବୈଷୟିକ ଅର୍ଥ ହେଉଛି କ୍ରେତା ସଂଗ୍ରହର ଆୟୋଜନ ।

୧୯୬୧ରେ ଏକାଡେମୀର ପ୍ରଥମ ପ୍ରଦର୍ଶନୀ ଅନୁଷ୍ଠିତ ହେବା ସମୟରେ ଏହି ସମସ୍ୟା ଯେଉଁପରି ଉତ୍କଟ ଥିଲା, ବର୍ତ୍ତମାନ ହୁଏତ ସେହିପରି ନାହିଁ । ଏହି ସତର ବର୍ଷ ମଧ୍ୟରେ କେତେକ ପରିମାଣରେ ପରିସ୍ଥିତିର ଉନ୍ନତି ଘଟିଛି ସତ ତଥାପି ଉପଯୁକ୍ତ କଳା ବୋଧ ଜ୍ଞାନ ସମ୍ପନ୍ନ ଦର୍ଶକମାନଙ୍କର ଅଭାବ ରହିଛି । ଏହାର ଉନ୍ନତି ବିଧାନ ନିମନ୍ତେ ଏଭଳି ପ୍ରଦର୍ଶନୀକୁ ଭିନ୍ନ ଭିନ୍ନ ସ୍ଥାନରେ ବାରମ୍ବାର କରାଇବା ବିଧେୟ । କେବଳ ରାଜଧାନୀରେ ନ କରାଇ କଟକ, ରାଉରକେଲା, ବ୍ରହ୍ମପୁର, ବାଲେଶ୍ୱର, ବାରିପଦା, ସମ୍ବଲପୁର ପ୍ରଭୃତି ବଡ଼ ବଡ଼ ସହରରେ ପ୍ରଦର୍ଶନୀ କରାଇ ଲୋକମାନଙ୍କର ରୁଚିକୁ ଉନ୍ନତ କରାଇବା ଉଚିତ । ଏହା ମଧ୍ୟରେ ଏକାଡେମୀ ତରଫରୁ କଲିକତା, ଦିଲ୍ଲୀ ଓ ରାଉରକେଲା ପ୍ରଭୃତି ମହାନଗରୀ ଗୁଡ଼ିକରେ କେତେକ ପ୍ରଦର୍ଶନୀ କରାଯାଇଛି । ଏହିଭଳି ଯୋଜନାକୁ ନିର୍ଦ୍ଦିଷ୍ଟ ପରିପ୍ରେକ୍ଷିରେ ଅଧିକ ତ୍ୱରାନ୍ୱିତ କରାଇବା ଆବଶ୍ୟକ । ବଡ଼ ବଡ଼ ଗ୍ରନ୍ଥାଗାର, ବିଶ୍ୱ-ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ସରକାରୀ ସଉଧଗୁଡ଼ିକରେ ଉପଯୁକ୍ତ ଭାବରେ ଉଚ୍ଚକୋଟୀର କଳା ସାମଗ୍ରୀ ସଂରକ୍ଷଣ କରାଇବାକୁ ହେବ । ତାହା ଫଳରେ ଶିଳ୍ପୀକୁ ଉତ୍ସାହିତ କରାଯିବା ସଙ୍ଗେ ସଙ୍ଗେ ଜନସାଧାରଣଙ୍କର କଳାବୋଧକୁ ମଧ୍ୟ ମାର୍ଜିତ କରାଇବା ନିମନ୍ତେ ଉଦ୍ୟମ କରାଯାଇ ପାରିବ ।

ଲଳିତକଳା ହେଉଛି-ନେତ୍ର ରୋଚକ ସାମଗ୍ରୀ । ଏହାକୁ ଦେଖି ଅନୁଭବ କରିବାକୁ ହୁଏ । ରସ ସହେତୁକ ହେଉ କିମ୍ବା ଅହେତୁକ ହେଉ, ତାହାର ଗତି ସର୍ବଦା ଅନ୍ତରର ଅନ୍ତଃପୁରକୁ । ନେତ୍ରପୂର୍ଣ୍ଣ କରି ଦେଖିବା ଦ୍ୱାରା ଏହା ମନ ମଧ୍ୟରେ ସ୍ଥାୟୀ ପ୍ରତିକ୍ରିୟା ସୃଷ୍ଟିକରେ । ଯେତେ ଯେତେ ଭଲ ଧରଣର କଳା କୃତି ଜନସାଧାରଣଙ୍କ ନିକଟରେ ପ୍ରଦର୍ଶିତ କରାଯାଇ ପାରିବ ସେ ପରିମାଣରେ ସେମାନଙ୍କର ରୁଚି ମାର୍ଜିତ ହେବ । କଳାର ଆଙ୍ଗିକ ପ୍ରତି ଯେଉଁପରି ସଚେତନତାର ଅଭିବୃଦ୍ଧି ଘଟିବ, ସେହିପରି ଗୁଣାତ୍ମକ ବିକାଶ ପ୍ରତି ମଧ୍ୟ ଆନ୍ତରିକତା ପ୍ରକଟିତ ହେବ । ଏହା ପରୀକ୍ଷିତ ସତ୍ୟ ।

---

ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ଆୟୋଜିତ ଅଷ୍ଟମ ନିଖିଳ ଉତ୍କଳ ଲଳିତକଳା ପ୍ରଦର୍ଶନୀର ଆଲୋଚନାଚକ୍ରରେ ତା ୨୭।୨।୭୮ ରିଖ ଦିନ ପଠିତ ଓ ଆଲୋଚିତ । ଏହି ପ୍ରଦର୍ଶନୀ ଓ ଆଲୋଚନାଚକ୍ର ଭୁବନେଶ୍ୱରସ୍ଥ ସୂଚନାଭବନରେ ଅନୁଷ୍ଠିତ ହୋଇଥିଲା ।

---

ଅଧ୍ୟାପକ, ସରକାରୀ ଆର୍ଟ ସ୍କୁଲ
ଖଲ୍ଲିକୋଟ, ଗଂଜାମ


## ଯାତ୍ରୀବାହୀ ବସ୍‌ଗୁଡ଼ିକରେ ଆକସ୍ମିକ ଯାଞ୍ଚ

ପରିବହନ ବିଭାଗ ଅଧୀନରେ ଥିବା ଟିକଟ ଯାଞ୍ଚକାରୀଦଳ ଗତ ଜାନୁୟାରୀ ଓ ଫେବୃୟାରୀ ମାସରେ ୧୨ ଗୋଟି ରାଜ୍ୟ ପରିବହନ ବସ୍ ଆକସ୍ମିକ ଭାବେ ଯାଞ୍ଚ କରି ବିନାଟିକଟରେ ଯାତ୍ରା କରୁଥିବା ୧୨୭ ଜଣ ଯାତ୍ରୀ ଓ ୩୦୦ କିଲୋଗ୍ରାମ ମାଲ ଧରିଛନ୍ତି ; ଏ ସଂପର୍କରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଏହା ବ୍ୟତୀତ ଏହି ଯାଞ୍ଚକାରୀ ଦଳ ପରମିଟ ଓ ମଟର ଚଳାଚଳ ଆଇନ ଭଙ୍ଗ କରିଥିବା ଅଭିଯୋଗରେ ୨୬୧ ଟି ଘରୋଇ ଯାତ୍ରୀବାହୀ ବସ୍‌କୁ ମଧ୍ୟ ଯାଞ୍ଚ କରି ଘଟଣା ସ୍ଥଳରେ ୨,୪୧୪ ଟଙ୍କା ଆଦାୟ କରିଛନ୍ତି ।

# ଗୋଟିଏ ଗ୍ରାମ୍ୟ ବ୍ୟାଙ୍କର କାହାଣୀ

ଭୁବନେଶ୍ୱରଠାରୁ ଦଶ ବାର କିଲୋମିଟର ଦକ୍ଷିଣ-ପୂର୍ବକୁ ବାଙ୍କକାଟି ବୋଲି ଏକ ବିଖ୍ୟାତ ଗାଁ । ଗାଁଟି ବାଲିଅନ୍ତା ଓ ବାଲିପାଟଣା ଥାନା ମଝିରେ ଅବସ୍ଥିତ । ମୁଖ୍ୟତଃ ବାଙ୍କକାଟି ବଜାରର ଅଧିବାସୀମାନେ ବ୍ୟବସାୟୀ ଓ ନିକଟସ୍ଥ ଗ୍ରାମବାସୀମାନେ ଦରିଦ୍ର କୃଷୀ । ଦୁଇତିନିବର୍ଷ ତଳେ ଏହି ଗାଁଟିର ଅବସ୍ଥା ଆର୍ଥିକ ଦୃଷ୍ଟିରୁ ଅତି ଖରାପ ହୋଇଯାଇଥିଲା । ବାଙ୍କକାଟି କଂସାବାସନ ପାଇଁ ପ୍ରସିଦ୍ଧ । ମାତ୍ର ଏହି ଶିଳ୍ପଟି ମଧ୍ୟ ଉପଯୁକ୍ତ ମୂଳଧନ ଅଭାବରୁ କ୍ରମଶଃ ସଙ୍କୁଚିତ ହୋଇ-ଆସୁଥିଲା । ୧୯୭୬ ଡିସେମ୍ବର ୨୩ ତାରିଖ ଦିନ ବିପୁଳ ଉତ୍ସାହ ଉଦ୍ଦୀପନା ମଧ୍ୟରେ ଏଠାରେ ପୁରୀ ଗ୍ରାମ୍ୟ ବ୍ୟାଙ୍କର ଉଦ୍‌ଘାଟନ ହୁଏ ଏବଂ ଉକ୍ତ ବ୍ୟାଙ୍କ୍‌ରେ ୨,୬୫୦ ଟଙ୍କାର ବିଭିନ୍ନ ଆକାଉଣ୍ଟ ଖୋଲାଯାଏ ଏବଂ ଏହି ଗ୍ରାମ୍ୟ ବ୍ୟାଙ୍କଟି ଆଜିପର୍ଯ୍ୟନ୍ତ ଅତି ଅଳ୍ପଦିନ ମଧ୍ୟରେ ବାଙ୍କକାଟି ଓ ତାର ଆଖପାଖ ଗାଁ ଗଣ୍ଡାର ଲୋକଙ୍କ ମନରେ ଏକ ଅଦ୍ଭୁତ ଆର୍ଥିକ ପ୍ରତ୍ୟୟ ସୃଷ୍ଟି କରିପାରିଛି ।



୧୯୭୫ ମସିହା ସେପ୍‌ଟେମ୍ବର ମାସ ୨୬ ତାରିଖରେ ଭାରତ ସରକାର ଏକ ଅର୍ଡିନାନ୍‌ସ ଜାରୀକଲେ । ଏହାଫଳରେ କ୍ଷୁଦ୍ର ଓ ନାମମାତ୍ର କୃଷୀ, କୃଷି ଶ୍ରମଜୀବୀ, କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପର ଉନ୍ନତି ପାଇଁ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କମାନ ସ୍ଥାପିତ ହେଲା । ୧୯୭୭ ଜୁଲାଇ ସୁଦ୍ଧା ଭାରତରେ ୪୮ ଟି ଗ୍ରାମ୍ୟ ବ୍ୟାଙ୍କ ଖୋଲା ଯାଇଛି ଏବଂ ଏହାର ସମୁଦାୟ ୮୧୬ ଟି ଶାଖା ସ୍ଥାପିତ ହୋଇଛି । ଏହି ୪୮ ଟି ମଧ୍ୟରୁ ଆମର ଏହି ପୁରୀ ଗ୍ରାମ୍ୟ ବ୍ୟାଙ୍କ ଅନ୍ୟତମ । ଏହା ୧୯୭୬ ଫେବୃଆରୀ ୨୫ ତାରିଖରେ ଉଦ୍‌ଘାଟିତ ହେଲା ଏବଂ ଏହାର ବର୍ତ୍ତମାନ ସୁଦ୍ଧା ୨୬ ଟି ଶାଖା ଖୋଲା ଗଲଣି । ଏହି ପୁରୀ ଗ୍ରାମ୍ୟ ବ୍ୟାଙ୍କ ଇଣ୍ଡିଆନ, ଓଭରସିଜ୍ ବ୍ୟାଙ୍କ ଦ୍ୱାରା ସାହାଯ୍ୟପ୍ରାପ୍ତ ।

ଏହି ଗ୍ରାମ୍ୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ହେଲା କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷି ଶ୍ରମିକ, ଭୂମିହୀନ ଶ୍ରମିକ, ଚଷି ଓ ଲୁଗା ବୁଣାଳି, କାଠ କାରିଗର, ହସ୍ତ ଶିଳ୍ପୀ, କ୍ଷୁଦ୍ର ଓ କୁଟୀର ଶିଳ୍ପ ଆଦିରେ ନିୟୋଜିତ ହେବାକୁ ଚାହୁଁଥିବା ଉଦ୍ୟୋଗୀମାନଙ୍କୁ ସାହାଯ୍ୟ କରିବା ।



ବାଡକାଟିରେ ଅବସ୍ଥିତ ପୁରୀ ଗ୍ରାମ୍ୟବ୍ୟାଙ୍କ ଗତ ଗୋଟିଏ ବର୍ଷ ମଧ୍ୟରେ ବାଲିଅନ୍ତା ବ୍ଲକର ଝିଙ୍କି ଶାସନ, ସରକଣା, ଝୋଟାମାପୁର, ପ୍ରତାପ ଶାସନ, ଭୁଇଁଚୁଆ ପଞ୍ଚାୟତ ଏବଂ ପିପିଲି ବ୍ଲକର ଲକ୍ଷ୍ମୀନାରାୟଣପୁର ଗ୍ରାମପଞ୍ଚାୟତରେ ବିଭିନ୍ନ



ବ୍ୟକ୍ତିଙ୍କୁ ଆବଶ୍ୟକ ଅନୁଯାୟୀ ସାହାଯ୍ୟ କରି ଯଥେଷ୍ଟ ସଫଳତା ଅର୍ଜନ କରିଛି । ଏହି ବ୍ୟାଙ୍କର ବିଶେଷତ୍ୱ ହେଉଛି ଅନ୍ୟ ଜାତୀୟକରଣ ବ୍ୟାଙ୍କ ଏବଂ ଡ଼ାକଘର ଜମାଠାରୁ ଏହା ଶତକଡ଼ା ୫୦ ପଇସା ଅଧିକା ସୁଧ ଦେଇଥାଏ ।

କୃଷି ଋଣ—

ଗତ ଏକବର୍ଷ ମଧ୍ୟରେ ଏହି ବ୍ୟାଙ୍କ ଦୁଇଲକ୍ଷ ପଚିଶ ହଜାର ଟଙ୍କା କୃଷି ଋଣ ଦେଇଛି । ଏହା ଫଳରେ ଚାଷୀମାନେ କୋବି, ଆଳୁ, ବାଇଗଣ, ଆଖୁ, ଟମାଟୋ, ଚିନାବାଦାମ ଓ ଖରାଦିନିଆ, ବର୍ଷାଦିନିଆ ଧାନ ପ୍ରଭୃତି କରୁଛନ୍ତି । କେତୋଟି ଉଲ୍ଲେଖନୀୟ ଦୃଷ୍ଟାନ୍ତ ଦେଖନ୍ତୁ । ଝିଙ୍କିଶାସନର ଖଣ୍ଡାଏତ ସାହି ଗୋଟିଏ ପ୍ରଧାନ ଚାଷୀ ଅଞ୍ଚଳ । ଏମାନେ ବେଶ୍ ପରିଶ୍ରମୀ । ଏ ଗାଁର ପଦନ ଜେନା, ଜଗନ୍ନାଥ ପଣ୍ଡା, ଦିବାକର ଜେନା—ଏ ତିନିଜଣ ବ୍ୟାଙ୍କ୍ ରୁ ଋଣ ନେଇ କୋବି,



ଆଖୁ, ଆଳୁ ପ୍ରଭୃତି ରବିଫସଲ ସହ ଧାନ ମଧ୍ୟ କରିଥିଲେ ଏବଂ ସେଥିରୁ ଲାଭ ଉଠାଇ ଠିକ୍ ସମୟରେ ଋଣ ମଧ୍ୟ ପରିଶୋଧ କରିଦେଲେ । ଭୁଇଁଚୁଆ ଗ୍ରାମର ଅଭିରାମ ଜେନା, ଦିଜ ଭୋଳ ପ୍ରଭୃତି ସାତଜଣ ଚାଷୀ ଏକାଠି ହୋଇ



ଦୁଶଲେହ୍ୟା ନଦୀ କୂଳରେ ସୁନ୍ଦର ସବୁଜ ବର୍ଣ୍ଣର ଆଳୁ କ୍ଷେତ ଓ ଆଖୁ କିଆରୀ ଠିଆ କରିଛନ୍ତି । ଏହି ଜାଗାରେ ପାଣିର ବିଶେଷ ହଇରାଣ । ଜଳସେଚନର ସୁବିଧା ନାହିଁ । ଶୀତଦିନେ ବି ନଈରେ ପାଣି ନଥାଏ । କିନ୍ତୁ ରାସ୍ତାକଡର ଗୋଟିଏ ପାଣିଥିବା ଜାଗାରୁ ଡିଜେଲ ପମ୍ପ ସାହାଯ୍ୟରେ ପାଣି ଉଠାଇ ସେମାନେ ଫସଲ କଲେ ଏବଂ ବ୍ୟାଙ୍କ୍ ହିଁ ସେମାନଙ୍କୁ ଏହି ପାଇଁ ସାହାଯ୍ୟ କଲା । ଚଢେଇବର ଗୋଟାଏ ନିପଟ ମଫସଲ ଗାଁ—ରାସ୍ତାଘାଟ ନାହିଁ । କିନ୍ତୁ ସେ ଗାଁର ସନାତନ ବେହେରା ଓ ଶଙ୍କର ସାହୁ ପ୍ରଥମେ ବ୍ୟାଙ୍କ୍‌ରୁ ଋଣ ନେଇ ଲାଭବାନ୍ ହେବା ଦେଖି ଅନ୍ୟ ଚାଷୀମାନେ ମଧ୍ୟ ତାଙ୍କ ପନ୍ଥା ଧରିଲେଣି । କାନ୍ଥଡିକୁଶାଙ୍ଗ ଗ୍ରାମର କେଦାର ଭଞ୍ଜ, ଦିଗମ୍ବର ନାୟକ ଓ ଦୁଃଶାସନ ରାଉତ ୩ ଜଣ ଏହି ଋଣ ନେଇ ପରିବାପ୍ରସ୍ତ କରି ଭଲ ଲାଭବାନ ହୋଇଛନ୍ତି । ଚାଷରଣ ସହ ତାଙ୍କୁ ସ୍ପେସାଲ ମେସିନ ମଧ୍ୟ ଯୋଗାଇ ଦିଆ ଯାଇଛି ।

ଏହାଛଡା ଗହଣା ବନ୍ଧାଦେଇ ମଧ୍ୟ ଅନେକ ବିଭିନ୍ନ କାର୍ଯ୍ୟ ପାଇଁ ଋଣ ନେଇଛନ୍ତି । ଗ୍ରାମ୍ୟ ବ୍ୟାଙ୍କର ମୂଳଲକ୍ଷ୍ୟ ହେଉ ଗାଁଗହଳରେ ଚାଷର ଉନ୍ନତି ଦେଖିବା । କିନ୍ତୁ କେବଳ ଚାଷ ପାଇଁ ନୁହେଁ—ଗାଁଗହଳର ମୌଳିକ କୁଟୀର ଶିଳ୍ପଗୁଡିକର ଯେପରି ଅବନତି ନହୁଏ, ସେଦିଗରେ ଏହି ବ୍ୟାଙ୍କ୍‌ର କର୍ତ୍ତବ୍ୟ ଗୁରୁତ୍ୱପୂର୍ଣ୍ଣ । ତେଣୁ ଗାଁର କମାର, ତନ୍ତୀ, ବଢେଇ, ପ୍ରଭୃତିଙ୍କର ମୌଳିକବୃତ୍ତିଗୁଡିକର ଉନ୍ନତି ନହେଲେ, ସମାଜର ଅର୍ଥନୈତିକ ମାନବୃଦ୍ଧି ସମ୍ଭବ ନୁହେଁ । ବାଲକାଟି କଂସା ପିତଳର ବାସନକୁସନ ଲାଗି ବିଖ୍ୟାତ । ଗ୍ରାମ୍ୟ ବ୍ୟାଙ୍କ୍ ଏଥିପାଇଁ ୧ ଲକ୍ଷ ୫୦ ହଜାର ଟଙ୍କା ଋଣ ଦେଇଛି । ଏହା ଛଡା ବଢେଇ, କମାର, କଳକିଆ ଦୋକାନୀ, ମନୋହରୀ ଦୋକାନୀ ଓ ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ସେମାନଙ୍କର ଶିଳ୍ପ ବାଣିଜ୍ୟ ବୃଦ୍ଧି ଲାଗି ଋଣ ଦିଆଯାଇଛି ।

ଏହାଛଡା ନିକଟସ୍ଥ ଗ୍ରାମ ରଥିଜେମାର କଂସାପିତଳ ସମବାୟ ସମିତି ଓଡିଶାର ଏକ ପୁରାତନ ସକ୍ରିୟ ସମବାୟ ସଂସ୍ଥା । ଏହି ଗ୍ରାମଟି ମଧ୍ୟ ଏକ ବିରାଟ ଜନବହୁଳ ଗ୍ରାମ । ଏ ଗ୍ରାମର ଅଧିକାଂଶ ଭୂମିହୀନ ବ୍ୟକ୍ତି କଂସା ପିତଳ ବାସନ ବ୍ୟବସାୟ କରି ଚଳନ୍ତି । ଏହି ସମିତିର ମୂଳଧନ ବାବଦକୁ ଗ୍ରାମ୍ୟ ବ୍ୟାଙ୍କ୍ ୫୦ ହଜାର ଟଙ୍କା ଋଣ ଦେଇଛି । ଏଣେ ବାଲକାଟିର ଉଦୟ ମେଟାଲ ଇଣ୍ଡଷ୍ଟ୍ରିଜ୍ ଏକ କ୍ଷୁଦ୍ର ବିନିଯୋଗ ଶିଳ୍ପ ସଂସ୍ଥା । ଏହି ସଂସ୍ଥାକୁ ଗ୍ରାମ୍ୟ ବ୍ୟାଙ୍କ୍ ଋଣ ଦେଇ ସାହାଯ୍ୟ କରିଛି । ଏଥି ସଙ୍ଗେ ସଙ୍ଗେ ଶିକ୍ଷିତ ଯୁବକ କର୍ମ ଯୋଗାଣ, ଛାତ୍ରଭଣ୍ଡାର, ସମ୍ବାଦପତ୍ର ସଂସ୍ଥା (ପ୍ରଜ୍ଞା) ଗ୍ରାମ୍ୟ ବ୍ୟାଙ୍କର ଋଣ ଦ୍ୱାରା ଉପକୃତ ହୋଇଛନ୍ତି ।

ଗ୍ରାମ୍ୟ ବ୍ୟାଙ୍କ୍ ଏସବୁ ପ୍ରକାର ଋଣ ଦେବା ବ୍ୟତୀତ ଆଉ ଗୋଟିଏ ଋଣ ଦିଏ । ତା' ହେଲା 'କଞ୍ଜମ୍ପସନ୍ ଋଣ' । ଲୋକଙ୍କୁ ଅକସ୍ମାତ୍ ବିପଦରୁ ରକ୍ଷା କରିବା ଉଦ୍ଦେଶ୍ୟରେ 'ଏ'ଋଣ ଦିଆଯାଏ ।


ଏହି ବର୍ଷକ ଭିତରେ ଏହି ବ୍ୟାଙ୍କ୍‌ର ପରିଚାଳନା ବୋର୍ଡର ସଦସ୍ୟମାନେ ଏହି ବ୍ୟାଙ୍କ୍ ପରିଦର୍ଶନ କରି ଏହାର କାର୍ଯ୍ୟରେ ଖୁବ୍ ସନ୍ତୋଷ ପ୍ରକାଶ କରିଛନ୍ତି ।

ମୋଟ କଥା ହେଲା-ବାଲକାଟିର ଏହି ଗ୍ରାମ୍ୟ ବ୍ୟାଙ୍କ୍‌ଟି ଲୋକଙ୍କ ମନରେ ଆଶା, ଭରସା ଓ ଆତ୍ମବିଶ୍ୱାସ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଲୋକଙ୍କ ଭିତରେ ଖୁବ୍ ଉଦ୍ୟମ ଓ ଉତ୍ସାହ ବୃଦ୍ଧି କରିପାରିଛି । ଅବଶ୍ୟ ଏଥିଲାଗି ଏହି ବ୍ୟାଙ୍କ୍‌ର ପରିଚାଳକ ଓ କର୍ମକର୍ତ୍ତାମାନେ ଖୁବ୍ ଲାଗି ପଡିଛନ୍ତି ।

ପୁରୀ ଗ୍ରାମ୍ୟ ବ୍ୟାଙ୍କ୍‌ର ଚେୟାରମ୍ୟାନ୍ ଶ୍ରୀ ସୁରେନ୍ଦ୍ର ମହାନ୍ତି ଏବଂ ବ୍ୟାଙ୍କ୍‌ର ମାନେଜର ଶ୍ରୀ ବିଚିତ୍ରାନନ୍ଦ ନାୟକ, ଫିଲ୍ଡ୍ ଅଫିସର ଶ୍ରୀ ବାସୁଦେବ ପଟ୍ଟନାୟକ ଓ ସହକାରୀ ଶ୍ରୀ ବିଶ୍ୱନାଥ ବେହେରା ପ୍ରମୁଖଙ୍କ ଉତ୍ସାହପୂର୍ଣ୍ଣ କର୍ମୋଦ୍ୟମ ଏହି ବ୍ୟାଙ୍କ୍‌କୁ ଏକ ଆଦର୍ଶ ବ୍ୟାଙ୍କ୍ ରୂପେ ପ୍ରତିଷ୍ଠା ଦେଇ ପାରିଛି ।

ଅସଲକଥା ହେଲା—ବ୍ୟାଙ୍କ୍ ର କର୍ମଚାରୀଗଣ କେବଳ ଚାକିରୀ କରୁଛନ୍ତି ବୋଲି କର୍ତ୍ତବ୍ୟ କରୁନାହାନ୍ତି । ମୋର ଯାହା ମନେ ହେଉଛି—ସେମାନେ ଗାଁଗହଳର ଦରିଦ୍ର ଦୁଃଖୀ ଚାଷୀମାନଙ୍କ ସହ ନିଜକୁ ମିଶାଇ ଦେଇଛନ୍ତି ଏବଂ ସେମାନଙ୍କର ଭାଗ୍ୟ ପରିବର୍ତ୍ତନ ଲାଗି ଆପଣା ଆଡୁ ଶପଥ ନେଇ ସାରିଛନ୍ତି ।

ମନୀଷା



**ଜାତୀୟ ଜୀବନ**

ଜାତୀୟ ଜୀବନ ବ୍ୟକ୍ତିଗତ ଜୀବନଠୁ ପୃଥକ୍ । ସ୍ୱାର୍ଥପରତା ଯେତେ ବୃଦ୍ଧି ହେବ, ଜାତୀୟ ଜୀବନ ସେତିକି କମିବ । ସ୍ୱାର୍ଥପରତା ଯେତିକି କମିବ, ଜାତୀୟ ଜୀବନ ସେତିକି ବୃଦ୍ଧି ହେବ ।

# ହରିଜନଙ୍କ ସ୍ୱାର୍ଥରକ୍ଷା ଲାଗି ବ୍ୟାପକ ବ୍ୟବସ୍ଥା

(ଓଡିଶା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶାବଳୀକୁ ନମୁନାଭାବେ ବିସ୍ତାର କରିବା ଲାଗି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ)

ଆଗାମୀ ପାଞ୍ଚବର୍ଷ ମଧ୍ୟରେ ଦେଶରୁ ଅସ୍ପୃଶ୍ୟତା ସଂପୂର୍ଣ୍ଣଭାବେ ଦୂରକରିବା ଲାଗି ସରକାର ଦୃଢ଼ସଂକଳ୍ପ ହୋଇଥିବାରୁ ହରିଜନ ଓ ଆଦିବାସୀ ଶ୍ରେଣୀର ଲୋକଙ୍କ କଲ୍ୟାଣ ଲାଗି ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ଏଥିଲାଗି ସେମାନଙ୍କର ଶିକ୍ଷା ଏବଂ ଅର୍ଥନୈତିକ ବିକାଶ ନିମନ୍ତେ ପୂର୍ବରୁ ଯେଉଁ ଅବହେଳା ପ୍ରଦର୍ଶନ କରାଯାଇଥିଲା ତାହା ସୁଧାରିବା ଲାଗି ଏହି ଦୁଇଟି ଦିଗ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି । ସମୀକ୍ଷାରୁ ଜଣାଯାଏ ଯେ ଉପରୋକ୍ତ ଦୁଇ ଗୋଷ୍ଠୀର ଲୋକଙ୍କ ମଧ୍ୟରେ ଶିକ୍ଷାର ସ୍ତର ଯତ୍‌ସାମାନ୍ୟ ବୃଦ୍ଧି ପାଇଥିଲେ ମଧ୍ୟ ଆମର ବିଭିନ୍ନ ଯୋଜନାମାନଙ୍କରୁ ଯାହାକିଛି ଅର୍ଥନୈତିକ ସୁଫଳ ମିଳି ପାରିଛି ତହିଁରେ ହରିଜନ ଓ ଆଦିବାସୀ ଶ୍ରେଣୀର ଲୋକମାନେ ଆଶାନୁରୂପ ଅଂଶ ଗ୍ରହଣ କରି ପାରି ନାହାନ୍ତି । ତେଣୁ ସେମାନଙ୍କର ଅର୍ଥନୈତିକ ଉନ୍ନୟନ ନିମନ୍ତେ ସମାନଭାବେ ଅଗ୍ରାଧିକାର ଦେବାଲାଗି ନୂତନ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ସେମାନଙ୍କର କଲ୍ୟାଣ ଲାଗି ଏକ ବିଧିବଦ୍ଧ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ଆନ୍ତଃ ମନ୍ତ୍ରଣାଳୟ କାର୍ଯ୍ୟନିର୍ବାହୀ ଦଳ ଗଠନ କରାଯାଉଛି । ଏତଦ୍‌ବ୍ୟତୀତ ହରିଜନ ଓ ଆଦିବାସୀଙ୍କ ଲାଗି ଗୋଟିଏ ତଥା ଅନୁନ୍ନତ ଶ୍ରେଣୀ ଲାଗି ଗୋଟିଏ ଏଭଳି ଦୁଇଟି କମିଶନ ମଧ୍ୟ ଗଠନ କରିବାକୁ ସ୍ଥିର ହୋଇଛି । ଏହି କମିଶନ ଦ୍ୱୟ ଉପରୋକ୍ତ ଶ୍ରେଣୀରେ ଲୋକଙ୍କର ସମ୍ବିଧାନ ପ୍ରଦତ୍ତ ଅଧିକାର ଉପଭୋଗ ତଥା ଅନ୍ୟାନ୍ୟ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କ ସ୍ୱାର୍ଥରକ୍ଷା ସମ୍ବନ୍ଧୀୟ ତଥ୍ୟ ଅନୁସନ୍ଧାନ କରିବେ ଏବଂ ଏ ସମ୍ପର୍କୀୟ ବ୍ୟବସ୍ଥା ମଧ୍ୟ ଯଥୋଚିତ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ମଧ୍ୟ ଅନୁସନ୍ଧାନ କରି ସେଥିଲାଗି ସୁପାରିଶମାନ ଦେବେ ।

ଦେଶରୁ ଅସ୍ପୃଶ୍ୟତା ଦୂରୀକରଣ ଲାଗି ବଳବତ୍ତର ରହିଥିବା ଆଇନକୁ ଗତବର୍ଷ ଅକ୍ଟୋବର ପହିଲରୁ କଡାକଡି ଭାବେ କାର୍ଯ୍ୟକାରୀ କରାଯାଉଛି । ଏହି ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉଛି କି ନାହିଁ ତାହାର ତତ୍ତ୍ୱାବଧାନ ନିମନ୍ତେ ଓଡିଶା ସମେତ ଆନ୍ଧ୍ର ପ୍ରଦେଶ, ବିହାର, ଓ ଗୁଜୁରାଟ ଆଦି ରାଜ୍ୟମାନଙ୍କରେ ବିଭିନ୍ନ ସ୍ତରରେ ସ୍ୱତନ୍ତ୍ର ପ୍ରକୋଷ୍ଠମାନ ଖୋଲଯାଇଛି । ଏହାଛଡା ଏ ସମ୍ବନ୍ଧୀୟ ମକଦ୍ଦମାର ତୁରନ୍ତ ଫଇସଲା ଲାଗି ଗୁଜରାଟ ସରକାର କେତେକ ନିର୍ଦ୍ଧାରିତ ଅଞ୍ଚଳମାନଙ୍କରେ ଭ୍ରାମ୍ୟମାଣ କୋର୍ଟ ବସାଉଛନ୍ତି । ଉପରୋକ୍ତ ରାଜ୍ୟମାନଙ୍କରେ ନାଗରିକ ଅଧିକାର ଆଇନର ସୁରକ୍ଷା ନିମନ୍ତେ ଉପଦେଷ୍ଟା, ସମୀକ୍ଷା ଏବଂ କାର୍ଯ୍ୟ ନିର୍ବାହୀ କମିଟିମାନ ମଧ୍ୟ ଗଠନ କରାଯାଇଛି । ହରିଜନମାନଙ୍କର ଜମିକୁ ଜବରଦଖଲ କରିବା କାର୍ଯ୍ୟକୁ ଏକ ଧର୍ତ୍ତବ୍ୟ ଅପରାଧ ରୂପେ ପରିଗଣିତ କରିବା ଲାଗି ପ୍ରଧାନମନ୍ତ୍ରୀ ସବୁ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପୂର୍ବରୁ ଚିଠି ଲେଖି ପରାମର୍ଶ ଦେଇଛନ୍ତି । ଏହି ଚିଠି ସହିତ ପ୍ରଧାନମନ୍ତ୍ରୀ ଏ ସମ୍ପର୍କରେ ଓଡିଶାର ମୁଖ୍ୟମନ୍ତ୍ରୀ, ଓଡିଶାର ବିଭିନ୍ନ ଜିଲ୍ଲାପାଳ ଏବଂ ପୋଲିସ ସୁପରିନ୍‌ଟେଣ୍ଡେଣ୍ଟମାନଙ୍କୁ ଯେଉଁ ନିର୍ଦ୍ଦେଶାବଳୀ ଦେଇଛନ୍ତି ତାହାର ନକଲମାନ ପଠାଇ ତଦନୁରୂପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦେଇଛନ୍ତି ।

ହରିଜନମାନଙ୍କ କଲ୍ୟାଣ ଲାଗି କେନ୍ଦ୍ରୀୟ ଉଦ୍ୟୋଗ ଯୋଜନା କାର୍ଯ୍ୟ ନିମନ୍ତେ ୧୯୭୬-୭୭ ବର୍ଷଲାଗି ସ୍ୱତନ୍ତ୍ରଭାବେ ବ୍ୟୟବରାଦ କରାଯାଇଥିବା ୧୩.୪୩ କୋଟି ଟଙ୍କା ୧୯୭୮-୭୯ ବର୍ଷ ନିମନ୍ତେ ୧୮.୭୯ କୋଟି ଟଙ୍କାକୁ ବୃଦ୍ଧି କରିବା ଲାଗି ପ୍ରସ୍ତାବ ଦିଆଯାଇଛି । ସେହି ଅନୁଯାୟୀ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ଯୋଜନା କାର୍ଯ୍ୟ ନିମନ୍ତେ ବ୍ୟୟବରାଦର ଆନୁପାତିକ ବୃଦ୍ଧି ଘଟିଛି । ୧୯୭୮-୭୯ ବର୍ଷ ଲାଗି କେନ୍ଦ୍ରୀୟ ପରିପୋଷିତ କାର୍ଯ୍ୟକ୍ରମମାନଙ୍କରେ ହରିଜନମାନଙ୍କର ଅର୍ଥନୈତିକ ବିକାଶ ନିମନ୍ତେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବାର ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବର ଚୂଡାନ୍ତ ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ୧୯୭୮-୭୯ ଲାଗି ବଜେଟରେ ପ୍ରତୀକ ବ୍ୟୟବରାଦ ସ୍ୱରୂପ ୫୦ ଲକ୍ଷ ଟଙ୍କା ଦିଆଯାଉଛି ।


ହରିଜନ ଓ ଆଦିବାସୀ ଛାତ୍ରମାନଙ୍କୁ ମେଡିକାଲ ଓ ଇଞ୍ଜିନିୟରିଂ ଭଳି ବୈଷୟିକ ପାଠ୍ୟକ୍ରମରେ ଶିକ୍ଷାଦାନର ସୁଯୋଗଦେବାଲାଗି ବୁକ୍ ବ୍ୟାଙ୍କ" ମାନ ଗଠନ କରିବାର ପ୍ରସ୍ତାବ ରହିଛି । ୧୯୭୮-୭୯ ବର୍ଷ ନିମନ୍ତେ ଏଥିପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଉଛି । ଏହି ଯୋଜନା ଦ୍ୱାରା ପ୍ରାୟ ୧୫ ହଜାର ହରିଜନ ଓ ଆଦିବାସୀ ଛାତ୍ର ଉପକୃତ ହେବେ ଓ ଶିକ୍ଷା ମାଟିକୁ ଯେପରି ଏହି ଛାତ୍ରମାନେ ଅର୍ଥାଭାବ ଯୋଗୁଁ ଏହି ପାଠ୍ୟକ୍ରମରୁ ବଞ୍ଚିତ ନହେବେ ସେଥିପାଇଁ ହଷ୍ଟେଲରେ ରହିଥିବା ଛାତ୍ରମାନଙ୍କର ଆନୁସଙ୍ଗିକ ଋଣ ବାବଦକୁ ଗତ ଜାନୁଆରୀ ପହିଲରୁ ମାସିକ ୬୦ ଟଙ୍କା କରି ଖର୍ଚ୍ଚ ଯୋଗାଇ ଦିଆଯିବ ।

# କୁଣ୍ଢେଇଗୋଳାରେ ସବୁଜ ବିପ୍ଳବ

ଶ୍ରୀ ଦିଗମ୍ବର ଶତପଥୀ

ଓଡ଼ିଶାର ଅଗଣିତ କ୍ଷୁଦ୍ରଚାଷୀ, ନାମମାତ୍ର ଚାଷୀ ଓ କୃଷି ଶ୍ରମିକମାନଙ୍କର ଦୁର୍ଦ୍ଦଶା ଦୂର କରିବା ପାଇଁ କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥାର ସୃଷ୍ଟି । ସମ୍ବଲପୁରରେ ଏହିସଂସ୍ଥା ୧୯୭୫ ଜାନୁଆରୀ ମାସରୁ କାର୍ଯ୍ୟ କରୁଛି । ନଇକୁଳ ବ୍ଲକର ଚାରୋଟି ଗ୍ରାମ ପଞ୍ଚାୟତ କୁଣ୍ଢେଇଗୋଳା, ହୁଣାପାଳ ପରାସମା ଓ କଣ୍ଟାବାହାଲ ଦୀର୍ଘ ତିନିବର୍ଷ ଧରି ମରୁଡ଼ି ହାତରେ ପଡ଼ିଥିଲା । ଲୋକମାନେ ହନ୍ତସନ୍ତ ହେଉଥିଲେ । କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା, ସେ ସ୍ଥାନକୁ ଉପଯୁକ୍ତ ଭାବି କାର୍ଯ୍ୟ ଆରମ୍ଭ କଲା । ସମ୍ବଲପୁର ଜିଲ୍ଲାପାଳ, ଉଠା ଜଳସେଚନ ଯୋଜନା, କୃଷି ବିଭାଗ, ସମବାୟ ସମିତି ଓ ବ୍ୟାଙ୍କର କର୍ମଚାରୀମାନେ ସମସ୍ତେ ସାହାଯ୍ୟ କଲେ ।

କୁଣ୍ଢେଇଗୋଳା ଗ୍ରାମର ପାଖରେ ବହିଯାଉଥିବା ଟିକିରା ନଦୀର ପାଣିକୁ ଡ଼ିଜେଲ ପମ୍ପଯୋଗେ ଉଠାଇ ଏଠାରେ ଗଲା ରବିଋତୁରେ ଗହମ ଫସଲ ଆରମ୍ଭ କରାଗଲା । ୧୬୦ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କର ୧୨୫ ଏକର ଜମିରେ ଗହମ ଫସଲ ହସି ଉଠିଲା । ଷୋହଳ ଅଶ୍ୱଶକ୍ତି ବିଶିଷ୍ଟ ୩ଟି ଓ ପାଞ୍ଚ ଅଶ୍ୱଶକ୍ତି ବିଶିଷ୍ଟ ୪ଟି ପମ୍ପରେ ଅନବରତ ପାଣି ଉଠାଇ କ୍ଷେତକୁ ଶସ୍ୟଶ୍ୟାମଳା କରାଗଲା । ସ୍ଥାନୀୟ କୃଷି କର୍ମଚାରୀମାନେ ଆପ୍ରାଣ ଉଦ୍ୟମ କରି ଚାଷୀମାନଙ୍କୁ ବୁଝାଇଲେ । ଏବେ ସେଠାରେ ଗହମ କ୍ଷେତକୁ ଦେଖିଲେ ଆଖି ଖୋସି ହେବ । ଲୋକମାନେ ଏକର ପିଛା ହାରାହାରି ୧୨ କୁଇଣ୍ଟାଲରୁ କମ୍ ଗହମ ପାଇବେ ନାହିଁ ।



ହାରାହାରି ଏକର ପିଛା ସେମାନେ ୮୦୦ ଟଙ୍କା ଲାଭ ପାଇବେ ।

ଜଳସେଚନ ବାବଦରେ ଯେଉଁ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ ସେଥିରୁ ଅଧେ ବହନ କରିବ କ୍ଷୁଦ୍ର ଚାଷୀ ଉନ୍ନୟନ ସଂସ୍ଥା । ସମବାୟ ସମିତିର ଋଣ ସେମାନେ ସାଙ୍ଗେ ସାଙ୍ଗେ ପରିଶୋଧ କରିଦେବେ । ତା' ପରେ ସେଥିରେ ଅନ୍ୟାନ୍ୟ ଫସଲ ଚାଷ ଆରମ୍ଭ କରିଦେବେ । ଏ ଅଞ୍ଚଳର ଲୋକଙ୍କର ଆଖି ଖୋଲିଦେବା ପାଇଁ ଗତ ଫେବ୍ରୁଆରୀ ୨୩ ତାରିଖରେ ଏଠାରେ ଏକ କୃଷକ ତାଲିମ ଶିବିର ଆୟୋଜିତ ହୋଇଥିଲା ଉପଯୁକ୍ତ ଚାରୋଟି ଗ୍ରାମପଞ୍ଚାୟତର ୧୬୦ ଜଣ ଚାଷୀ ଗହମ କ୍ଷେତ ବୁଲି ଦେଖିଥିଲେ ଏବଂ ସେଠାରେ କୃଷି ବିଶେଷଜ୍ଞମାନେ ସେମାନଙ୍କୁ ଚାଷ ସଂପର୍କରେ ତାଲିମ ଦେଇଥିଲେ । ଗହମ ସାଙ୍ଗକୁ କପା, ସୋରିଷ, ଚିନାବାଦାମ ଲଙ୍କା ଆଦି ଅନ୍ୟାନ୍ୟ ଅର୍ଥକାରୀ ଫସଲ ସଂପର୍କରେ ଲୋକମାନଙ୍କୁ ଧାରଣା ଦିଆଯାଇଥିଲା । ଚାଷୀମାନଙ୍କୁ ପମ୍ପସେଟ୍ ଓ ଅର୍ଥ ସାହାଯ୍ୟ ସଭା ସ୍ଥଳରେ ବଣ୍ଟନ କରାଯାଇଥିଲା । ସମ୍ବଲପୁରର କୃଷି ସଂପର୍କରେ ଆସୁଥିବା ସମସ୍ତ ବିଭାଗର କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ ।



ସମ୍ବଲପୁର କ୍ଷୁଦ୍ରଚାଷୀ ଉନ୍ନୟନ ସଂସ୍ଥା ପକ୍ଷରୁ ୨୩୧ ଜଣ ଚାଷୀଙ୍କୁ କୃଷି ସରଞ୍ଜାମ ଦିଆଯାଇଛି । ଏହି ଜିଲ୍ଲାରେ ୧୫୧ଟି ଗୋଷ୍ଠୀ ଜଳସେଚନ ଯୋଜନାକୁ ଅର୍ଥ ସାହାଯ୍ୟ ଦିଆଯାଇଛି ଏବଂ ଏଗୁଡ଼ିକଦ୍ୱାରା ଅଧିକ ୬,୭୨୮ ଏକରରେ ଜଳସେଚନ ବ୍ୟବସ୍ଥା ହୋଇଛି । ଏହାବ୍ୟତୀତ ପ୍ରାୟ ୩,୭୩୧ ଟି ସେଚକୂପ ଖୋଳିବା ପାଇଁ ଅର୍ଥ ଯୋଗାଣ ହୋଇଛି । ଏଥିରୁ ୧,୮୭୯ ଟି କୂଅଖୋଳା କାମ ସରି ସବ୍‌ସିଡ଼ି ମିଳି ସାରିଲାଣି । ଗଲାବର୍ଷଠାରୁ ପଶୁପାଳନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ଏବଂ ଏ ଜିଲ୍ଲାରେ ୭୫ ଟି ଛେଳି ଓ ୩୫ ଟି ଘୁଷୁରି ଇଉନିଟ୍ ବଣ୍ଟାଯାଇଛି ।

●

---

### କୃଷକ ହିଁ ମୂଳ

...... ଓଡ଼ିଆ ଜାତିର କୃଷକମାନଙ୍କ ସଂଖ୍ୟା ବେଶୀ । ତେଣୁ ସେମାନଙ୍କର ଉନ୍ନତି ନ ହେଲେ ଦେଶର ଆଉ କି ଉନ୍ନତି ?.........
ଦେଶର ପ୍ରଚଳିତ ଅଇନ ରୟତ ବା ଚାଷୀ ଉପରେ ସମସ୍ତ କ୍ଷତି ଲଦି ଦିଏ । କିନ୍ତୁ ତାହାର କ୍ଷତି ବଦଳରେ ପ୍ରତିମୂଲ୍ୟ କାହିଁ ?

---

# ଓଡ଼ିଶାର ଆଦିବାସୀ

## କି'ଏ ସେମାନେ ? କ'ଣ ସମସ୍ୟା ?

(୨)

ଶ୍ରୀ ଗୋପୀନାଥ ମହାନ୍ତି

ଅଳ୍ପ ଖାଅ, ବେଶୀ ଖଟ, ଆତ୍ମ ତ୍ୟାଗ ଓ ନିଷ୍ଠାପର ନିଃସ୍ୱାର୍ଥ ଜନ ସେବାରେ ଆଦର୍ଶ ଦେଖାଅ, ମାଳକୁ ଯାଇ ସେହି ଶୋଷିତ, ଦଳିତ, ଅତ୍ୟାଚାରିତ ଜନ ଗୋଷ୍ଠୀଙ୍କ ସେବାକର । ଏଭଳି ଉଦ୍‌ବୋଧନ ଦେଇ ଦେଇ କାହା କଣ୍ଠ ବାତ୍ସପରୁଦ୍ଧ ହୋଇ ପାରେ, କିଏ ବାରମ୍ବାର ରୁମାଲ ବ୍ୟବହାର କରି ପାରନ୍ତି, କିନ୍ତୁ ଏଥିରେ କାମ ହୋଇ ନାହିଁ କି ହେଉ ନାହିଁ । ମାନବ କୀର୍ତ୍ତି, ଦରିଦ୍ର ପ୍ରୀତି, ମହତ୍ ଆଦର୍ଶ, ଏଥିରେ କାମ କରିବା ଲୋକ କାହାନ୍ତି, ନୁହେଁ । ସଂସାରର ଧର୍ମ ବୁଡ଼ି ନାହିଁ, ସେମାନେ ପୁରସ୍କାର କି ନାଁ ବି ଖୋଜନ୍ତି ନାହିଁ । କାହା ବକ୍ତୃତାରେ ମାତନ୍ତି ନାହିଁ । କିନ୍ତୁ ସେମାନଙ୍କ ସଂଖ୍ୟା ଅତିକମ୍ । ସାଧାରଣ ମଣିଷ ଖୋଜେ ନିଜ ସୁଖ, ସୁବିଧା ସବୁ ପ୍ରକାର ଲାଭ, ତା ଛଡ଼ା—ଚାକିରି କରିଥିଲେ ଚାକିରିରେ ଚଞ୍ଚଳ ଜଲଦି ପଦୋନ୍ନତି । ସେ ବୁଝିବେ, ଅନୁନ୍ନତ, ଅତି ଅନୁନ୍ନତ ଆଦିବାସୀ ଅଞ୍ଚଳରେ ଅବସ୍ଥାପିତ ହେଲେ ବସବାସ ଗଲାଚଳି ସୁବିଧାତ ନାହିଁ କ୍ଷତି ବହୁତ । ତେଣୁ ବଦଳି ଖବର ଶୁଣୁ ଶୁଣୁ ସେ ପାଦ୍ମ ପର୍ଯ୍ୟନ୍ତ ଧରା ଧରି ଚେଷ୍ଟା ଆରମ୍ଭ କରିଦିଏ ଯେମିତି ସେଠିକି ବଦଳି ନ ହେବ, ବା ହେଲେ ପୁଣି ଅତି ଶୀଘ୍ର ସେ ଅଞ୍ଚଳରୁ ବଦଳି ହୋଇଯିବ 'ଭଲ ଜାଗାକୁ' । ସେଠି ଥିବାଯାକେ ସେ ଦିନ ଗଣୁଥାଏ, ହାତ ଦେଖାଉ ଥାଏ, ଜାତକ ଦେଖାଉ ଥାଏ, 'ଏ ଗ୍ରହାଗ୍ରର କେବେ କଟିବ ?' ସେ ଜାଣେ, ସେଠି ସେ ଜନପ୍ରିୟ ହେଲେ । 'ସେଠି ସେ ଭଲ କାମ କରୁଛି, ଥାଉ ସେଠି' କହି ଲୋକେ ତା ବଦଳି କଥା ଭୁଲିଯିବେ ଓ ଚାକିରିରେ ପଦୋନ୍ନତି ବେଳକୁ ବି ତାକୁ ଭୁଲିଯିବେ । ଅନ୍ୟତ୍ର ତା ସହକର୍ମୀମାନେ ସୁବିଧାରେ ଥିବେ, ଭଲରେ ଥିବେ, ସୁଦୃଷ୍ଟିକୁ ଆସୁଥିବେ ବୋଲି ସେ କ୍ଷୋଭ କରୁଥିବ ।

ତାର ବି ଯୁକ୍ତିଯୁକ୍ତ କାହାଣୀଟିଏ ଥିବ । ଉନ୍ନତ ସ୍ଥାନରେ ହେଉ, ଅନୁନ୍ନତ ସ୍ଥାନରେ ହେଉ, ଦରମାତ ଏକା, ଅଳ୍ପ କେତେଠି ୨୦% ଅଧିକା ପରା, କିନ୍ତୁ ଖର୍ଚ୍ଚ ଯେ ଦିଗୁଣରୁ ବେଶି । ନିଜେ ରହିବ ଠା'କେ, ପାଠ ପଢୁଥିବା ପିଲାଏ ରହିବେ ଆଉ ଠା'କେ, ହୁଏତ ତାଙ୍କ ମାପିତ୍‌ରେ ସ୍ତ୍ରୀ ଥିବେ । ବାପ ମା ଭାଇ ଭଉଣୀ ଥିବେ ଆଉ ଠା'କେ । ଅନୁନ୍ନତ ଅଞ୍ଚଳରେ ପ୍ରକୃତରେ କାମ କରିବାକୁ ଚାହିଁଲେ ଚାଲି ଚାଲି ଘାଟି ପର୍ବତ ଚଢ଼ିବାକୁ ପଡୁଥିବ, ବଣେ ବଣେ ବୁଲିବାକୁ ପଡୁଥିବ, ସେଠି ଜନ୍ତୁଜନ୍ତୁା ଭୟ, ସାଙ୍ଗରେ ରୋଷେୟା, ଶିକାରୀ ଓ ଭାରୁଆ ଯିବା ଦରକାର । ଲୁଣ ଟିକିଏ ବି ମିଳେନାହିଁ । ସ୍ଥାନେ ସ୍ଥାନେ, ଅତି ଅସନା କନ୍ଧ ଘରେ ବସା, ଦେହ କଷ୍ଟ, ରୋଗଭୟ, ଚିକିତ୍ସା ଅଭାବ, ଚଳିବା ମାପିକେ ବସା ଘରଟିଏ ବି ଅଭାବ । ସୁଖ ସୁବିଧା କିଛିନାହିଁ । ନିଜ ଅଞ୍ଚଳ ନିଜ ସମାଜଠୁଁ ଦୂରରେ ରହିବାରୁ ନାନାପ୍ରକାର ସ୍ୱାର୍ଥହାନି ।

ସେ ବର୍ଦ୍ଦଳି ଖୋଜିବ, ଥିଲାଯାକେ ର' ଠ' କରି କାମ ଚଳେଇବ, ମରୁଭୂମିରେ ବି ମଣିଷ ଯେମିତି ଜଳ ଖୋଜେ ହୁଏତ ସେମିତି ନିଜପାଇଁ 'ଲାଭଗୁଚ୍ଛ' ଖୋଜିବ, ଶୋଷକ ସମାଜରେ ବି ନାଁ ଲେଖାଇପାରେ, ଯେଣିକି—

"ସେବା—କାର୍ପଣ୍ୟ—ଦେବା—ଫଳେ କିବା ଅସାଧ୍ୟ ମହୀତଳେ ?"

"ଦେବ, ଦିଆଇବ, ଦେ' ପଦ ବୋଲାଇବ ।"

ଆଉ "ବାଘ,—ଥରେ ମଣିଷ ରକ୍ତ ଚାଖିଲେ ମଣିଷଖିଆ ହୁଏ ।"

ଖାଲି ଆଇନ କଲେ କାମ ହୁଏ ନାହିଁ, ଧମକ ଚମକ ଦଣ୍ଡରେ ହୁଏନାହିଁ । ଉଦ୍‌ବୋଧନ ଦେଲେ ହୁଏନାହିଁ ବିଶେଷତଃ ଯେଉଁ ଦେଶରେ ଛୁଞ୍ଚି—ଖଣ୍ଡୁଣି ଉଦାହରଣ ବହୁତ ବହୁତ, ଦରକାର ପଡ଼େ ସମଦର୍ଶିତା, ସହାନୁଭୂତି, ଓ ଅବସାନୁଯାୟୀ ବ୍ୟବସ୍ଥା । ଅନୁନ୍ନତ ଆଦିବାସୀ ଉନ୍ନୟନ ପ୍ରଥମ କର୍ତ୍ତବ୍ୟ । ଏତକ ସ୍ୱୀକୃତ ହେଲେ ତାପରେ ବିଚାର୍ଯ୍ୟ—ସେଠି କାର୍ଯ୍ୟ କରିବା ଯେଉଁଳି କଷ୍ଟ ଯେତେପ୍ରକାର ଅସୁବିଧା ଅଛି ତାକୁ ଭାବିଲେ,—କେତେ ଟଙ୍କା ଓ କି କି ସୁବିଧା ସୁଯୋଗ ଇନ୍‌ସେଣ୍ଟିଭ୍ ଦେଲେ ଲୋକେ ଆଗ୍ରହରେ ସେଠି କାମ କରିବାକୁ ଧାଇଁବେ । ଦେଇ ପାରିଲେ ମିଳିବେ । ତଥାପି ମଣିଷ ଚରିତ୍ରର ନିହିତ ଦୋଷ ଦୁର୍ବଳତା ବାହାରିବା ସମ୍ଭାବନା ଲୋପ ହେବନାହିଁ । ସେ ବିପଦ ସବୁଠି ଥାଏ କିନ୍ତୁ କାମ ହେବ ଓ ଭଲ ହେବ । ଯେଉଁଠି ବହୁ ସଂଖ୍ୟାରେ ବଛା ବଛା ଲୋକ, ଦରମାର ଲୋକ ଦରକାର ସେଠି ଅଛନ୍ତି ବହୁତ ଅଳ୍ପ ଲୋକ, ସେମାନଙ୍କ ପାଇଁ ଆଖି ଦୃଶିଆ ସୁବିଧା ସୁଯୋଗ ନାହିଁ । ଆଉ ବେଳେବେଳେ ଏପରି ଲାଗେ, ଯେମିତି ସବୁ ବାଛରାତକ ଅନୁନ୍ନତ ମାନଙ୍କରେ ।

ହୁଏତ ଏ ବାଟରେ ଏତେ ଖର୍ଚ୍ଚ କରିବାକୁ ସରକାରଙ୍କ ଠାରେ ଯଥେଷ୍ଟ ଅର୍ଥ ବଳ ନଥାଏ ଓ ଅନୁନ୍ନତ ଅଞ୍ଚଳର ବିଶେଷ ଅସୁବିଧା କଥା ନଜାଣିଥିବା ଲୋକେ ସାମାନ୍ୟ ଖର୍ଚ୍ଚର ଅଟକଳକୁ ଦେଖି ଆପତ୍ତି ଉଠାନ୍ତି "ଯାନ୍ତ୍ରିକରେ ପଡୁନାହିଁ" "ଟପ୍—ହେବି ହୋଇଗଲା ।" ସେମାନେ ଯାଇଥାନ୍ତେ ଭଲା ଥରେ ମାଳକୁ । ଗାଁ'କେ ପାଞ୍ଚ, ଦଶ ଘର, ଉଚ୍ଚ ପାହାଡ଼ ଶିଖପାଖେ ଗାଁମାନ, ଏ ଗାଁରୁ ସେ ଗାଁ ଦିଶୁଛି, ପାହାଡ଼ ଚଢ଼ି ପହଞ୍ଚିଲାବେଳକୁ ଗରିଘଣ୍ଟା, ସେଥିରେ ବି ନାକେଦମ୍ । ସେଠି ଦିନେ ଜଣେ ଦଶ ମାଇଲ ଗପ କରିଛି । "ହଃ ଦଶ ମାଇଲତ," ଆଉ ଜଣେ କହିବ, "ମୁଁ ବୁଲିଛି ଦିନକେ ପଚାଶ ମାଇଲ ।" ଠିକ୍ ପଚାଶ ମାଇଲତ ସତ କିନ୍ତୁ ଜିପ ଚଢ଼ି । ଆଉ ସେ ଦଶ ମାଇଲ ? ପାହାଡ଼ ଚଢ଼ି ଚଢ଼ି, ପୁଣି ପାହାଡ଼ ଚଢ଼ି ଚଢ଼ି, ପାଦରେ ଗ୍ଲି ଗ୍ଲି ସଡ଼କ ବି ନାହିଁ, ବଣରେ ଗଳି ଗଳି, କେଉଁଠି ଖସଡ଼ା, ତୀଖ ପଥର, କାଇଁଭଳି ପର୍ବତ କର, ଗୋଡ଼ ଚିପି ଚିପି ଝିଟିପିଟି ପରି ପେଟେଇ, ଘୁସୁରି ଘୁସୁରି,—ଖସିଲେ ହାଡ଼ ରହିବନାହିଁ, ଉଞ୍ଚ ଚଢ଼ି ଚଢ଼ି ଛାତି ଦାଉଁ ଦାଉଁ ପଡୁଥିବ, ମୁହଁ ଆଗରେ ପାତାଳ ତା ଉପରେ ଆକାଶ । ପବନ ହାଲୁକା ପେଲୁଥିବ,—ଗଛ ବୁଲୁଛ ନାହିଁ, ଘାସ ନାହିଁ,—ମୁଣ୍ଡ ଘୁରୋଇଥିବ । ଭୁବନେଶ୍ୱର କଳ୍ପନା କରି ପାରିବ ନାହିଁ । ଦିଲ୍ଲୀତ ଦୂର ।

କି ପଇସା କି ଦରମା କିଏ ଦେବ ସେ କର୍ମୀକୁ, ହେଉ ବା ଦରମାଖିଆ ସରକାରୀ ଚାକିରିଆ, ଯାହା ପ୍ରାଣ ତା ଛାତି ପକେଟ୍‌ରେ, ଯେ କୌଣସି ସମୟରେ ଖସିପଡ଼ିବ ।

ଅନୁନ୍ନତ ଅତି ଅନୁନ୍ନତ ଆଦିବାସୀ ଉନ୍ନୟନ ପାଇଁ କର୍ମଚାରୀ ନିଯୁକ୍ତି ଲାଗି ନୂଆ ପଲିସି ଦରକାର, ବହୁ-ସଂଖ୍ୟାରେ ଲୋକ ଦରକାର, ଦିଗୁଣ ଦରମା ଓ ନାନା ଅଧିକ ସୁବିଧା ଦେବା ଦରକାର ।

ସେଠି ପ୍ରତ୍ୟେକ ସ୍ଥାନର ଆଦିବାସୀଙ୍କ ଅବସ୍ଥା, ତାଙ୍କ ଆବଶ୍ୟକ, ସେଠା ପରିବେଶ ଅନୁସାରେ ଅଲଗା ଅଲଗା ବ୍ୟବସ୍ଥା ଦରକାର, ଗୋଟିଏ ବଡ଼ ଅଞ୍ଚଳ ପାଇଁ ହୋଇଥିବା ବହୁମୁଖୀ ଯୋଜନାରେ ଥିବା ନାନା କାର୍ଯ୍ୟସୂଚୀରୁ କୌଣସି ଗୋଟିଏ କାର୍ଯ୍ୟସୂଚୀ (ଆଇଟେମ୍) ଲାଗି ଯେଉଁ ସାଧାରଣ ବ୍ୟବସ୍ଥା ହୋଇଥାଏ ସବୁ ଜାଗାକୁ ସେ ଖାପିବ ଏପରି ନୁହେଁ । କି ସବୁ ଜାଗାରେ ଅସୁବିଧା ତହିଁରେ ଯିବ, ଏପରି ବି ନୁହେଁ ।

ଏହି ଅନୁନ୍ନତ ଓ ଅତି ଅନୁନ୍ନତ ଆଦିବାସୀଙ୍କ ସମସ୍ୟା ଖାଲି ଆର୍ଥନୀତିକ ନୁହେଁ । ଯେ ମାନବିକ—ସାମାଜିକ—ଆର୍ଥନୀତିକ ମିଶାମିଶି ସମସ୍ୟା । ସେ ବ୍ୟକ୍ତିକୁ ବୁଝିବାକୁ ପଡ଼ିବ, ତାର ଭାବିବା ଢଙ୍ଗଟି ଅଲଗା, ସ୍ନେହ—ରାଗ, ଅନାସ୍ଥା, ଶତ୍ରୁତା ଦେଖାଇବା ବାଗ ବି ଭିନେ, ସଂସାର ପ୍ରତି ଦୃଷ୍ଟି ବି ଭିନେ, ମୂଲ୍ୟବୋଧ ଭିନେ । ସେ ବିଡ଼ି ଖଣ୍ଡକରେ ବି ଖୁସି, ପଇସା ଗଣିଦେଲେ କେତେବେଳେ ଛଳ ବି କରିପାରେ, ସ୍ନେହ ପାଇଲେ ପଥର ତାଡ଼ିବ, ମୂଲ୍ୟ ଯାଚିଲେ କାମ ନ କରି ବି ପାରେ । ନାନା ବିଚିତ୍ରତା । ତାର ସାମାଜିକ ଜୀବନର ବି ଅଲଗା ଗତି, ଡ଼ମ, ପାଣ, ତାକୁ ଚିହ୍ନେ, ନିଜ ଇଚ୍ଛାରେ ଖେଳାଏ ଓ ଶୋଷଣ କରେ । ପୁଣି ଡ଼ମ, ପାଣଠୁ କେତେକ ଉପକାର ବି ସେ ପାଏ । ରାତି ଅଧରେ ପିଲାକୁ ଜରହେଲା ବେଳୁଣି ଟିକାହେଲା, "ଅଁବତରିଲା", କହିଲା "ମୁଁ ଅମୁକ ପଣସ ଗଛରୁ ବୁଇ ଦେବତା କୁକୁଡ଼ା ଦେ ନଇଲେ ଯାକୁ ଖାଇଲି", ସେଠି କାହାନ୍ତି ସରକାର ଯେ କୁକୁଡ଼ାଟିଏ ଦେବେ ଡ଼ମ ଜାଣେ, ଆଉ ଗାଁରେ ଦେହ ପଛେ କିଏ ରଖିଛି, ଆଣିଦେବ । ତାପରେ ଲାଗିଲା ଅଠା, ଟଙ୍କାକୁ ସୁଧ ଛଅ ଟଙ୍କା ଚକ୍ରବୃଦ୍ଧି କ୍ରମ । ଆଇନ ହେଲା ଯେ ସେଭଳି ଋଣ କେହି ଦେବେନାହିଁ କି ଆଦାୟ କରି ପାରିବେ ନାହିଁ । କିନ୍ତୁ ତାର ତ ସେମିତି ଋଣ ଦରକାର ଓ ଯେଉଁ ସତ୍ୟ ସେ ତୁଣ୍ଡେ ତୁଣ୍ଡେ କରିଛି ସେ ଜାଣେ ଧର୍ମ ଶୁଣିଛି ବସୁମତୀ ଶୁଣିଛି, ସେ ତାକୁ ଭାଙ୍ଗିବ ନାହିଁ ତେଣୁ ସରକାରଙ୍କୁ ଲୁଚାଇ ଋଣ ବି କରିବ, ଜମି ବନ୍ଧା ବି ଦେଇଥିବ, ସରକାରଙ୍କୁ ଲୁଚାଇ ସାହୁକାରର ଡାକି ଦୁଆରରେ ବାଡ଼େଇ ବାଡ଼େଇ ଡ଼ାକି ସେହି ସର୍ତ୍ତରେ ସୁଝାଣ ବି ଦେବ । ସରକାର 'ଗୋତି' ପ୍ରଥା ଉଠାଇଦେଲେ, କିନ୍ତୁ କିଏ ଗୋତି ଅଛି ସେକଥା ସଦାରେ ପଢ଼ିଲେତ ? 'ଗୋତି'—ପରଜା କି କନ୍ଧ କି ଆଉ ଯେ, ବିଭା ହେବ ବୋଲି କନିଆ ବାଛିଲା ତା ବାପ ମାଗୁଛି ଝୋଲା (କନ୍ୟା ସୁନା) ପଚାଶ ଟଙ୍କା, ଯାର ଜଲଦି ଦରକାର ତାହାହେଲେ କନିଆକୁ ଜଲଦି ଘରକୁ ଆଣିବ । ତା ନୁଖୁରା ମୁଣ୍ଡଟି ରୂପ ଦେହଟି ଛଡ଼ା ଅନ୍ୟ ସଂପତ୍ତି ତାଠେଇଁ ନାହିଁ । ଦେଲା ତାକୁ 'ଗୋତି' ପଣରେ ବାନ୍ଧି, "ଟଙ୍କା ଦେ ସାହୁକାର, ଉପରେ ଧରମ ତଳେ ଧରତି । କଥା ଭାଙ୍ଗିବ ନାହିଁ" । ପାଇଗଲା । ବିନା ଦରମାରେ ମୂଲିଆ ହେଲା ମାସକୁ ଖୋରାକି ପାଇଁ ମାଣ୍ଡିଆ । ବର୍ଷେ ଖଟିଲେ ଋଣରୁ ସୁଝିବ କୋଡ଼ିଏ ଟଙ୍କା । ସରକାର ମଜୁରିଦର ଧାର୍ଯ୍ୟ କରିଛନ୍ତି ଦିନକୁ ଟଙ୍କା ୪, ମାସକୁ ହେବ ୧୨୦ ଟଙ୍କା ବର୍ଷକୁ ୧୪୪୦ ଟଙ୍କା, ହୁଏତ ସେ ଜାଣେନାହିଁ, ଜାଣିଲେ କି ଯାଏ ତାର । ମାଗିଥିଲେ ସଙ୍ଗେ ସଙ୍ଗେ

ଯେମିତି ତାକୁ ତା 'ଧାଂଡ଼ୀ' ଅଣେଇ ଦେଇଥାନ୍ତେ । ସେ ତାଂ ଭାଣିବ ନାହିଁ । ଋଣ ନ ଶୁଝି ମରିଗଲେ ତା ପୁଅମାନେ ଟଙ୍କା ଶୁଝିବେ ବା ଗୋଡ଼ିଯିବେ । ଫସଲ ବୁଣିଲା ବେଳେ ସେ ସାହୁକାରମାନଙ୍କଠୁ ତା ଖୋରାକି ପାଇଁ ଯେଉଁ ୨୦ ଟଙ୍କା ନେଇଥିଲା, ସେତେବେଳେ ଘରେ ଆଉ ଥିବା ମାସଗୁଡ଼ିକ, ଯେତେବେଳେ ସେ ଋଣ କରି ଖାଉଥିଲା, ନ ମିଳିଲେ ହା ହାଁ । ହୁଏତ ସରକାରି ଋଣ ଯୋଜନାହିଁ ନାହିଁ । ହୁଏତ ଫାଇଲ୍ ଯାଇଥିଲା, ଯେମିତି ... । ସେ ବଞ୍ଚିବାକୁ ଚାହେଁ । ସେତିକିବେଳେ ସାହୁକାର ୧୦ ଟଙ୍କା ଦେଇଥିଲା । ଆଉ କହିଥିଲା ଯେତେ ଯେତେ ସୋରିଷ, ଅଳସି, ମାଣ୍ଡିଆ, ବୋଣା, ଝାଡ଼ିଙ୍ଗା, କାନ୍ଦୁଲ, ଶିମ, ମକା ଏ ସବୁଯାକ ଜମିରେ ଲଗିବ ମତେ ବିକିବୁ, ଏଇ ଦରରେ ।" ହୁଏତ ବଜାର ଦର ଯାହା ହେବ ଚୁକ୍ତି ଦରଟା ତାର ଅଧା ତା ପାଖୁରି କମ୍ । ଫସଲ କଟାହେଲା । ହୁଏତ ସେତିକି ବେଳକୁ ତାକୁ ଭଲ ଦର ଦେଇ କିଣିବାକୁ ସରକାରି ଲୋକ ଆସିଲେ, କହିଲେ 'ଦେ' । "ଆଉନାହିଁ ମାହାପ୍ରୁ, ବିକି ସାରିଛି ।" ଉତ୍ତରରେ 'ହଁ' କରିଛି ତ ସେ ବୁଝିଛି ସେ ବିକି ସାରିଛି, ଯେତେ ମାସ ଲଗୁ, ଫସଲ କାଟି ମପେଇ ପଇଠ ଦେଇ ବାକି ଟଙ୍କା ଆଣିବା କଥା ଆପେ ହେବ । କିନ୍ତୁ ବିକ୍ରି ସରିଛି, କାରଣ ସେ ନିଜ ସତ୍ୟରେ ବନ୍ଧା । ହୁଏତ ଆଉ କେବେ ସରକାରି ଲୋକ ଆସି ତାକୁ କିଛି ସଦ୍‌ବୁଦ୍ଧି ଦେଇ ଚାଲିଗଲେ । ସେ ତାଙ୍କ କଥାରେ ବିଶ୍ୱାସ କରି ବସିଛି । ତାପରେ ଡ଼ମ ଲାଗିଲା ତା ପିଛା, ଗାଁରେ ଘର, କାନ କାନ କରି ବୁଝେଇଲା । ନାନା ମିଛ, ନାନା ପନ୍ଦି ଫିକର କରି କହିଗଲା । ସେ ଭୁଲିଗଲା । ବିଶ୍ୱାସ କଲା । ଯେଉଁ କଥାକୁ ସେହି କଥା ହେଲା ।

ତେଣୁ ତା'ରି ଗାଁରେ ଯଦି ସରକାରି ଲୋକ ତା ଉପକାରିଆ ହୋଇ ରହିବେ, ତାର ଶ୍ରଦ୍ଧା ଓ ବିଶ୍ୱାସ ଅର୍ଜନ କରି ପାରିବେ, ଗୋଡ଼େ, ଗୋଡ଼େ ଜଗିଥିବେ । ସାନ ପିଲାକୁ ଜଗିଲା ପରି, ତାରି ଚଳଣି, ସମାଜ, ଅନୁଷ୍ଠାନ ବାଟେ ତାକୁ ଶିଖେଇବେ, ବଦଳେଇବେ, ସତର୍କ କରାଇବେ, ନିଜ ଉନ୍ନୟନ ପାଇଁ ଦାମ କରାଇବେ, ସବୁ ପ୍ରକାର ଅପପ୍ରଚାର, ଚକ୍ରାନ୍ତ, ଶୋଷଣ ଭଣ୍ଡି ଭଣ୍ଡି ପଦାକୁ କାଢ଼ିବେ, ଆଶୁ ପ୍ରତିକାର ବ୍ୟବସ୍ଥା କରିବେ, ପାଠ ପଢ଼ାଇବେ, ସାକ୍ଷର କରିବେ, ମଦ ଛଡ଼ାଇବେ । 'ସୁସଭ୍ୟ' କରିବେ, ତେବେ କିଛି ଉପକାର ହେବ, ଉନ୍ନୟନ ଯୋଜନା କାର୍ଯ୍ୟକାରି ହେବ, ଯାହା ପାଇଁ ଉଦ୍ଦିଷ୍ଟ ସେ ତା ଛୁଇଁ ପାରିବ ।

ଗାଁ ଯେମିତି ସାନ ସାନ ଓ ଦୂର ଦୂର ଗୋଟିଏ ମୁକାମଠୁଁ ଅଧିକ ମାଇଲରୁ ବେଶୀ ଦୂର ଗାଁ ତା ପରିସର ଅନ୍ତର୍ଭୁକ୍ତ କଲେ କାମ ଚଳିବ ନାହିଁ । ସେଠି ଜଣେ ଜଣେ କର୍ମୀ ଦରକାର । ନାନା ସ୍ଥାନରେ ନାରୀ କର୍ମୀ ଦରକାର । ଏଭଳି ଅନେକ ବେତନ ଭୋଗି ସରକାରୀ କର୍ମୀ ଦରକାର, ତାଙ୍କ ପାଇଁ ଉପଯୁକ୍ତ ତାଲିମ ଅନୁଷ୍ଠାନ ଦରକାର ।

ଓଡ଼ିଶାରେ ସରକାରଙ୍କ ଦ୍ୱାରା ଆଦିବାସୀ—ଉପକାର କାମ ସିନା ୧୯୪୮-୪୯ ରେ ଆରମ୍ଭ ହେଲା,—ଗୋପବନ୍ଧୁ ଚୌଧୁରୀଙ୍କ ପରାମର୍ଶ ଅନୁସାରେ ଓ ତାଙ୍କ ବରୀ ଆଶ୍ରମରେ ତାଲିମପ୍ରାପ୍ତ ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ଉଦ୍ୟମରେ ୧୯୪୦ ରୁ କୋରାପୁଟ ଜିଲାର ଲୁହେନ୍ଦ୍ର କେନ୍ଦ୍ରରେ ଓ ଆଖ ପାଖ ବାଇଶିଟି ଗାଁରେ ଏଭଳି କାମ ଚାଲିଲା, ୧୯୪୬ ରୁ —ଗୋପବନ୍ଧୁ ଚୌଧୁରୀ, ଶ୍ରୀ ନବକୃଷ୍ଣ ଚୌଧୁରୀ, ଶ୍ରୀମତୀ ରମାଦେବୀ, ଶ୍ରୀମତୀ ମାଳତୀ ଦେବୀ—ସାରଙ୍ଗ ଧର ଦାସ ଓ ଅନ୍ୟ କେତେ ଜଣଙ୍କ ଉଦ୍ୟମରେ "ଉତ୍କଳ ନବଜୀବନ ମଣ୍ଡଳ" ପ୍ରତିଷ୍ଠିତ ହେଲା, ସେଦିନୁ ଅନୁନ୍ନତ ଓ ଅତି ଅନୁନ୍ନତ ଅଞ୍ଚଳମାନଙ୍କରେ କେତୋଟି ସ୍ଥାନରେ 'ନବଜୀବନ ମଣ୍ଡଳ' ଅନ୍ୟ କେତୋଟିରେ "(ଉତ୍କଳ) କସ୍ତୁରିବା ଗାନ୍ଧୀ ସ୍ମାରକ ନିଧି" କେଉଁଠି ପୁରୁଷ କର୍ମୀ ଅନ୍ୟ କେଉଁଠି ନାରୀ କର୍ମୀ ରଖାଇ ଏଭଳି କାର୍ଯ୍ୟ କରାଇ ଆସିଛନ୍ତି । ଉତ୍କଳ ସର୍ବୋଦୟ ଗୋଷ୍ଠିର କର୍ମୀମାନେ ହିଁ ଏହି କାର୍ଯ୍ୟରେ ଅଗ୍ରଭର । ସମୟ ବଦଳିଲାଣି । ଆଗପରି ନିଃସ୍ୱାର୍ଥପର, ଆତ୍ମତ୍ୟାଗୀ ନିଜେ ଦୁଃଖ କଷ୍ଟ ବରଣ କରି ଅକୁଣ୍ଠିତ ମନରେ ସବୁ ସହି ନିଜ ସୁଖ ସ୍ୱାଚ୍ଛନ୍ଦ୍ୟ ଜଳାଞ୍ଜଳି ଦେଇ, ସାଧାରଣଙ୍କ ଭାଷାରେ 'ନିଜ ଜୀବନ ଉଜାଡ଼ି ଦେଇ ପିଲା କୁଟୁମ୍ବକୁ ଉପେଇ ଦେଇ, ଐକାନ୍ତିକ ଜନସେବାକୁ ନିଜ ଜୀବନର ପଥ ବୋଲି ବାଛିନେବା କର୍ମୀଙ୍କ ସଂଖ୍ୟା କ୍ଷୀଣହୋଇ ଆସିଛି ଓ ସେଭଳି ନୂଆ କର୍ମୀ ସଂଗ୍ରହ କରିବା ସମ୍ଭାବନା ବି ସେକାଳ ପରି ନାହିଁ । ତଥାପି, ତାଲିମ୍ ଦେବା ଓ କର୍ମୀ ବାଛିବା କାର୍ଯ୍ୟ ନିଜ ବିଶିଷ୍ଟ ଅଭିଜ୍ଞତା ବଳରେ ସେହି ଗୋଷ୍ଠୀହିଁ ସାହାଯ୍ୟ କରି ପାରିବେ । ହୁଏତ ନିଜେ ସେ କାର୍ଯ୍ୟ ଚଲାଇବି ପାରନ୍ତେ । ୧୯୨୧ ରେ ଗୁଜୁରାଟରେ ସେଠିକା 'ଭିଲ୍' ଜାତିର ଆଦିବାସୀଙ୍କ ଉନ୍ନୟନ —ଅମୃତଲାଲ୍ ଠକରଜୀ (ଠକର ବାପା) ଯେତେବେଳେ କାର୍ଯ୍ୟ ଆରମ୍ଭ କରିଥିଲେ, ତାହା ବି ଏହିପରି କେତୋଟି କର୍ମୀ କେନ୍ଦ୍ର ଗଢ଼ାହୋଇ ଚାଲିଥିଲା, କର୍ମୀମାନେ ଆଦିବାସୀଙ୍କ ଗାଁରେ କେନ୍ଦ୍ର କରି ସେଠି ରହୁଥିଲେ । ଭିଲ୍ ମଧ୍ୟ ଓଡ଼ିଶାର ଅତି ଅନୁନ୍ନତ ଆଦିବାସୀଙ୍କଭଳି ଏତେ ଅନୁନ୍ନତ ନ ଥିଲେ ।

"ଅତି ଅନୁନ୍ନତ ଓ ଅନୁନ୍ନତ ଆଦିବାସୀଙ୍କ ସମସ୍ୟା ଅନ୍ୟାନ୍ୟ ଆଦିବାସୀଙ୍କ ସମସ୍ୟାଠୁଁ କେତେ ବିଷୟରେ ସ୍ୱତନ୍ତ୍ର ହୋଇଥାଏ ଏକଥାଟି ନ ବୁଝିବାଯାକେ ସେମାନଙ୍କ ପାଇଁ ପ୍ରକୃତରେ କାମ କରିବା କଷ୍ଟ । ଅନ୍ୟଠି ସ୍କୁଲ ବସାଇଲେ, ରହିବା ଖାଇବା ସୁବିଧା କରିଦେଲେ, ଧରାଯାଉ ଆଦିବାସୀ ଭାଷା ମାଧ୍ୟମରେ ଦୁଇ କ୍ଲାସ ପଢ଼ାଇବା ବ୍ୟବସ୍ଥା କଲେ, ପିଲାଏ ଆସିବେ ପଢ଼ିବେ । ଦେଓଗଡ଼ରେ ଓ କେନ୍ଦୁଝର, ସୁନ୍ଦରଗଡ଼ କି ରାଇରଙ୍ଗପୁରରେ ହାଟ ବଜାରରେ ଡିଣିଙ୍କ ମା' ମାନେ ସିଲଟ ଦୋକାନରେ ସିଲଟ କିଣୁଛନ୍ତି । କିନ୍ତୁ କୋଟିଆ କନ୍ଧମାନରେ ପିଲାଟିଏ ସ୍କୁଲକୁ ପଳାଇଆସିଛି ଆଉ ଯାଉନାହିଁ ବୋଲି ମାଷ୍ଟର ତାକୁ ନେବାକୁ ଆସିବାରୁ ପିଲାଟି ଡୋଟାକୁ ଧାଇଁ ଧାଇଁ ଯାଇ ଡଉଡ଼ି ଦେଇ ମରିଛି ଏ ଘଟନା ବି ଘଟିଛି । ସ୍ୱାଧୀନଚେତା ଡଙ୍ଗ୍ରିଆ କନ୍ଧ ହାଙ୍କିଛି" ଆମ କାମ ପର୍ବତ ଉପରେ ତାଡ଼ି ଚାଷ କରିବା ଓ ନାନା

ଫଳଗଛ ଲଗାଇବା, ତୁମେ ଆମ ପିଲାଙ୍କୁ ନେଇ ପାଠ ପଢ଼ାଇଲେ ଯେତ ତୁମରି ପରିହେବ, ସେ କଣ ଆଉ ଆଦିବ ଆମପରି ପାହାଡ଼ ତାଡ଼ି ଫଳ ଚାଷ କରିବାକୁ ? ଦେଖ, ଆମେ ବଣର ଲୋକ, କାହାରି ଗୁଲାମ ନୋହୁଁ, ଆମ ପିଲା ପାଠପଢି ଗୁଲାମି କରିବ" ? ଯଦି ସେହି ସଂସ୍ଥା ସରକାରକୁ କହିଛି, ତୋ ଗୋଟାଏ ଲେକ୍ଚର ମାରି ବୁଝିଛୁ କଣ ? ଆଗରେ ଗୋଟାଏ ପେଉ ପଛରେ ଗୋଟାଏ ପେଉ, ତୁ ଅସଭ୍ୟ । "ଗଡାମାଂ (ମୁଣ୍ଡିଆନ) କହିଛି' ଆରେ "ଅସଭ୍ୟ ତ ତୁ, ଏ କେଡ଼େ ସୁନ୍ଦର ପୋଷାକ, ଉଡାଇ ପୋଷାକ । ପୋଷାକ ତୁ, ବୁଝୁନୋଉ, ତୋପଢିଆ ଏତେ ଲୁଗା ପଟାରେ ଦେହଯାକ ଢାଙ୍କି କେହି ଏ ବୁଢା ଜଙ୍ଗଲ ଭିତରେ ଏ ପାହାଡ଼ରେ ଧାଇଁ ଧାଇଁ ଉପର ତଳ ହେବ ? କଷ୍ଟରେ ବୁଦାରେ ତା ଲୁଗା ଲାଗିଯିବ ନାହିଁ ?" ସେହି 'ଅନୁନ୍ନତ' 'ଅତି ଅନୁନ୍ନତ' ର ପ୍ରତି କାମ ପ୍ରତି କଥା ପଛରେ ତା ବାଗରେ ଗୋଟାଏ ବାଗୁଆ ଯୁକ୍ତି ଅଛି । ତାକୁ ଯୁକ୍ତିରେ ଫଳ ଦେଖାଇ, ବିଶ୍ୱାସ ଜନ୍ମାଇ ବୁଝାଇ ପାରିଲେ ସେ ନୂଆ ଧରଣ ଆଦରିବ । ନହେଲେ ନାହିଁ । ଆଉ ଗୋଟେ—ବୈଦିକ ଗ୍ରାମ ପଞ୍ଚାୟତ, କିନ୍ତୁ ତାର 'ଆଦିବାସୀ ପଞ୍ଚାଏତ୍' ଭିନେ, ତହିଁରେ ଗାଁ ଗାଁ କେ ମୁଣ୍ଡିଆନ, ପୁରୋହିତ, ଗଣକ, ବଡ଼ ଲୋକ ଏଇମାନେ ସଭ୍ୟ, ଗାଁ ଲୋକେ ସେହି ପଞ୍ଚାୟତର ନିଷ୍ପତ୍ତିକୁ ମାନନ୍ତି । ଫଳରେ ସବିଧା 'ଓ୍ୱାର୍ଡ ମେମ୍ବରମାନେ' ହେଲେ ଆଦିବାସୀ, କୌଣସି ଅଣ ଆଦିବାସୀ ହେଲେଣି ସରପଞ୍ଚ, ପଞ୍ଚାୟତ ସମିତିରେ ବି ସେଇଆ । ଅନୁନ୍ନତ ଆଦିବାସୀ ପଞ୍ଚାୟତ ମାଧ୍ୟମରେ ଉପକୃତ ହେବା ଜାଣନ୍ତି ନାହିଁ । ତାଙ୍କ ପାଇଁ କୋଅ-ପରେଟିଭ୍ କଲେ ବି ସେହି ଅବସ୍ଥା, ଅଣ ଆଦିବାସୀ ସେକ୍ରେଟେରୀ କି କେହି ଅଣ ଆଦିବାସୀ ସଭ୍ୟ କାର୍ଯ୍ୟତଃ ସର୍ବେସର୍ବା ହେବେ । ଅନୁନ୍ନତ ଆଦିବାସୀ ଲାଗି ମଧ୍ୟ ଜାଣିବ ନାହିଁ, ତା ପାଇଁ ଯେତେ କୋଅପରେଟିଭ୍ ସେ ଯୋଜନାମାନ ହୋଇଯାଉଥାଏ । ବ୍ଲକ୍‌ରେ ହୁଏତ ଯୋଜନା ଥିବ ବହୁତ, ଅଥଚ ଆଦିବାସୀ ଗାଁମାନଙ୍କୁ ଯିବନାହିଁ । ସେ ଲୋକଙ୍କୁ ପହଞ୍ଚିବ ନାହିଁ । ହୁଏତ ଖୁବ୍ ସାଧୁ ଉଦ୍ଦେଶ୍ୟରେ ଯୋଜନା ଆସିଛି ଉତ୍କୃଷ୍ଟ କଦଳୀଗଛ ଲଗାହେବ କି ଫଳ ବଗିଚା ଲଗାହେବ,—କିନ୍ତୁ ସେ ଅଞ୍ଚଳରେ ପଲ ପଲ ହାତୀ, ହାତୀ କଦଳୀ ବାଇ, ଫଳଗଛ ଦେଖିଲେ ଦିଏ ଖାଇ, ଏହିପରି । ହୁଏତ ଯୋଜନା ହୋଇଛି ଆଳୁ ଚାଷ, ଉନ୍ନତ ଧାନ, ବଡ଼ ହୋଇଥ । କିନ୍ତୁ ଆଦିବାସୀଗତ ପାହାଡ଼ରେ ଚଷ, ପାହାଡ଼ି ଧାନ ଟିକିଏ, କାନ୍ଦୁଲ, ମକା, ସୁଆଁ, କୋଶଲା ମାଣ୍ଡିଆ, ଶିମ୍ବ, ମକା, ତାକୁ ସେ ଲାଗୁହୁଏ ନାହିଁ । ହୁଏତ ବହୁତ ସଦୁପଦେଶ, ଲାଭପ୍ରଦ ଉପଦେଶ ଦିଆଯାଉଛି । କିନ୍ତୁ ରାତିରେ କେଉଁଠି ସ୍ୱପ୍ନ ଦେଖିଲା ଯେ ଗାଁକୁ ଏ ଯେଉଁ ବାବୁଭାଇ ଆସିଛନ୍ତି ଯାଙ୍କ ପଛେ ପଛେ ଅମଙ୍ଗଳ ଆସିବ । ଯାଙ୍କ କଥା ଶୁଣିଲେ ସର୍ବନାଶ । ତାପରେ ସବାଳୁ ଯେ

ଯାଙ୍କ କଥା ଶୁଣିଲେ ସର୍ବନାଶ । ତାପରେ ସବାଳୁ ଯେ

ଯାହା ବାଟେ ବଣକୁ ।

ଅତି ସାଧାରଣ କଥା,—ପ୍ୟାଣ୍ଟ କୋଟ୍ ପିନ୍ଧା ମଣିଷ ଦେଖିଲେ, ଡାକବଙ୍ଗଳା କି ଥାନା ଦେଖିଲେ, କେହି କର୍ମଚାରୀ ଖାତା କାଢି କିଛି ଲେଖି ପକାଉଛି ଦେଖିଲେ ଅନୁନ୍ନତ ଓ ଅତି ଅନୁନ୍ନତ ଆଦିବାସୀର ଛାତି ଦବି ଯାଏ । ଅଧିକାରୀ ତ୍ୱାରେ ଗାଁ ଶୋଷକମାନଙ୍କୁ ଠିଆ ହୋଇଥିବାର ଯାନ ସିଗାରେଟ ଧୂଆଁ ବଢ଼ାଇ ଦେବାର ଦେଖିଲେ ତାଙ୍କ ପାଟିରେ ସତେକି ତାଲା ପଡ଼ିଯାଏ । ସତ୍ୟ କଥା କହିବା ଦୂରେ ଥାଉ ବେଳେ ବେଳେ ମୁଖ ବୋବାମାନ ହୋଇଯାଏ । କାହିଁକି ? ସେ ଅଭିଜ୍ଞତା ଆସିଛି ଅତୀତର ଝୋଳ—ଭରମୟ ନିଷ୍ଠୁର ଅନୁଭୂତିର ପାରମ୍ପରିକ ଚେତନାରୁ । ସମସ୍ୟା ବହୁତ, ସମସ୍ୟା ଭିନ୍ନେ ଭିନ୍ନେ କିନ୍ତୁ ଅସାଧ୍ୟ କେବେ ନୁହେଁ, ଟିକିଏ ବୁଝାମଣାର କଥା ।

ପ୍ଲଟ ନଂ ୨୦୦, ୟୁନିଟ—୨
ଭୁବନେଶ୍ୱର

## ନଗର ଉନ୍ନୟନ ଏବଂ ଅବକାରୀ ବିଭାଗ ପରାମର୍ଶଦାତା କମିଟି ବୈଠକ

ରାଜ୍ୟ ସଚିବାଳୟଠାରେ ନଗର ଉନ୍ନୟନ ଏବଂ ଅବକାରୀ ବିଭାଗ ପରାମର୍ଶଦାତା କମିଟି ବୈଠକ ବିଭାଗୀୟ ମନ୍ତ୍ରୀ ଡ଼ା. ଜୟକେତନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆଲୋଚନା ବେଳେ ସଦସ୍ୟମାନେ ପାନୀୟ ଜଳ ଅଭାବ ଥିବା ଗ୍ରାମମାନଙ୍କୁ ପାନୀୟଜଳ ଯୋଗାଣ ଓ ନିଶା ନିବାରଣ ଯୋଜନାର କାର୍ଯ୍ୟକାରିତା ସଂପର୍କରେ ଗୁରୁତ୍ୱ ଆରୋପ କରିଥିଲେ ।

ନଗର ଉନ୍ନୟନ ଶାସନ ସଚିବ, ରାଜସ୍ୱ ଓ ଅବକାରୀ ଶାସନ ସଚିବ, ଲୋକସଭା ସଦସ୍ୟ ଶ୍ରୀ ପତିତପାବନ ପ୍ରଧାନ, ରାଜ୍ୟ ବିଧାନ ସଭା ସଦସ୍ୟମାନଙ୍କ ମଧ୍ୟରୁ ସର୍ବଶ୍ରୀ ଆର. ପି. ମର୍ଦ୍ଦରାଜ ହରିଚନ୍ଦନ, ନିରଞ୍ଜନ ହେମ୍ବ୍ରମ, ଅର୍ଜୁନ ମାଝି ଦେଭରାଜ ମାଝି, ବାସୁଦେବ ମାଝି, ରାସବିହାରୀ ବେହେରା ଓ ଲଳିତ ମୋହନ ଗାନ୍ଧୀ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ ।




# ଓଡ଼ିଶାରେ ପ୍ରଧାନମନ୍ତ୍ରୀ


ଜନତା ସରକାର ଗଠିତ ହେବାପରେ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ୧୯୭୮ ଅପ୍ରେଲ ୮ ତାରିଖ ଦିନ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିଲେ । ବିମାନଘାଟିଠାରେ ରାଜ୍ୟପାଳ ଶ୍ରୀ ଭଗବତ ଦୟାଲ ଶର୍ମା, ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ, ମନ୍ତ୍ରୀମଣ୍ଡଳର ସଦସ୍ୟବୃନ୍ଦ, ବିଧାନ ସଭା ସଦସ୍ୟଙ୍କ ସମେତ ଅନ୍ୟାନ୍ୟ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ୨୯ ତମ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ କହିଲେ ଯେ ଶିକ୍ଷା ଓ କୃଷିର ବିକାଶ ଉପରେ ଦେଶର ଉନ୍ନତି ନିର୍ଭର କରେ । ପ୍ରଚଳିତ ଶିକ୍ଷା ପଦ୍ଧତିର ପରିବର୍ତ୍ତନ କରାଯାଇ ଦେଶର ଆବଶ୍ୟକତା ଅଭିମୁଖୀ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବାକୁ ହେବବୋଲି ସେ ପରାମର୍ଶ ଦେଇଥିଲେ । ଶ୍ରୀ ଦେଶାଇ ତାଙ୍କ ଦୀକ୍ଷାନ୍ତ ଭାଷଣରେ ଯୁବ ସଂପ୍ରଦାୟକୁ ନିର୍ଭୀକ ଓ କର୍ମଠ ହେବାପାଇଁ ପରାମର୍ଶ ଦେଇ ଭାରତୀୟ ସଂସ୍କୃତିରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ କରିଥିଲେ ।






ସେହିଦିନ ଅପରାହ୍ନରେ ପ୍ରଧାନମନ୍ତ୍ରୀ ଶ୍ରୀ ଦେଶାଇ ପାରାଦ୍ୱୀପଠାରେ ଏକ ବିରାଟ ଜନସମାବେଶରେ ଉଦ୍‌ବୋଧନ ଦେଇ ଭାରତକୁ ସମୃଦ୍ଧ ଓ ଦାରିଦ୍ର୍ୟ ମୁକ୍ତ ଭାବରେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ଏହି ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ସଭାପତି ହୋଇଥିଲେ । ପାରାଦ୍ୱୀପରେ ଏକ ଜାହାଜ ତିଆରି କାରଖାନା ପ୍ରତିଷ୍ଠା ହେବାର ସମ୍ଭାବନା ଅଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ଦେଶାଇ ଘୋଷଣା କରିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । କେନ୍ଦ୍ର ଖଣି, ଇସ୍‌ପାତ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ, କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସମରେନ୍ଦ୍ର କୁଣ୍ଡୁ ପ୍ରମୁଖ ଏହି ସଭାରେ ଯୋଗ ଦେଇଥିଲେ ।




ସବୁ ଅଞ୍ଚଳର ଲୋକ ଯେପରି କାମ କରିବାର ସୁବିଧା ପାଇବେ ଓ ଗ୍ରାମାଞ୍ଚଳରୁ ବେକାରୀ ଲୋପ ପାଇବ, ଏହି ଲକ୍ଷ୍ୟ ନେଇ କାମ ଆରମ୍ଭ କରାଯାଇଥିବା ବିଷୟ ସେ ଉଲ୍ଲେଖ କରିଥିଲେ । ଗ୍ରାମାଞ୍ଚଳରେ କୃଷିର ଉନ୍ନତି ସାଙ୍ଗକୁ ଜଳସେଚନ, ଗ୍ରାମ୍ୟ ଶିଳ୍ପ ଓ ଜଙ୍ଗଲ ସମ୍ପଦର ବିକାଶ ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବିଷୟ ପ୍ରଧାନମନ୍ତ୍ରୀ କହିଥିଲେ । ଜଙ୍ଗଲ ସମ୍ପଦର ଅଭିବୃଦ୍ଧି ଆଦିବାସୀ ଅଞ୍ଚଳର ଅର୍ଥନୀତି ପ୍ରତି ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଏହାର ସଦୁପଯୋଗ ପାଇଁ ଆଦିବାସୀମାନେ ଯତ୍ନବାନ ହେବାପାଇଁ ସେ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ଉପକାର ପାଇଁ ଅଭିପ୍ରେତ ଯୋଜନାଗୁଡ଼ିକ କାର୍ଯ୍ୟକାରୀ କରିବାରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜନସାଧାରଣଙ୍କ ସୁଖ ସମୃଦ୍ଧି ପାଇଁ କାମ କରିବା ଶାସନକଳର ମୌଳିକ ଧର୍ମବୋଲି ବର୍ଣ୍ଣନା କରି ପ୍ରଥମଥର ପାଇଁ ଏ ଦିଗରେ ଉଦ୍ୟମ ଆରମ୍ଭ ହୋଇଥିବା ବିଷୟ ସେ କହିଥିଲେ ।



ଏହି ଆଦିବାସୀ ମେଳାରେ କୋରାପୁଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ କୋରାପୁଟଠାରେ ପହଞ୍ଚିବା ପରେ ଶିଳ୍ପମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

ପ୍ରଧାନମନ୍ତ୍ରୀ ପାରମ୍ପାରିକ ବେଶଭୂଷାରେ ସଜ୍ଜିତ ବଣ୍ଡା, କୋୟା, ଡଙ୍ଗରିଆ କନ୍ଧ, ଲାଞ୍ଜିଆ ସଉରା, ଗାଦବା, ପରଜା ଆଦିବାସୀ ସଂପ୍ରଦାୟର ମୁଖିଆଙ୍କୁ ଗୋଟିଏ ଲେଖାଏଁ ଶିରପା ପ୍ରଦାନ କରିଥିଲେ ।






ରାଜଭବନଠାରେ ରାଜ୍ୟର ଉଚ୍ଚପଦସ୍ଥ ଅଫିସର ମାନଙ୍କର ଏକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରଶାସନିକ ବ୍ୟବସ୍ଥା ଗଣତନ୍ତ୍ର ଓ ସମାଜ ଅଭିମୁଖୀ ହେବା ଉଚିତ୍ ଏବଂ ଏହା ଜନସାଧାରଣଙ୍କ ସେବାପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ । ପ୍ରତ୍ୟେକ କ୍ଷେତ୍ରରେ ଜନସାଧାରଣ ଯେପରି ସୁବିଧାରେ ସେମାନଙ୍କର କାମ ବୁଝିପାରିବେ ସେଥିପାଇଁ ବ୍ୟବସ୍ଥା ହେବା ଉଚିତ୍ ବୋଲି ପ୍ରଧାନମନ୍ତ୍ରୀ ମତ ଦେଇଥିଲେ ।

ପ୍ରଧାନମନ୍ତ୍ରୀ ଅପ୍ରେଲ ୯ ତାରିଖ ଦିନ କଳାହାଣ୍ଡି ଜିଲ୍ଲାରେ ଉପର ଇନ୍ଦ୍ରାବତୀ ବହୁମୁଖୀ ଯୋଜନାର ଶିଳାନ୍ୟାସ କରି ଦୁର୍ବଳ ଶ୍ରେଣୀର ଲୋକଙ୍କୁ ସହାୟତା କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଆଦିବାସୀଙ୍କ ମନରୁ ଭୟ ଓ ଆଶଙ୍କା ଦୂର କରିବା ଲାଗି ସରକାରୀ କର୍ମଚାରୀମାନେ ସଚେଷ୍ଟ ହେବାପାଇଁ ସେ ପରାମର୍ଶ ଦେଇଥିଲେ । ସମସ୍ତ ଯୋଜନା କାର୍ଯ୍ୟକ୍ରମ ଶୀଘ୍ର କାର୍ଯ୍ୟକାରୀ ହେବା ନିମନ୍ତେ ସରକାରଙ୍କୁ ସବୁମତେ ସାହାଯ୍ୟ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଉପର ଇନ୍ଦ୍ରାବତୀ ବହୁମୁଖୀ ଯୋଜନାପାଇଁ ୨୩୨ କୋଟି ୫୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ଏହି ଯୋଜନା ଶେଷ ହେବା ପରେ ୮ଶହ ମେଗାୱାଟ ବିଦ୍ୟୁତ୍‌ଶକ୍ତି ଉତ୍ପାଦିତ ହେବ ଓ ୨୧୮,୪୮୪ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ହୋଇପାରିବ । ଏହି ସଭାରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ରାଜ୍ୟର ଅର୍ଥନୈତିକ ବିକାଶ ଲାଗି ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ, ବିଦ୍ୟୁତ୍ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଘାସିରାମ ମାଝୀ, କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସମରେନ୍ଦ୍ର କୁଣ୍ଡୁ ଓ ଜନତା ଦଳ ସାଧାରଣ ସଂପାଦକ ଶ୍ରୀ ରବି ରାୟ, ଏମ୍. ପି. ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ ।





## ପ୍ରଧାନମନ୍ତ୍ରୀଙ୍କ ଶିଶୁପ୍ରୀତ

ପ୍ରଧାନମନ୍ତ୍ରୀ ଶ୍ରୀ ମୋରାରଜୀ ଦେଶାଇ ଗତ ଅପ୍ରେଲ ୮ ତାରିଖ ଦିନ ଭୁବନେଶ୍ୱରସ୍ଥିତ ରାଜଭବନଠାରେ ୮ ବର୍ଷ ବୟସା କୁମାରୀ ବନଜ୍ୟୋସ୍ନାଙ୍କୁ ସାକ୍ଷାତ ଦେଇଥିଲେ । ଏହି ଅବସରରେ ପ୍ରଧାନମନ୍ତ୍ରୀ ତାଙ୍କୁ କର୍ପୁର ମାଳ ପିନ୍ଧାଇ ଦେବା ସଙ୍ଗେ ସଙ୍ଗେ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ୮ ବର୍ଷ ବୟସା ଏହି ବନଜ୍ୟୋସ୍ନା ୫ ବର୍ଷ ବୟସରୁ ଅଦ୍ୟାବଧି ବହୁ ପୁରସ୍କାର ଲାଭ କରିଛି ।


# ପାରାଦୀପରେ ଚାନ୍ଦ ସୌଦାଗର




ବାଣିଯାତ୍ରା ପାଇଁ ଉଦିଷ୍ଟ ପାଇଟଣା ବୋଇତ "ଚାନ୍ଦ-ସୌଦାଗର"ର ପରୀକ୍ଷାମୂଳକ ସମୁଦ୍ର ଅଭିଯାନ ପାରାଦୀପଠାରେ ମାର୍ଚ୍ଚ ୧୨ ତାରିଖରେ ଉଦ୍‌ଘାଟିତ ହୋଇଛି । କେନ୍ଦ୍ର ଇସ୍ପାତ୍ ମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏହା ଉଦ୍‌ଘାଟନ କରିଥିଲେ ଏବଂ ଓଡ଼ିଶା ରାଜ୍ୟପାଳ ଶ୍ରୀ ବି. ଡି. ଶର୍ମା ଏହି ଉତ୍ସବରେ ପୌରୋହିତ୍ୟ କରିଥିଲେ ।



ପ୍ରାଚୀନ ଓଡ଼ିଶା ବା କଳିଙ୍ଗର ସୌଦାଗରମାନଙ୍କ ଦ୍ୱାରା ବ୍ୟବହୃତ ବୋଇତର ଢାଞ୍ଚାରେ ନିର୍ମିତ ଏହି ମନୋହର "ଚାନ୍ଦ ସୌଦାଗର" ବୋଇତଟି ରାଜାବାଗାନ୍ ଡକ୍‌ରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଛି । ଫେବୃଆରୀ ୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ଏହି ବୋଇତଟିକୁ ଶ୍ରୀ ମିହିର ସେନଙ୍କ ଅଧ୍ୟକ୍ଷତାରେ ଗଠିତ ଏକ୍ସପ୍ଲୋରରସ୍ କ୍ଲବ୍‌କୁ ହସ୍ତାନ୍ତର କରିଥିଲେ । ଆସନ୍ତା ଅକ୍ଟୋବର ମାସରେ ଏହି ବୋଇତ ଓଡ଼ିଶାର ପାଲୁରଠାରୁ ଇଣ୍ଡୋନେସିଆ ଅଭିମୁଖେ ଯାତ୍ରାକରି ୬ ମାସ ମଧ୍ୟରେ ଗୁଜୁରାଟର ବ୍ରୋଚ୍ ବନ୍ଦରଠାକୁ ଫେରି ଆସିବ ବୋଲି ଯୋଜନା କରାଯାଇଛି ।





# ସପ୍ତମ ଋତୁ

## (କବିତା)

## କବି – ଶ୍ରୀ ରମାକାନ୍ତ ରଥ

ଆଲୋଚକ—ଶ୍ରୀ ଫନୀ ମହାନ୍ତି

ନିକଟରେ ସୁପ୍ରତିଷ୍ଠିତ କବି ରମାକାନ୍ତ ରଥଙ୍କର ସପ୍ତମ ଋତୁ କବିତା ସଂକଳନଟି ପ୍ରକାଶ ପାଇଛି । ଜୀବନକୁ ସେ ଯେଉଁ ଦୃଷ୍ଟିକୋଣରୁ ଅନୁଧ୍ୟାନ କରିଛନ୍ତି ଏବଂ ଜୀବନର ଅଭିଜ୍ଞତା ତାଙ୍କୁ ଜୀବନର ଯେଉଁ ଅର୍ଥ ଦେଇଛି—ତାହା ବଡ଼ ବିଶ୍ୱସ୍ତ ଭାବେ ଏହି କବିତାଗୁଡ଼ିକ ଭିତରେ ପ୍ରତିଫଳିତ ହୋଇଛି ଏବଂ କହିବା ବାହୁଲ୍ୟ ତାଙ୍କର ଅନ୍ୟାନ୍ୟ କବିତା ସଂକଳନ ଭିତରେ ଏ ସଂକଳନଟି ବହୁ ଦୃଷ୍ଟିରୁ ଅନନ୍ୟତାର ଦାବୀ କରିପାରେ । ଏଥିରେ ବ୍ୟବହୃତ ଭାଷା ଶୈଳୀ ଅନ୍ତର୍ଧ୍ୱନି ପ୍ରଧାନ ହୋଇଥିଲେ ବି ଏବଂ ଚିତ୍ରକଳ୍ପବହୁଳ ହୋଇଥିଲେ ବି କବିତାଗୁଡ଼ିକ ଦୁର୍ବୋଧ୍ୟ ନୁହେଁ । "ଅନେକ କୋଠରୀ" ଠାରୁ "ସନ୍ଦିଗ୍ଧ ମୃଗୟା" ପର୍ଯ୍ୟନ୍ତ ତାଙ୍କର କାବ୍ୟ ଚେତନାର ମୂଳଭିତ୍ତି ସମାନ ଥିଲେ ବି ଉପଲବ୍ଧିର ବୈଚିତ୍ର୍ୟ କ୍ରମଶଃ ସ୍ପଷ୍ଟ ହୋଇ ଆସିଛି । କ୍ରମଶଃ ଲକ୍ଷ୍ୟ କରାଯାଏ ଯେ କବି ଏକ ସହଜ, ସରଳ ସମାଦୃତ ମଣିଷଟି ପରି ବ୍ୟକ୍ତସତ୍ତାର ନିବୃତ୍ତ କେନ୍ଦ୍ର ମଧ୍ୟରୁ ମୁକ୍ତି ପାଇ ବିଶ୍ୱସତ୍ତା ସହିତ ନିଜକୁ ସାମିଲ୍ କରିଦେବା ଲାଗି ବ୍ୟାକୁଳ ହୋଇ ଉଠିଲେଣି । ଏ କ୍ଷେତ୍ରରେ ସପ୍ତମ ଋତୁର କବି ଆଉ ବ୍ୟକ୍ତି-ସଂକୀର୍ଣ୍ଣତାର ଅନ୍ଧ ପରିଧି ଭିତରେ ବନ୍ଦୀ ନୁହନ୍ତି । ଜୀବନ ଯନ୍ତ୍ରଣାରେ ଜର୍ଜରିତ ହୋଇ ବ୍ୟଥାର ସଂଗୀତ ଗାଇବାରେ କବି ଏଠି ମୁଖର ନୁହନ୍ତି, ଯାହାକି କବି ପ୍ରତିଭାର ଏକ ବହୁଚର୍ଚ୍ଚିତ ବିଶେଷତ୍ୱ । କାବ୍ୟ ସିଦ୍ଧିର ସୁଉଚ୍ଚ ସୋପାନରେ କବି ପହଞ୍ଚି ପାରିଥିବାରୁ ଯନ୍ତ୍ରଣାରେ ତିକ୍ତତାର ଭିତରେ ବି ପ୍ରଚ୍ଛନ୍ନ ଭାବେ ତାଙ୍କ ଆତ୍ମାର ଆଶାବାଦ ଧ୍ୱନିତ ହୋଇ ଉଠୁଛି । କବି ରମାକାନ୍ତଙ୍କ ଏହି କବିତା ଗ୍ରନ୍ଥଟି ଓ ତା' ସହିତ ଏକ ଦୀର୍ଘ ପ୍ରସ୍ତାବନା ପାଠକଲେ ଯେକେହି ବିଶ୍ୱରହନ୍ତ ପାଠକ କବିଙ୍କର ଭାବାବେଗକୁ ସହଜରେ ଉପଲବ୍ଧି କରିପାରିବ । ପ୍ରଥମରୁ ମନେ ହେବ, ଯେପରିକି କବି-ପ୍ରଜ୍ଞାର ଗଭୀରତାର ମାପକାଠି, ତା ନିକର ସୁଦୀର୍ଘ ଯୁକ୍ତି ଯୁକ୍ତ ପ୍ରସ୍ତାବଟି ଆଧୁନିକତାର ସପକ୍ଷରେ ବାଢିଥିବା ଯୁକ୍ତିର ଯଥାର୍ଥତା ପ୍ରତିପାଦନ କରିବାକୁ କବି ଯଥାସମ୍ଭବ ଚେଷ୍ଟା କରିଛନ୍ତି ସଂକଳନର ପ୍ରସ୍ତାବନାରେ "ପରିବେଶରୁ" କେବଳ କବିତା ନାହିଁକି, ଯେ କୌଣସି କଳାତ୍ମକ ଅଭିବ୍ୟକ୍ତିର ମଧ୍ୟ ସୃଷ୍ଟି । ପରିବେଶ ସହିତ ଯିଏ ଯେତେ ଅଧିକ ମାତ୍ରାରେ ଘନିଷ୍ଠ ଓ ଆତ୍ମଲୀନ, ତା'ର ସୃଷ୍ଟି ସେତିକି ତୀକ୍ଷ୍ଣ ଓ ସାର୍ଥକ । ପରିବେଶକୁ ଜଣେ କବି ଇଚ୍ଛାକରି ସଂକୀର୍ଣ୍ଣ କରିପାରେ । ଆତ୍ମରତିରେ ଜର୍ଜରିତ ହେବା ପାଇଁ ଅନାୟାସରେ ଏହାକୁ ପ୍ରଶସ୍ତ ଓ ବହୁମୁଖୀ କରି ଏକ ମହାନ୍ ଚେତନାଗତ ଆଦର୍ଶରେ ମଧ୍ୟ ଅନୁପ୍ରାଣିତ ହୋଇପାରେ । ସଂପୂର୍ଣ୍ଣଭାବେ ଏହା କବିର ନିଜ ରୁଚି, ନୀତି ଓ ବିଶ୍ୱର ଉପରେ ନିର୍ଭର କରେ । ଏଇ ଦୁଇଟି ଧାରା ମଧ୍ୟରୁ ଯିଏ ଯେଉଁଟିକୁ ଆବୋରି ନିଏ, ସେ ତା ସପକ୍ଷରେ ବହୁ ଯୁକ୍ତି ଦର୍ଶାଇଥାଏ । କବି ରମାକାନ୍ତ ପ୍ରଥମ ଧାରାର ପୃଷ୍ଠ-ପୋଷକତା କରି ତା ସପକ୍ଷରେ ବହୁ ଯୁକ୍ତି ଦର୍ଶାଇଥିଲେ ବି ତାହା କିପରି କ୍ରମଶଃ ଆଲୋଚ୍ୟ ସଂକଳନଟିର ଉଭୟ ମତକୁ ସମର୍ଥନ କରୁଥିବା ପରି ମନେହୁଏ । "ବିଚ୍ଛିନ୍ନତାର ସଙ୍ଗୀତ" କବିର ଏକାନ୍ତ ନିଜସ୍ୱ ଆଦର୍ଶ ହୋଇ ପାରେ ; କିନ୍ତୁ ତାର ଅଜାଣତରେ ସେଇ ଆଦର୍ଶରେ ଅନ୍ୟ ଜଣେ ପାଖ କୋଠରୀରେ ରହୁଥିବା ବ୍ୟକ୍ତି ଯେ ଅନୁପ୍ରାଣିତ ହେବାକୁ ବ୍ୟାକୁଳ ହୋଇ ଉଠିଲଣି, ସେଥିପ୍ରତି କବି ସଂପୂର୍ଣ୍ଣ ଅନଭିଜ୍ଞ ଥିବା ପରି ମନେହୁଏ ନାହିଁ । ଲେଖିବା ବନ୍ଦ କରି ପାରିନାହାନ୍ତି ବୋଲି କେହି ଲେଖେ ନାହିଁ । ବରଂ ନିଜ ପରିବେଶ ସହିତ ଅନ୍ୟକୁ ପରିଚିତ କରାଇଦେବା ପାଇଁ ସମସ୍ତେ ଲେଖନ୍ତି । ନିଜକୁ ନିଜ ଠାରୁ ବିଚ୍ଛିନ୍ନ କରି ଅନ୍ୟ ସହିତ ଆତ୍ମିକ କରାଇବାରେ କାବ୍ୟ ମାନସ ଏକ ଅନନ୍ୟ ପ୍ରତିଭାର ଅଧିକାରୀ—ଏଥିରେ ସନ୍ଦେହ ନାହିଁ । ଯେଉଁ ଦୁର୍ଲଭ ଶବ୍ଦ ଉପକାର ସମ୍ରାଟ କବି ନିଜେ, ସେ ଉଲ-କାର ଦ୍ୱାର ମଧ୍ୟ ଅନ୍ୟମାନଙ୍କ ପାଇଁ ନିଚିହ୍ନ ନୁହେଁ । ନିଜସ୍ୱ ଯନ୍ତ୍ରଣାରେ ସନ୍ତୁଳିତ ଓ ପିଷ୍ଟ କବି ଅନ୍ୟର ଯନ୍ତ୍ରଣା ବୁଝିବାକୁ ମଧ୍ୟ ସମର୍ଥ । ସାମାନ୍ୟ ଚେଷ୍ଟା କଲେ ଯେ କେହି ରସଗ୍ରାହୀ ପାଠକ କବିର ନିଭିଜ୍ଞ ମାନସରୋବରରେ ନିର୍ବିଘ୍ନରେ ସଂଚରଣ କରିପାରେ । ସିଦ୍ଧ ଚଳଚାଳିଙ୍କୁ ଚହଲାଇ ଦେଇପାରେ । ଏଥିପାଇଁ ସେଇ ସମର୍ଥନ

ଯୋଗାଡ଼ କରିବାର ପ୍ରଶ୍ନ ଉଠେ ନାହିଁ । ଯେପରିକି ଘର ଯୋଡ଼ି ଯାଇଥିବା ଲୋକର ଡ଼ାକରାକୁ କେହି ଅପେକ୍ଷା କରି ନଥାନ୍ତି । ସ୍ୱତଃପ୍ରବୃତ୍ତ ହୋଇ ଲୋକେ ସେ ଗୃହସ୍ଥର ଦୁଃଖରେ ସମଦୁଃଖୀ ହୁଅନ୍ତି । ଲୋକ ସମର୍ଥନ ବା ଜନମତର ପ୍ରଶ୍ନ ଏଠି ଅବାନ୍ତର । ଯେଉଁ ଅକଥନୀୟ ଜୀବନ ଯନ୍ତ୍ରଣାର ଶରବ୍ୟ କବି ନିଜେ, ସେ ଯନ୍ତ୍ରଣାକୁ ଉପଭୋଗ କରିବା ପାଇଁ, ଏକମାତ୍ର କବି ଯେ ହକ୍‌ଦାର ଏ ଯୁକ୍ତି ମଧ୍ୟ ଅପ୍ରାସଂଗିକ । ଯନ୍ତ୍ରଣାରେ ଅତିଷ୍ଠ ହୋଇ ଚିତ୍କାର କରୁଥିବା ବ୍ୟର୍ଗର ଶବର ତରଙ୍ଗ ଜଣେ ଧ୍ୟାନମଗ୍ନା ସନ୍ନ୍ୟାସିନୀର ଯୋଗଭଙ୍ଗ କରିପାରେ । ଅଥବା ତଦ୍ରୂପ କିଛି ଦୃଷ୍ଟି ଆକର୍ଷଣକାରୀ ଘମାଘୋଟ ଘଟଣାର ଉଦ୍ରେକ କରାଇପାରେ । ଏଥିରେ ପ୍ରସ୍ତର କୌଶଳ ବା କାବ୍ୟମାନସର ଅଧଃପତନ କଥା ଚିନ୍ତା କରାଯାଇ ନପାରେ ।

ମୁଁ ଆତଙ୍କଗ୍ରସ୍ତ ହୋଇ
ପାଚିକରି ଦିଅ ମତେ, ହାତଗୋଡ଼ ଦିଅ
ଘରଟିଏ ଦିଅ, ଯେଉଁଠି ମୁଁ ଦିନେ ଥୁରୁ ଥୁରୁ
ବୁଢ଼ାଟିଏ ହୋଇ କରି ମରିଯିବି, ଦିଅ କଣ୍ଠସ୍ୱର ।

ଚିତ୍ର ପ୍ରତିମା (ପୃଷ୍ଠା ୯୪)

ବା—
ଶୋଚନା ଏତିକି
ତମର ମୁହଁରେ ଏବଂ ତମର ଲାଜରେ
ମୃତ୍ୟୁ ହେଲୁ ସାକାର । ତମେତ ସତ୍ୟ
ଦୀପଶିଖା ଟିଏ ପରି ଜଳୁଥିଲ ସୁନ୍ଦର ନିର୍ମଳ ।

ତମ ଭାଗ୍ୟ (ପୃଷ୍ଠା ୭୬)

ଆତଙ୍କ ଗ୍ରସ୍ତ ହୋଇ ଯନ୍ତ୍ରଣାରେ ସଂକୁଚିତ କବି ସ୍ୱପ୍ନ ଦେଖିପାରେ ଥୁରୁ ଥୁରୁ ବୁଢ଼ାଟିଏ ହୋଇ ମରିବା ପର୍ଯ୍ୟନ୍ତ ବଂଚି ରହିବାକୁ । ଏବଂ ତଦ୍ରୂପ କିଛି ସ୍ୱପ୍ନ ଦେଖିବାକୁ । ମୃତ୍ୟୁର ଭୟାବହତା ସତ୍ତ୍ୱେ, ମୃତ୍ୟୁ ଆମପାଇଁ ଏକ ସହଜ ସରଳ ସତ୍ୟ । ଏହାକୁ ଅନାୟାସରେ ଗ୍ରହଣ କରାଯାଇ ପାରେ । ଏଠି ଆତ୍ମ ବିଜ୍ଞାପନର ପ୍ରଶ୍ନ ଉଠିପାରେନା । ଅଥବା ଏହା ସଫଳତା ହାସଲ କରିବାର ଏକ ଅଭିନବ କୌଶଳ ମଧ୍ୟ ହୋଇପାରେ ।

କବି ରମାକାନ୍ତଙ୍କ ଜୀବନ ଦର୍ଶନ ତାଙ୍କ ସମସାମୟିକ କବିମାନଙ୍କ ଜୀବନ ଦର୍ଶନଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଜୀବନର ବହୁବିଧ ଦୃଷ୍ଟିଭଙ୍ଗୀର ନିଶ୍ଚିତ ସମ୍ଭାବନା ଥିବା ସତ୍ତ୍ୱେ, କବି ଆପଣାଛାଏଁ ଯେଉଁ ଦର୍ଶନରେ ବିଶ୍ୱାସୀ, ତାହାହିଁ ତାଙ୍କର ନିଜସ୍ୱ ସଂଳାପ ବା ବକ୍ତବ୍ୟ । ସେଥିରେ ଅନ୍ୟର କିଛି କହିବାର ନାହିଁ । ଚେତନାର ସ୍ତରେ ସ୍ତରେ କବି ମୃତ୍ୟୁର ସତ୍ତା ଉପଲବ୍ଧି କରିବାରେ ସିଦ୍ଧହସ୍ତ । ମୃତ୍ୟୁର ଭୟାବହତାରେ କବିପ୍ରାଣ ବିଚଳିତ ନୁହେଁ । ତାହା ଏକ ସହଜ ସରଳ ଘଟଣା କବିପାଇଁ । ସନ୍ନିବେଶିତ ଅଧିକାଂଶ କବିତାରୁ ତାହା ସ୍ପଷ୍ଟ ବାରି ହୋଇପଡ଼େ । ଉଦାହରଣ ସ୍ୱରୂପ—"ଦିନେ ମୁଁ ଶୁଣିଲି ତାର ମୃତ୍ୟୁହେଲା/କେତେ ଖେଳ ଛୁଟି ମୋର କଟିଥିଲ ତାକୁ ଝୁରି ଝୁରି/କଣ ତାକୁ ଡେବେ କହିଦେବି ମୋ ମୃତ୍ୟୁର ସଠିକ ଠିକଣା/କେଉଁ ନରାଧମ କାଳି ଛୁରୀ 'ଭୁସିଦେଲା ମଉ ଭିକାରୀକୁ/ତା' ନିର୍ମମ ଆଶ୍ଲେଷକୁ କିଏ ମୃତ୍ୟୁ କହେ/ତାବି ଠିକ ସେହିପରି ବିଚ୍ଛିନ୍ନତ ଓ ନିଃସଙ୍ଗତାରେ କବିପ୍ରାଣ ଏପରି ଦହ୍ୟମାନ ଯେ ତାହା ବିଭିନ୍ନ କବିତାରେ ବିଭିନ୍ନ ରୂପରେ ପ୍ରତିଫଳିତ । "ପତ୍ର ଝଡ଼ିଯାଇଥିବା ଗଛମାନେ/ଶୃଙ୍ଖଳହୁଡ଼କୁ ଗରା ବାଲଟି ଧରିଥିବା ଲୋକ/ସେ ବସିରହିବ ଚିରା ସାମିଆନା ତଳେ/ମୋଥର ବିଫଳ ଦ୍ୱାର/ବନ୍ଦ ଦୁଆରର ଉଦାସ ଉହାର/ଘାଏଲ୍ ବଢ଼େଇପରି ସ୍ଖଳିଯାଏ ମୋର ଦୁଃଖ । ସେ ସବୁର ପ୍ରତୀକ ।

ସ୍ଥିତିକୁ ଅସ୍ୱୀକାର କରୁଥିବା କବି ମଧ୍ୟ ନିଜସ୍ଥିତି ପ୍ରତି ସମ୍ପୂର୍ଣ୍ଣ ଚିନ୍ତାଶୂନ୍ୟ ନୁହେଁ । ଉଦାସୀନ ନୁହେଁ । ବଂର ଚେତନା କେଉଁ ଏକ ନିଭୃତ ସ୍ଥଳରୁ ସେଥିପ୍ରତି ସତର୍କ ଦୃଷ୍ଟି ନିକ୍ଷେପ କରୁଥିବାର ମନେହୁଏ । ସତେଯେମିତି ନିଜ ସତ୍ତାର ପ୍ରଛନ୍ନ ସ୍ୱର ଶୁଣିବାକୁ କବିପ୍ରାଣ ବ୍ୟାକୁଳ । ଯଥା—"ମୋର ପରାଜୟ ମତେ ଭଲଲାଗେ/ଗୋଟିଏ ସ୍ଥିତିରୁ ଯାଇ ପୃଥକ୍ ସ୍ଥିତିକୁ/ମୁଁ ଅଣନିଃଶ୍ୱାସୀ ହୋଇ ଦୌଡ଼ୁଥିବି/ମୁଁ ମଧ୍ୟ ବଦଳିଗଲି ଅସମ୍ଭବଭାବେ/ମତେ ଆଉ ଆତଙ୍କିତ କରିବନି ମୋ ପୁରୁଷକାର/ଇତ୍ୟାଦି । ସକଳ ଦୁର୍ଭାବନା ଓ ଦୁଃସ୍ୱପ୍ନ କବିର ଭୂଷଣ ହୋଇପାରେ ।.. ଯାହାକୁ ନେଇ କବି ମୁହୂର୍ତ୍ତେ ଆତ୍ମହୀନ ହୁଏ । କିନ୍ତୁ ତହିଁରେ ନିବିଡ଼ ନହୋଇ ସଂଗ୍ରାମ କରିପାରେ ଏକ ଆଦର୍ଶ ଜୀବନର ନକ୍‌ସା ଆଙ୍କିବା ପାଇଁ । ଯନ୍ତ୍ରଣା ଏଠି କବିକୁ ସ୍ଥବିର କରି ଦେଇନାହିଁ । ବରଂ ଏକ କର୍ମଯୋଗୀ କରିପାରିଛି ଯନ୍ତ୍ରଣା ଭିତରେ ସିଦ୍ଧଯୋଗୀ ହେବାର ପରିକଳ୍ପନା କିଛି କମ୍ କଥା ନୁହେଁ । ନିଜକୁ ନିଃଶେଷ କରାଇପାରେ ଯିଏ, ସିଏ ବି ପରୋକ୍ଷରେ ନିଜକୁ ମର୍ଯ୍ୟାଦାବନ୍ତ କରାଇପାରେ । ଏହି ସ୍ୱପ୍ନର ସଫଳତା ଦେଖିବାକୁ ମିଳେ "ସପ୍ତମରତୁ"ରେ । ସପ୍ତମରତୁ କବି ଚେତନାର ଅନନ୍ୟ ଏକ ରତୁ । ଏ ରତୁର ଚିତ୍ରପଟ କପୋଳକଳ୍ପିତ ନୁହେଁ । ମୃତ୍ୟୁ ଏଠି ଏକ ଅଶୁଭ ସଙ୍କେତ ନୁହେଁ । ତଥାକଥିତ ବିଚ୍ଛିନ୍ନତା ନିର୍ଜନତା ଓ କ୍ଷଣଭଙ୍ଗୁରତା କବି ଜୀବନର ଆଦର୍ଶ ହୋଇନପାରେ । ଯଥା——"ମୃତ୍ୟୁ ସବୁଠି ସମାନ/ସବୁଠୁ ଉତ୍ତମ କଥା ତାରିଫ୍ କରିବା ଏପରି ମୃତ୍ୟୁକୁ । ସେଠାରେ କେବଳ ଶୁଭେ ସ୍ତବ୍ଧତାର ଦୀର୍ଘଶ୍ୱାସ/ଏତଦ୍ୱାରା ପ୍ରମାଣ ଯେ ପ୍ରକୃତ ପକ୍ଷରେ ମୃତ୍ୟୁନାହିଁ—ମୃତ୍ୟୁ ଅଛି ଖାଲି ହୃଦୟର ଅନ୍ଧାରରେ ଓ ଆଶାର ଅସମର୍ଥତାରେ/ । ଏହି ପଂକ୍ତି ଗୁଡ଼ିକରୁ ମନେହୁଏ——କବି ନିକଟରେ ମୃତ୍ୟୁ ଓ ନିଃସଙ୍ଗତା ଏକ ଖୋଲଖୋଲି ସତ୍ୟ ଘଟଣା । ଏହାକୁ ଜୀବନର ଏକ ନିରବଚ୍ଛିନ୍ନ ଅଙ୍ଗ ବୋଲି ଗ୍ରହଣ କରିନେବାରେ କବିଙ୍କର ଦ୍ୱିଧା ନାହିଁ । ସପ୍ତମରତୁର ଚିତ୍ରପଟ କପୋଳକଳ୍ପିତ ନୁହେଁ । ମୃତ୍ୟୁ ଏକ ଅଶୁଭ ସଙ୍କେତ ନୁହେଁ କବିଙ୍କ ପାଇଁ । ସବୁକିଛି ନିଶ୍ଚଳ ଓ ନିଥର ମଧ୍ୟରେ ଏକ ଭୟାବହ ଗତିଶୀଳତାର ଚିତ୍ର ତୋଳା ଯାଇପାରେ । ସବୁ ନେତିଭିତରେ ଇତିକୁ ଅନୁବ୍ରତ ଖୋଜିବୁଲିବା ମଧ୍ୟ ମୃତ୍ୟୁ ଉପରେ ଏକପ୍ରକାର ବିଜୟ ହୋଇପାରେ । ମୃତ୍ୟୁର ଶୀକାର ହୋଇ ମଧ୍ୟ ମୃତ୍ୟୁକୁ ଅସ୍ୱୀକାର କରିପାରିବା ଏକ ବିରୋଧାଭାଷୀ ସ୍ୱାଧୀନତା—ଯାହାକି ଜଣେ ଦୁଃସାହସୀ ବିପ୍ଳବୀ କବିର ଚେତନାର ବିସ୍ଫୋରଣ ଦ୍ୱାରା ଅର୍ଜିତ ହୋଇଥାଏ । କବି ରମାକାନ୍ତ ଏହି ଶ୍ରେଣୀର କବି । ବରଂ ମୃତ୍ୟୁର ଆକ୍ରମଣ ପାଖେ ଭୟାତୁର ଅସହାୟତାରେ ସେ ନିଜକୁ ସମର୍ପି ନଦେଇ ଏବଂ ମୃତ୍ୟୁର ଜୀବନ ଉପରେ ପ୍ରଭୁତ୍ୱ ବା ଗୁରୁତ୍ୱକୁ ଅସ୍ୱୀକାର କରି ସେ ଗାଇଛନ୍ତି—ଜୀବନବାଦୀ ମୃତ୍ୟୁ ସଚେତନ ମଣିଷ ପାଖେ—

ଅନ୍ୟ କେତେ କାମ ପରି, ମୃତ୍ୟୁ ଏକ କାମ
ସେଥିପାଇଁ ପଛପୁଞ୍ଛା ନାହିଁ । କିମ୍ବା ଅଯଥା ବ୍ୟସ୍ତତା
ନାହିଁ । ଅପରିପକ୍ୱ ବିମର୍ଷତା ନାହିଁ । (ପୃଷ୍ଠା ୫୮)

କିନ୍ତୁ ଏଭଳି ମୃତ୍ୟୁନଗ୍ନ ରମାକାନ୍ତଙ୍କର ଯେତିକି ଶୋଚନା ନାହିଁ—ସେଦିନ ଆଉ ଏକ ଶିଶୁସତ୍ତାର ଯେ ମୃତ୍ୟୁ ଘଟିବ ଏଥିରେ ସେ ମର୍ମାହତ

ଅନ୍ୟଏକ ମୃତ୍ୟୁ ହେବ ମୋ ମରିବା ଦିନ
ପୁଳୁଳା ଦେହରେ କଳି ଧରିବାରେ, କୋଳି ତୋଳିବାରେ
ସକାଳ ଗୋଟାକ କାଟୁଥିବା ବାଳକର
ସେଦିନ ଦେହାନ୍ତ ହେବ । ମୋର ଆଜୀବନ
ସେ ନମରି ରହିଥିଲା । ଚୁପ୍ ଚୁପ୍ ସେ ଅଧରାତିରେ
ଲୁଚି ଚାଲିଯାଉଥିଲା ଖରାକୁ, ଘାସକୁ, ନିଜ
ନିର୍ବୋଧତାକୁ ଓ ପତ୍ର ଗହଳରେ
ଲୁଚିଥିବା ପକ୍ଷୀଙ୍କର କାକଳି ପାଖକୁ ।
ସେ ମରିବ ସେହିପରି ପୁଳୁଳା ଦେହରେ—.. ।

ଏଠି ପ୍ରଥମ ମୃତ୍ୟୁ ଅପେକ୍ଷା ଦ୍ୱିତୀୟ ମୃତ୍ୟୁ ପ୍ରତି ଅଧିକ ଅନୁଶୋଚନା ପ୍ରକାଶ ପାଉଛି । ଏବଂ ଏହି ୨ୟ ମୃତ୍ୟୁ—ଯାହାକି ଏକ ଶିଶୁ-ସତ୍ତାର ମୃତ୍ୟୁ ବୋଲି ମନେହୁଏ—ତାହା ବୋଧେ କବିଙ୍କର ନିଜ କବି ଆତ୍ମାର ମୃତ୍ୟୁ ଏଠି ପ୍ରଥମ ମୃତ୍ୟୁଟି କେବଳ ଦୈହିକ ମୃତ୍ୟୁ—ଯାହାକୁ ସେ ଆଦୌ ଖାତିରିଭ କରିନାହାନ୍ତି ।

କାରଣ ଅନ୍ୟତ୍ର କବି ଅନୁଭବ କରିଛନ୍ତି—
ପୃଥିବୀର ସବୁକିଛି ପରି ଏ ଶରୀର
କ୍ରମେ ବିକଳାଙ୍ଗ ହୁଏ, ସବୁ ଲୁଚିଯାଏ
ମସ୍ତବଡ଼ ହୃଦ୍ଦି ତଳାଭିତରେ । ଯାହାବାହିର
ଝଡ଼ି ଯାଉଥିବା ଫୁଲପରି ତାହା ସୁନ୍ଦର ଦିଶେ, ତା
ଆସ୍ରେକିତ ପାଖୁଡ଼ାରେ ଛାଇପଡ଼େ ଆସନ୍ନ ମୃତ୍ୟୁର ।

ଦର୍ଶନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର

ରମାକାନ୍ତ ମୃତ୍ୟୁ-ସଚେତନ କବି ଅଛନ୍ତି । ଏବଂ ବିଷାଦ ତାଙ୍କର କବି—ଚେତନାର ମୂଳଉପାଦାନ । ମାତ୍ର ଏହି ମୃତ୍ୟୁ—ସଚେତନତା ଓ ଗଭୀର ବିଷାଦବୋଧରେ ଆକ୍ରାନ୍ତ ନହେଲେ, ତୀବ୍ର ଭାବେ ଆକ୍ରାନ୍ତ ନହେଲେ—କେହି ଏହାକୁ ଅତିକ୍ରମ କରିବାର ଚିନ୍ତା ମଧ୍ୟ କରି ପାରିବନାହିଁ ।

ଭାର୍ଗ ପ୍ରକାଶନୀ, କଟକ ଏ ବହିଟିର ପ୍ରକାଶକ । କଲେଇ ବହିଟିର ଦାମ ମାତ୍ର ନଅଟଙ୍କା । ସୁପ୍ରତିଷ୍ଠିତ ଶିଳ୍ପୀ ଅସୀତ ମୁଖର୍ଜୀଙ୍କ ଅଙ୍କିତ ପ୍ରଚ୍ଛଦପଟଟି ଅତ୍ୟନ୍ତ ଇଙ୍ଗିତପୂର୍ଣ୍ଣ ଓ ଗଭୀର କାରୁଣ୍ୟରେ ସୁରମ୍ୟର । ଆଶାକରୁ କବିତାମୋଦୀମାନେ ଏ ବହିଟିକୁ ପଢି ସେମାନଙ୍କର କାବ୍ୟ-ପିପାସା ଚରିତାର୍ଥ କରିବେ ।

✲

ଭାରତରେ ସର୍ବପ୍ରଥମ

ଜନସାଧାରଣଙ୍କ ନିମନ୍ତେ

ଜର୍ମାନ୍ ଶିଳ୍ପ କୌଶଳରେ ନିର୍ମିତ ନୂତନ କପଡା

# ପୋଲି ଏୟାର

ଅଣ ସଂକୁଚିତ ଓ ଇସ୍ତ୍ରୀ ବିହୀନ

ପ୍ରତ୍ୟେକ ପ୍ୟାଣ୍ଟ ପିସ୍—୧·୨୦ ମିଟରକୁ ୪୦ ଟଙ୍କା ମାତ୍ର
ପ୍ରତ୍ୟେକ ସାର୍ଟ ପିସ୍—୨·୦୦ ମିଟରକୁ ୪୦ ଟଙ୍କା ମାତ୍ର

ବିଶେଷ ଦ୍ରଷ୍ଟବ୍ୟ :—

ଏକକାଳୀନ ୧୦ଟି ପିସ୍ କିଣିବା ପାଇଁ ଅର୍ଡର ଦିଆଗଲେ ୧୦୦ ଟଙ୍କା ମୂଲ୍ୟର ଗୋଟିଏ ପିସ୍ ଗାବ୍ରଡିନ୍ ପ୍ୟାଣ୍ଟ କପଡା ମାଗଣାରେ ପଠାଯାଇପାଏ ।

ଗ୍ୱାଲିୟର ଟେକ୍ସଟାଇଲ୍ସ
୩୮-ବି, ମଜଲିସ୍ ପାର୍କ
ଦିଲ୍ଲୀ—୧୧୦୦୩୩

# ୨୨୦ଟି ବୃହଦାକାର ବହୁମୁଖୀ ସମବାୟ ସମିତି ଗଠିତ

କୃଷକମାନଙ୍କ ଋଣ ଆବଶ୍ୟକତା ବଢୁଥିବାରୁ ସେଥିପାଇଁ ପ୍ରାଥମିକ ସମବାୟ ସମିତିଗୁଡ଼ିକୁ ଅଧିକ ତତ୍ପର ଓ ସକ୍ରିୟ କରାଯିବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି । କୃଷି କମିଶନଙ୍କ ପରାମର୍ଶ ଅନୁସାରେ କୃଷକ ସେବା ସମିତିମାନ ଗଠନ କରାଯାଉଛି ଏବଂ ବୃହଦାକାର ବହୁମୁଖୀ ସମବାୟ ସମିତିମାନ ଗଠନ କରାଯାଉଛି । ଯେଉଁ ଅଞ୍ଚଳମାନଙ୍କରେ ଆଦିବାସୀ ଉପଯୋଜନାଗୁଡ଼ିକ କାର୍ଯ୍ୟକାରୀ ହେଉଛି ସେସବୁ ଜାଗାରେ ଏ ପର୍ଯ୍ୟନ୍ତ ୨୨୦ ଟି ବୃହଦାକାର ବହୁମୁଖୀ ସମବାୟ ସମିତି ସ୍ଥାପିତ ହୋଇଛି । ଯେଉଁ ୯ଟି ଜିଲ୍ଲାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉନ୍ନୟନ ସଂସ୍ଥା, କମାଣ୍ଡ ଏରିଆ ଉନ୍ନୟନ ସଂସ୍ଥା, ଡ୍ରାଇ ଫାର୍ମିଂ କୃଷି ଯୋଜନା ଓ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ କାର୍ଯ୍ୟ କରୁଛନ୍ତି, ସେଠାରେ ଗୋଟିଏ କରି କୃଷକ ସେବା ସମବାୟ ସମିତି ଗଠନ କରିବା ପାଇଁ ସ୍ଥିର ହୋଇଛି । ବର୍ତ୍ତମାନ ସୁଦ୍ଧା କଟକ, ପୁରୀ ଓ ସମ୍ବଲପୁର ଜିଲ୍ଲାରେ କୃଷକ ସେବା ସମବାୟ ସମିତି ଗଠନ କରାଯାଇଛି ।

କୃଷକମାନଙ୍କୁ ତ୍ୱରାନ୍ୱିତଭାବେ ଋଣ ଯୋଗାଇଦେବା ନିମନ୍ତେ ବ୍ୟାଙ୍କମାନଙ୍କରେ ଦକ୍ଷ ଓ ବେତନପ୍ରାପ୍ତ ସମିତି ସଂପାଦକ ନିଯୁକ୍ତ କରାଯାଉଛି । ଏହି ଅନୁଯାୟୀ ନିଯୁକ୍ତି ପାଇଥିବା ୨୭୩୮ ଜଣ ସଂପାଦକଙ୍କ ମଧ୍ୟରୁ ୧୯୧୬ ଜଣ ତାଲିମ ପାଇ ସାରିଲେଣି ।



OGP.—MP-VI (Home [P. R.]) 10—5 51-5-1978



୧୯୭୮ ଅପ୍ରେଲ ୮ ତାରିଖ ଦିନ ପ୍ରଧାନ ମନ୍ତ୍ରୀ ଶ୍ରୀମୋରାରଜୀ ଦେଶାଇଙ୍କୁ ଭୁବନେଶ୍ୱର ବିମାନ ବନ୍ଦରଠାରେ ରାଜ୍ୟପାଳ ଶ୍ରୀ ବି. ଡି. ଶର୍ମା, ଓ ସାଂସ୍କୃତିକ ବିଭାଗ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ ସ୍ୱାଗତ ଜଣାଉଛନ୍ତି ।

Vol. XXXIV No. 10 UTKAL PRASANGA Regd. No. O-247
Licence No. C. R. N. P. 5—Licensed to post without Pre-Payment

# ଆମ୍ଭେ ଏମନ୍ତ - ଆମ୍ଭେ ମଦ

ଆମ୍ଭେ କିଏ ଜାଣନ୍ତି ? ଆମ୍ଭେ ମଦ ଅଟୁ । ଆମ୍ଭର ଜନ୍ମ ଦ୍ରାକ୍ଷା, ଗୁଡ଼, ଶହଦ, ଭାତ, ସଲପ, ପୋଚ ଏବଂ ମହୁଲ ଆଦି ଉତ୍ତମ ଜିନିଷଗୁଡ଼ିକର ବିକୃତି ଭିତରୁ ।

ଆମ୍ଭେ ଜାତିରେ ଖୁବ୍ ପୁରାତନ ଓ ବହୁଧା ବିଭକ୍ତ । ଆମ୍ଭେ ଯେତିକି ପୁରୁଣା ହେଉ, ଆମ୍ଭର ଆକର୍ଷଣ ଶକ୍ତି ସେତିକି ବଢ଼ି ବଢ଼ି ଯାଏ । ଆମ୍ଭେ କାହାକୁ ଆପଆଡ଼ୁ ଧରୁ ନାହିଁ । କିନ୍ତୁ ଆମ୍ଭଙ୍କୁ ଯେ ଧରେ, ଆମ୍ଭେ ତାକୁ ଶେଷ ପର୍ଯ୍ୟନ୍ତ ନ ନେଇ ସହଜରେ ଛାଡ଼ୁ ନାହିଁ । ଆମ୍ଭଙ୍କୁ ଯେ ଧରେ, ସେ ଆତ୍ମୀୟସ୍ୱଜନଙ୍କୁ ଛାଡ଼େ—ବାପ, ମା, ସ୍ୱାମୀ, ସ୍ତ୍ରୀ, ପୁତ୍ର, କନ୍ୟା, ବନ୍ଧୁ, ଦେଶ ଏବଂ ଶେଷରେ ଈଶ୍ୱରଙ୍କୁ । ସମସ୍ତଙ୍କୁ ଛାଡ଼ିବା ପରେ ସେ ନିଜ ଆତ୍ମାକୁ ମଧ୍ୟ ବିଦାୟ ଦିଏ ।

ଆମ୍ଭଙ୍କୁ ଧରିଲେ ଦିନ ଦ୍ୱି'ପହରରେ ବି ଅନ୍ଧାର ଘୋଟି ଆସେ । ଜୀବନ ଉପରେ ଲମ୍ବେ ଘୋଟିଆସେ ମୃତ୍ୟୁର ଶୀତଳ ଛାୟା । ଆମ୍ଭଙ୍କୁ ଯେ ଧରେ, ଆମ୍ଭେ ଆଗ ତାର ପକେଟକୁ ଗ୍ରାସ କରୁ । ତା'ପରେ ଗ୍ରାସ କରୁ ତା'ର ମସ୍ତିଷ୍କକୁ । ଆମ୍ଭେ ପ୍ରେମ-ପ୍ରୀତିର ଶତ୍ରୁ—ଅହିଂସାର ଶତ୍ରୁ—ସତ୍ୟର ପରିପନ୍ଥୀ ଏକ ପ୍ରଚଣ୍ଡ ଅପଶକ୍ତି । ଆମ୍ଭେ ଶକ୍ତିଦାନର ଛଳନାରେ ଶକ୍ତି ଶୋଷଣ କରୁ । ଆମ୍ଭେ ସ୍ୱର୍ଗ ଦେଖାଇବାର ମରୀଚିକା ଦେଖାଇ ନରକର ଦ୍ୱାରରେ ଅତୁପାତ୍ କରୁ ।

ଆମ୍ଭେ ପରିବାର ଶାନ୍ତି ହେଉ । ବିବାହିତା ଧର୍ମପତ୍ନୀକୁ ଘରୁ ବାହାରେଇ ସତୀ ଅଧରେ ରାସ୍ତାରେ ଠିଆ କରାଉ । ନିଷ୍ପାପ ସରଳ ନିରୀହ ଶିଶୁମାନଙ୍କର ଅସହାୟ ହାହାକାରରେ ଗଗନ ପବନ ମୁଖରିତ କରାଉଥାଉ ।

ଆମ୍ଭେ ପରିବାରରେ ଭୂତରୂପେ, ବିଦ୍ୟାଳୟମାନଙ୍କରେ ମାଦକରୂପେ, ରାଜନୀତିରେ ଶୈତାନରୂପେ, ଧାର୍ମିକ କ୍ଷେତ୍ରରେ ପ୍ରେତରୂପେ, ବ୍ୟବସାୟ କ୍ଷେତ୍ରରେ ପିଶାଚ ରୂପେ ଆତ୍ମପ୍ରକାଶ କରିଥାଉଁ । ଆମ୍ଭେ କୁଳବଧୂକୁ ଗଣିକାରେ ପରିଣତ କରିପାରୁ—ବ୍ୟବସାୟୀଙ୍କୁ କଳାଧନ ଯୋଗାଇ ଦେଇପାରୁ—ମନ୍ତ୍ରୀଙ୍କୁ ବୁଦ୍ଧିହୀନ ଓ ନୀତିହୀନ କରିଦେଇ ପାରୁ । ଆମ୍ଭେ ମୂକକୁ ବାଚାଳ କରିଦେଇ ପାରୁ ଓ ବାଚାଳକୁ ମୂକ କରିପାରୁ । ଆମ୍ଭ ସଙ୍ଗରେ ମୂର୍ଖ ପଣ୍ଡିତ ପରି ଓ ପଣ୍ଡିତ ମୂର୍ଖପରି ଆଚରଣ କରନ୍ତି ।

ଆମ୍ଭେ ବିନା ମେଘରେ ବଜ୍ରପାତ, ବିନା କାରଣରେ ହାତ୍‌ପରି, ବିନା ଯୁଦ୍ଧରେ ହତ୍ୟାପରି ଓ ବିନା ଦାନରେ ଲୁଣ୍ଠନପରି ଓ ବିନା ଦୈବରେ ଦୁର୍ଘଟଣା ପରି । ଆମ୍ଭେ ଶକ୍ତି ଭାଙ୍ଗି ନେଇ ସମସ୍ତ କରୁ—ଆଦର୍ଶ କାଢ଼ି ନେଇ ଶ୍ମଶାନରେ ମତାଉ ।

ଆମ୍ଭେ ଏମନ୍ତ । ଆମ୍ଭେ ମଦ ।



PRINTED AT ORISSA GOVERNMENT PRESS, CUTTACK-10

